ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୮/୨୦୨୨ (୧୪ ପୃଷ୍ଠା) Bhubaneswar, Tuesday, October 18/2022 Page 14 ₹ 7.00 ★★★★

୪୮ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 322 ମୂଲ୍ୟ ₹୭/-

କାର୍ଲସେନ୍‌ଙ୍କୁ ହରାଇବାରେ ଗୁକେଶ ସର୍ବକନିଷ୍ଠ ୧୨

ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇବାରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ ହେଉଛନ୍ତି ସର୍ବକନିଷ୍ଠ ଚେସ୍ ଖେଳାଳି।

ଉର୍ବଶୀଙ୍କୁ କଟାକ୍ଷ ୧୦

ହିଜାବ୍ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା କେଶ କାଟିବା ନେଇ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିଛନ୍ତି।

ହାଇଦ୍ରାବାଦଠାରେ ଆୟୋଜିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଶିଳ୍ପପତିଙ୍କ ସହ ଆଲୋଚନା କରୁଛନ୍ତି।

ଷ୍ଟଡି ମାଟେରିଆଲ ଚିନ୍ତାରେ ପରୀକ୍ଷାର୍ଥୀ

ଓଡ଼ିଆରେ ଓସିଏସ୍ ପରୀକ୍ଷା

ଏଣିକି ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷା ଦେଇପାରିବେ। ରାଜ୍ୟରେ ଓଡ଼ିଆ ମିଡିୟମରୁ ପାଠ ପଢ଼ିଥିବା ପିଲାଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେମାନଙ୍କୁ ଦୃଷ୍ଟିରେ ରଖି ଗତ ସେପ୍ଟେମ୍ବର ୩୦ରେ ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଛାତ୍ରୀଛାତ୍ରୀଙ୍କୁ ଯେତିକି ଖୁସି ଦେଇଛି ସେତିକି ଚିନ୍ତାରେ ପକାଇ ଦେଇଛି। କାରଣ ଓଡ଼ିଆରେ ଷ୍ଟଡି ମାଟେଲିଆଲ୍ ବଜାରରେ ଉପଲବ୍ଧ ନାହିଁ। ଆସନ୍ତା ବର୍ଷରୁ ଏହି ବ୍ୟବସ୍ଥା ଲାଗୁ ହେବାକୁ ଥିବାବେଳେ ଏବେଠାରୁ ଷ୍ଟଡି ମ୍ୟାଟେରିଆଲ ଓଡ଼ିଆ ଭାଷାରେ ପ୍ରସ୍ତୁତ କରିବାକୁ ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷା ଏବେ ଓଡ଼ିଆ ଭାଷାରେ ଦିଆଯାଇ ପାରିବ। ପ୍ରିଲିମ୍, ମେନ୍ ପରୀକ୍ଷା ସହିତ ଇଣ୍ଟରଭ୍ୟୁ(ସାକ୍ଷାତ୍‌କାର) ମଧ୍ୟ ଓଡ଼ିଆରେ ହେବ। ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ଏ ନିଷ୍ପତ୍ତିକୁ ନେଇ ପରୀକ୍ଷାର୍ଥୀ ଉତ୍ସାହିତ ଅଛନ୍ତି। ହେଲେ ଦ୍ୱନ୍ଦ୍ୱ ବି କିଛି କମ୍ ନାହିଁ। କାରଣ ବଜାରରେ ଏଯାଏ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଉପଲବ୍ଧ ନାହିଁ। ସେହିପରି ସରକାରଙ୍କ ପକ୍ଷରୁ କୌଣସି କୋଚିଂ ବୁକ୍ ମଧ୍ୟ ପ୍ରସ୍ତୁତ ହୋଇନାହିଁ। ତେଣୁ ଏବେ ଓଡ଼ିଆ ଷ୍ଟଡି ମାଟେରିଆଲ୍ ସମସ୍ୟାକୁ ସରକାର କିପରି ଦୂର କରିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୧୯୮୦ରୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ବହୁ ଭାଷାରେ ପରୀକ୍ଷା ହୋଇଆସୁଛି। ବର୍ତ୍ତମାନ ୨୨ଟି ଭାଷାରେ ପରୀକ୍ଷା ହେଉଛି। କିନ୍ତୁ ଓଡ଼ିଶା ପ୍ରଶାସନିକ ସେବା ବା ଓସିଏସ୍ ପରୀକ୍ଷା ପୂର୍ବରୁ ଓଡ଼ିଆ ଭାଷାରେ ହୋଇପାରୁ ନ ଥିଲା। ଏନେଇ ଭାଷାପ୍ରେମୀଙ୍କ ପକ୍ଷରୁ ୨୦୧୧ରେ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଉକ୍ତ ଆବେଦନର ବିଚାର କରି ଓଡ଼ିଆ ଭାଷାରେ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନ ଏହାକୁ ଲାଗୁ କରାଯାଇଥିବାରୁ ସବୁଠି ଏହାକୁ ସ୍ୱାଗତ କରାଯାଇଛି। ବିଶେଷ କରି ପଛୁଆ ତଥା ଆଦିବାସୀ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ କେବଳ ଓଡ଼ିଆ ପେପର ପାଇଁ ଓଡ଼ିଆରେ ଉତ୍ତର ଲେଖିବାକୁ ଅନୁମତି ମିଳିଥିଲା। କିନ୍ତୁ ଅନ୍ୟ କୌଣସି ବିଷୟ ପାଇଁ ନ ଥିଲା। ଏବେ ଛାତ୍ରୀଛାତ୍ର ଚାହିଁଲେ ସବୁ ବିଷୟରେ ଓଡ଼ିଆରେ ଲେଖିପାରିବେ। ତେବେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାର ଓଡ଼ିଆ କିମ୍ବା ଇଂଲିଶରେ ଦେବେ ସେ ନେଇ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ ବେଳେ ଭାଷା ବାଛିବାକୁ ପଡ଼ିବ। ହେଲେ ଓଡ଼ିଆ ଭାଷାରେ ଷ୍ଟଡି ମ୍ୟାଟେରିଆଲ୍‌ସ ନ ଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆସନ୍ତା ବର୍ଷରୁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବାକୁ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ପିଲାଙ୍କୁ ଓଡ଼ିଆରେ ଷ୍ଟଡି ମାଟେରିଆଲ୍ ଯୋଗାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି। ।

ଏ ସମ୍ପର୍କରେ ଜଣେ ପରୀକ୍ଷା ଆଶାୟୀ ରାକେଶ କୁମାର ସାହୁ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଇଂଲିଶରେ ପଢ଼ି ଓଡ଼ିଆରେ ଉତ୍ତର ଲେଖିବା କଷ୍ଟକର ହେବ। ଓଡ଼ିଆ ମିଡିୟମ ପିଲାଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା। ତେଣୁ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଆବଶ୍ୟକ ରହୁଛି। ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ଯୋଜନା ରହିଥିବାରୁ ଏବେଠାରୁ ଓଡ଼ିଆରେ ମାଟେରିଆଲ୍ସ ମିଳିଯିବା ଦରକାର। ଫଳରେ ପରୀକ୍ଷାର୍ଥୀ ଭଲଭାବେ ପ୍ରସ୍ତୁତ ହୋଇପାରିବେ। ଏ ନେଇ ନାଇଜର ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ୟୁଜି ସ୍ତରର କିଛି ପୁସ୍ତକ ଓଡ଼ିଆରେ ଅଛି। ହ୍ୟୁମାନିଟିକ୍ ବିଷୟଗୁଡ଼ିକର ପ୍ରାୟତଃ ଓଡ଼ିଆ ଭାଷାରେ ରହିଛି। ☞ପୃଷ୍ଠା–୪

‘ଓଡ଼ିଶାର ଅଭିବୃଦ୍ଧିରେ ଅଂଶୀଦାର ହୁଅ’

ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିଙ୍କୁ ନବୀନଙ୍କ ଆହ୍ୱାନ

- ପ୍ରାକୃତିକ, ମାନବ ସମ୍ବଳର ସୁଯୋଗ ନିଅ
- ମେକ୍ ଇନ ଓଡ଼ିଶା କନକ୍ଲେଭରେ ଯୋଗଦେବାକୁ ଆମନ୍ତ୍ରଣ
- ଯୋଗଦେଲେ ୩୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଆସ, ପୁଞ୍ଜିନବେଶ କର। ଓଡ଼ିଶାର ନୂତନ ଶିଳ୍ପ ଯୁଗରେ ଆମର ଅଂଶୀଦାର ହୁଅ। ଏଠାରେ ରହିଛି ପ୍ରଚୁର ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଏବଂ ସ୍ଥିର ସରକାର। ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରଠାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୦୨୨ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ବ୍ୟକ୍ତିଗତ ଭାବେ ଆମନ୍ତ୍ରଣ କରିଛନ୍ତି।

ସୋମବାର ହାଇଦ୍ରାବାଦଠାରେ ରାଜ୍ୟ ସରକାର ଏବଂ ଫିକିର ମିଳିତ ସହଯୋଗରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁଞ୍ଜିନିବେଶ ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ଆଗୁଆ ରାଜ୍ୟ ଭାବେ ଉଭା ହୋଇଛି। ବଡ଼ ବଡ଼ ଆଇଟି କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କର ସେଣ୍ଟର ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ସରକାର ସହରର ଷ୍ଟାର୍ଟ–ଅପ୍ ଇକୋ ସିଷ୍ଟମକୁ ନିୟମିତ ସହୟତା ଯୋଗାଇ ଆସିଛନ୍ତି। ମାନ୍ୟୁଫାକ୍ଚରିଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଉଙ୍କା ବୁଡୁଛି

ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୯ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ଯାହା ବାୟୁମଣ୍ଡଳର ୩.୧ କିମି ଯାଏ ବ୍ୟାପିଛି। ଏହା ପ୍ରଭାବରେ ଦକ୍ଷିଣ–ପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୨୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ–ଉତ୍ତରପଶ୍ଚିମ ଦିଗରେ ପଶ୍ଚିମକେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଆଡ଼କୁ ଗତି କରିବ। ଏଥିସହ ଲଘୁଚାପ ସୃଷ୍ଟିର ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆଗାମୀ ୪୮ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ☞ପୃଷ୍ଠା–୪

୯ମ,୧୦ମ ପାଇଁ ୪ ନୂଆ ପାଠ୍ୟକ୍ରମ

ପ୍ରତି ବିଷୟ ପାଇଁ ରହିବ ୨୫ ମାର୍କ

- ସ୍କୁଲ ପକ୍ଷରୁ ଆୟୋଜନ ହେବ ପରୀକ୍ଷା
- ଫେଲ୍ ହେବେ ନାହିଁ କୌଣସି ଛାତ୍ରୀଛାତ୍ର

କଟକ ଅଫିସ, ୧୭।୧୦

ଶିକ୍ଷାବର୍ଷ ଅଧାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ବୋର୍ଡ ନୂଆ ପାଠ୍ୟକ୍ରମ ଆଣିଛି। ନବମ ଓ ଦଶମ ଶ୍ରେଣୀରେ ୪ଟି ନୂଆ ବିଷୟ ରହିବ। ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ–କରିକୁଲାର ଆକ୍ଟିଭିଟିଜ, ବେସିକ ଆଇଟି ସ୍କିଲ୍ସ ସମେତ ମୋଟ ୪ ପାଠ୍ୟକ୍ରମ ସାମିଲ କରିବା ପାଇଁ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଶିକ୍ଷାବର୍ଷ ୨୦୨୨–୨୩ ପାଇଁ ଏହାକୁ ଲାଗୁ କରାଯାଇଛି। ପ୍ରଥମ କରି ଏହା ଚଳିତବର୍ଷ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହେବ। ପରବର୍ତ୍ତୀ ଶିକ୍ଷାବର୍ଷରେ ଏହା ଉଭୟ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଲାଗୁ କରାଯିବ। ହାଇସ୍କୁଲ ସାର୍ଟିଫିକେଟ ଏବଂ ମଧ୍ୟମା ପରୀକ୍ଷାରେ ଏହି ପାଠ୍ୟକ୍ରମ ଲାଗୁ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବୋର୍ଡ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଫର୍ମେଟିଭ ଓ ସମ୍ମେଟିଭ ଆସେସମେଣ୍ଟରେ ଆସ୍‌ପିରେଶନାଲ କମ୍ପୋନେଣ୍ଟ ବିଷୟକୁ ସାମିଲ କରାଯିବାକୁ ନିଷ୍ପତ୍ତିନିଆଯାଇଛି। ଏ ନେଇ ସୋମବାର ବଜ୍ରକବାଟୀସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୋର୍ଡ ସଭାପତି କହିଛନ୍ତି, ୪ଟି ପର୍ଯ୍ୟାୟରେ ଏହି ପରୀକ୍ଷା କରାଯିବ। ପ୍ରଥମ ୩ଟି ପର୍ଯ୍ୟାୟରେ ୫ ମାର୍କ ଲେଖାଏ ଏବଂ ଶେଷ ପର୍ଯ୍ୟାୟରେ ୧୦ ମାର୍କ ଲାଗି ପରୀକ୍ଷା କରାଯିବ। ଏଭଳି ଭାବେ ଉକ୍ତ ୪ଟି ବିଷୟରେ ମୋଟ ୧୦୦ ମାର୍କର ପରୀକ୍ଷା ହେବ। ସ୍କୁଲ ପକ୍ଷରୁ ଉକ୍ତ ପରୀକ୍ଷା କରାଯିବ ଓ ସମ୍ପୃକ୍ତ ସ୍କୁଲର ଶିକ୍ଷକ ଏହାର ମୂଲ୍ୟାୟନ କରିବେ। ଏହି ବିଷୟ ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଫେଲ୍ ହେବେନାହିଁ କିମ୍ବା ସେମାନଙ୍କ ☞ପୃଷ୍ଠା–୪

ଓଡ଼ିଶାରୁ ଭୋଟ ଦେଲେ ୪୧୨

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

ଗୋକିମ ଭୋଟ୍ ଦେଲେନି

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦବୀ ପାଇଁ ସୋମବାର ଭୋଟ ଗ୍ରହଣ ଶେଷ ହୋଇଛି। ଏଥର ଗାନ୍ଧୀ ପରିବାର ବାହାରୁ ଦୁଇ ଜଣ ଉକ୍ତ ପଦବୀ ପାଇଁ ଲଢ଼େଇ କରୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏମ୍‌ପି ଶଶି ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଆସନ୍ତା ୧୯ ତାରିଖରେ ଭୋଟ୍ ଗଣତି ହେବାକୁ ଥିବାବେଳେ ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇବ।

ଦଳର ବ୍ୟବସ୍ଥା ଅନୁଯାୟୀ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଦସ୍ୟମାନେ ହିଁ ଏଥିଲାଗି ଭୋଟ୍ ଦେଇପାରିବେ। ତେବେ ୪୨୭ ଜଣ ଭୋଟରଙ୍କ ମଧ୍ୟରୁ ୪୧୨ ଜଣ ଭୋଟ୍ ଦେଇଛନ୍ତି। ସେଥିମଧ୍ୟରୁ କଟକ–ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ବ୍ୟତୀତ ସମସ୍ତ ବିଧାୟକ ଏବଂ ଏମ୍‌ପି ଭୋଟ୍ ଦେଇଛନ୍ତି। ଏନେଇ ମୋକିମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ବାହାରେ ଥିବାରୁ ସେ ଭୋଟ୍ ଦେଇପାରି ନାହାନ୍ତି।

କଂଗ୍ରେସ ଭବନ ସ୍ଥିତ ଗ୍ରାଉଣ୍ଡ ଫ୍ଲୋର୍‌ରେ ଥିବା ସମ୍ମିଳନୀ କକ୍ଷରେ ଭୋଟିଂ ପ୍ରକ୍ରିୟା ଦିନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ପିଆର୍‌ଓ(ପ୍ରଦେଶ ରିଟର୍ନିଂ ଅଫିସର) ଏବଂ ଏପିଆର୍‌ଓ(ଆସିଷ୍ଟାଣ୍ଟ ପ୍ରଦେଶ ରିଟର୍ନିଂ ଅଫିସର)ଙ୍କ ସମେତ ୪ ଜଣ ଏଜେଣ୍ଟ ଭୋଟିଂ ଦାୟିତ୍ୱରେ ଥିଲେ। ରାଜ୍ୟ ସଭା ଏମ୍‌ପି ନିରୋଜ ଡାଙ୍ଗୀ ଓଡ଼ିଶା ପ୍ରଦେଶର ପିଆର୍‌ଓ ଥିଲେ। ତେବେ ଭୋଟିଂ ଶେଷ ହେବାପରେ ବାଲଟ ବକ୍ସ ସାଙ୍ଗରେ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତେ ଦିଲ୍ଲୀ ଫେରିଯାଇଛନ୍ତି। କେନ୍ଦ୍ରୀୟ ରିଟର୍ନିଂ ଅଫିସର୍ ମଧୁସୂଦନ ମିସ୍ତ୍ରୀଙ୍କ ନିକଟରେ ଏହି ବାଲଟ ବକ୍ସ ହସ୍ତାନ୍ତର କରାଯିବ। ତେବେ ଦୁଇ ରିଟର୍ନିଂ ଅଫିସର ମଧ୍ୟ ଓଡ଼ିଶାରେ ନିଜର ଭୋଟ୍ ଦେଇଛନ୍ତି।

ହଳଦିଆ ରଙ୍ଗର ବାଲଟ ପେପର୍ କଂଗ୍ରେସ ନିର୍ବାଚନ ପାଇଁ ପ୍ରସ୍ତୁତ କରିଥିଲା। ଏଥିରେ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇ ନେତାଙ୍କ ନାମ ଇଂଲିଶ୍‌ରେ ଉଲ୍ଲେଖ ଥିଲା। ପ୍ରଥମେ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଦ୍ୱିତୀୟରେ ଶଶି ଥରୁରଙ୍କ ନାଁ ରହିଥିଲା। ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ☞ପୃଷ୍ଠା–୪

ସେଲ୍‌ଫି ନେବାବେଳେ ପିଟିଲା ଟ୍ରେନ୍: ଜଣେ ମୃତ

ଝାଡଖଣ୍ଡ ଲାଟେହାର ଜିଲାରେ ରେଳ ଧାରଣାରେ ତିନିଜଣ ଯୁବକ ସେଲ୍‌ଫି ନେଉଥିବାବେଳେ ମାଲ୍ ବୋଝେଇ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଟ୍ରେନ୍ ପିଟିହେବା ଫଳରେ ନସିର ନାମକ ଯୁବକ ବ୍ରିଜ୍ ତଳକୁ ଖସିପଡ଼ିଥିଲେ, ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

ସଂକ୍ଷେପରେ

ଭାରତରେ ଗରିବଙ୍କ ସଂଖ୍ୟାରେ ୪୧.୫ କୋଟି ହ୍ରାସ

ନୂଆଦିଲ୍ଲୀ,୧୭।୧୦ : ଭାରତରେ ୨୦୦୫-୦୬ରୁ ୨୦୧୯-୨୧ ମଧ୍ୟରେ ଗରିବଙ୍କ ସଂଖ୍ୟା ୪୧.୫ କୋଟି ହ୍ରାସ ପାଇଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ଏହା ଏକ ଐତିହାସିକ ପରିବର୍ତ୍ତନ। ୨୦୩୦ ସୁଦ୍ଧା ଦାରିଦ୍ର୍ୟ ମଧ୍ୟରେ ରହୁଥିବା ସବୁ ବର୍ଗର ଲୋକସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ ଡେଭେଲପମେଣ୍ଟ ଇନିସିଏଟିଭ୍(ଓପିଏଚ୍‌ଆଇ) ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ନୂଆ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ଅନୁଯାୟୀ ୧୫ ବର୍ଷ ମଧ୍ୟରେ ଭାରତରେ ଗରିବଙ୍କ ସଂଖ୍ୟା ୪୧୫ ନିୟୁତ ହ୍ରାସ ପାଇଛି।

ଗଣବଳାତ୍କାର ମାମଲା

ବରିଷ୍ଠ ଆଇଏଏସ୍ ଅଫିସର ଜିତେନ୍ଦ୍ର ନାରାୟଣ ନିଲମ୍ବିତ

ନୂଆଦିଲ୍ଲୀ,୧୭।୧୦:ଏକ ଗଣବଳାତ୍କାର ମାମଲାରେ ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ନିଲମ୍ବନ କରିଛି। ୧୯୯୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସରଙ୍କ ନାମରେ ଏତଲା ଦାଏର ହୋଇଛି। ଚଳିତବର୍ଷ ଏପ୍ରିଲ ଓ ମେ' ମାସରେ ଜିତେନ୍ଦ୍ର ନାରାୟଣ, ଆର୍‌ଏଲ୍, ରିଷି ଓ ଅନ୍ୟ ଜଣେ ଅଫିସର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଆଣ୍ଡାମାନ ନିକୋବର ପୋଲିସଠାରୁ ରିପୋର୍ଟ ପାଇବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷାଙ୍କ ଘର ଉପରେ ଆକ୍ରମଣ

ସ୍ୱାତୀ ମାଲିୱାଲ

ନୂଆଦିଲ୍ଲୀ,୧୭।୧୦: ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷ ସ୍ୱାତୀ ମାଲିୱାଲଙ୍କ ଉତ୍ତର ଦିଲ୍ଲୀର ସିଭିଲ୍ ଲାଇନ୍ସ ଅଞ୍ଚଳରେ ଥିବା ଘରେ ସୋମବାର ସକାଳେ କେତେଜଣ ଦୁର୍ବୃତ୍ତ ପ୍ରବେଶ କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ସ୍ୱାତୀଙ୍କ ଦୁଇଟି କାର୍‌କୁ ମଧ୍ୟ ଭାଙ୍ଗିଦେଇଛନ୍ତି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ସ୍ୱାତୀ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ମଧ୍ୟ ସୁରକ୍ଷିତ ନୁହନ୍ତି। ଉପରାଜ୍ୟପାଳ ଭି.କେ. ସାକ୍ସେନା ଆଇନଶୃଙ୍ଖଳା ସ୍ଥିତି ସୁଧାରିବା ଦିଗରେ କିଛି ସମୟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଆଜି ସିବିଆଇ କୋର୍ଟରେ ହାଜର ହେବେ ତେଜସ୍ୱୀ

ପାଟନା,୧୭।୧୦: ରେଲୱେ ନିଯୁକ୍ତି ଦୁର୍ନୀତି ମାମଲାରେ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହେବେ। ଉକ୍ତ ମାମଲାରେ ତେଜସ୍ୱୀ ଏବେ ଜାମିନରେ ଅଛନ୍ତି। ତାଙ୍କ ଜାମିନ ଖାରଜ ଲାଗି କୋର୍ଟରେ ସିବିଆଇ ଆବେଦନ କରିବା ପରେ ସେପ୍ଟେମ୍ବର ୧୯ରେ ତେଜସ୍ୱୀଙ୍କୁ ନୋଟିସ ଜାରି ହୋଇଥିଲା। ଯଦି ସେ ସର୍ତ୍ତାବଳୀ ଖିଲାପ କରିଥିବା ଜଣାପଡ଼େ ତେବେ ଅଦାଲତ ତାଙ୍କ ଜାମିନ ଖାରଜ କରିପାରନ୍ତି। ତଦନ୍ତକୁ ପ୍ରଭାବିତ କରିବା ଲାଗି ବିହାର ଉପମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାର ସିବିଆଇ ଅଫିସରମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ସେ ଏକ ଖବରଦାତା ସମ୍ମିଳନୀ କରି ତଦନ୍ତ ଅଟକାଇବାକୁ ଉଦ୍ୟମ କରିଥିଲେ ଓ ଦେଶର ସମ୍ବିଧାନକୁ ଚ୍ୟାଲେଞ୍ଜ କରିଥିଲେ ବୋଲି ଅଭିଯୋଗରେ କୁହାଯାଇଛି।

ନାଟୋର ସବୁଠୁ ବଡ଼ ଯୁଦ୍ଧାଭ୍ୟାସ

ରୁଷିଆରୁ ହଜାରେ କିମି ଦୂରରେ ନ୍ୟୁକ୍ଲିୟର ଡ୍ରିଲ୍

ଆମେରିକାର ବି-୫୨ ବମ୍ବର ସହ ୟୁରୋ ଫାଇଟର ଟାଇଫୁନ୍ ଏଫ୍-୧୬ ଏବଂ ଅନ୍ୟ ଯୁଦ୍ଧ ବିମାନ।

ବ୍ରସେଲ୍ସ, ୧୭।୧୦

ୟୁକ୍ରେନ୍ ଯୁଦ୍ଧ ଭିତରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସୋମବାର ସବୁଠାରୁ ବଡ଼ଧରଣର ଆଣବିକ ଡ୍ରିଲ୍ 'ଷ୍ଟିଡ୍‌ଫାଷ୍ଟ ନୁନ୍' ଆରମ୍ଭ କରିଛି। ୟୁରୋପ ଉପରେ ନ୍ୟୁକ୍ଲିୟର ଆକ୍ରମଣ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବାରମ୍ବାର ଧମକ ଦେଉଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏଥିରୁ ସୁରକ୍ଷା ଦେବା ନିମନ୍ତେ ନାଟୋ ମେଣ୍ଟ ଏହି ସମରାଭ୍ୟାସକୁ ରଣନୀତିରେ ସାମିଲ କରିଛି। ଉତ୍ତରପଶ୍ଚିମ ୟୁରୋପରେ ରୁଷିଆ ସୀମାଠାରୁ ମାତ୍ର ୬୨୫ ମାଇଲ ବା ହଜାରେ କିଲୋମିଟର ଦୂରରେ ନାଟୋ ସବୁଠାରୁ ଶକ୍ତିଶାଳୀ ସମରାଭ୍ୟାସ ଚଳାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଡ୍ରିଲ ଚାଲିବ।

ବି-୫୨ ବମ୍ବର, ୬୦ ଯୁଦ୍ଧବିମାନ ସାମିଲ

ରୁଷିଆ ନିଜର ବାର୍ଷିକ ନ୍ୟୁକ୍ଲିୟର ଡ୍ରିଲ ଆରମ୍ଭ କରିବାକୁ ଘୋଷଣା କରିଥିବାବେଳେ ୩୦ ରାଷ୍ଟ୍ରର ସାମରିକ ନାଟୋ ଏହାକୁ ଗୁରୁତ୍ୱର ସହ ନେଇଛି। ଏଥିରେ ବିଧ୍ୱଂସକାରୀ ବି-୫୨ ବମ୍ବର ସାମିଲ ହୋଇଛି। ଜାପାନର ହିରୋଶିମା ଓ ନାଗାସାକି ଉପରେ ହୋଇଥିବା ନ୍ୟୁକ୍ଲିୟର ଆକ୍ରମଣରେ ଏହି ସିରିଜର ବି-୨୯ ବମ୍ବର ବ୍ୟବହାର କରାଯାଇଥିଲା। ଏଥିରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଟୋ ସୂଚନା ଅନୁଯାୟୀ, ଷ୍ଟିଡ୍‌ଫାଷ୍ଟ ନୁନ୍‌ରେ ଆମେରିକା ବାୟୁସେନାର ବି-୫୨ ଉତ୍ତର ଡାକୋଟାସ୍ଥିତ ମିନୋଟ ଏୟାରବେସରୁ ଦୀର୍ଘ ରେଞ୍ଜ ପର୍ଯ୍ୟନ୍ତ ଉଡ଼ାଣ ଭରିବ। ଏଥି ସହିତ ବେଲଜିୟମର କ୍ଲେନ୍ ବ୍ରୋଗେଲ ଏୟାରବେସ୍‌ରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ସହ ଅତ୍ୟାଧୁନିକ ଏଫ୍-୧୬ ମଧ୍ୟ ଡ୍ରିଲ୍‌ରେ ସାମିଲ ହୋଇଛି। ଏଥିରେ ୧୪ ସଦସ୍ୟ ରାଷ୍ଟ୍ର ଅଂଶଗ୍ରହଣ କରିଥିବାବେଳେ ଏଥିରେ ୬୦ ଯୁଦ୍ଧବିମାନ ରହିଛି। ବେଲଜିୟମ, ଉତ୍ତରସାଗର ଏବଂ ବ୍ରିଟେନ୍ ଆକାଶରେ ୧୩ ଦିନ ଧରି ଏହି ସମରାଭ୍ୟାସ ଜାରି ରହିବ। ତେବେ ଏହା ଏକ ନିୟମିତ ଏବଂ ବାରମ୍ବାର ହେଉଥିବା ରୁଟିନ୍ ଡ୍ରିଲ୍ ବୋଲି ନାଟୋ କହିଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ହିଁ ଏହାର ଯୋଜନା ହୋଇଥିଲା। ସମ୍ପ୍ରତି ସ୍ଥିତି ସହ ଏହି ଯୁଦ୍ଧାଭ୍ୟାସର କୌଣସି ସମ୍ପର୍କ ନାହିଁ ବୋଲି ନାଟୋ ପକ୍ଷରୁ କୁହାଯାଇଛି।

ଅଣୁ ଅସ୍ତ୍ର: ନାଟୋ ବନାମ ରୁଷିଆ

ଫେଡେରେଶନ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟ ଅନୁସାରେ, ବିଶ୍ୱରେ ୯ ଦେଶ ନିକଟରେ ପ୍ରାୟ ୧୨,୭୦୦ ନ୍ୟୁକ୍ଲିୟର ଅସ୍ତ୍ର ରହିଛି। ସେଥିରୁ ୯୦% କେବଳ ଆମେରିକା ଏବଂ ରୁଷିଆ ନିକଟରେ ଅଛି। ରୁଷିଆ ପାଖରେ ଆଣବିକ ଅସ୍ତ୍ର ସଂଖ୍ୟା ୫,୯୭୭ ଥିବାବେଳେ ନାଟୋ ନିକଟରେ ୫,୯୪୩ ନ୍ୟୁକ୍ଲିୟର ୱିପନ୍ ରହିଛି। ସେହିପରି ଆମେରିକା ନିକଟରେ ୫,୪୨୮ ଆଣବିକ ଅସ୍ତ୍ର ମହଜୁଦ୍ ରହିଥିବାବେଳେ ଫ୍ରାନ୍ସ ୨୯୦ ଏବଂ ବ୍ରିଟେନ୍ ୨୨୫ ନ୍ୟୁକ୍ଲିୟର ଅସ୍ତ୍ର ରଖିଛି। ବିଶେଷଜ୍ଞଙ୍କ ମତରେ ନ୍ୟୁକ୍ଲିୟର ଯୁଦ୍ଧ ସ୍ଥିତି ଉପନୀତ ହେଲେ ନାଟୋ ଏବଂ ରୁଷିଆ ଛୋଟ ପରମାଣୁ ଅସ୍ତ୍ର ବା ଟାକ୍ଟିକାଲ ନ୍ୟୁକ୍ଲିୟର ୱିପନ୍‌କୁ ଯୁଦ୍ଧକ୍ଷେତ୍ରରେ ମୁତୟନ କରିପାରନ୍ତି।

କିଭ୍‌ରେ ଡ୍ରୋନ୍ ଆକ୍ରମଣ: ୬ ନିହତ

କିଭ୍, ୧୭।୧୦: ମିଶାଇଲ ମାଡ଼ର କିଛି ଦିନ ପରେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷିଆ ସୋମବାର ଘନଘନ ଡ୍ରୋନ ଆକ୍ରମଣ କରିଛି। ଏହାସହ ପୂର୍ବ ୟୁକ୍ରେନ୍‌ର ସୁମି ଅଞ୍ଚଳରେ ମଧ୍ୟ ବିସ୍ଫୋରଣ ହୋଇଛି। ଆକ୍ରମଣରେ ରୁଷିଆ ଇରାନ୍‌ର କାମିକାଜେ ଡ୍ରୋନ୍ ବ୍ୟବହାର କରିଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ଏବଂ ତାଙ୍କ ସ୍ୱାମୀ ରହିଛନ୍ତି। ସକାଳେ ରୁଷିଆର ୩ଟି ରକେଟ୍ ସୁମିରେ ଥିବା କେତେକ ବିଲ୍ଡିଂରେ ମାଡ଼ ହୋଇଥିବା ସ୍ଥାନୀୟ ଗଭର୍ନର ଡିମିଟ୍ରୋ ଜିଭିଟ୍‌ସ୍କି କହିଛନ୍ତି। ଆକ୍ରମଣରେ ସୁମି ଏବଂ ନିପ୍ରୋପେଟ୍ରୋଭ୍‌ସ୍କରେ ଥିବା ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି।

ସୋମବାର କିଭ୍‌ରେ ରୁଷିଆର ଡ୍ରୋନ୍ ଆକ୍ରମଣ ବେଳର ଦୃଶ୍ୟ।

ଆଜି ଭାରତ ଆସିବେ ଗୁଟେରସ୍

ନୂଆଦିଲ୍ଲୀ,୧୭।୧୦

ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍ ମଙ୍ଗଳବାର ଭାରତ ଆସିବେ। ଦ୍ୱିତୀୟଥର ପାଇଁ ଜାତିସଂଘର ମହାସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ଗୁଟେରସ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ। ୨୬/୧୧ ମୁମ୍ବାଇ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସକାଶେ ସେ ଭାରତ ଆସୁଛନ୍ତି। ଆଇଆଇଟି ମୁମ୍ବାଇରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଟେରସ୍ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୨୦ତାରିଖରେ ଗୁଜରାଟରେ ମିଶନ୍ ଲାଇଫ୍ (ଲାଇଫ୍‌ଷ୍ଟାଇଲ୍ ଫର୍ ଏନ୍‌ଭାରନ୍‌ମେଣ୍ଟ)ର ବୁକ୍‌ଲେଟ୍, ଲୋଗୋ ଏବଂ ଟାଗ୍‌ଲାଇନ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ସାମିଲ ହେବେ। ୨୦୧୮ ଅକ୍ଟୋବର ୧ରେ ଗୁଟେରସ୍ ୪ ଦିନିଆ ଭାରତ ଗସ୍ତରେ ଆସିଥିଲେ।

ଯବାନଙ୍କ ସହ ଦୀପାବଳି ପାଳିବେ ମୋଦି

ନୂଆଦିଲ୍ଲୀ,୧୭।୧୦

ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନମାନଙ୍କ ସହ ଦୀପାବଳି ପାଳନ କରିବେ। ଦୀପାବଳି ପୂର୍ବରୁ ସେ ଆସନ୍ତା ୨୧ ତାରିଖରେ କେଦାରନାଥ ଓ ବଦ୍ରିନାଥ ଗସ୍ତ କରିବେ। ୨୪ ତାରିଖରେ ସେ ଉତ୍ତରାଖଣ୍ଡର ସୀମାନ୍ତ ଗ୍ରାମ ମାନାକୁ ଯାଇ ସେଠାରେ ଯବାନଙ୍କ ସହ ଦୀପାବଳି ପାଳନ କରିବେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ପାଶ୍ଚାତ୍ୟକୁ 'ଜିହାଦ' ଧମକ

ରିୟାଧ, ୧୭।୧୦

ତୈଳ ଉତ୍ପାଦନକାରୀ ଦେଶ ସମୂହର ସଙ୍ଗଠନ ଓପେକ୍ ପ୍ଲସ୍ ତେଲ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ଆମେରିକା ଓ ସାଉଦି ଆରବ ମଧ୍ୟରେ ବିବାଦ ବଢ଼ିଛି। ଆମେରିକା ମତରେ ସାଉଦି ଆରବ ନେତୃତ୍ୱାଧୀନ ଓପେକ୍ ପ୍ଲସ୍‌ର ଏପରି ପଦକ୍ଷେପ ଦ୍ୱାରା ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷିଆକୁ ବଳ ମିଳିବ। ଏହା ଭିତରେ ସାଉଦିଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସମ୍ପର୍କୀୟ ଭାଇ ସାଉଦ୍ ଅଲ୍ ଶାଲନ ପାଶ୍ଚାତ୍ୟ ଦେଶଗୁଡ଼ିକୁ ହିଂସକ ଆକ୍ରମଣ ଧମକ ଦେଇଛନ୍ତି। ଏକ ଭିଡିଓରେ ସେ କହିଛନ୍ତି, କେହି ସାଉଦି ଆରବର ଅସ୍ତିତ୍ୱକୁ ନେଇ ଧମକାଇଲେ ଆମେ ସବୁପ୍ରକାର ବଳିଦାନ ଓ ଜିହାଦ୍ ପାଇଁ ପ୍ରସ୍ତୁତ। ଶାଲନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଛି। ଆସନ୍ତା ନଭେମ୍ବରରେ ଇଣ୍ଡୋନେସିଆରେ ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ କ୍ରାଉନ୍ ପ୍ରିନ୍ସ ମଧ୍ୟ ଯୋଗଦେବେ। ତେବେ ଉଭୟଙ୍କ ମଧ୍ୟରେ ଆଲୋଚନାର କୌଣସି କାର୍ଯ୍ୟକ୍ରମ ନ ଥିବା ରବିବାର ବାଇଡେନ୍ ପ୍ରଶାସନ ପକ୍ଷରୁ କୁହାଯାଇଛି।

ବିପଦରେ ଆମେରିକା-ସାଉଦି ସମ୍ପର୍କ

ସାଉଦ୍ ଅଲ୍ ଶାଲନ

ଆଶ୍ରମରେ ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ, ୧୭।୧୦

ଉତ୍ତରପ୍ରଦେଶର ଗୋମତି ନଗର ଥାନା ଅଞ୍ଚଳରେ ଏକ ଆଶ୍ରମରେ ଜଣେ ୫୦ ବର୍ଷୀୟା ମହିଳା ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଘଟଣାଟି ଗତ ୪ ତାରିଖର। ମହିଳା ଜଣକ ଗତ ମାସରେ ଉକ୍ତ ଆଶ୍ରମକୁ ଆସିଥିଲେ। ସେଠାରେ ତାଙ୍କୁ ଆଶ୍ରୟ ମିଳିବ ବୋଲି ଆଶ୍ରମ ପକ୍ଷରୁ କୁହାଯାଇଥିଲା। ଘଟଣାଦିନ ତାଙ୍କ ଖାଦ୍ୟରେ କିଛି ନିଶାଦ୍ରବ୍ୟ ମିଶାଇ ଦିଆଯାଇଥିଲା। ଅଚେତ ହୋଇପଡ଼ିବା ପରେ ୪ ଜଣ ତାଙ୍କୁ ବଳାତ୍କାର କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସେ ଚୁପ୍ ରହିବାକୁ ଆଶ୍ରମ ମୁଖ୍ୟ ତାଙ୍କୁ ଧମକ ଦେଇଥିଲେ। ଥାନାରେ ଏତଲା ଦେଲେ ତାଙ୍କୁ ଜୀବନ ହରାଇବାକୁ ପଡ଼ିବ ବୋଲି ଧମକ ମିଳିଥିବା ପୀଡ଼ିତା କହିଛନ୍ତି।

୨୩୦ ସ୍ପିଡ୍‌ରେ କାର୍ ଚଳାଇ ଲାଇଭ୍ ଭିଡିଓ

ଡାକ୍ତରଙ୍କ ସମେତ ୪ ମୃତ

ଲକ୍ଷ୍ନୌ, ୧୭।୧୦

ଘଣ୍ଟାପ୍ରତି ୨୩୦ କିଲୋମିଟର ବେଗରେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିଲେ ୪ ସାଙ୍ଗ। ଲକ୍ଷ୍ୟ ଥିଲା ଘଣ୍ଟାପ୍ରତି ସ୍ପିଡ୍ ବଢ଼ାଇ ୩୦୦ କିଲୋମିଟର ଛୁଇଁବା। ଦ୍ରୁତଗତିରେ କାର୍ ଚଳାଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ତାହାର ଫେସ୍‌ବୁକ୍ ଲାଇଭ୍ ଭିଡିଓ ମଧ୍ୟ କରିଥିଲେ। ସେହି ସମୟରେ ଆଉ ଜଣେ କହିଥିଲେ ୪ ଜଣ ମରିବା। ଚାଳକ କହିଥିଲେ ପାଟି ଚୁପ୍ କରି ବସ ଓ କାର୍ ଚଳାଇବାକୁ ଦିଅ। ହେଲେ ସତକୁ ସତ ମାତ୍ର କିଛି କ୍ଷଣରେ କାର୍‌ଟି ଏକ କଣ୍ଟେନର ଟ୍ରକ୍‌କୁ ଧକ୍କା ହୋଇଥିଲା। ଏଥିରେ ଥିବା ଜଣେ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେମାନଙ୍କ ମଧ୍ୟରୁ ଜଣେ ଚାଳକଙ୍କୁ କହୁଛନ୍ତି, ବେଗ ୩୦୦ କି.ମି.କୁ ବଢ଼ାଅ। ଅତିକମ୍‌ରେ ୨୯୦ ଛୁଅଁ। ବ୍ରେକ୍ ଲଗାଅ ନାହିଁ। ନଚେତ ଆଉ ୩୦୦ କି.ମି. ବେଗରେ ଯାଇପାରିବା ନାହିଁ ବୋଲି ଜଣେ କହୁଥିବା ଉକ୍ତ ଭିଡିଓରୁ ଶୁଣିବାକୁ ମିଳିଛି। ମୃତକମାନେ ହେଲେ ବିହାରର ଡାକ୍ତର ଆନନ୍ଦ କୁମାର ଓ ତାଙ୍କ ୩ ବନ୍ଧୁ ଅଖିଳେଶ ସିଂ, ଦୀପକ କୁମାର ଏବଂ ଭୋଲା କୁଶ୍‌ୱାହା। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି।

ସବ୍‌ସିଡି ସାର ପାଇଁ ଗୋଟିଏ ବ୍ରାଣ୍ଡ୍ 'ଭାରତ'

ନୂଆଦିଲ୍ଲୀ,୧୭।୧୦

ଗୋଟିଏ ରାଷ୍ଟ୍ର ଗୋଟିଏ ସାର ଯୋଜନାର ଅଂଶବିଶେଷ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୟୁରିଆ ସାରର ଗୋଟିଏ ବ୍ରାଣ୍ଡ 'ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ବ୍ରାଣ୍ଡରେ ସମସ୍ତ ସବ୍‌ସିଡିଯୁକ୍ତ ୟୁରିଆ ସାର ଉପଲବ୍ଧ ହେବ। ଏଥିସହିତ ପ୍ରଧାନମନ୍ତ୍ରୀ ୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି ଦୁଇଟି ସଂସ୍କାର ସାର ଉପଲବ୍ଧତା ଓ ମାନ ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨ ଅବସରରେ ମୋଦି ଅନ୍ତର୍ଜାତୀୟ ସାପ୍ତାହିକ ସାର ଇ-ମାଗାଜିନ 'ଇଣ୍ଡିଆ ଏଜ୍' ଉଦ୍‌ଘାଟନ କରିଥିଲେ। କୃଷି ଓ ସାର ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାର ନୂଆ ଯୋଜନା 'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଉର୍ବରକ ପରିଯୋଜନା-ୱାନ୍ ନେଶନ ୱାନ୍ ଫର୍ଟିଲାଇଜର(ଓଏନ୍‌ଓଏଫ୍)' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗୋଟିଏ ବ୍ରାଣ୍ଡ 'ଭାରତ'ରେ କମ୍ପାନୀଗୁଡ଼ିକ ସମସ୍ତ ସବ୍‌ସିଡିଯୁକ୍ତ ସାର ବିପଣନ କରିବାକୁ ବାଧ୍ୟ। କେଉଁ ବ୍ରାଣ୍ଡର ସାର ଭଲ ଓ ମାଟିକୁ ଉପଯୁକ୍ତ ଉର୍ବରତା ଦେଇପାରିବ, ତାହା ଜାଣି ନ ପାରି ଚାଷୀମାନେ ଦ୍ୱନ୍ଦ୍ୱରେ ପଡୁଥିଲେ। କାରଣ ବ୍ୟବସାୟୀମାନେ ଅଧିକ କମିଶନ ପାଉଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସାରକୁ ସେମାନଙ୍କୁ ନେବା ପାଇଁ ପ୍ରବର୍ତ୍ତାଉଥିଲେ। କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦିତ ସାରର ବିକ୍ରି ବୃଦ୍ଧି ଲାଗି ଆକର୍ଷଣୀୟ ବିଜ୍ଞାପନ ଦେଉଥିଲେ। ଓଏନ୍‌ଓଏଫ୍‌ରେ ଏହି ସମସ୍ୟାର ସମାଧାନ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଗୋଟିଏ ବ୍ରାଣ୍ଡ ଏବଂ ଗୋଟିଏ ମାନର ୟୁରିଆ ସାର 'ଭାରତ' ବ୍ରାଣ୍ଡ ନାମରେ ସାରା ଦେଶରେ ଉପଲବ୍ଧ ହେବ। ଫଳରେ କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବ।

■ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
■୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ

ସେହିପରି ଉଦ୍‌ଘାଟିତ ହୋଇଥିବା ୬୦୦ ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ର ୱାନ୍-ଷ୍ଟପ୍-ଶପ୍ ଭାବେ କାର୍ଯ୍ୟ କରିବ। ଏହା କୃଷକମାନଙ୍କୁ ବହୁବିଧ ସେବା ଯୋଗାଇଦେବ। ଏହା କେବଳ ସାର,ବିହନ ଓ କୃଷି ଯନ୍ତ୍ରପାତି ଯୋଗାଇବ ନାହିଁ, ଏଥିସହିତ ମୃତ୍ତିକା, ବିହନ ଓ ସାର ପରୀକ୍ଷା ପାଇଁ ଗବେଷଣାଗାର ଯୋଗାଇଦେବ। ଏଥିସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଥିବା ୩.୨୫ ଲକ୍ଷ ଖୁଚୁରା ସାର ଦୋକାନ ପିଏମ୍-କେଏସ୍‌କେରେ ପରିବର୍ତ୍ତନ ହେବ। ଏହି ଅବସରରେ ସାରରେ ଆତ୍ମନିର୍ଭର ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

କେନ୍ଦ୍ର ସରକାର ସାର ଉପରେ ୯୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ଅର୍ଥାତ୍ ୭୫ରୁ ୮୦ ଟଙ୍କାରେ ୟୁରିଆ କିଣାଯାଉଥିବାବେଳେ ଚାଷୀମାନଙ୍କୁ ମାତ୍ର ୬ ଟଙ୍କାରେ ଯୋଗାଇ ଦିଆଯାଉଛି। ସାର ସବ୍‌ସିଡି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ କହିଛନ୍ତି।

ପିଏମ୍-କିଷାନ ଦ୍ୱାଦଶ କିସ୍ତି

ଚାଷୀଙ୍କ ଖାତାକୁ ଗଲା ୧୬ ହଜାର କୋଟି

ନୂଆଦିଲ୍ଲୀ,୧୭।୧୦

ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ଦ୍ୱାଦଶ କିସ୍ତି ଅର୍ଥ ସୋମବାର ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୬,୦୦୦ କୋଟି ଟଙ୍କା ଛଡ଼ାଯାଇଛି। ମୋଟ ୧୨ଟି କିସ୍ତିରେ ଏପର୍ଯ୍ୟନ୍ତ ୨.୧୬ ଲକ୍ଷ କୋଟି ଟଙ୍କା ଚାଷୀମାନଙ୍କୁ ଦିଆଗଲାଣି। ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ବର୍ଷକୁ ୬,୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯାଉଛି। ଏହି ଯୋଜନା ୨୦୧୯ ଫେବୃୟାରୀରେ ଶୁଭାରମ୍ଭ ହୋଇଥିଲା। ନୂଆଦିଲ୍ଲୀର ପୁସା କ୍ୟାମ୍ପସ୍‌ରେ 'ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨' ଅବସରରେ ପ୍ରଧାନମନ୍ତ୍ରୀ ଦ୍ୱାଦଶ କିସ୍ତି ଅର୍ଥ ଛାଡ଼ିଛନ୍ତି।

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୬୩,୦୦,୫୬,୭୪୩	୬୫,୭୧,୯୩୩	୬୦,୯୨,୨୯,୧୬୩
ଭାରତ	୪,୪୬,୩୦,୮୮୮	୫,୨୮,୯୦୫	୪,୪୦,୭୫,୧୪୯
ଓଡ଼ିଶା	୧୩,୩୫,୫୦୩	୯୨୦୨(+୫୩)	୧୩,୨୫,୭୭୩

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

୮ ବର୍ଷରେ ୪୧ ହାଜତ ମୃତ୍ୟୁ

୨୦୧୫ରେ ସର୍ବାଧିକ ୮

- ଏଚ୍‌ଆରପିସି ଦେଲାନି ସମ୍ପୂର୍ଣ୍ଣ ତଥ୍ୟ
- ତଦନ୍ତ ପରିସରଭୁକ୍ତ ହେଉନାହାନ୍ତି ଉପରିସ୍ଥ ପୋଲିସ ଅଧିକାରୀ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଥାନା ହାଜତରେ ଅଭିଯୁକ୍ତ ତଥା ସନ୍ଦିଗ୍ଧମାନଙ୍କୁ ପୋଲିସ ଅନେକ ସମୟରେ ନିର୍ଯାତନା ଦେବା ସହ ମାଡ଼ ମାରିବାର ନଜିର ରହିଛି। ଫଳରେ ପୋଲିସ ହେପାଜତରେ ବା ଥାନା ହାଜତରେ ଥାଇ ବହୁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। କେତେକ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ବହୁ ଘଟଣା ଫାଇଲ ତଳେ ଚାପି ହୋଇଯାଇଛି। ଅନେକ କ୍ଷେତ୍ରରେ ବିବାଦରେ ଛନ୍ଦି ହୋଇଯାଇଥିବା ପୋଲିସ ବଦନାମ ଭୟରେ ନିଜ ନାମରେ ଆସୁଥିବା ଏପରି ଅଭିଯୋଗକୁ ନାନାଭାବେ ଏଡାଇ ଯାଇଥିବା ଅଭିଯୋଗ ରହିଛି। ତେବେ ଦୋଷୀ ପୋଲିସ ବିରୋଧରେ ସେଭଳି କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉ ନ ଥିବାରୁ ହାଜତ ମୃତ୍ୟୁ ମାମଲାରେ ରୋକ ଲାଗିପାରୁ ନ ଥିବା କୁହାଯାଉଛି। ଗତ ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୫ରୁ ୨୦୨୨ ଜୁଲାଇ ସୁଦ୍ଧା ରାଜ୍ୟରେ ୪୧ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ରାଜ୍ୟ ପୋଲିସର ମାନବିକ ଅଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି) ପକ୍ଷରୁ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ୨୦୧୫ରେ ରାଜ୍ୟରେ ସର୍ବାଧିକ ୮ଟି ହାଜତ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪, ୨୦୧୭ରେ ୩, ୨୦୧୮ରେ ୩, ୨୦୧୯ରେ ୭, ୨୦୨୦ରେ ୭, ୨୦୨୧ରେ ୫ ଏବଂ ୨୦୨୨ ଜୁଲାଇ ଶେଷ ସୁଦ୍ଧା ୪ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ସାମାଜିକ ଏବଂ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବା ସାଧାରଣ ନାଗରିକମାନେ ହାଜତ ମୃତ୍ୟୁର ଅଧିକ ଶିକାର ହୁଅନ୍ତି। ଥାନା ହାଜତରେ ଘଟୁଥିବା ଘଟଣାରେ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବଢୁଥିବା ହାଜତ ମୃତ୍ୟୁ ଘଟଣାକୁ ନେଇ ୧୯୯୭ରେ ଡି.କେ ବାସୁ ବନାମ ପଶ୍ଚିମବଙ୍ଗ ମାମଲାରେ ସୁପ୍ରିମକୋର୍ଟ ୧୧ଟି ସର୍ତ୍ତାବଳୀ ମାନିବାକୁ ପୋଲିସ ଏବଂ ତଦନ୍ତକାରୀ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ ପୋଲିସ କୋର୍ଟ ଚାଲାଣ କରିବ, ଗିରଫ ପରେ ଅଭିଯୁକ୍ତଙ୍କ ପରିବାର ଲୋକ ଓ ତାଙ୍କ ଓକିଲଙ୍କୁ ପୋଲିସ ଖବର ଦେବ, ପୋଲିସ ଯାହାଙ୍କୁ ପଚରାଉଚରା କରୁଛି ସେମାନଙ୍କ ପରିବାର ତଥା ସମ୍ପର୍କୀୟଙ୍କୁ ଜଣାଇବ, ଜଣେ ଅଭିଯୁକ୍ତଙ୍କୁ କେଉଁଠୁ ଗିରଫ କରାଗଲା, ସେଦିନର ତାରିଖ, ଥାନାକୁ କିପରି ଅଣାଗଲା ଆଦି ତଥ୍ୟକୁ ପୋଲିସ ଏହାର କେସ୍ ଡାଏରୀରେ ଉଲ୍ଲେଖ କରିବ। ଏଭଳି ଏକାଧିକ ସର୍ତ୍ତାବଳୀ ମାନିବାକୁ ସୁପ୍ରିମ କୋର୍ଟ କହିଥିଲେ। ତେବେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କହିଛନ୍ତି, ୨୦୧୫ରୁ ୨୦୨୨ ମଧ୍ୟରେ ରାଜ୍ୟରେ କେତେ ହାଜତ ମୃତ୍ୟୁ ଘଟଣା ଘଟିଥିଲା, ସେଥିରୁ କେତୋଟି ଜାତୀୟ ମାନବିକ ଅଧିକାର କମିଶନ ଓ ରାଜ୍ୟ କମିଶନରେ ଅଭିଯୋଗ ହୋଇଥିଲା, କେଉଁ ଘଟଣାରେ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି, କେଉଁ ସବୁ ଘଟଣାରେ ସଂଶ୍ଳିଷ୍ଟଙ୍କ ବିରୋଧରେ ଶୃଙ୍ଖଳାଗତ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ପ୍ରତି ହାଜତ ମୃତ୍ୟୁ ଘଟଣାର ସଂକ୍ଷିପ୍ତ ବିବରଣୀ ପ୍ରଦାନ ପାଇଁ ତଥ୍ୟ ମଗାଯାଇଥିଲା। ହେଲେ ଏସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରକୃତ ତଥ୍ୟ ସର୍ବସାଧାରଣରେ ପ୍ରଘଟ ହେଲେ ପୋଲିସ ବିଭାଗ ପଦାରେ ପଡ଼ିଯିବା ଆଶଙ୍କାରେ ସୂଚନା ଆଇନକୁ ଉଲ୍ଲଂଘନ କରାଯାଇଛି। ତେବେ ଏହା ବିରୋଧରେ ସେ ସୂଚନା କମିଶନ ଓ ଉପଯୁକ୍ତ ସ୍ତରରେ ପ୍ରଥମ ଅପିଲ କରିବେ ବୋଲି ବିଶ୍ୱପ୍ରିୟ କହିଛନ୍ତି।

ଗଛରେ ପିଟିହେଲା ଆମ୍ବୁଲାନ୍ସ: ରୋଗୀଙ୍କ ସମେତ ୨ ମୃତ

ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡି ନିକଟରେ ରବିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ରୋଗୀଙ୍କ ସମେତ ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ରୋଗୀ ହେଲେ ଜୟପାଟଣା ବ୍ଲକ କପୁରମାଲ ଗ୍ରାମର ସୁମିତ୍ରା ଦୁର୍ଗା (୫୦) ଏବଂ କଲମପୁର ବ୍ଲକ ପଣ୍ଡିଗାଁର ଆମ୍ବୁଲାନ୍ସ କର୍ମଚାରୀ ଜମ୍ବୁଧର ଶବର (୨୫)। ଜୟପାଟଣା ଡାକ୍ତରଖାନାରୁ ଝାଡ଼ାବାନ୍ତି ଆକ୍ରାନ୍ତ ସୁମିତ୍ରାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆମ୍ବୁଲାନ୍ସ ପଛରେ ସୁମିତ୍ରାଙ୍କ ସମେତ ତାଙ୍କ ସ୍ୱାମୀ, ପୁଅ ଓ ନାତୁଣୀ ବସିଥିଲେ। ମହିଚଲା ମଣ୍ଡି ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣା ହେବାରୁ ଗୁରୁତର ସୁମିତ୍ରା ଓ ଜମ୍ବୁଧରଙ୍କୁ ପ୍ରଥମେ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିବାବେଳେ ହେଲପରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜମ୍ବୁଧରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ମୃତ ସୁମିତ୍ରାଙ୍କ ସ୍ୱାମୀ ଶଙ୍କର ଦୁର୍ଗା ମଧ୍ୟ ଆହତ ହୋଇଛନ୍ତି।

KT GLOBAL SCHOOL
" Experiential & Innovative Learning "
ADMISSIONS OPEN 2023-24
NURSERY - STD VIII
(CBSE PATTERN)
Barunei Temple Road, Khordha, Odisha - 752057
ktglobalschool.org
9090 1111 77

DSPL-229

ଡେଙ୍ଗୁ ରୋଗର ପ୍ରତିରୋଧ ସମ୍ଭବ

ଡେଙ୍ଗୁ ରୋଗର ନିରାକରଣ ପାଇଁ କିଛି ଜାଣିବା କଥା

ଡେଙ୍ଗୁ ମଶା ଅଣ୍ଡା ଦେବା ସ୍ଥାନ

କରନ୍ତୁ :

- ପାଣି ଟାଙ୍କି/କୁଣ୍ଡ,ଏବଂ ପାଣି ରହୁଥିବା ପାତ୍ରକୁ ଭଲଭାବରେ ଢାଙ୍କୁଣୀ ଘୋଡାଇ ରଖନ୍ତୁ।
- ଅଦରକାରୀ ବସ୍ତୁ ଯଥା ଟାୟାର,ମାଟି ପାତ୍ର, ପଇଡ ଖୋଳପା ଆଦି ସମସ୍ତ ଆବର୍ଜନାକୁ ନଷ୍ଟ କରିଦିଅନ୍ତୁ।
- ପ୍ରତି ସପ୍ତାହରେ ଥରେ ପାଣିକୁଣ୍ଡ, କୁଲର ଇତ୍ୟାଦିକୁ ସଫା କରିବା ସହିତ ପାଣି ବଦଳାଇ ଦିଅନ୍ତୁ।
- ଡେଙ୍ଗୁ ରୋଗ ପ୍ରାଦୁର୍ଭାବ ସମୟରେ ଡେଙ୍ଗୁ ସଂକ୍ରମଣ ପ୍ରତିରୋଧ ପାଇଁ ଘରେ ଏବଂ ହସ୍ପିଟାଲ୍‌ରେ ମଶାରୀ ବ୍ୟବହାର କରନ୍ତୁ।
- ମଶା କାମୁଡାରୁ ରକ୍ଷା ପାଇବା ପାଇଁ ପୁରା ଦେହକୁ ଘୋଡାଇ ରଖିବା ଭଳି ପୋଷାକ ପିନ୍ଧନ୍ତୁ କିମ୍ବା ମଶା ନିବାରକ ମଲମ ଲଗାନ୍ତୁ।
- ଜ୍ୱର ହେଲେ ପାରାସିଟାମଲ୍ ବଟିକା ଖାଆନ୍ତୁ

କରନ୍ତୁ ନାହିଁ :

- ଘରେ ବା ଆଖପାଖରେ ଥିବା ଅଦରକାରୀ ବସ୍ତୁ ଯଥା ପାଣିକୁଣ୍ଡ, ଟାୟାର,ମାଟି ପାତ୍ର, ପଇଡ ଖୋଳପା ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । (ଉପରୋକ୍ତ ଅଦରକାରୀ ବସ୍ତୁ ଗୁଡିକରେ ବର୍ଷାଦିନେ ଜମି ରହିଥିବା ପାଣିରେ ଏଡିସ୍ ମଶା ଅଣ୍ଡାଦେଇଥାଏ)
- ଡେଙ୍ଗୁ ରୋଗ ପାଇଁ କୌଣସି ସ୍ୱତନ୍ତ୍ର ଔଷଧ ନାହିଁ । ଡାକ୍ତରଙ୍କ ବିନା ପରାମର୍ଶରେ ମନକୁ ମନ କିଛି ବି ଔଷଧ ଖାଆନ୍ତୁ ନାହିଁ।
- ଡେଙ୍ଗୁ ହୋଇଥିବା ସନ୍ଦେହ ହେଲେ ପ୍ଲେଟ୍‌ଲେଟ୍ କାଉଣ୍ଟ୍ ରିପୋର୍ଟ ପାଇଁ ଅପେକ୍ଷା ନକରି ତୁରନ୍ତ ଆବଶ୍ୟକୀୟ ପ୍ରତିକାର କରନ୍ତୁ।
- ସବୁ ଡେଙ୍ଗୁ ରୋଗୀ ଡାକ୍ତରଖାନାରେ ଆଡମିଶନ୍ ହେବା ଆବଶ୍ୟକ ନଥାଏ । ତେଣୁ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହୁଅନ୍ତୁ।

ଏଡିସ୍ ମଶା କାମୁଡିବା ଦ୍ୱାରା ଡେଙ୍ଗୁ ରୋଗ ହୋଇଥାଏ । ଏହି ମଶା ସାଧାରଣତଃ ଦିନବେଳା କାମୁଡିଥାଏ ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0102/2223

ଆପଣଙ୍କର ମନ ଯାହା ଚାହିଁଥାଏ
ଆମର ନୂତନତା ତାହାକୁ ପ୍ରଦାନ କରିଥାଏ।

TVS

ବମ୍ପର୍ ସେଭିଙ୍ଗ୍ସ ଅଫର୍

₹2 100^ ପର୍ଯ୍ୟନ୍ତ ନଗଦ ଛାଡ଼

ବମ୍ପର୍ ସେଭିଙ୍ଗ୍ସ ଅଫର୍

ICICI Bank FESTIVE BONANZA
Get 5% up to ₹ 5 000/-* Instant discount on ICICI bank credit and debit card EMIs.
* T&C apply.

* T&C apply. Offers and schemes cannot be clubbed. ** Applicable only on ICICI Bank debit card EMI and credit cards. # Savings applicable only on finance purchase. Maximum savings on finance scheme mentioned for TVS Radeon top variant only. ## Finance at the sole discretion of the financier. ^ Applicable only on select models. ^^ Only available on TVS Radeon.

www.tvsmotor.com

₹8 000# ପର୍ଯ୍ୟନ୍ତ ସଞ୍ଚୟ | ₹5 000** ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ | ନ୍ୟୂନତମ ସୁଧହାର 5.55%## ରୁ ଆରମ୍ଭ | 5+5^^ ଅଫର୍ 5 ବର୍ଷର ମାଗଣା ସର୍ଭିସ୍, 5 ବର୍ଷର ୱାରେଣ୍ଟି

ETFI^^ 15% ଅଧିକ ଭଲ ମାଇଲେଜ

TVS Sport | TVS Radeon | TVS Jupiter ZYADA KA FAYDA | Scooty Pep+ | TVS XL100 FULL OF SURPRISES

Finance Partners: TVSCREDIT | IDFC FIRST Bank ALWAYS YOU FIRST | HDFC BANK We understand your world | L&T Financial Services Two-wheeler Finance

ETFI^^: As per internal testing conditions in comparison with the BS-IV model of the same product variant. However actual mileage is subject to change and depends on various factors such as riding conditions, fuel quality, vehicle condition, and other circumstantial riding conditions.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980, KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.: 7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. Authorised Dealers: Gothopatna: Ph: 8249710415,Nachuni: Ph: 9337788799,Tomando: Ph: 7008905034,Balipatna: Ph: 9776036999, Jatani: Ph: 7978421266, Balugaon: Ph: 9937886712, Nirakarpur: Ph: 9658971360, CRP Square, Bhubaneswar: Ph: 9337022334, Baghamari: Ph: 9437015363, Erasama: Ph: 7978497028, Naugoan: Ph: 8339939725, Krushnanandapur: Ph: 9237066573, Balitutha: Ph: 7894845878, Dasapalla: Ph: 9437354285, Rohibank: Ph: 9777737177, Kalapathar: Ph: 9937844941, Ranpur: Ph: 9778520193, Khandapada: Ph: 7008659421, Purunakatak: Ph: 9439071610, Chandpur: Ph: 9337112565, Raj Sunakhela: Ph: 9437637421, Narasinghpur: Ph: 9658410027, Odogaon: Ph: 98619 11414, Pipili: Ph: 9861150706, Sakhigopal: Ph: 9861150706, Nimapara: Ph: 7381765800, Delang: Ph: 9090214582, Brahmagiri: Ph: 8480928882, 6370937155, Chari Chowk: Ph: 8327783765, Paradeep: Ph: 9937472707, Athagarh: Ph: 9853429148, Abhimanpur Post: Ph: 9937019555, Banki: Ph: 9437666687, Badamba: Ph: 9337135769, Niali: Ph: 9437307967, Kandarpur: Ph: 9090098000, Jagatpur: Ph: 9337268787, Phulnakhara: Ph: 9437037344, Salepur : Ph: 8018556514 Nischintakoili: Ph: 9337438686, Tangi: Ph: 9437270482, Pattamundai: Ph: 9938602209, Marshaghai: Ph: 9938837705, Rajnagar: Ph: 9439650236, Rajkanika: Ph: 7978903410, Chandbali: Ph: 9238514769, Basudevpur: Ph: 8249905878, Balichandrapur: Ph: 7978388298, Brahmabarada: Ph: 7894020786, Raipur: Ph: 9937963372, Mangalpur: Ph: 9853486660, Bari: Ph: 9437510237, Binjharpur: Ph: 9090503379. Kuakhia: Ph: 9348035630, Singhpur: Ph: 9040646458.

dentsu/dha bhu/16/22

ଆଜିର ମନ୍ତବ୍ୟ

ନିର୍ବାଚନ ହେବାକୁ ଥିବା ଗୁଜରାଟରେ ଆମ୍ ଆଦ୍‌ମୀ ପାର୍ଟିର ଶକ୍ତି ବୃଦ୍ଧିରେ ଭାଜପା ଭୟଭୀତ। ଏଏପିକୁ ବଦ୍‌ନାମ କରିବା ପାଇଁ ଅବକାରୀ ଦୁର୍ନୀତି ନାଁରେ ଜାଲ୍ ସିବିଆଇ ମାମଲା ଲଗାଇ ଜେରା କରାଯାଉଛି। **-ମନୀଷ ସିସୋଡ଼ିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:......................................
ଜନ୍ମ ତାରିଖ: ....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦିନକୁ ମଳା ମଳା, ରାତିକୁ ନିର୍ମଳା,
ନାଥ ବୋଲେ ପୁତାରେ ରାଇଜ ଛାଡ଼ି ପଳା।

ଦିନରେ ମେଘ ଘୋଟି ଆକାଶ ପରିଷ୍କାର ବା ନିର୍ମଳ ଦିଶିଲେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ରହିଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ କିଂକର୍ତ୍ତବ୍ୟମୂଢ଼ ବା ଅସହାୟ ହୋଇଯାଇଥାଏ। ତେଣୁ ଏପରି ପରିସ୍ଥିତି ଉପୁଜିଲେ ଅନ୍ୟତ୍ର ଯାଇ କିଛି କାର୍ଯ୍ୟ ଆରମ୍ଭ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

ଷ୍ଟଡି ମାଟେରିଆଲ ଚିନ୍ତାରେ ...

କିନ୍ତୁ ସାଇନ୍ସର କିଛି ନାହିଁ। ତେଣୁ ଏବେଠୁ ଚିନ୍ତା କରିବା ଉଚିତ୍। ପ୍ରଥମେ ପ୍ରଥମେ ଅସୁବିଧା ହୋଇପାରେ। ଭଲ ଷ୍ଟଡି ମାଟେରିଆଲ୍ସ ଆସିବା ପାଇଁ ମଧ୍ୟ ବର୍ଷେ କି ଦୁଇବର୍ଷ ଲାଗିଯିବ। ଯେହେତୁ ଆସନ୍ତା ବର୍ଷ ଓଡ଼ିଆରେ ଓସିଏସ୍ ପରୀକ୍ଷା ଦେବା ଲାଗୁ କରାଯିବା ପାଇଁ ଚିନ୍ତା କରାଯାଇଛି, ତେଣୁ ଏତେ କମ୍ ସମୟରେ ମାଟେରିଆଲ ପ୍ରସ୍ତୁତ କରିବା ନିଶ୍ଚିତ ଭାବେ ବଡ଼ ଚ୍ୟାଲେଞ୍ଜ ହେବ। ସେଥିପାଇଁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଟେକ୍ସଟ ବ୍ୟୁରୋକୁ କହି ସଙ୍ଗେ ସଙ୍ଗେ ଷ୍ଟଡି ମାଟେରିଆଲ ପ୍ରସ୍ତୁତ କରିବା ଦରକାର। ଏନେଇ ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତିଙ୍କୁ ପଚାରିବାରେ, ଆଜି ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଇଂଲିଶରେ ପରୀକ୍ଷା ଦେଉଥିଲେ। ଓଡ଼ିଆ ଭାଷା ବିକଳ୍ପ ରହିବ । ସମସ୍ତଙ୍କୁ ବାଧ କରାଯିବ ନାହିଁ ଓଡିଆରେ ଲେଖିବାକୁ । ସାକ୍ଷାତ୍‌କାର ସମୟରେ ଓଡ଼ିଆ ଭାଷା ସବୁଠାରୁ ବଡ଼ ସୁବିଧା ହେବ। ଓଡ଼ିଆ ମିଡିୟମରେ ବହୁ ପିଲା ପଢୁଥିବା କାରଣରୁ ସାକ୍ଷାତ୍‌କାରରେ ଅଧିକାଂଶ ଓଡିଆରେ କହିବାକୁ ଚାହିଁବେ। ଯେଉଁ ସବୁ ବିଷୟରେ ପରୀକ୍ଷା ହେଉଛି ତାହାର କୌଣସି ପାଠ୍ୟପୁସ୍ତକ ନ ଥାଏ। ପିଲାମାନେ ଟେକ୍ସଟ ବୁକ୍ ଏବଂ ନୋଟ୍‌ସ ଆଦି ପଢି ପରୀକ୍ଷା ପାଇଁ ପ୍ରସ୍ତୁତି କରନ୍ତି । ଏନେଇ କୌଣସି ସ୍ୱତନ୍ତ୍ର ପୁସ୍ତକ ନ ଥାଏ। ମ୍ୟାଟେରିଆଲ ଯୋଗାଇବା ଓପିଏସ୍‌ସି ଦାୟିତ୍ୱ ନୁହେଁ। ଓପିଏସ୍‌ସି କେବଳ ପରୀକ୍ଷା କରାଇଥାଏ। ତେବେ ଚାହିଦା ନେଇ ଖୁବ୍‌ଶୀଘ୍ର ମାଟେରିଆଲ ଉପଲବ୍ଧ କରାଯିବ ବୋଲି ମହାନ୍ତି କହିଛନ୍ତି। ଅପରପକ୍ଷେ ଷ୍ଟଡି ମାଟେରିଆଲ୍ସ ସମସ୍ୟା ଦୂର କରିବା ଲାଗି ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବରୁ ଇଞ୍ଜିନିୟରିଂ ଏବଂ ଆଇଏଏସ୍ ପରୀକ୍ଷା ପାଇଁ ସଂସ୍ଥା ପୁସ୍ତକ ପ୍ରସ୍ତୁତି କରିସାରିଛି। ତେଣୁ ଏବେ ସରକାରଙ୍କ ଅନୁମତି ମିଳିଲେ ଆଶାୟୀଙ୍କୁ କୋଚିଂ ସହ ଅନ୍‌ଲାଇନ୍ କ୍ଲାସ୍ ଏବଂ ଓଡ଼ିଆ ଷ୍ଟଡି ମାଟେରିଆଲ୍ସ ଯୋଗାଯାଇପାରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସଂସ୍ଥାର ଉପାଧ୍ୟକ୍ଷା ସିପ୍ରା ମଲ୍ଲିକ କହିଛନ୍ତି, ଗତ ୧୦ବର୍ଷ ହେଲା ସଂସ୍ଥା ପକ୍ଷରୁ ଆଇଏଏସ୍ ପାଇଁ ଓଡ଼ିଆରେ କୋଚିଂ ଦିଆଯାଉଛି। ଆଇଏଏସ୍ ଓ ଓଏଏସ୍‌ର ପାଠ୍ୟକ୍ରମ ପ୍ରାୟତଃ ସମାନ। ଆମ ପାଖେ ଆଇଏଏସ୍ ଷ୍ଟଡି ମାଟେରିଆଲ ଅଛି। ଯାହାକୁ ଆମେ ଓଏଏସ୍ ପାଇଁ ମଧ୍ୟ ଯୋଗାଇପାରିବୁ। ସରକାର ଚାହିଁଲେ ଆମେ ଦେଇପାରିବୁ। ଆଶାୟୀମାନେ ମଧ୍ୟ ଚାହିଁଲେ ସହଯୋଗ କରିପାରିବୁ। ଏଥିସହିତ ଆମ ପାଖେ କୋଚିଂ ଦେଉଥିବା ଅଭିଜ୍ଞ ଶିକ୍ଷକ ମଧ୍ୟ ଅଛନ୍ତି। ଓସିଏସ୍ ଆଶାୟୀମାନେ ଯଦି ଚାହିଁବେ ଆମେ ତାଙ୍କୁ ଅନ୍‌ଲାଇନ୍ କୋଚିଂ ଦେଇପାରିବୁ। ନଚେତ୍ ଆମ ସେଣ୍ଟରକୁ ଆସି ମଧ୍ୟ କୋଚିଂ ନେଇପାରିବେ ବୋଲି ମଲ୍ଲିକ କହିଛନ୍ତି।

୯ମ,୧୦ମ ପାଇଁ ୪ ...

କ୍ୟାରିୟର ମାର୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଛାତ୍ରୀଛାତ୍ରମାନେ ରଖିଥିବା ମାର୍କ ଅନୁଯାୟୀ ଗ୍ରେଡ୍ ଦିଆଯିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ପ୍ରତିଫଳିତ ହେବ। ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ବାଧ୍ୟତାମୂଳକ। ବୁକ୍ ରିଭ୍ୟୁରେ ଛାତ୍ରୀଛାତ୍ର ଏକ ବହି ପଢ଼ିବେ ଓ ଏହାର ସାରାଂଶ (ସମରି) ଲେଖିବେ। ଆତ୍ମଜୀବନୀ ପୁସ୍ତକ କିମ୍ବା ଉପନ୍ୟାସ ବ୍ୟତୀତ ଛାତ୍ରୀଛାତ୍ର ଅନ୍ୟ ସମସ୍ତ ପୁସ୍ତକ ଅନୁସରଣ କରିପାରିବେ। ଏହାବାଦ ସେମାନେ ନିଜ ପୂର୍ବ ଶ୍ରେଣୀର ପାଠ୍ୟପୁସ୍ତକକୁ ରିଭ୍ୟୁ କରିପାରିବେ। ସେହିଭଳି ପ୍ରୋଜେକ୍ଟ ୱାର୍କରେ ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମ ଅନ୍ତର୍ଗତ ଓ ବହିର୍ଗତ ବିଷୟକୁ ନେଇପାରିବେ। କିନ୍ତୁ ଫର୍ମେଟିଭ ଆସେସମେଣ୍ଟରେ ଯେଉଁ ବିଷୟରେ ପ୍ରୋଜେକ୍ଟ ୱାର୍କ କରିଥିବେ, ସେହି ବିଷୟରେ ଆଉଥରେ ପ୍ରୋଜେକ୍ଟ ୱାର୍କ କରିପାରିବେ ନାହିଁ। କୋ-କରିକୁଲାଇ ଆକ୍ଟିଭିଟିଜରେ ପ୍ରାୟ ୭ଟି ଆକ୍ଟିଭିଟିକୁ ସାମିଲ କରାଯାଇଥିବାବେଳେ ଏଥିରୁ ୩ଟିକୁ ଛାତ୍ରୀଛାତ୍ର ବାଛିବେ। ଫିଜିକାଲ ଡେଭେଲପମେଣ୍ଟ ଆକ୍ଟିଭିଟି ବାଧ୍ୟତାମୂଳକ ହୋଇଥିବା ବେଳେ ଅନ୍ୟ ୬ଟି ଯଥା ଲିଟେରାସି, କଲଚରାଲ ଡେଭେଲପମେଣ୍ଟ, ସୋସିଆଲ ଡେଭେଲପମେଣ୍ଟ, ସିଟିଜେନଶିପ୍ ଟ୍ରେନିଂ, ଲିଜର ଟାଇମ୍, ଇଣ୍ଟରନ୍ୟାଶନାଲ ଆଣ୍ଡ ନ୍ୟାଶନାଲ ଇଣ୍ଟିଗ୍ରେଶନ ଡେଭେଲପମେଣ୍ଟ ଆକ୍ଟିଭିଟି ମଧ୍ୟରୁ ୨ଟିକୁ ଚୟନ କରିବାକୁ ପଡ଼ିବ। କିନ୍ତୁ ଯଦି କୌଣସି ଛାତ୍ରୀଛାତ୍ର ରାଜ୍ୟ ତଥା ଜାତୀୟସ୍ତରରେ ଭାଗ ନେଇଛନ୍ତି ତା'ହାଲେ କେବଳ ଗୋଟିଏ ଆକ୍ଟିଭିଟି ନେଇପାରିବେ। ଅନ୍ୟ ୨ଟି ଆକ୍ଟିଭିଟି ସେମାନଙ୍କ ନିମନ୍ତେ ଇଚ୍ଛାଧୀନ। ସେହିପରି ବେସିକ ଆଇଟି ସ୍କିଲ୍‌ସରେ ଛାତ୍ରୀଛାତ୍ରଙ୍କୁ ଇଣ୍ଟରନେଟ, କମ୍ପ୍ୟୁଟର ଅପରେଟିଂ, ଟ୍ୟାପିଂ, ଏମ୍‌ସ ଅଫିସ, ଏକ୍ସେଲ ଓ ପାୱାର ପଏଣ୍ଟ ଆଦି ଉପରେ ପଢିବାକୁ ହେବ। ଏହି ସମସ୍ତ ବିଷୟରେ ମୋଟ ୧୦୦ ମାର୍କ ପରୀକ୍ଷା ହେବ ଏବଂ ଏହାର ଆସେସମେଣ୍ଟକୁ ଗାଇଡ୍ ଶିକ୍ଷକଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଏହାପରେ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯିବ। ୮୦ ପ୍ରତିଶତ ମାର୍କ ରଖିଥିବା ପିଲାଙ୍କୁ ଏ ଗ୍ରେଡ୍, ୬୦ରୁ ୮୦ ପ୍ରତିଶତ ମାର୍କ ମଧ୍ୟରେ ବି ଗ୍ରେଡ୍, ୪୦ରୁ ୬୦ ପ୍ରତିଶତ ମାର୍କ ପାଇଁ ସି ଗ୍ରେଡ୍ ଏବଂ ୪୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଡି ଗ୍ରେଡ ମିଳିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ରହିବ। ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ କୌଣସି କଲେଜରେ ନାମ ଲେଖାଇଲେ, ଯଦି ଏହି ସମସ୍ତ ଆକ୍ଟିଭିଟି ସମ୍ପୃକ୍ତ କଲେଜରେ ଥିବା ତା'ହେଲେ ସେମାନେ ଏଥିରେ ଭାଗ ନେଇପାରିବେ ବୋଲି ହାଜରା କହିଛନ୍ତି। ଖବରଦାତା ସମ୍ମିଳନୀରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ଏବଂ ସମ୍ପାଦକ ଶ୍ରୀକାନ୍ତ ତରାଇ ଉପସ୍ଥିତ ଥିଲେ।

ସୃଷ୍ଟି ହେଲା ...

ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଗ ଅନୁକୂଳ ରହିଥିବା ପାଣିପାଗ କେନ୍ଦ୍ର କହିଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ସାରା ରାଜ୍ୟରେ ହାରାହାରି ୧ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୩.୧ମିମି ତୁଳନାରେ ୬୭ପ୍ରତିଶତ କମ୍ ରହିଛି। ସୋମବାର ସମ୍ବଲପୁରରେ ସର୍ବାଧିକ ୨୮.୮ମିମି ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ରେ ୧୦.୫, ଝାରସୁଗୁଡ଼ାରେ ୧୫ମିମି ବର୍ଷା ହୋଇଛି। ତେବେ ଆସନ୍ତା ୧୯ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଉକ୍ତଦିନ ଉପକୂଳ ଓଡ଼ିଶାର କିଛି ସ୍ଥାନ ସହିତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ବର୍ଷା ହେବାର ଆଶଙ୍କା ରହିଛି। ସେହିଭଳି ୨୦ରେ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ଅଞ୍ଚଳ ସମେତ ଜଗତସିଂହପୁର, କଟକ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ୨୧ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

'ଓଡ଼ିଶାର ଅଭିବୃଦ୍ଧିରେ ...

ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ରେଟିଂରେ ଓଡ଼ିଶା 'ଆଚିଭର' ଷ୍ଟାଟସ୍ ହାସଲ କରିଛି। ରାଜ୍ୟ ବିକାଶ ଶୋକେସ୍‌ର ଚିତ୍ରକୁ ଦର୍ଶାଇବା ପାଇଁ ମେକ୍ ଇନ୍ ଓଡ଼ିଶା କନକ୍ଲେଭ -୨୦୨୨ ଏକ ପ୍ଲାଟଫର୍ମ। ବିଶ୍ୱବ୍ୟାପୀ ପୁଞ୍ଜିନିବେଶକାରୀଙ୍କୁ ଆମେ କ'ଣ ଦେଇପାରିବୁ ତାହା ଉକ୍ତ କନକ୍ଲେଭ୍‌ରେ ଉପସ୍ଥାପନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ କ୍ଷେତ୍ରର ଭବିଷ୍ୟତ ଶିଳ୍ପ ବିଷୟରେ ଆଲୋଚନା କରିବା ପାଇଁ ଶିଳ୍ପ ମହାନାୟକ ଏବଂ ଥଟ୍ ଲିଡରମାନଙ୍କ ସକାଶେ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଐତିହାସିକ ସହର ହାଇଦ୍ରାବାଦରେ ଶିଳ୍ପପତିମାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି କହିଛନ୍ତି, ଓଡ଼ିଶା ଏବେ ଅଭିବୃଦ୍ଧି ସ୍ତରରେ ରହିଛି। ଆସନ୍ତା ୧୦ ବର୍ଷରେ ଏହା ଏକ ଉଚ୍ଚ ଅଭିବୃଦ୍ଧିକୁ ଦେଖିବ। ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ଦ୍ରୁତ ଅଭିବୃଦ୍ଧି କରୁଛି। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧି ଇକୋସିଷ୍ଟମ୍ ଯୋଗାଇ ଦେବା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ବ୍ୟବସାୟିକ ସୁଯୋଗ ବଢ଼ାଇବା ପାଇଁ ଓଡ଼ିଶା ଉତ୍ତମ ପ୍ରୋତ୍ସାହନ ଯୋଗାଇ ଦେବ। ରାଜ୍ୟ ସରକାର ଏନେଇ କଥାବାର୍ତ୍ତା ଚାଲୁ ରଖିଛନ୍ତି। ସମସ୍ତଙ୍କ ସହ ପୁରୁଣା ସମ୍ପର୍କକୁ ସୁଦୃଢ଼ କରିବା ସହିତ ନୂଆ ସମ୍ପର୍କ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଞ୍ଜିପତିମାନଙ୍କୁ କହିଛନ୍ତି। ଉନ୍ନତ ଜ୍ଞାନକୌଶଳ ଏବଂ ଦୀର୍ଘମିଆଦି ଦର୍ଶନକୁ ନେଇ ଆମେ ଶିଳ୍ପାୟନର ନୂଆଯୁଗରେ ପ୍ରବେଶ କରୁଥିବାରୁ ରାଜ୍ୟର ନିରନ୍ତର ଅଭିବୃଦ୍ଧିକୁ ନିଶ୍ଚିତ କରିବା ପାଇଁ ସରକାର, ଶିଳ୍ପପତି ଏବଂ ଲୋକମାନଙ୍କ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ୫ ଦିନ ଧରି ଚାଲିବାକୁ ଥିବା ମେକ୍ ଇନ୍ କନକ୍ଲେଭରେ ଶିଳ୍ପପତିମାନଙ୍କ ସହ ଆଲୋଚନା, ସେକ୍ଟୋରାଲ ସେସନ, ଷ୍ଟାର୍ଟଅପ ସେସନ, ମହିଳା ଉଦ୍ୟୋଗୀ ଅଧିବେଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁଞ୍ଜିପତିଙ୍କୁ ଇନଭେଷ୍ଟର୍ସ ମିଟ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ୩ ପର୍ଯ୍ୟାୟରେ ପ୍ରାୟ ୩୭ ଉଦ୍ୟୋଗପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ଦେଶରେ ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳରେ ପରିଣତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ ଏବଂ ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡ଼ିଶା ଏକଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ, ଫିକି ଡାଇରେକ୍ଟର ଜେନେରାଲ ଅରୁଣ ଚାୱଲା ଏବଂ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଆଇଟି ଓ ଆଇଟିଇଏସ୍, ହେଲଥ କେୟାର ଓ ଫାର୍ମାସ୍ୟୁଟିକାଲ, ଇଏସ୍‌ଡିଏମ୍ ଓ ଡାଟା ସେଣ୍ଟର, ମେଟାଲ ଏବଂ ମେଟାଲ ଡାଉନଷ୍ଟ୍ରିମ୍, ଟେକ୍ସଟାଇଲ ଓ ଆପାରେଲ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ରାଜ୍ୟ ସରକାରଙ୍କ ଫୋକସରେ ରହିଛି। ମାଇକ୍ରୋସଫ୍ଟ ଇଣ୍ଡିଆର ଏମ୍‌ଡି ଅର୍ଣ୍ଣବ ବସୁ, ଶିରିଡି ସାଇ ଇଲେକ୍ଟ୍ରିକାଲ ସିଓଓ ରାଜୀବ କୁମାର, ଭାରତ ବାୟୋଟେକ୍ ଚେୟାରମ୍ୟାନ କ୍ରିଷ୍ଣା ଇଲା, ଡେଲୋଏଟ୍ ଏମ୍‌ଡି ଏନ. ଭେଙ୍କଟରମଣ, ତୋଷାଲୀ ସିମେଣ୍ଟସ୍ ପ୍ରାଇଭେଟ ଲିମିଟେଡର ଚେୟାରମ୍ୟାନ ଏମ୍ଏସ୍ଆରଭି ପ୍ରସାଦ, ବିୟଜନଗର ବାୟୋଟେକ୍ ଏମ୍‌ଡି ଡି. ଭି. ରାଜୁ , ଦେବଶକ୍ତି ଇଣ୍ଡିଆ ଚେୟାରମ୍ୟାନ ରବୀନ୍ଦ୍ର ଅଗ୍ରୱାଲ, ରାମ୍‌କୀ ଗ୍ରୁପ୍ ଏମ୍‌ଡି ୱାଇ.ଆର୍. ନାଗରାଜ, ଆକ୍ସିସ ଏନର୍ଜୀ ଗ୍ରୁପ୍ ସିଏମ୍‌ଡି କେ ରବି କୁମାର ରେଡ୍ଡୀ, ଜୋନ ସଲାଙ୍ଗ ଲାସେଲ(ଜେଏଲ୍ଏଲ୍) ଏମ୍‌ଡି ସନ୍ଦୀପ ପଟ୍ଟନାୟକ, ମହା ସିମେଣ୍ଟ (ମାଇଁ ହୋମ୍) ଏକଜିକ୍ୟୁଟିଭ ଚେୟାରମ୍ୟାନ ରାମେଶ୍ୱର ଜେ. ରାଓ, ମଞ୍ଜିରା ଗ୍ରୁପ୍ ଏମ୍‌ଡି ଜି. ୟୋଗାନନ୍ଦ, ଆପୋଲୋ ସ୍ପେଶାଲିଟି ହସ୍ପିଟାଲ ଏମ୍‌ଡି ଅନିନ୍ଦିଥ ରେଡ୍ଡୀ, କିମ୍ସ ଏମ୍‌ଡି ବି. ଭାସ୍କରରାଓ, ଓରାକଲ ଇଣ୍ଡିଆ ଏମ୍‌ଡି ଶୈଳେନ୍ଦ୍ର କୁମାରଙ୍କ ସମେତ ବହୁ ଶିଳ୍ପ ନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଅହମଦାବାଦ, ଦୁବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇରେ ଇନଭେଷ୍ଟର୍ସ ମିଟ୍ ଭଳି ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ପ୍ରାୟ ୩୫୦ ଶିଳ୍ପ ପ୍ରତିନିଧିଙ୍କ ସହ ୪୦ଟି ବୈଠକ ସଫଳତାର ସହ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଓଡ଼ିଶାରୁ ଭୋଟ...

ପାଖରେ ବ୍ଲାକ୍ ସ୍କେଚ୍‌ରେ ଠିକ୍ ଚିହ୍ନ ମାରିବା ପରେ ତାକୁ ଚଉତି ବାଲଟ୍ ବକ୍ସରେ ପକାଯାଉଥିଲା। ତେବେ କେବଳ ପିସିସି ମେମ୍ବରମାନେ ହିଁ ଏହି ଭୋଟିଂ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୩୧୪ ବ୍ଲକରୁ ଜଣେ ଲେଖାଏ, ୩ ସାଙ୍ଗଠନିକ ଜିଲା ଯଥା-ରାଉରକେଲା, ଭୁବନେଶ୍ୱର ଏବଂ କଟକ ସିଟିରୁ ମୋଟ୍ ୩୦ ଜଣ ଏବଂ ସବୁ ମ୍ୟୁନିସିପାଲିଟି ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି)ରୁ ଯେଉଁମାନେ ମେମ୍ବର ହୋଇଛନ୍ତି, ସେମାନେ ଏଥିରେ ଭୋଟ ଦେଇପାରିବେ। ଜଣେ ବରିଷ୍ଠ ନେତାଙ୍କ କହିବା କଥା ମେମ୍ବରଶିପ୍ କରିବାକୁ ହେଲେ ପ୍ରଥମେ ମେମ୍ବରଶିପ୍ ବହି କିଣିବାକୁ ପଡ଼ିବ। ପ୍ରତ୍ୟେକ ବ୍ଲକରେ ୧୦୦ କିମ୍ବା ତଦୂର୍ଦ୍ଧ୍ୱ ବୁଥ୍‌କୁ ସକ୍ରିୟ କରିବାକୁ ପଡ଼ିବ। ଗୋଟିଏ ବୁଥ୍‌ରୁ ଅତିକମ୍‌ରେ ଦୁଇ ଜଣଙ୍କୁ ମେମ୍ବର କରିବାକୁ ହେବ। ଏହାପରେ ସେମାନେ ପିସିସି ମେମ୍ବର ହୋଇପାରିବେ।

ତେବେ ଭୋଟ୍ ଦେଇଥିବା ୩ରୁ ୪ ଜଣଙ୍କ ସହିତ ଆଲୋଚନା କରିଥିଲୁ। ସେମାନଙ୍କ ମଧ୍ୟରୁ ୩ ଜଣ ଖାର୍ଗେଙ୍କୁ କେବେ ଓଡ଼ିଶା ଆସିଥିବା ନେଇ ଦେଖି ନ ଥିବା କଥା କହିଥିଲେ। ସେହିପରି ଆଉ ଜଣେ ଉଭୟ ଶଶି ଥରୁର ଏବଂ ଖାର୍ଗେ କେହି ହେଲେ ଜଣେ ଓଡ଼ିଶା ଆସନ୍ତି ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏଆଇସିସିକୁ ଜଣେ ନୂଆ ଅଧ୍ୟକ୍ଷ ମିଳିବାକୁ ଯାଉଛି। ତେଣୁ ଯେଉଁ ପିସିସି ମେମ୍ବର ଭୋଟ୍ ଦେଇଛନ୍ତି, ସେମାନେ ସମସ୍ତେ ଖୁସି ଅଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ କେହି ଭଲ, ଖରାପ ସେମିତି କହି ହେବନାହିଁ। ଉଭୟେ ଦଳର ବରିଷ୍ଠ ଏବଂ ଅଭିଜ୍ଞ ନେତା। ଯିଏ ଅଧ୍ୟକ୍ଷ ହେବେ ଦଳ ତାଙ୍କ ନିର୍ଦ୍ଦେଶରେ କାମ କରିବ ବୋଲି ପଟ୍ଟନାୟକ କହିଛନ୍ତି।

classifieds Everyday
0674-2580101, 2549302



SALE

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1679

PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138



Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-74140

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Relax, Refresh your body, Mind at Saikrupa Spa with best therapies. 8984068077. D-1743

Newly open full body massage ladies and gents. 8327740003, 8093860513. D-73985

Newly open Spa positively health benefit with expert. Contact: 7749976301. D-73882

"Contact for only professional massage & Steam Bath, Bhubaneswar -9861550765.". D-1787

Herbal full body massage by smart / expert therapist. Contact: 8455985899. D-73986

Full body massage by smart/expert therapist @999 only. 9078484455. D-73652

Full body massage in homely atmosphere. All Therapy, Mob.- 8114881641. D-73415

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

ନିରୁଦ୍ଦିଷ୍ଟ



ଭାବଗ୍ରାହୀ ନାୟକ (72), ଗ୍ରାମ: ଦରପୁର, ପୋଷ୍ଟ- ଜାମଯୋଡ଼ି, ଥାନା- ପୀରହାଟ, ଜିଲ୍ଲା- ଭଦ୍ରକ ଗତ ତା 16.10.22ରିଖ ସକାଳ 11ଟା ସମୟରେ ଗଦି ବଜାରରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେ ଏକ କଳା ରଙ୍ଗର ଲୁଙ୍ଗି, ଧଳା ପଞ୍ଜାବି ଏବଂ ନାଲି ଗାମୁଛା ପରିଧାନ କରିଥିଲେ। ତାଙ୍କ ଉଚ୍ଚତା 5ଫୁଟ 6ଇଞ୍ଚ ଓ ରଙ୍ଗ ଶ୍ୟାମଳ। କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ମୋ (ନଂ.-8018860165 କିମ୍ବା 8093611380)ରେ ଜଣାଇବାକୁ ଅନୁରୋଧ। ଧ-୧୭୯୧

LEGAL NOTICE

IN THE HIGH COURT OF ORISSA, CUTTACK
(Notice Under Order 5 Rule 20 (1-A) of the Court of Civil Procedure
RSA No. 51/2021
Smt. Farida Bai
....APPELLANT
Versus
K. Nirmala & Ors
....RESPONDENTS

To,
Rajeswari Devi, aged 66 years, W/o. Bipin Mohanty, Resident of Vill/P.O.-Bahadupeta, P.S.- Gopalpur-on-Sea, Dist.- Ganjam

You the above named Respondent No.9, take notice that the appellant has preferred R.S.A No. 51/2021 against you challenging the Judgement and Decree dtd. 22.03.2021 and 30.03.2021 respectively passed in R.F.A No. 55 of 2012 confirming the Judgement dtd.30.06.2012 and decree dtd. 14.07.2012 passed in T.S No.87 of 2001 by Civil Judge, Senior Division, Berhampur. Though notice sent to you in the above given address, the same returned unserved with a report from postal authority "addressee not found hence returned to sender." As summons could not be served on you in ordinary way, you are therefore, hereby directed through this general publication to appear before this Court in person or through Counsel on 26.10.2022 to show-cause as to why the relief sought for in the memorandum of appeal will not be granted. Take further notice that in case of default the case will be heard and decided ex-parte.

Given under my hand and seal this Court this the 28th day of September, 2022.
Place: Cuttack, Date.: 28.09.2022
By order of the Court,
Sd./- Registrar (Judicial)
D-1788

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜିର ଶନି ଦୃଷ୍ଟ ଚନ୍ଦ୍ର ମାନସିକ ଅସ୍ଥିରତା ସାଙ୍ଗକୁ ବିକ୍ଷିପ୍ତ ଚିନ୍ତାଧାରା ସୃଷ୍ଟି କରିବ। ପରିଣାମ ସ୍ୱରୂପ ସ୍ୱାସ୍ଥ୍ୟ, ପରିବାର, ଯାନବାହନ, ଜମିଜମା ଓ କଳହ ପ୍ରତି ସତର୍କ ରହିବା ଭଲ । ଶିକ୍ଷା, ସନ୍ତାନ, ପ୍ରେମ ସମ୍ପର୍କ, ଆଲୋଚନା କ୍ଷେତ୍ର, ସଙ୍ଗଠନ ଓ ରାଜନୀତି ସକାଶେ ଅସୁବିଧା ହେବ ନାହିଁ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

ବୃଷ

କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ, ଯାହାକି ସମସ୍ୟା ବହୁଳ ହୋଇପାରେ। ମନ ଅନୁଯାୟୀ କାମ ନ ହେବା ଯୋଗୁ ବ୍ୟଥିତ ହେବାକୁ ପଡ଼ିପାରେ । ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

ମିଥୁନ

ଆଜି ଆର୍ଥିକ ସମସ୍ୟାର ସମାଧାନ ସହ ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ଭିତରେ ଝଡ଼ ଉଠିପାରେ। ବନ୍ଧୁଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କଠାରୁ ଖୁସି ଖବର ପାଇବେ।

କର୍କଟ

ଦୃଢ଼ ମନୋବଳ ଓ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ଅଭାବ ନ ଥିଲେ ମଧ୍ୟ କୌଣସି କାମ ସକାଶେ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁମିଳନ ସହ ମିଷ୍ଟାନ୍ନ ଲାଭ ଓ ବନ୍ଧୁଗୃହକୁ ଯାତ୍ରା ଯୋଗ ରହିଛି। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତି ସମ୍ଭାଳିନେବେ।

ସିଂହ

ଦୃଢ଼ ମନୋବଳ ହେତୁ ସମସ୍ୟାର ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ। ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ମଧ୍ୟ ଏହି ଦିଗରେ ପ୍ରତିବନ୍ଧକ ସାଜିବ। ଖର୍ଚ୍ଚ ବୃଦ୍ଧିପାଇବା କାରଣରୁ ମନ ଦୁଃଖ ହୋଇପାରେ । ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ ଆଦି କାମରେ ସଫଳତା ପାଇବେ।

କନ୍ୟା

କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇ ହଡ଼ବଡ଼େଇ ଯାଇପାରନ୍ତି । ପୁରାତନ ଗାଡ଼ି,ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ବିରସ ମନରେ ରହିବାକୁ ବାଧ ହେବେ ।

ତୁଳା

ବିଭିନ୍ନ ପ୍ରକାର କର୍ମଜାଞ୍ଜାଳର ଚାପରେ ଅତିଷ୍ଠ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ।

ବିଛା

ଭାବପ୍ରବଣତାବଶତଃ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ । ମନରେ ଭୟ ଓ ଆଶଙ୍କା ଥିଲେ ମଧ୍ୟ ଦୃଢ଼ତା ଓ ମୁହଁ ଜୋର ହେତୁ ବିପଦରୁ ରକ୍ଷା ପାଇବେ। କଠୋର ବାକ୍ୟାଳାପରୁ ସମାଲୋଚିତ ହେବେ।

ଧନୁ

ଔଦ୍ଧତ୍ୟ କାରଣରୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ଜିନିଷ, ଧାତୁ ଅଳଙ୍କାର, ଟଙ୍କା ପଇସା କିମ୍ବା ପଶୁଜନ୍ତୁର ସନ୍ଧାନ ପାଇପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ରହିବା କାରଣରୁ ସାମୟିକ ଭାବେ ଦୁଃଖିତ ରହିପାରନ୍ତି।

ମକର

ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପଡ଼ୋଶୀଙ୍କ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଟେନ୍‌ସନ ସୃଷ୍ଟି କରିବ। କର୍ମକ୍ଷେତ୍ର, ରାଜନୀତି, ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି।

କୁମ୍ଭ

ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡ଼ିପାରେ । ପରିବାରରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଳହର ସମ୍ମୁଖୀନ ହୋଇ ପାରନ୍ତି। ଅର୍ଥ ସମ୍ପର୍କ,ଆଲୋଚନା, କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ। ସାମାଜିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ନ ହୋଇପାରେ।

ମୀନ

ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଅର୍ଥନୈତିକ ଅବରୋଧ ହଟିଯିବ ଓ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ସକାଶେ ଚିନ୍ତାକରିବା ଆଜି ଦିନ ପାଇଁ ଭଲ ହେବ। ପରିବହନ, ଶେୟାର ବଜାର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଅକ୍ଟୋବର ୧୮ତାରିଖ,କାର୍ତ୍ତିକ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ନବମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୦୮ ମଧ୍ୟେ ଶୁଭବେଳା । ଅପରାହ୍ନ, ଘ. ୦୨।୨୫ ଗତେ, ଘ.୦୩। ୫୧ ମଧ୍ୟେ ରାହୁକାଳ।

ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ

ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ସ୍କୁଲରେ ଯେପରି ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି ସେଭଳି ଢଙ୍ଗରେ ମଧ୍ୟ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ। ପୂର୍ବରୁ ଏନେଇ ଅନେକଥର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅର୍ଥ ଅଭାବ ଦର୍ଶାଇ କିଛି ସ୍କୁଲ କର୍ତ୍ତୃପକ୍ଷ ନିୟମକୁ ଅବମାନନା କରୁଥିବାବେଳେ ଅନେକ ସ୍କୁଲ ଭିତ୍ତିଭୂମି ନ ଥିବା ଦର୍ଶାଇ ନିର୍ଦ୍ଦେଶକୁ ପାଳନ କରିନାହାନ୍ତି। ଏଣିକି ପିଲାଙ୍କୁ ଜଗିବା ଲାଗି ସବୁ ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯିବ। ଅନ୍ତତଃ ସବୁ ସ୍କୁଲର ମୁଖ୍ୟ ଫାଟକ ପାଖରେ ଗୋଟିଏ ସିସି କ୍ୟାମେରା ଲଗାଇବାକୁ କୁହାଯାଇଛି। ପ୍ରତିଦିନ କେତେ ପିଲା ସ୍କୁଲ ଆସୁଛନ୍ତି ଏବଂ କେଉଁ ପିଲା ଅନୁପସ୍ଥିତ ରହୁଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ଏ ନେଇ ଯାହା ଖର୍ଚ୍ଚ ହେବ ତାହା ସମଗ୍ର ଶିକ୍ଷା ଯୋଜନାରୁ ବ୍ୟୟ କରାଯିବ। ତେବେ ରାଜ୍ୟର ସବୁ ସ୍କୁଲରେ ସିସି କ୍ୟାମେରା ଲଗାଇବା ନିଷ୍ପତ୍ତିକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ଆସନ୍ତା ୨ମାସ ମଧ୍ୟରେ ଏହି ସୁବିଧା କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବର୍ତ୍ତମାନ ରାଜ୍ୟରେ ୬୭,୮୭୨ଟି ସରକାରୀ ସ୍କୁଲ ରହିଛି। ଯେଉଁ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ କକ୍ଷ ରହିଛି ବା ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀ କକ୍ଷ ଥିବା ସ୍କୁଲରେ ଗୋଟିଏ ଲେଖାଏ ସିସି କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରଥମରୁ ଅଷ୍ଟମ ଏବଂ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ କକ୍ଷ ଥିବା ସ୍କୁଲରେ ୨ଟି ଲେଖାଏ ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଗତ ମାସର କ୍ୟାମେରାର ରେକର୍ଡିଂ ସ୍କୁଲ ପ୍ରଧାନ ଶିକ୍ଷକ ବ୍ଲକଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଫଳରେ ରାଜ୍ୟର ସବୁ ସ୍କୁଲର ଦୈନନ୍ଦିନର କ୍ୟାମେରା ରେକର୍ଡିଂ ବିଭାଗ ପାଖରେ ରହିବ। ଆବଶ୍ୟକ ସମୟରେ ସେସବୁ ଯାଞ୍ଚ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫୮ହଜାର ୮୯ଟି ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲରେ ସିସି କ୍ୟାମେରା ଲଗାଯିବ। ପ୍ରଥମ ପର୍ଯ୍ୟାୟରେ ସିସି କ୍ୟାମେରା ବାବଦରେ ୮କୋଟି ୭୧ଲକ୍ଷ ୩୩ହଜାର ୫ଶହ ଟଙ୍କା ଖର୍ଚ୍ଚ ହେବ। ଯେଉଁ ସ୍କୁଲରେ ଏହି ବ୍ୟବସ୍ଥା ନ ଥିବା ଜଣାପଡ଼ିବ ସେହି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

ସିପିଏସ୍‌ଇ ପରୀକ୍ଷା ପାଇଁ କ୍ଲାସ୍ ବନ୍ଦ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୋଲିସ ସର୍ଭିସ ଏକ୍‌ଜାମିନେଶନ(ସିପିଏସ୍‌ଇ-୨୦୧୯) ଆସନ୍ତା ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ। ୩୦ତାରିଖ ରବିବାର ସକାଳ ସାଢ଼େ ୯ଟାରୁ ଅପରାହ୍ନ ୪ଟା ଏବଂ ୩୧ତାରିଖ ସୋମବାର ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ୩୧ତାରିଖରେ ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷା କେନ୍ଦ୍ର କରାଯାଇଛି, ସେଠାରେ କ୍ଲାସ୍ ବନ୍ଦ ରହିବ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଦୁଇଦିନ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ପ୍ରଥମ ଦିନରେ ପେପର-୧ ଓ ୨ ଥିବାବେଳେ ଦ୍ୱିତୀୟ ଦିନରେ ପେପର-୩ ରହିଛି। ପ୍ରଥମ ଦିନରେ ୨୧,୫୪୩ ଜଣ ଓ ଦ୍ୱିତୀୟ ଦିନରେ ୯,୨୨୬ଜଣ ପରୀକ୍ଷାର୍ଥୀ ରହିଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

୧୫ ମେଧାବୀ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଭଲ ପାଠ ପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେବା ସହିତ ଏମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୧୩ଜଣ ଓ ଦ୍ୱାଦଶ ଶ୍ରେଣୀର ଦୁଇଜଣ ବିଦ୍ୟାର୍ଥୀ ମନ୍ତ୍ରୀଙ୍କଠାରୁ ଲାପ୍‌ଟପ୍ ଗ୍ରହଣ କରିଥିଲେ। ଏଥିସହ ଜାତୀୟ ସ୍ତରରେ ଉନ୍ନତ ର୍‍ୟାଙ୍କ୍ ପ୍ରଦର୍ଶନ ପାଇଁ ଗଞ୍ଜାମ ଜିଲା ପୋଲସରାର ହାତୀଓର୍ଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ଏବଂ ବାରିପଦାର ରାଣୀଭୋଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କୁ ମନ୍ତ୍ରୀ ମାନପତ୍ର ସହ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ସମ୍ପୃକ୍ତ ବିଦ୍ୟାଳୟ ଦୁଇଟିର ସାମଗ୍ରିକ ବିକାଶରେ ବିନିଯୋଗ କରାଯିବ।

ରାଜ୍ୟ ଶିକ୍ଷା ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

୨ ଅଭିଯୁକ୍ତ ଗିରଫ: ସ୍କୁଟି, ଟେଷ୍ଟ କପଡ଼ା ଜବତ

ଧାର ଟଙ୍କା ପାଇଁ ଯୁବକଙ୍କୁ ବାନ୍ଧି ସ୍କୁଟି ପଛରେ ଦୌଡ଼ାଇବା ଘଟଣା

ଟ୍ରାଫିକ ହାବିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

କଟକ ଅଫିସ,୧୭।୧୦

ଧାର ନେଇଥିବା ଟଙ୍କା ଶୁଝି ନ ପାରିବାରୁ ଶାସ୍ତିବିଧାନ ସ୍ୱରୂପ ଜଣେ ଯୁବକଙ୍କୁ ହାତବାନ୍ଧି ଦଉଡ଼ି ଦ୍ୱାରା ବାଇକ ପଛରେ ଦୌଡ଼ାଇବା ଭଳି ବର୍ବର କାଣ୍ଡ ରବିବାର ସନ୍ଧ୍ୟାରେ କଟକ ସହରରେ ଦେଖିବାକୁ ମିଳିଥିଲା। ଜନଗହଳିପୂର୍ଣ୍ଣ ରାସ୍ତାରେ ଏଭଳି ଘଟଣା ଘଟିଚାଲିଥିବା ବେଳେ କେହି ଏହାର ପ୍ରତିବାଦ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ତେବେ ଏହି ଘଟଣା ନେଇ ସମ୍ପୃକ୍ତ ଯୁବକ ବିଡ଼ାନାସୀ ଥାନା ଅନ୍ତର୍ଗତ ଶ୍ରୀବିହାର କଲୋନୀରେ ରହୁଥିବା ରାଣୀହାଟ ଶିକାରି ସାହିର ଜଗନ୍ନାଥ ବେହେରା (୨୨) ସୋମବାର ଲାଲବାଗ ଥାନାରେ ଏତଲା ଦେଇଛନ୍ତି। ଏହାପରେ ପୋଲିସ ଏକ କେସ୍ (ନଂ. ୨୪୭/୨୨) ରୁଜୁ ସହ ଉକ୍ତ କାଣ୍ଡ ଭିଆଇଥିବା ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସୂତାହାଟର ସେକ୍ ହୁସେନ (୨୪) ଓ ସେକ୍ ଛୋଟୁ (୧୮)। ଦୁହେଁ ବ୍ୟବହାର କରିଥିବା ଆକ୍ଟିଭା ସ୍କୁଟି ଓ ଟେଷ୍ଟ କପଡ଼ାକୁ ପୋଲିସ ଜବତ କରିଛି।

ଯୁବକଙ୍କୁ ବାନ୍ଧି ସ୍କୁଟି ପଛପଟେ ଦଉଡ଼ାଉଥିବାର ଦୃଶ୍ୟ

ସୂଚନା ଅନୁଯାୟୀ, ସେକ୍ ହୁସେନ ଓ ସେକ୍ ଛୋଟୁ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଜଗନ୍ନାଥଙ୍କ ହାତକୁ ଏକ ଲମ୍ବା ଟେଷ୍ଟ କପଡ଼ାରେ ବାନ୍ଧି ଅପର ମୁଣ୍ଡକୁ ସ୍କୁଟି ପଛରେ ବାନ୍ଧିଥିଲେ। ଅଭିଯୁକ୍ତଦ୍ୱୟ ଏକ ସ୍କୁଟି ଚଳାଉଥିବାବେଳେ ଜଗନ୍ନାଥଙ୍କୁ ଷ୍ଟିୱାର୍ଟ ପାଟଣା ଛକରୁ ସ୍କୁଟି ପଛରେ ଦୌଡ଼ାଇ ଆଣିଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରେ ଜଗନ୍ନାଥ ଅସହାୟ ହୋଇପଡ଼ିଥିଲେ। ସେମାନେ ଜଗନ୍ନାଥଙ୍କୁ ଭୟଭୀତ କରାଇ ଅତ୍ୟନ୍ତ ଅମାନବୀୟ ଭାବେ ସ୍କୁଟି ପଛରେ ବାନ୍ଧି ୨ କିଲୋମିଟରରୁ ଅଧିକ ବାଟ ଦୌଡ଼ାଇଥିଲେ। ସେମାନେ ଜଗନ୍ନାଥଙ୍କୁ ନେଇ ଶେଷରେ ସୂତାହାଟ ଛକରେ ପହଞ୍ଚିଥିଲେ। ସେଠାରେ କେତେଜଣ ବିଶିଷ୍ଟ ବ୍ୟକ୍ତି ଘଟଣାରେ ହସ୍ତକ୍ଷେପ କରିବା ପରେ ଜଗନ୍ନାଥ ମୁକୁଳିଥିଲେ। ତେବେ ମାତ୍ର ୧୫୦୦ ଟଙ୍କା ଉଧାର ପାଇଁ ଏଭଳି ଘଟଣା ଘଟିଥିଲା। ସେକ ହୁସେନ ପ୍ରାୟ ମାସକ ତଳେ ଜଗନ୍ନାଥଙ୍କୁ ଏହି ଟଙ୍କା ଧାର ଦେଇଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣା ସମୟରେ ଚଣ୍ଡୀଛକ ଟ୍ରାଫିକ ଡ୍ୟୁଟିରେ ଥିବା ହାବିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୭ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ତେବେ ଡିସିପି ପିନାକ ମିଶ୍ର କହିଛନ୍ତି, ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ଏ ନେଇ ପଚରାଉଚରା କରାଯାଇଛି, କିନ୍ତୁ କାହାରିଙ୍କୁ ନୋଟିସ ଜାରି କରାଯାଇନାହିଁ।

ଅର୍ଚ୍ଚନାଙ୍କ ଜାମିନ ଆବେଦନ ଖାରଜ

ଜଗବନ୍ଧୁ, ଖଗେଶ୍ୱରଙ୍କୁ ଗିରଫ କରିବାକୁ ସାହସ କରୁନି ପୋଲିସ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ଅର୍ଚ୍ଚନା ନାଗଙ୍କୁ ସୋମବାର ବଡ଼ ଝଟକା ଲାଗିଛି। ତାଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଖାରଜ କରି ଦେଇଛନ୍ତି। ୧୬ଟି ଦଫାରେ ଗିରଫ ହୋଇଥିବା ଅର୍ଚ୍ଚନାଙ୍କ ଜାମିନ ଶୁଣାଣି ସାରି କୋର୍ଟ ଶୁକ୍ରବାର ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ସମୟରେ ଅର୍ଚ୍ଚନାଙ୍କ ଓକିଲ ଦେବାଶିଷ ମହାପାତ୍ରଙ୍କ ଯୁକ୍ତି ଥିଲା, ଅର୍ଚ୍ଚନାଙ୍କ ବିରୋଧରେ ଲାଗିଥିବା ୧୬ଟି ଦଫା ମଧ୍ୟରୁ ଅନେକ ପ୍ରଯୁଜ୍ୟ ନୁହେଁ। ଆଇପିସି ଧାରା ୩୫୪ (ସି) ମହିଳାଙ୍କ କ୍ଷେତ୍ରରେ ଲାଗିବା ଠିକ୍ ନୁହେଁ। ହେଲେ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଥିଲା, ୩୭୦, ୩୨୮ ଏବଂ ଆଇଟି ଆକ୍ଟ ୬୭ (ଇ) ଏବଂ ୬୭ ଭଳି ସଙ୍ଗିନ ଦଫା ଲାଗିଛି। ତେଣୁ ଅର୍ଚ୍ଚନାଙ୍କୁ ଜାମିନ ଦିଆ ନ ଯାଉ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ। ଏବେ ରାୟ ପ୍ରକାଶ ପାଇବା ପରେ ଓକିଲ ଦେବାଶିଷ ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗର କୌଣସି ଆଧାର ନାହିଁ। ଉପର କୋର୍ଟଙ୍କ ନିକଟରେ ଅର୍ଚ୍ଚନାଙ୍କ ଜାମିନ ଆବେଦନ କରାଯିବ ବୋଲି ସେ କହିଛନ୍ତି।

ଅର୍ଚ୍ଚନା ନାଗ

ଅକ୍ଟୋବର ୬ରେ ଗିରଫ ପରେ ଅର୍ଚ୍ଚନା ଖାରପଡ଼ା ଜେଲରେ ଦିନ କାଟୁଛନ୍ତି। ତେବେ ଜେଲରୁ କେବେ ବାହାରିବେ, ସେନେଇ ସେ ଚିନ୍ତାରେ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ମାମଲାରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ବାଟବଣା ହେବାରେ ଲାଗିଛି। ଅର୍ଚ୍ଚନାଙ୍କ ମାୟାଜାଲରେ କେଉଁ ବଡ଼ ବଡ଼ ନେତା, ଅଫିସର, ବିଲ୍ଡର, ଚଳଚ୍ଚିତ୍ର ପ୍ରଯୋଜକ ଫସିଛନ୍ତି, କାହା ବଳରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏତେ କମ୍ ସମୟ ଭିତରେ ବିଶାଳ କଳା ସାମ୍ରାଜ୍ୟ ଛିଡ଼ା କରିଥିଲେ, ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ହେଲେ ଘଟଣାର ୧୧ଦିନ ବିତିଥିଲେ ମଧ୍ୟ ପୋଲିସ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣୁନାହିଁ କି ଜେରା କରୁନାହିଁ। କମିଶନରେଟ ପୋଲିସର ଏଭଳି ଦୁର୍ବଳ ତଦନ୍ତ ପାଇଁ ବିଭିନ୍ନ ମହଲରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ସମାନ ଦଫା ଲାଗିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରିବାକୁ ସାହସ କରୁନି। ଫଳରେ ପୋଲିସ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ଉପୁଜିଛି।

ପୋଲିସ କମିଶନରଙ୍କୁ ଭେଟିଲା ଭାଜପା ଟିମ୍

ଅର୍ଚ୍ଚନା ନାଗଙ୍କ ବ୍ଲାକ୍‌ମେଲିଂ ଓ କଳାସାମ୍ରାଜ୍ୟର ତଦନ୍ତ ଠିକ୍ ହେଉ ନ ଥିବା ବିରୋଧୀ କଂଗ୍ରେସ ଓ ଭାଜପା ଅଭିଯୋଗ କରି ଆସୁଛନ୍ତି। ଏଭଳି ଏକ ବଡ଼ ମାମଲାର ତଦନ୍ତକୁ ଜାଣି ଜାଣି ଚପାଇ ଦିଆଯାଉଥିବା ଅଭିଯୋଗ କରି ଭାଜପା ପୁଣି ରାସ୍ତାକୁ ଓହ୍ଲାଇଛି। ସୋମବାର ୫୦ରୁ ଅଧିକ ନେତା ଓ କର୍ମୀ ଭୁବନେଶ୍ୱର ପାୱାର ହାଉସ୍ ଛକରୁ ଶୋଭାଯାତ୍ରାରେ ବାହାରି କମିଶନରେଟ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିବା ସହ ନାରାବାଜି ଦେଇଥିଲେ। ଅର୍ଚ୍ଚନାଙ୍କ ସହ ସରକାରୀ ଅଧିକାରୀ, ନେତା ମନ୍ତ୍ରୀଙ୍କ ହାତ ଥିବା ସେମାନେ ଅଭିଯୋଗ କରିଥିଲେ। ଏହାପରେ ଏକ ପ୍ରତିନିଧି ମଣ୍ଡଳୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ନିରପେକ୍ଷ ତଦନ୍ତ ଦାବି କରି ଏକ ପତ୍ର ଦେଇଛନ୍ତି।

ପୁରସ୍କାର (ପ୍ରତ୍ୟେକ ବର୍ଗରେ)	ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସ୍ତରୀୟ ପୁରସ୍କାର		ଜାତୀୟ ସ୍ତରୀୟ ପୁରସ୍କାର	
	ଗ୍ରୁପ୍ 'ଏ'	ଗ୍ରୁପ୍ 'ବି'	ଗ୍ରୁପ୍ 'ଏ'	ଗ୍ରୁପ୍ 'ବି'
ପ୍ରଥମ ପୁରସ୍କାର (୦୧ ଗୋଟି)	₹ ୫୦,୦୦୦/-	₹ ୫୦,୦୦୦/-	₹ ୧,୦୦,୦୦୦/-	₹ ୧,୦୦,୦୦୦/-
ଦ୍ୱିତୀୟ ପୁରସ୍କାର (୦୧ ଗୋଟି)	₹ ୩୦,୦୦୦/-	₹ ୩୦,୦୦୦/-	₹ ୫୦,୦୦୦/-	₹ ୫୦,୦୦୦/-
ତୃତୀୟ ପୁରସ୍କାର (୦୧ ଗୋଟି)	₹ ୨୦,୦୦୦/-	₹ ୨୦,୦୦୦/-	₹ ୩୦,୦୦୦/-	₹ ୩୦,୦୦୦/-
ପ୍ରୋତ୍ସାହନ ପୁରସ୍କାର (୧୦ ଗୋଟି)	₹ ୭,୫୦୦/-	₹ ୭,୫୦୦/-	₹ ୧୫,୦୦୦/-	₹ ୧୫,୦୦୦/-

ଧରିତ୍ରୀ
DHARITRI
ମଙ୍ଗଳବାର, ୧୮ ଅକ୍ଟୋବର, ୨୦୨୨

ଆମେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। କାରଣ, ଭଗବାନ୍ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

ଡଙ୍ଗା ବୁଡୁଛି

ବ୍ରିଟେନରେ ରାଜନୈତିକ ଅସ୍ଥିରତା ଏବେ ଆର୍ଥିକ ସଙ୍କଟ ଆଣି ଦେଇଛି। ପାଉଣ୍ଡ ଷ୍ଟର୍ଲିଂର ମୂଲ୍ୟ କମିବାରେ ଲାଗିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଶକ୍ତି କ୍ଷେତ୍ର ଘୋର ପ୍ରଭାବିତ ହୋଇ ଏହାର ମୂଲ୍ୟବୃଦ୍ଧି ଘଟାଇଛି। ଏଥିସହିତ ମୁଦ୍ରାସ୍ଫୀତି ଓ ଟିକସ ହ୍ରାସ ନୀତି ଆର୍ଥିକ ବଜାରରେ ବିପର୍ଯ୍ୟୟ ସୃଷ୍ଟି କଲାଣି। ନିକଟରେ ଲିଜ୍ ଟ୍ରସ ନୂଆ ପ୍ରଧାନମନ୍ତ୍ରୀ ହେବା ପରେ ଆଶା କରାଯାଉଥିଲା ଆର୍ଥିକ ସ୍ଥିତିରେ ସୁଧାର ଆସିବ। କିନ୍ତୁ ତାହା ଓଲଟା ଫଳ ଦେଇଛି। ଟିକସ ହ୍ରାସ କରିବା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ତାହାକୁ ପରିଚାଳନା କରିବାରେ ବିଫଳ ହେଲେ। ଏପରିକି ତାଙ୍କ ଘନିଷ୍ଠ ବନ୍ଧୁ କ୍ୱାସି କ୍ୱାର୍ଟେଙ୍ଗଙ୍କୁ ଅର୍ଥମନ୍ତ୍ରୀ ପଦରୁ ହଟାଇଦେଲେ। ଅର୍ଥମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରିଦେବା ପରେ ଏବେ ତାଙ୍କ ପାଳି ପଡ଼ିଗଲାଣି ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଆଲୋଚନା ଆରମ୍ଭ ହେଲାଣି ଲିଜ୍ ଟ୍ରସ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ୍‌ର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ବିଶେଷଜ୍ଞ ଯାହା କହୁଛନ୍ତି ଯଦି ଟ୍ରସ୍ ଇସ୍ତଫା ଦିଅନ୍ତି, ତେବେ ବ୍ରେକ୍‌ଜିଟ୍ ପରେ ସେ ହେବେ ୪ର୍ଥ ପ୍ରଧାନମନ୍ତ୍ରୀ ଯିଏ ବିଦାୟ ନେବେ। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନ ୨୦୧୬ରେ ୟୁରୋପୀୟ ସଂଘରୁ ବାହାରି ଆସିବା ପରେ ଡେଭିଡ୍ କାମେରୁନ୍‌ଙ୍କ ପରେ ଥେରେସା ମେ ଓ ବୋରିସ୍ ଜନସନ୍ ଗାଦିଚ୍ୟୁତ ହୋଇଥିବା ବେଳେ ଲିଜ୍ ଟ୍ରସ୍‌ଙ୍କ ମୁଣ୍ଡ ଉପରେ ଏବେ ଡେମୋକ୍ଲିସ ଖଣ୍ଡା ଝୁଲୁଛି।

ବ୍ରିଟେନ୍‌ର ସ୍ଥିତି ଦେଖିଲେ ରାଜନୈତିକ ଓ ଅର୍ଥନୈତିକ କାରଣ ପରସ୍ପର ସହ ହାତ ଧରାଧରି ହୋଇ ବିଫଳତା ଆଡ଼କୁ ଗମନ କରିଛନ୍ତି। ଅର୍ଥାତ୍ ବ୍ରେକ୍‌ଜିଟ୍ ଯୋଗୁ ବ୍ରିଟେନ୍ ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହୋଇଥିଲା। କୁହାଯାଉଥିଲା ବ୍ରିଟେନ୍ ଏଭଳି ଏକ ସାମ୍ରାଜ୍ୟ ଯେଉଁଠାରେ କଦାପି ସୂର୍ଯ୍ୟାସ୍ତ ହୁଏ ନାହିଁ। ଅର୍ଥାତ୍ ଅସଂଖ୍ୟ ରାଷ୍ଟ୍ର ଉପରେ ରାଜୁତି କରିଥିବା ଇଂଲିଶ ଲୋକଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁ ସେମାନଙ୍କୁ ଏକ ବଣିକ ଜାତି ବୋଲି ମଧ୍ୟ କୁହାଯାଉଥିଲା। ବ୍ରେକ୍‌ଜିଟ୍ ପରେ ତାହା ଏକ ଦ୍ୱୀପ ରାଷ୍ଟ୍ର ଭାବେ ପରିଚିତ ହେଉଛି। ଆଜିର ଜଗତୀକରଣ ଅର୍ଥନୀତିରେ ଯେଉଁ ରାଷ୍ଟ୍ର ଅନ୍ତର୍ଜାତୀୟ ବଜାରର ଗତି ସହ ନିଜକୁ ଖାପ ଖୁଆଇ ଆଗେଇ ପାରିବ ନାହିଁ, ସେହି ଦେଶ ପଛରେ ପଡ଼ିଯିବା ଅବଶ୍ୟମ୍ଭାବୀ। ବ୍ରିଟେନ ଆଜି ସେହିଭଳି ସମସ୍ୟା ଦେଇ ଗତି କରୁଛି। ଏହି ପ୍ରେକ୍ଷାପଟରେ ଭାରତ କଥା ଦେଖିଲେ ଏହାର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଫଳରେ ଦେଶବାସୀ ହଇରାଣ ହରକତ ହେଉଛନ୍ତି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇ ୧୭ ଅକ୍ଟୋବରରେ ୮୨ ଟଙ୍କା ୧୬ ପଇସା ଅତିକ୍ରମ କରିଛି। କିନ୍ତୁ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆମେରିକା ରାଜଧାନୀ ୱାଶିଂଟନ ଡିସିରେ ଗତ ସପ୍ତାହରେ ସେଠାରେ ଅବସ୍ଥାପିତ ଭାରତୀୟ ଖବରଦାତାମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେବାକୁ ଯାଇ କହିଥିବା ବିଷୟ ଏବେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରିଛି। ସେ ସଫେଇ ଦେବାକୁ ଯାଇ କହିଥିଲେ, ଭାରତୀୟ ମୁଦ୍ରା ଦୁର୍ବଳ ହେଉଛି, କାରଣ ଡଲାର ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ପୃଥିବୀର ଅନ୍ୟାନ୍ୟ ଉଦୀୟମାନ ଅର୍ଥନୀତିଠାରୁ ଭାରତୀୟ ଅର୍ଥ ବ୍ୟବସ୍ଥା ଉତ୍ତମ ପ୍ରଦର୍ଶନ କରୁଥିବା ବିଷୟ ସେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ, ଭାରତୀୟ ମୁଦ୍ରାର ଅସ୍ଥିର ପ୍ରକୃତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କାର୍ଯ୍ୟ କରୁଛି। ଏଠାରେ କୁହାଯାଇପାରେ ଯେ ବିଗତ ୫ ମାସ ମଧ୍ୟରେ ଏହି ଶୀର୍ଷ ବ୍ୟାଙ୍କ ୪ ଥର ରେପୋ ରେଟ୍ ବଢ଼ାଇବା ଦ୍ୱାରା ଋଣଗ୍ରହୀତା ସର୍ବାଧିକ କ୍ଷତିରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକ ବ୍ୟାଙ୍କରେ କମ୍ ସୁଧ ହାର ମିଳୁଥିବା ଉପଲବ୍ଧି କରିବା ପରେ ଜମା କରିବାକୁ ଅମଙ୍ଗ ହେଲାଣି। ସର୍ବୋପରେ ବ୍ୟାଙ୍କଗୁଡ଼ିକରେ ନଗଦ ଅର୍ଥର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଅର୍ଥମନ୍ତ୍ରୀ ସୀତାରାମନ ଦେଶର ଆର୍ଥିକ ଅବସ୍ଥା ଭଲ ଅଛି ବୋଲି କହୁଛନ୍ତି। ଓଡ଼ିଆରେ ଢଗ ଅଛି- 'ଅଜାଗାରେ ବଥ ହେଲେ କହନ୍ତି ଛାଇ ହୋଇଛି'। ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ଆଜି ଜନସାଧାରଣଙ୍କୁ ବୋକା ବୋଲି ଧରିନେଲେଣି। ଏହାର କାରଣ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ପ୍ରତିକ୍ରିୟା ଦରକାର ପଡ଼ିଥାଏ, ତାହାର ଏଠାରେ ଘୋର ଅଭାବ ଦେଖାଦେଇଛି।

ଏବର ସ୍ଥିତିରେ ବ୍ରିଟେନ ଓ ଭାରତର ଅର୍ଥନୀତି ସମାନ ଭାବେ କ୍ଷତିଗ୍ରସ୍ତ ହେଉଥିବା ଦୃଶ୍ୟମାନ ହେଉଛି। କିନ୍ତୁ ବ୍ରିଟେନ୍ କ୍ଷେତ୍ରରେ ଯେଉଁ ସକାରାତ୍ମକ ଦିଗ ରହିଥିବା ଲକ୍ଷ୍ୟ କରାଯାଉଛି, ଭାରତ ପରିପ୍ରେକ୍ଷୀରେ ତାହାର କାଣିଚାଏ ଆଭାସ ମିଳୁନାହିଁ। ଅର୍ଥାତ୍ ଆର୍ଥିକ ସ୍ଥିତି ବିଗିଡ଼ି ଯାଉଥିବା ଦେଖି ସେଠାକାର ଆଇନ ପ୍ରଣେତାମାନେ ପ୍ରଧାନମନ୍ତ୍ରୀ ଭଳି ପଦକୁ ବାରମ୍ବାର ବଦଳାଇବାକୁ କୁଣ୍ଠାବୋଧ କରୁନାହାନ୍ତି। ତାହା କିଭଳି ସମ୍ଭବପର ସେ ବିଷୟରେ ହୁଏତ ସାଧାରଣ ଭାରତୀୟ ଚିନ୍ତା କରୁନାହିଁ। ବ୍ରିଟେନ ଭଳି ଦେଶରେ ସାଂସଦମାନେ ଦଳର ଆଭିମୁଖ୍ୟ ଓ ନୀତିକୁ ନେଇ ଜିତିଥିବା ହେତୁ ପ୍ରତ୍ୟେକଟି ନିର୍ବାଚିତ ବ୍ୟକ୍ତି ଦେଶର ମଙ୍ଗଳ ଚିନ୍ତା କରିବାର ସତ୍‌ସାହସ ରଖିପାରୁଛି ବୋଲି ବୁଝାପଡ଼ୁଛି। ସେଥିପାଇଁ ଲାଗଲାଗ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ କରିବାକୁ ସାଂସଦମାନଙ୍କର କ୍ଷମତା ରହୁଛି। ଏହା ତୁଳନାରେ ଭାରତରେ ଗଣତନ୍ତ୍ର ଅତ୍ୟନ୍ତ ବିଚିତ୍ର। ଏଠାରେ ଦେଶରେ ମଙ୍ଗଳ ଆଣିପାରୁଥିବା ଦଳଗୁଡ଼ିକର ଅର୍ଥନୈତିକ ଆଭିମୁଖ୍ୟ ବା ନୀତିର ଅଭାବ ଯୋଗୁ ନେତା ନାମରେ ଜିତିବା ସମ୍ଭବପର ହେଉଛି। ସେଥିପାଇଁ ନେତା ଯେତେ ବିକୃତ ମାନସିକତା ପ୍ରଦର୍ଶନ କଲେ ମଧ୍ୟ ତାଙ୍କୁ ବଦଳାଇବାକୁ ସାଂସଦମାନଙ୍କ ଜୁ ନାହିଁ। ଏଠାରେ ଆଇନ ପ୍ରଣେତାମାନେ ଅଧସ୍ତନ ଭୂମିକା ନିର୍ବାହ କରୁଥିବାରୁ ସ୍ୱଚ୍ଛତା ଆସିପାରୁ ନାହିଁ। ବୁଡ଼ିଯାଉଥିବା ଡଙ୍ଗା ବିଷୟରେ ଜାଣି ଯେଉଁମାନେ ତତ୍‌କ୍ଷଣାତ୍ ପଦକ୍ଷେପ ନେବାକୁ ଆଗେଇ ଆସିଥାଆନ୍ତି, ସେମାନଙ୍କର ବର୍ତ୍ତିଯିବାର ଆଶା ସଞ୍ଚାର ହୋଇଥାଏ। କିନ୍ତୁ ଡଙ୍ଗାରେ ପାଣି ପଶି ବୁଡ଼ିବା ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ ଯେଉଁମାନେ ବାହୁସ୍ଫୋଟ ମାରିଥାଆନ୍ତି ସେମାନଙ୍କ ଅବସ୍ଥା କ'ଣ ହୋଇଥାଏ ସହଜରେ ଅନୁମେୟ। ବିଟ୍ରେନ୍ ସତର୍କ ହେଉଥିବା ବେଳେ ଭାରତ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟାକରି ଡଙ୍ଗା ବୁଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରୁଛି।

ମାଧବବାବୁଙ୍କ ଠିକା ଚାକିରି

ଶୁଭନାରାୟଣ ଶତପଥୀ

ସାଙ୍ଗମାନଙ୍କ ମେଳିରେ ମାଧବବାବୁ କହୁ କହୁ କହିପକାଇଲେ ଯେ ବୁଝିଲ ସାଙ୍ଗ, ମୋ ଭଳି ବୋକା ଦୁନିଆରେ ନାହିଁ। ଠିକା ଚାକିରି ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ ଚୁକ୍ତିକରି ଆଜି ଯାଏଁ କାମ କରୁଛି ଆଉ ଏବେ କପାଳରେ ହାତ ମାରୁଛି ମୋର ଚାକିରିଟା କାହିଁ ସ୍ଥାୟୀ ହେଉନାହିଁ। ସାଙ୍ଗ ଜଣକ କହିଲେ, ହଇରେ ମାଧିଆ ତୁ ତ ଚାକିରି କରିବା ବୋଧହୁଏ ପନ୍ଦର ବର୍ଷ ହେଲାଣି। ତୋ ଠିକାର ଅବଧି କେତେ ଥିଲା କି? ମୋ ଜାଣିବାରେ ସେ ଅବଧି ଢେର ପୂର୍ବରୁ ସରିଗଲାଣି। ଏବେ ସେହିଏକା କାର୍ଯ୍ୟରେ ସେହି ଏକା ପାରିଶ୍ରମିକରେ ତ ନିୟୋଜିତ ହୋଇ ରହିଛୁ। ତଥାପି ଏହି ଠିକା ଚାକିରିରେ ଛଟେଇ ଭୟ, କମ୍ ପାରିଶ୍ରମିକ ସହିତ ଅନ୍ୟାନ୍ୟ ସୁବିଧାରୁ ତୁ ବଞ୍ଚିତ। ତୁମ ଭଳି ଅଭିଜ୍ଞତାସମ୍ପନ୍ନ କର୍ମଚାରୀ ଆବଶ୍ୟକତାଠାରୁ କମ୍ ଦରମାରେ କାମକରି ଲୋକଙ୍କୁ ସେବା ଯୋଗାଇବା କିଛି କମ୍ କଥା ନୁହେଁ। ତେବେ ତୁମର ପରା ଠିକା ବ୍ୟବସ୍ଥା ଏବେ ଉଚ୍ଛେଦ ହେଲା! ମାଧବବାବୁ କହିଲେ, ଆମେ ପରା ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ଜୀବିକା, ଶିଶୁ ସୁରକ୍ଷା ଆଦି ବିଭିନ୍ନ ମିଶନ, ସମିତି, ଯୋଜନା ଅନ୍ତର୍ଗତ ଠିକା କର୍ମଚାରୀ। ଆମ ଦୁଃଖ କୋଉଠି ଦୂର ହେଲା ଯେ? ଅନିଶ୍ଚିତତା ଭିତରେ କାହିଁକି ରହିବ, ସ୍ଥାୟୀ ସ୍ୱୀକୃତି ପାଇବା ପାଇଁ ତୁମର ଦାବି ରଖୁନ କହିଲେ ଜଣେ ସାଙ୍ଗ। ମାଧବବାବୁ ଉତ୍ତର ଦେଲେ, ଦାବି କ'ଣ, କେସ୍ କରିଛୁନା। ହଉ ହେଲା ବିଚାରାଧୀନ ପ୍ରକ୍ରିୟା ଶେଷ ହେବାଯାଏଁ ଏବେ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସାଙ୍ଗ ଜଣକ କହିଲେ। ଏକଥା ଶୁଣି ମନଟା ଗମ୍ଭୀର ହୋଇଗଲା ମାଧବବାବୁଙ୍କର।

ବାସ୍ତବରେ ମାଧବବାବୁ କଲେଜରେ ପଢୁଥିବା ବେଳେ ହଠାତ୍ ତାଙ୍କ ପିତାଙ୍କ ଦେହାନ୍ତ ହୋଇଗଲା। ସେତେବେଳେ ତାଙ୍କ ପିତା ଚାକିରିରେ ଥିବାରୁ ସେ ଅନୁକମ୍ପାମୂଳକ ଯୋଜନାରେ ଏକ ସ୍ଥାୟୀ ଚପରାସୀ ପଦବୀର ଅଫର ପାଇଲେ। ସଫଳତାର ଶୀର୍ଷରେ ତାଙ୍କୁ ଏମିତି ଏକ ଅଫର ମିଳିବା ପରେ ତାଙ୍କ ମନଟା ପାଣିଚିଆ ହୋଇଗଲା। କାରଣ ମାଧବବାବୁ ହେଉଛନ୍ତି ଯୋଗ୍ୟତାରେ ଡବଲ ଏମ୍‌ଏ, ଏଲ୍‌ଏଲ୍‌ବି। ଭାବିଥିଲେ ଅତିକମ୍‌ରେ ଚପରାସୀ ଉପର ସ୍ଥାୟୀ ଚାକିରିଟା ମିଳିଯିବ ବୋଲି। ପରେ ନିଜର ଦକ୍ଷତା ଓ ସ୍ୱାଭିମାନକୁ ପୁଞ୍ଜିକରି ଏକ ଠିକା ଚାକିରିରେ ଯୋଗଦେଲେ। କାରଣ ସଭିଙ୍କ ଭଳି ତାଙ୍କର ଧାରଣା ଯେ ଠିକା ଚାକିରି ଦିନେନା ଦିନେ ନିଶ୍ଚୟ ନିୟମିତ ହେବ। ସେ ଯାହା ହେଉନା କାହିଁକି ମାଧବବାବୁଙ୍କ ବୟସ ଚାଳିଶ ଟପିଲାଣି। ଆଉ ବାକି କିଛି ବର୍ଷ କାମକଲା ପରେ ପରିଣତ ବୟସରେ ଉପନୀତ ହେବେ ଓ ସେ ଏ ବ୍ୟବସ୍ଥାରୁ ବିଦାୟ ନେବେ।

ସେ ସିନା ନିଜ ପସନ୍ଦ ମୁତାବକ ସେବାକର୍ମ କରି ଆତ୍ମତୃପ୍ତି ଲାଭକଲେ, କିନ୍ତୁ ତାଙ୍କ ପାରିଶ୍ରମିକକୁ ନେଇ ଦୈନନ୍ଦିନ ବଜାର ସହ ଲଢେଇ, ନିଅଣ୍ଟିଆ ସମ୍ମାନ ଓ ଅନିଶ୍ଚିତ ଭବିଷ୍ୟତ ଆଦି ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିପାରୁନାହିଁ। କାରଣ ଏହି ଠିକା ଚାକିରିରେ ଯୋଗଦେବାବେଳେ ପାରିଶ୍ରମିକ ଯାହା ଥିଲା ଆଜି ବି ପ୍ରାୟ ସେଇଆ। ବେଳେବେଳେ ଭାବୁଛନ୍ତି ସେହି ଅନୁକମ୍ପାମୂଳକ ଚାକିରିଟା କରିଥିଲେ ହୁଏତ ଏ ଠିକା ଚାକିରିର ପାରିଶ୍ରମିକଠାରୁ ଏବେ ୨ଗୁଣ ଅଧିକ ପାଉଥାନ୍ତି। କାରଣ ବଜାର ଦରଦାମ ଦୁଇଗୁଣ, ତିନିଗୁଣ ହୋଇଥିବା ବେଳେ ଏ ଦରମାକୁ ନେଇ ପରିବାର ଚଳାଇବା କଷ୍ଟକର ବ୍ୟାପାର। କିନ୍ତୁ କରିବେ କ'ଣ। ତଥାପି ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇ ଦେଖୁଛନ୍ତି ଘଡ଼ିକେ ଘୋଡ଼ା ଛୁଟୁଥିବା ବ୍ୟବସ୍ଥାରେ କାଳେ କ'ଣ ଆମ ବିଷୟରେ ନିଷ୍ପତ୍ତି ହେଲା କି?

ମାଧବବାବୁଙ୍କ ଆଉ ଜଣେ ସାଙ୍ଗ ରାଘବ ରାସ୍ତାକଡ଼ରେ ଚିକେନ ବ୍ୟବସାୟ କରେ। ସେଦିନ ଚିକେନ କିଣିବାକୁ ଯାଇଥିବା ମାଧବବାବୁଙ୍କ ପାଟିରୁ ବାହାରିପଡ଼ିଲା, ହଇରେ ରାଘବ ତୋର ତ କ'ଣ ମୁଣ୍ଡରେ ଗୋଟିଏ ବୁଟି ପାଚିନି! ରାଘବ ତୁରନ୍ତ ପାଲଟା ଉତ୍ତରରେ କହିଲା, ତୋର ବୁଟି ପାଚିବନି କେମିତି। ମୋଟା ଅଙ୍କ ପାଇଲୁ, ଦିନ ସାରା ଏସିରେ ବସିଲୁ ଆଉ ଆମ ଭଳି ତୁ କ'ଣ ଖରାକାକରରେ କାମ କରୁଛୁ? ଉତ୍ତର ରଖିବାକୁ ମାଧବବାବୁଙ୍କ ପାଟିରେ ଭାଷା ନ ଥିଲା। ଠିକା ଚାକିରିଆଙ୍କ ଉଦ୍ଦେଶ୍ୟରେ ରାଘବ ଭଳି ଭାବନା ଥିବା ବ୍ୟକ୍ତିଙ୍କର ସମାଜରେ ଅଭାବ ନାହିଁ। ବିଚରା ମାଧବବାବୁ ସେଠାରେ ନିଜର ପରିସ୍ଥିତି ବଖାଣିବାକୁ ଉଚିତ ମଣିଲେ ନାହିଁ। ଖାଲି ଏତିକି କହିଲେ, ସେମାନେ ବି ଯଦି ତୋ ଭଳି ଭାବିଥାନ୍ତେ ବୋଧହୁଏ ମୋର ବିବାହ ଦଶବର୍ଷ ଡେରି ହୋଇ ନ ଥାନ୍ତା। ସେଥିପାଇଁ ରାଘବ ପୁଅ ଦଶମ ଶ୍ରେଣୀରେ ଆଉ ମାଧବବାବୁଙ୍କ ପୁଅ ପ୍ରଥମ ଶ୍ରେଣୀରେ।

ଆଉ ଏକ ଦିନ ମାଧବବାବୁ ଅଫିସ କାମରେ ଏକ ଚାରିଚକିଆ ଯାନରେ ଗସ୍ତ କରୁଥାନ୍ତି। ବାଟରେ ତାଙ୍କର ଜଣେ ବାଲ୍ୟବନ୍ଧୁ ଦେଖାହେଲେ। ବନ୍ଧୁ ଜଣକ ସିଧା ଆସି ମାଧବବାବୁଙ୍କ ପାଖରେ ବସି ପଡ଼ି କହିଲେ, ତୋର କ'ଣ ଚିନ୍ତା ଅଛି। ଏସି ଗାଡ଼ିରେ ବୁଲୁଛୁ, ଦରମା ଉପୁରି ପାଇ ପେଟ ବଢ଼େଇ ସାରିଲୁଣି। ଏବେ ପୁଣି ତମର ଠିକା ବ୍ୟବସ୍ଥା ଉଠିଗଲା। ମୁଁ ବ୍ୟବସାୟକରି ଟ୍ୟାକ୍ସ ଭରି ମାତ୍ର ଲକ୍ଷେ ଦେଢ଼ଲକ୍ଷ ଟଙ୍କା ରୋଜଗାର କରୁଛି। ମୋତେ ତୋରି ଭଳି ଏକ ଚାକିରି ମିଳିଥାନ୍ତା କି। ମାଧବବାବୁ ବିରକ୍ତ ହୋଇ କହିଲେ, ତୁମ ମନରେ ଏସବୁ ଭ୍ରାନ୍ତଧାରଣା କାହିଁକି ଭରି ରହିଛି? ବ୍ୟବସାୟୀ ବନ୍ଧୁ କହିଲେ, ତୁମେ ସବୁ ଚାକିରିଆ ଏମିତି। ଆର୍‌ଟିଆଇରେ ତଥ୍ୟ ନ ମାଗିବା ପର୍ଯ୍ୟନ୍ତ ଦରମାଟାକୁ ଲୁଚାଇଥିବ। ମାଧବବାବୁ ମନେମନେ ଭାବିଲେ କଥାଟାକୁ ଆଗକୁ ନ ବଢ଼ାଇ ଏତିକିରେ ସୀମିତ ରଖିଲେ ଭଲ। ନ ହେଲେ ସତରେ ଯଦି ମୋ ଦରମାଟା ଏତେ କମ୍ ବୋଲି ଜାଣିବ ତେବେ ମୋର ଇଜ୍ଜତଟା ରହିବଟି? କାରଣ ସମାଜରେ ଅନେକ ଲୋକ ଦରମା ବା ଅର୍ଥ ରୋଜଗାରକୁ ନେଇ ମଣିଷର ଓଜନ ତଉଲିଥାନ୍ତି।

ସେ ଯାହା ହେଉନା କାହିଁକି ନିଜର ଅଦେଖା, ଅକୁହା କଥାକୁ ଅଣ୍ଟିରେ ପୂରାଇ ଅନେକ ଠିକା କର୍ମଚାରୀ ଏମିତି ଦୈନନ୍ଦିନ ଯୁଝିହେଉଛନ୍ତି ହାଟଠାରୁ ସଉଦା, ଭ୍ରମଣଠାରୁ ଅନଟନ, ପିଲାଙ୍କ ପାଠପଢ଼ାଠାରୁ ବୟୋଜ୍ୟେଷ୍ଠଙ୍କ ଭରଣପୋଷଣ ଯାଏଁ। ଏହାରି ଭିତରେ ଯୋଗ୍ୟତା ସାଙ୍ଗକୁ ସୀମିତ ସମ୍ବଳରେ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ନିଜକୁ ଖାପଖୁଆଇବା ଓ ନିୟନ୍ତ୍ରଣ କରି ଚଳାଇନେବାର ଦକ୍ଷତା ହାସଲକରି ସାରିଲେଣି ମାଧବବାବୁଙ୍କ ପରି ଲୋକେ। ତେବେ ନିରନ୍ତର, ସ୍ଥାୟୀ, ନିୟମିତ ଭଳି କାମ କରିଆସୁଥିବା ଏହି ଅଭିଜ୍ଞତାସମ୍ପନ୍ନ ଠିକା କର୍ମଚାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦେଇ ନିୟମିତ ତଥା ଏକ ସମତୁଲ ପାରିଶ୍ରମିକ ପ୍ରଦାନ କରାଗଲେ କ୍ଷତି କ'ଣ? ଜରୁରୀ ଚିକିତ୍ସା ପାଇଁ ଓ ପରିଣତ ବୟସ ସମୟରେ ନିଜର ଖର୍ଚ୍ଚ ତୁଲାଇବାକୁ ସେମାନେ କିଛି ସଞ୍ଚୟ କରିପାରନ୍ତେ। କାରଣ ଅନ୍ୟ କୌଣସି ସୁବିଧାରୁ ବଞ୍ଚିତ ଥିବା ଉକ୍ତ ଗୋଷ୍ଠୀଙ୍କର ଏହି ଗୋଟିଏ ଆୟ ଉତ୍ସ, ତାହା ପୁଣି ବଜାର ତୁଳନାରେ ନଗଣ୍ୟ। ଏଣୁ ସେମାନଙ୍କ ସ୍ୱାସ୍ଥ୍ୟବୀମା, ଭବିଷ୍ୟନିଧି, ନିୟମିତ ବର୍ଦ୍ଧିତ ଭତ୍ତା, ପେନ୍‌ସନ ଆଦି ସୁନିଶ୍ଚିତ କରିବାର ପ୍ରୟାସ ମାଧବବାବୁଙ୍କ ଭଳି ଠିକା ଚାକିରିଆଙ୍କ ମୁହଁରେ ହସ ଫୁଟାଇପାରନ୍ତା।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

ଚାଲ ହାରିବା ଶିଖିବା

ସୁପ୍ରଭା ବେହେରା

ଜୀବନ ଗୋଟିଏ ନଈ। ତାହା ଦେହରେ ଘଟଣାପ୍ରବାହ ସବୁ ସୁଅ ଭଳି। ବର୍ଷାରେ ନଈର ଛାତି ଫୁଲିଉଠି କେବେ ହୁଏ ଉଚ୍ଛୁଳା। ପୁଣି ରୌଦ୍ରଦଗ୍ଧ ହୋଇ ସେଇ ଭରା ନଈର ଉଚ୍ଛୁଳା ଛାତି ହୁଏ ଫୁଙ୍ଗୁଳା। ତା' ବୋଲି ନଦୀ କ'ଣ ବୋହିବାକୁ ମନା କରିଦିଏ? ପ୍ରବହମାନତା ତ ତାହାର ଧର୍ମ। ଜୀବନ ସେମିତି କେତେ ରଙ୍ଗରେ ରଙ୍ଗିନ। ମାଟି କାନ୍ଥର ଝୋଟି ଚିତା ଭଳି ସେଠି ଲେଖାହୋଇଛି ହତାଶା, ସଫଳତା, ପ୍ରେମ, ପ୍ରତାରଣା। ଇନ୍ଦ୍ରଧନୁର ରଙ୍ଗ ଭଳି ଜୀବନ କେବେ ସଫଳତାର ଗାରିମାରେ ଗାଢ଼ା, ଆଉ କେବେ ହତାଶାରେ ଫିକା। ସବୁ ରଙ୍ଗକୁ ଅଣ୍ଟାରେ ପୂରାଇ ଆୟୁଷକୁ ଭୋଗିବା ହିଁ ଜୀବନ। ମୁହଁ ମୋଡି ଦେବା ହିଁ ହାରିଯିବା।

ହାର୍ ଜିତ୍‌ର ଜୀବନ। ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ଜଣେ ଜିତିଲେ ଜଣେ ହାରୁଛି। ଆମେ କିନ୍ତୁ ଜିତିବାର ମହୋତ୍ସବରେ ମସ୍‌ଗୁଲ ହେବା ଶିଖିଛୁ ଓ ଶିଖାଇଛୁ। ହାରିବାକୁ ଗ୍ରହଣ କରି ଠିଆ ହୋଇ ପୁଣି ଶକ୍ତି ସଞ୍ଚୟ କରିବା ଶିଖି ନାହୁଁ। ଆବ୍ରାହାମ ଲିଙ୍କନ୍ ତାଙ୍କ ପୁଅର ଶିକ୍ଷକଙ୍କୁ ଲେଖିଥିବା ଚିଠିରେ ଲେଖିଥିଲେ 'ମୋର ପୁଅକୁ ଶିଖାଇବେ ବିଫଳତା ମଧ୍ୟ ମହିମାମୟ'। ଆମେ ଅଭିଭାବକ ହିସାବରେ ପ୍ରତ୍ୟେକେ ଥରେ ଚିନ୍ତା କରିବା। ଆମେ ଆମ ପିଲାଙ୍କୁ ସବୁବେଳେ କହୁଛୁ ତୁ ଜିତିଲେ ବା ସଫଳତା ଲାଭ କଲେ, ମୁଁ ତୋତେ ଚକୋଲେଟ ଦେବି, ନୂଆ ପୋଷାକ ବା ଖେଳଣା କିଣି ଦେବି, କେବେ କେବେ ମୋଟର ଗାଡ଼ି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଉଛୁ। କିନ୍ତୁ କେତେଜଣ ହାରିବାକୁ ସ୍ୱୀକାର କରି ପୁଣି ଠିଆ ହୋଇ ବାଟ ଚାଲିବାର କଳା ଶିଖାଇଛନ୍ତି ? ଗୋଟିଏ ପଦବୀ ପାଇଁ ଧରାଯାଉ ୨୦୦ଟି ସ୍ଥାନ ରହିଛି। ଆଶାୟୀ ପ୍ରାର୍ଥୀ ରହୁଛନ୍ତି ୨୦,୦୦୦। ୨୦୦ ଜଣ କୃତକାର୍ଯ୍ୟ ହେଲା ପରେ ଆଉ ବାକି ରହିଲେ ୧୯,୮୦୦। ୧୯,୮୦୦ ଜଣଙ୍କୁ ଏହି ବିଫଳତାକୁ ସାମ୍ନା କରିବା ପାଇଁ ମାନସିକ ପ୍ରସ୍ତୁତି ସମ୍ବନ୍ଧରେ ଆମେ କେବେ ଅବଗତ କରାଇଛୁ କି? ଶୈକ୍ଷିକ ପରୀକ୍ଷା କ୍ଷେତ୍ରରେ ମଧ୍ୟ ସବୁ ପିଲା ଯେ ୧୦୦ ଶତକଡ଼ା ନମ୍ବର ଆଣିବେ ତାହା ନୁହଁ। କିନ୍ତୁ ଅନେକ ପିଲା ବିଫଳତା ସହ ସାଲିସ ନ କରିପାରିବା ଫଳରେ ଆତ୍ମହତ୍ୟାକୁ ଆପଣାଇ ନେଇଥାନ୍ତି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍ ସି ଆର୍ ବି)ର ତଥ୍ୟ କହେ ୨୦୧୬ରେ ୯୪୭୮ଜଣ, ୨୦୧୯ରେ ୧୦,୩୩୫ ଜଣ ଏବଂ ୨୦୨୧ରେ ୧୩,୦୮୯ ଜଣ ଆତ୍ମହତ୍ୟା କରିବା ପଛର ମୂଳ କାରଣ ହେଲା ପରୀକ୍ଷାରେ ଅକୃତକାର୍ଯ୍ୟ ହେବା। ୨୦୨୦ରେ ଛାତ୍ର ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ଥିଲା। ତେବେ ଯାହା ବି ହେଉ ଏହା ରାଜ୍ୟ କିମ୍ବା ଦେଶର ନୁହଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛି। ତେଣୁ ସେମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ଆଣିବାକୁ ପଡିବ ଯେ ,ବିଫଳତା ହେଉଛି ଶିଖିବାର ପ୍ରଥମ ସୋପାନ। ଦେଖିବାକୁ ଗଲେ ବିଜୟ ଆମକୁ ବହୁତ କମ୍ ଶିକ୍ଷା ଦେଇଥାଏ। ଜୀବନର ଅସଲ ଶିକ୍ଷା ତ ପରାଜୟରୁ ମିଳିଥାଏ । ଜୀବନ ଜିଇବାର ଅନେକ କିଛି କଳା



ମଣିଷ ହାରିବାର ଅନୁଭୂତିରୁ ରୁଣ୍ଡାଇ ଥାଏ। ଇତିହାସ ଏହାର ମୂକସାକ୍ଷୀ। ଆବ୍ରାହାମ ଲିଙ୍କନ୍ ୧୭ ଥର ନିର୍ବାଚନ ହାରି ଶେଷରେ ସଫଳତା ଲାଭ କରିଥିଲେ। ଥୋମାସ ଆଲ୍‌ଭା ଏଡିସନ ଗୋଟିଏ ବିଦ୍ୟୁତ୍ ବଲ୍‌ବ ଜଳାଇବା ପାଇଁ ୧୦,୦୦୦ ଥର ଅକୃତକାର୍ଯ୍ୟ ହୋଇଥିଲେ। ତାଙ୍କର ସହଯୋଗୀ ଜଣକ ଏଥିପାଇଁ ବିରକ୍ତି ପ୍ରକାଶ କରିବାରେ ସେ ଏହାକୁ ସକାରାତ୍ମକ ମନୋଭାବ ନେଇ କହିଥିଲେ, ଏହି ୧୦,୦୦୦ ଥରକରେ ଆମେ ଶିଖିଲେ କେଉଁ କେଉଁ ପଦାର୍ଥ ବିଦ୍ୟୁତ ବଲ୍‌ବ ଜଳିବାରେ ସାହାଯ୍ୟ କରେ ନାହିଁ। ଦେଖିବାକୁ ଗଲେ ମଣିଷ ତ ପ୍ରକୃତରେ ସେତେବେଳେ ହାରିଯାଏ ଯେତେବେଳେ ସେ ବିଫଳତାକୁ ଗ୍ରହଣ କରିନିଏ।

ଜୀବନରେ ଚାଲୁ ଚାଲୁ ଝୁଣ୍ଟି ପଡ଼ିବା ତ ସ୍ୱାଭାବିକ। ତା' ମାନେ କ'ଣ ବାଟ ଚାଲିବାକୁ ମନା କରିଦେବା? ଠିଆ ହୋଇ ପୁନଃ ରାସ୍ତା ନିର୍ଦ୍ଧାରଣ କରିବା ବୀରର ଲକ୍ଷଣ। ସଫଳତାର ମହୋତ୍ସବ ସମସ୍ତେ ପାଳନ କରିବାର କ୍ଷମତା ରଖନ୍ତି, କିନ୍ତୁ ବିଫଳତାକୁ ବରଦାସ୍ତ କରିବା ପାଇଁ ଜଣେ ମାନସିକ ସ୍ତରରେ ଶକ୍ତ ହେବା ଆବଶ୍ୟକ। ପ୍ରତିକୂଳ ପରିସ୍ଥିତିରେ ଭିନ୍ନ ଭିନ୍ନ ବସ୍ତୁର ଉଦାହରଣ ନେଇ ପରିସ୍ଥିତିକୁ ବୁଝାଯାଇପାରେ। ଧରାଯାଉ ଗରମ ପାଣି ହେଉଛି ଗୋଟିଏ ପ୍ରତିକୂଳ ପରିସ୍ଥିତି। ଅଣ୍ଡା, ଆଳୁ ଓ କଫିର ଦାନାକୁ ଗରମପାଣିର ସେଇ ସମାନ ପରିସ୍ଥିତି ଦେଇ ଗତି କରିବାକୁ ହେଲା। ଅଣ୍ଡାଟି ଗରମପାଣିରେ ପଡ଼ିବା ପରେ ଶକ୍ତ ହୋଇଗଲା। ଯେତେବେଳେ କି ଆଳୁ ଗରମ ପାଣିରେ ରହି ନରମ ହୋଇଗଲା। ଅନ୍ୟପକ୍ଷରେ କଫିଦାନାଗୁଡ଼ିକ ଗରମ ପାଣିର ସଂସ୍ପର୍ଶରେ ଆସିବା ପରେ ଗରମ ପାଣିରେ ସେ ନିଜକୁ ମିଶାଇଦେଲା। ଆଉ କିଛି ସମୟ ପରେ ପାଣିର ସମ୍ପୂର୍ଣ୍ଣ ପରିସ୍ଥିତି ହିଁ ବଦଳିଗଲା। ଅର୍ଥାତ ଯିଏ ଯେମିତି ପ୍ରତିକ୍ରିୟା ପ୍ରକାଶ କଲା, ପରିସ୍ଥିତି ତାହା ପାଇଁ ସେମିତି ହିଁ ହେଲା। ଆମ ପିଲାମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ କଫି ଦାନା ହେବାର କଳାଟିକୁ ଶିଖିବାକୁ ହେବ।

ବିଫଳତା ଗୋଟିଏ ଅନାଥ ପରି, ଯେତେବେଳେ କି ସଫଳତାର ଅନେକ ଜଣ ପିତା। ତେଣୁ ବିଫଳତାକୁ ଆପଣାଇବା ପାଇଁ ନିଜ ଭିତରେ ଶକ୍ତି ସଞ୍ଚୟ କରିବା ଅନିବାର୍ଯ୍ୟ। ଯେତେବେଳେ ଜଣେ ସଫଳତା ଲାଭ କରେ, ସେ ସାରା ଦୁନିଆରେ ପରିଚିତ ହୁଏ କିନ୍ତୁ ବିଫଳତା ଆମକୁ ଦୁନିଆକୁ ଚିହ୍ନିବାରେ ସାହାଯ୍ୟ କରେ। ତେଣୁ ପିଲାମାନଙ୍କୁ ବୁଝାଇବାକୁ ହେବ, ବିଫଳତା କୌଣସି ଏକ ଘଟଣା ପ୍ରବାହର ଶେଷ ସୋପାନ ନୁହଁ। ବରଂ ଅୟମାରମ୍ଭ। ରାତି ଏକ ଦିନର ଅନ୍ତ ଘଟାଇବାକୁ ଆସେ ନାହିଁ। ବରଂ ସେଇ ଗାଢ଼ ତିମିରର ବୁକୁ ଚିରି ସମ୍ଭାବନାରେ ଲସରପସର ନୂଆ ସକାଳଟିଏ ପ୍ରତ୍ୟେକ ଥର ଜନ୍ମ ନେଉଥାଏ। ଗୋଟିଏ ଫୁଲଗଛରେ ଫୁଲଟିଏ ସେତେବେଳେ ପାଖୁଡ଼ା ମେଲି ହସିଥାଏ ଯେବେ ସେ ଉଭୟ ଖରା ଓ ବର୍ଷାକୁ ଭୋଗ କରେ। ଆତ୍ମହତ୍ୟା କରି ଜୀବନକୁ ହାରିବା ଅପେକ୍ଷା, ହାରିବାକୁ ଗ୍ରହଣ କରି ଜିତିବା ପାଇଁ ଶକ୍ତି ସଞ୍ଚୟ କରିବା ଭଲ। ଚେଷ୍ଟା କଲେ ସବୁ ବିଫଳତା ରାସ୍ତାର ଶେଷ ମୁଣ୍ଡରେ ସଫଳତା ଫୁଲ ହାର ଧରି ଅପେକ୍ଷା କରିଥାଏ ସ୍ୱାଗତ କରିବା ପାଇଁ।

ଭୁବନେଶ୍ୱର, ମୋ: ୯୦୪୦୩୬୦୨୫୯

ଏଇ ଭାରତରେ

ମହାରାଷ୍ଟ୍ରର ଓସ୍ମାନାବାଦ ଜିଲା ଉପଲା ଗାଁ ୩୨ ଏକର ଜମି ମାଙ୍କଡ଼ଙ୍କ ନାମରେ ନାମିତ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ଏହି ଗାଁରେ ମାଙ୍କଡ଼ମାନଙ୍କ ପ୍ରତି ବହୁ ସମ୍ମାନ ଅଛି। ବେଳେବେଳେ ବିବାହ ସମୟରେ ଲୋକଙ୍କ ଭୋଜି ପୂର୍ବରୁ ମାଙ୍କଡ଼ମାନଙ୍କୁ ଖାଦ୍ୟ ଦିଆଯାଏ ଓ ପରେ ଉତ୍ସବ ଆରମ୍ଭ କରାଯାଇଥାଏ। ମାଙ୍କଡ଼ମାନେ ଗାଁରେ କରାଯାଉଥିବା ସମସ୍ତ ରୀତିନୀତିର ଏକ ଅଂଶ। ସେମାନେ ଗାଁ ଭିତରକୁ ଆସିଲେ ଲୋକେ ଖୁସିରେ ସେମାନଙ୍କୁ ଖାଦ୍ୟ ଦିଅନ୍ତି। ମାଙ୍କଡ଼ମାନେ କାହାର କ୍ଷତି କରନ୍ତି ନାହିଁ। ସରପଞ୍ଚ ବାପ୍ପା ପଡୱାଲ କହନ୍ତି , ଉପଲା ଗ୍ରାମପଞ୍ଚାୟତର ଜମି ରେକର୍ଡ ଅନୁଯାୟୀ ଏହି ୩୨ ଏକର ଜମି ମାଙ୍କଡ଼ମାନଙ୍କର। ଏମାନଙ୍କ ପାଇଁ କିଏ କେବେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ ତାହା ଜଣାପଡ଼ିନାହିଁ। ବର୍ତ୍ତମାନ ଗାଁରେ ପ୍ରାୟ ୧୦୦ ମାଙ୍କଡ଼ ଅଛନ୍ତି। ସେମାନେ ଗୋଟିଏ ସ୍ଥାନରେ ସବୁବେଳେ ସ୍ଥାୟୀ ଭାବେ ରହୁ ନ ଥିବାରୁ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ବିଭାଗ ଉକ୍ତ ଜମିରେ ବୃକ୍ଷରୋପଣ କରିଛି। କୌଣସି ଲୋକ ମାଙ୍କଡ଼ଙ୍କୁ ଖାଦ୍ୟ ଦେବାକୁ ମନାକରି ନ ଥାନ୍ତି। ଉପଲା ଗ୍ରାମରେ ମାଙ୍କଡ଼ଙ୍କ ପ୍ରତି ଥିବା ସମ୍ମାନକୁ ନେଇ ସୋସିଆଲ ମିଡିଆରେ ବହୁ ଚର୍ଚ୍ଚା ହୋଇଥାଏ।

୨୫ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୯୭

- ନାଗରିକମାନଙ୍କର ମାନବାଧିକାରକୁ ସୁରକ୍ଷିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିବା ପରିପ୍ରେକ୍ଷୀରେ ଜାତିସଂଘ ସନନ୍ଦରେ ଭାରତର ସ୍ୱାକ୍ଷର।
- କର୍ଜନ କନ୍‌ୱେ ଅନ୍ତର୍ଜାତୀୟ ଫିଲାନ୍ଥ୍ରୋପିକ ମାନବପ୍ରେମୀ ଅନୁଷ୍ଠାନ 'ରକ୍‌ଫେଲର ଫାଉଣ୍ଡେସନ'ର ସଭାପତି ନିଯୁକ୍ତ।
- ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦତ୍ତ ତିୱାରୀ ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିଯୁକ୍ତ।
- ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଜେ.ଜେ. ଇରାନୀଙ୍କୁ ନାଇଟ ଅଫ୍ ବ୍ରିଟିଶ ଏମ୍ପାୟାର ଉପାଧି ପ୍ରଦାନ।

ସୁ-ଡୋ-କୁ

sudoku
Puzzles by Srikant Ghosh

			6	4	5		8	
8						6		
5				8			1	7
			4					6
6	1		7					
		4			2			
	9					7	6	
		3		5	9			
		8				3		

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	4	7	9	8	3	2	5	1
2	9	3	5	7	1	6	8	4
1	8	5	6	2	4	9	3	7
7	3	8	1	6	2	4	9	5
4	1	6	3	9	5	8	7	2
9	5	2	7	4	8	3	1	6
5	6	9	2	3	7	1	4	8
8	2	1	4	5	9	7	6	3
3	7	4	8	1	6	5	2	9

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ବାରିପଦାରୁ ଜୟପୁରକୁ ଟ୍ରେନ୍ ଚଳାଯାଉ

ମହାଶୟ,

ଭୁବନେଶ୍ୱରରୁ ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳ କରୁଛି। ଏହି ଟ୍ରେନ୍‌ରେ ରାଜଧାନୀରୁ ଅନେକ ଲୋକ ଯେଉଁମାନେ ଅବିଭକ୍ତ କୋରାପୁଟ ଜିଲାରେ ଚାକିରି କରୁଛନ୍ତି ସେମାନେ ସୁବିଧାରେ ଯାତାୟାତ କରିପାରୁଛନ୍ତି। କିନ୍ତୁ ମୟୂରଭଞ୍ଜ ଅବିଭକ୍ତ ବାଲେଶ୍ୱର ଜିଲା (ଭଦ୍ରକ), ଅବିଭକ୍ତ କଟକ ଜିଲା(ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା) ଓ କେନ୍ଦୁଝର ଲୋକେ କିଛି ଉପକୃତ ହୋଇପାରୁନାହାନ୍ତି। ତେଣୁ ବାରିପଦାରୁ ଏକ ଏକ୍ସପ୍ରେସ୍ ଟ୍ରେନ୍ ଜୟପୁରକୁ ଚଳାଚଳ କରାଗଲେ ଏହି ଜିଲାରେ ଲୋକ ଉପକୃତ ହୋଇପାରନ୍ତେ। ଅବିଭକ୍ତ କୋରାପୁଟ ଜିଲାରେ ଅନେକ ଏ ଅଞ୍ଚଳର ଲୋକ ଚାକିରି କରୁଛନ୍ତି। ମୁଖ୍ୟତଃ ରାୟଗଡ଼ା, ଦାମନଯୋଡ଼ି, ସୁନାବେଡ଼ା, ମାଛକୁଣ୍ଡ, ଡୁଡୁମା, କୋଲାବ(ଜଳବିଦ୍ୟୁତ୍ ପ୍ରକଳ୍ପ)ର ଲୋକେ ଜୟପୁରରୁ ଓହ୍ଲାଇ ନବରଙ୍ଗପୁର ଓ ସ୍ୱାଭିମାନ ଅଞ୍ଚଳ ମାଲକାନଗିରି, ମୋଟୁ ଚିତ୍ରକୋଣ୍ଡା ଓ ମାଥିଲି, ଏମ୍‌ଭି ୭୯କୁ ଯାଇପାରିବେ।

- କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ!
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

୩ ମୁଖପାତ୍ର ନିଯୁକ୍ତ କଲା ଭାଜପା

ଭୁବନେଶ୍ୱର,(ବ୍ୟୁରୋ): ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ମନୋଜ ମହାପାତ୍ର ଏବଂ ବିଜେଡିରୁ ଆସି ମିଶିଥିବା ତେଜେଶ୍ୱର ପରିଡ଼ାଙ୍କୁ ଦଳ ଦାୟିତ୍ୱ ଦେଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସୋମବାର ୩ ଜଣଙ୍କୁ ରାଜ୍ୟ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ତଥା ପ୍ରବକ୍ତା ଦିଲୀପ ମଲ୍ଲିକ ପ୍ରକାଶ କରିଛନ୍ତି। ମନୋଜ, ତେଜେଶ୍ୱର ଏବଂ ଅନିଲ ବିଶ୍ୱାଳଙ୍କୁ ଭାଜପା ତା'ର ମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛି।

ସରିଲା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

ନୂଆଦିଲ୍ଲୀ,୧୭।୧୦

ଭୋଟ ଦେଲେ ୯,୫୦୦ ପ୍ରତିନିଧି

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ସୋମବାର ଅପରାହ୍ଣ ୪ଟା ୩୦ରେ ଶେଷ ହୋଇଛି। ବରିଷ୍ଠ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ କାହା ହାତରେ ଦଳର ନେତୃତ୍ୱ ରହିବ ତାହା ୧୯ ତାରିଖ ଭୋଟ ଗଣତି ପରେ ଜଣାପଡ଼ିବ। ପ୍ରାୟ ୯,୫୦୦ ପ୍ରତିନିଧି ସେମାନଙ୍କ ମତ ସାବ୍ୟସ୍ତ କରିଥିବା ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି ସୋମବାର କହିଛନ୍ତି। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏଆଇସିସି କାର୍ଯ୍ୟାଳୟରେ ଭୋଟ ଦେଇଥିଲେ। ମୋଟାମୋଟି ଭୋଟ ହାର ୯୬ ପ୍ରତିଶତ ରହିଛି। ଛୋଟ ରାଜ୍ୟଗୁଡ଼ିକରେ ପାଖାପାଖି ୧୦୦ ପ୍ରତିଶତ ଭୋଟ ପଡ଼ିଛି। କୌଣସି ରାଜ୍ୟରେ କିଛି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇନାହିଁ। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଶେଷ ହୋଇଛି। ସବୁ ରାଜ୍ୟରେ ପୋଲିଂ ବୁଥ୍ ସ୍ଥାପନ କରାଯାଇଥିଲା। ଆଭ୍ୟନ୍ତରୀଣ ଗଣତନ୍ତ୍ର କ'ଣ ତାହା କଂଗ୍ରେସ ଦେଖାଇଛି, ଯେଉଁଥିରୁ ଅନ୍ୟ ଦଳଗୁଡ଼ିକ ଶିକ୍ଷା ପାଇବେ ବୋଲି ମିସ୍ତ୍ରି କହିଛନ୍ତି। ଗାନ୍ଧୀ ପରିବାର ଏବଂ ବରିଷ୍ଠ ନେତାମାନେ ଖାର୍ଗେଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ଜିତିବା ସମ୍ଭାବନା ଅଧିକ ରହିଛି। ଅନ୍ୟତମ ପ୍ରାର୍ଥୀ ଶଶୀ ଥରୁର ଦଳରେ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢ଼ୁଥିଲେ।

ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ କର୍ନାଟକର ବେଲାରୀଠାରେ ଭୋଟ ଦେଉଛନ୍ତି ରାହୁଲ ଗାନ୍ଧୀ।

ଭୁବନେଶ୍ୱର ପିସିସି କାର୍ଯ୍ୟାଳୟରେ ଭୋଟ ଦେବା ଲାଗି କଂଗ୍ରେସ ନେତାଙ୍କ ଭିଡ଼।

ଜନତା ମୋର ଷ୍ଟାର ପ୍ରଚାରକ: ରାଜେନ୍ଦ୍ର

ଷ୍ଟାର ପ୍ରଚାରକ ତାଲିକା ପ୍ରଦର୍ଶନ କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ।

ଭଦ୍ରକ ଅଫିସ, ୧୭।୧୦

ମନାଇବାରେ ଫେଲ୍ ମାରିଲା ବିଜେଡି

ଧାମନଗର ଉପନିର୍ବାଚନ ପାଇଁ ବିଜେଡି ବିଦ୍ରୋହୀ ତଥା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରତିଦ୍ୱନ୍ଦ୍ୱିତା ନିଷ୍ପତ୍ତିରେ ଦୃଢ଼ ରହିବେ ନା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଥିଲା।

ଦଳୀୟ ଟିକେଟ ନ ମିଳିବା ପରେ ଅସନ୍ତୋଷ ଜାହିର କରି ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଥିଲେ ରାଜେନ୍ଦ୍ର। ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ ଥିବାବେଳେ ଶନିବାର ଓ ରବିବାର ତାଙ୍କୁ ମନାଇବା ପାଇଁ ବିଜେଡି ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା। ରାଜେନ୍ଦ୍ର ତାଙ୍କର ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେବେ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଥିଲା। କିନ୍ତୁ ବିଜେଡିର ସମସ୍ତ ପ୍ରଚେଷ୍ଟା ଶେଷରେ ରାଜେନ୍ଦ୍ରଙ୍କ ଜିଦ୍ ଆଗରେ ଫେଲ୍ ମାରିଛି। ରାଜେନ୍ଦ୍ରଙ୍କୁ ନେଇ ଏବେ ଧାମନଗର ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି।

ପୂର୍ବରୁ ଭାଜପା ୪୦, ବିଜେଡି ୪୦ ଓ କଂଗ୍ରେସ ୩୦ ଜଣିଆ ଷ୍ଟାର ପ୍ରଚାରକଙ୍କ ନାମ ତାଲିକା ଘୋଷଣା କରିସାରିଛନ୍ତି। ଏଭଳି ସ୍ଥିତିରେ ସୋମବାର ରାଜେନ୍ଦ୍ର ତାଙ୍କର ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛନ୍ତି। ତାଲିକାରେ କୌଣସି ବଡ଼ ନେତାଙ୍କ ନାଁ ନ ଥିଲେ ମଧ୍ୟ ମା' ବାପା, ଗୁରୁଜନ, ଚାଷୀ, ଚାଚା, ଚାଚୀ, ଶିକ୍ଷିତ ଓ ସାଧାରଣ ଜନତା ମୋର ଷ୍ଟାର ପ୍ରଚାରକ ବୋଲି ରାଜେନ୍ଦ୍ର ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଷ୍ଟାର ପ୍ରଚାରକମାନଙ୍କୁ ସାଥିରେ ନେଇ ଉପନିର୍ବାଚନରେ ବିଜୟୀ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଉପନିର୍ବାଚନରେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହେବା ଯୋଗୁ ଏହା ଦଳ ଉପରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ବିଦ୍ରୋହୀ ପ୍ରାର୍ଥୀ ହେବା ପରେ ମଧ୍ୟ ବିଜେଡି ରାଜେନ୍ଦ୍ରଙ୍କୁ ନିଲମ୍ବନ ନ କରିବା ପଛରେ କ'ଣ ରହସ୍ୟ ରହିଛି, ସେନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ବୈଠକରେ ରାଜେନ୍ଦ୍ରଙ୍କ ସମର୍ଥକମାନେ ଦଳ ତାଙ୍କୁ ଟିକେଟ ନ ଦେବା ନେଇ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରୁଥିବାର ଏକ ଭିଡିଓ ଭାଇରାଲ ହେଉଛି। ଏଭଳି ସ୍ଥିତିରେ ଧାମନଗରରେ ବିଜେଡି ଦୁଇଫାଳ ହୋଇଥିବା ବେଳେ ଭାଜପା କେତେଦୂର ଫାଇଦା ଉଠାଇ ପାରିବ ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

ଧାମନଗର ଉପନିର୍ବାଚନ
ମଇଦାନରେ ୫ ପ୍ରାର୍ଥୀ

ସୋମବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ତେବେ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବାରୁ ଉପନିର୍ବାଚନ ପାଇଁ ୫ ପ୍ରାର୍ଥୀ ମଇଦାନରେ ରହିଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ, ବିଜେଡିରୁ ଅବନ୍ତୀ ଦାସ, କଂଗ୍ରେସରୁ ହରେକୃଷ୍ଣ ସେଠୀ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ(ରାଜୁ) ଓ ପବିତ୍ର ମୋହନ ଦାସଙ୍କ ନାମ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛି। ନିର୍ବାଚନ କମିଶନ ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ଭାସମାନ ଡଙ୍ଗା ସହ ନାବିକ ଓ କାତ ଏବଂ ପବିତ୍ରଙ୍କୁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ସଙ୍କେତ ମିଳିଛି। ଏହି ୫ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

ଏସ୍‌ଏଚ୍‌ଜି ଆକାଉଣ୍ଟକୁ ଫ୍ରିଜ୍ କରାଯାଉ

ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୭।୧୦(ବ୍ୟୁରୋ): ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ପୋଲିସ, ଆମ୍ବୁଲାନ୍ସର ସହାୟତାରେ ଟଙ୍କା ବାଣ୍ଟୁଥିବାର ଅନେକ ନଜୀର ଅତୀତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଧାମନଗର ଉପନିର୍ବାଚନରେ ଏସ୍‌ଏଚ୍‌ଜି ମାଧ୍ୟମରେ ଶାସକ ଦଳ ଟଙ୍କା ବାଣ୍ଟିବାର ପ୍ରୟାସ ଆରମ୍ଭ କରିଦେଇଛି। ଏହାଦ୍ୱାରା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଆଦୌ ସମ୍ଭବ ନୁହେଁ। ତେଣୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଏସ୍‌ଏଚ୍‌ଜିର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯିବାକୁ ଭାଜପା ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି।

ପୂର୍ବ ତଟ ରେଳପଥ

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ସଂ. SDCM/KUR/Prkng/E-auction-13,14,15/ Publication, ତା.14.10.2022ରିଖ

ଷ୍ଟେସନ ଏବଂ ସ୍ଥାନ: (1) ହରିଚନ୍ଦନପୁର-2 ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (2) ରମ୍ଭା -2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱର ପରିଚାଳନ କ୍ଷେତ୍ରରେ), (3) ତାପଙ୍ଗ-2 ଚକିଆ (ପ୍ଲାଟଫର୍ମ -1 ସ୍ଥିତ କ୍ୱାର୍ଟରଗୁଡ଼ିକ ନିକଟରେ), (4) ବୀରପୁରୁଷୋତ୍ତମପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (5) ରାହାମା-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ),(6) ନ୍ୟୁ ଗଡ଼ମଧୁପୁର -2 ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ),(7) ରାଧାକିଶୋରପୁର-2 ଚକିଆ(ପରିଚାଳନ କ୍ଷେତ୍ର ନିକଟରେ), (8) ସାକ୍ଷୀଗୋପାଳ-2 ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (9) ହରିପୁରଗ୍ରାମ ପିଏଚ୍-2 ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ), (10) ଗୋପିନାଥ ଜିଉ ବାଣୀକୁଦ ପିଏଚ୍-2 ଚକିଆ (ପ୍ଲାଟଫର୍ମ -2 ନିକଟରେ),(11) ପାରାଦ୍ୱୀପ-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ)(12) ବରୁଭା-2 ଚକିଆ (ପରିଚାଳନ କ୍ଷେତ୍ରରେ),(13) କେନ୍ଦୁଆପଦା-2 ଚକିଆ(ନୂଆ ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ),(14) ମନ୍ଦାସା ରୋଡ୍-2 ଚକିଆ (ମାର୍ଗ-1 ପାର୍ଶ୍ୱରେ),(15) ବଡ଼ଖଣ୍ଡାଇତ ପିଏଚ୍-2 ଚକିଆ (ପରିଚାଳନ କ୍ଷେତ୍ର ନିକଟରେ),(16) ଜୋରନ୍ଦା ରୋଡ୍-2 ଚକିଆ (ପ୍ରତୀକ୍ଷା ହଲ ନିକଟରେ ଆଂଶିକ ଏବଂ ପରିଚାଳନା କ୍ଷେତ୍ର ନିକଟରେ ଆଂଶିକ),(17) ଝାଡ଼ୁପୁଡ଼ି-2 ଚକିଆ (ପରିଚାଳନ କ୍ଷେତ୍ରରେ),(18) ପୋରଜନପୁର-2 ଚକିଆ (ପରିଚାଳନ କ୍ଷେତ୍ର ନିକଟରେ), (19)ରେଟଙ୍ଗ-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ), (20) ସୀତାବାଞ୍ଜୀ-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ), (21) କେନାପୁର ରୋଡ୍ ପିଏଚ୍-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ), (22) କାଳୁପଡ଼ାଘାଟ -2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ ଓଏଚ୍ ପାଣି ଟାଙ୍କି ନିକଟରେ), (23)ମତଗଜପୁର ପିଏଚ୍-2 ଚକିଆ(ପ୍ଲାଟଫର୍ମ -1 ପାର୍ଶ୍ୱରେ), (24)ପଟିଆ ପିଏଚ୍-2 ଚକିଆ(ପ୍ଲାଟଫର୍ମ -1 ପାର୍ଶ୍ୱରେ), (25)ଟୋମ୍କା-2 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (26)ମୋଟାରି-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ ଦିବ୍ୟାଙ୍ଗ ଶୌଚାଳୟ ନିକଟରେ), (27)ବୈତରଣୀ ରୋଡ୍-2 ଚକିଆ(ପରିଚାଳନ କ୍ଷେତ୍ର ନିକଟରେ), (28) ନିରାକାରପୁର-2 ଚକିଆ (ପରିଚାଳନ କ୍ଷେତ୍ର ନିକଟରେ), (29)ସଦାଶିବପୁର-2 ଚକିଆ (ପ୍ଲାଟଫର୍ମ -1 ପାର୍ଶ୍ୱରେ ପ୍ରତୀକ୍ଷା ହଲ ନିକଟରେ), (30)ଝଙ୍କଡ଼ ଶାରଳା ରୋଡ୍ ପିଏଚ୍-2 ଚକିଆ (ପ୍ଲାଟଫର୍ମ-2 ପାର୍ଶ୍ୱରେ), (31)ଡେଲାଙ୍ଗ-2 ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ), (32)ଶଗଡ଼ପଟା-2ଚକିଆ(ପ୍ଲାଟଫର୍ମ-1 ପାର୍ଶ୍ୱରେ), (33)ଜନକଦେଇପୁର ପିଏଚ୍-2ଚକିଆ(ଅପ୍ ଲାଇନ୍ ପାର୍ଶ୍ୱରେ),(34)ସୁଣ୍ଢାଦେବୀ-2ଚକିଆ(ଷ୍ଟେସନ ବିଲ୍ଡିଙ୍ଗ୍ ପାର୍ଶ୍ୱରେ) ।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.29.10.2022 ରିଖ 1000 ଘଟିକାରେ (ସମସ୍ତ କ୍ରମ ସଂ. ନିମନ୍ତେ) ।

ନିଲାମ ଶେଷ ତାରିଖ ଓ ସମୟ: ତା. 29.10.2022 ରିଖ 1030 ଘଟିକାରେ (କ୍ରମ ସଂ. 1), 1040 hrs. (କ୍ରମ ସଂ. 2),1050 ଘଟିକାରେ (କ୍ରମ ସଂ. 3), 1100 ଘଟିକାରେ (କ୍ରମ ସଂ. 4), 1110 ଘଟିକାରେ (କ୍ରମ ସଂ.5), 1120 ଘଟିକାରେ (କ୍ରମ ସଂ. 6),1130 ଘଟିକାରେ (କ୍ରମ ସଂ. 7), 1140 ଘଟିକାରେ (କ୍ରମ ସଂ. 8), 1150 ଘଟିକାରେ (କ୍ରମ ସଂ. 9), 1200 ଘଟିକାରେ (କ୍ରମ ସଂ. 10), 1210 ଘଟିକାରେ. (କ୍ରମ ସଂ. 11), 1220 ଘଟିକାରେ (କ୍ରମ ସଂ.12), 1230 ଘଟିକାରେ (କ୍ରମ ସଂ. 13),1240 ଘଟିକାରେ(କ୍ରମ ସଂ. 14), 1250 ଘଟିକାରେ (କ୍ରମ ସଂ. 15), 1300 ଘଟିକାରେ (କ୍ରମ ସଂ. 16), 1310 ଘଟିକାରେ (କ୍ରମ ସଂ. 17),1320 hrs. (କ୍ରମ ସଂ. 18), 1330 ଘଟିକାରେ (କ୍ରମ ସଂ. 19), 1340 ଘଟିକାରେ (କ୍ରମ ସଂ. 20), 1350 ଘଟିକାରେ (କ୍ରମ ସଂ. 21),1400 ଘଟିକାରେ(କ୍ରମ ସଂ. 22),1410 ଘଟିକାରେ (କ୍ରମ ସଂ. 23),1420 ଘଟିକାରେ(କ୍ରମ ସଂ. 24), 1430 ଘଟିକାରେ (କ୍ରମ ସଂ. 25), 1440 ଘଟିକାରେ (କ୍ରମ ସଂ. 26), 1450 ଘଟିକାରେ (କ୍ରମ ସଂ. 27), 1500 ଘଟିକାରେ (କ୍ରମ ସଂ. 28), 1510 ଘଟିକାରେ (କ୍ରମ ସଂ.29), 1520 ଘଟିକାରେ (କ୍ରମ ସଂ. 30), 1530 ଘଟିକାରେ (କ୍ରମ ସଂ. 31), 1540 ଘଟିକାରେ (କ୍ରମ ସଂ.32), 1550 ଘଟିକାରେ (କ୍ରମ ସଂ. 33) ଏବଂ 1600 ଘଟିକାରେ(କ୍ରମ ସଂ. 34) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍, **https://www.ireps.gov.in** ର ଇ-ଅକ୍ସନ ଲିଙ୍କିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-616/N/22-23

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

No: AIIMS/BBSR/ENGG/ACR-2021/CMC CENTRAL AC/74/156 Dated: 12th Oct 2022
e-Tender Ref.No.- AIIMS/BBSR/ENGG/ACR/CENTRAL AC/NIT/20

NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for **"Operation & Comprehensive Maintenance Contract of High Side and Low side of HVAC System of AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.** Sd/-

Executive Engineer (AC&R)
AIIMS, Bhubaneswar

OFFICE OF THE PRINCIPAL MAA MARKAMA +3 COLLEGE BISSAM CUTTACK

DIST-RAYAGADA, PIN-765019 (ODISHA),ESTD-1995
Visit us: www.mmplus3college.in,
Email Id: mmdegreecollege@gmail.com, Mob No. 9438447744

TENDER NOTICE

No. 02 Date. 17.10.2022

Sealed tenders are invited from the distributors/dealers/ registered firm for supply of Laboratory equipments of Physics, Chemistry, Botany & Zoology at Maa Markama +3 College, Bissamcuttack. The sealed tender documents are to be submitted on or before 02.11.2022 by speed post/ register post only as per prescribed terms and conditions. For further details and list of required items please visit the college website https://www.mmplus3college.in/.

Principal, Maa Markama +3 College,
Bissamcuttack, Mob No - 9438447744

COLLECTORATE, MALKANGIRI (SPORTS SECTION)

Tender Call Notice No.244 Date:16.08.22

SHORT TENDER CALL NOTICE

No.AA-13: Sealed Quotations/ Tender are hereby invited from the intending reputed Supplier/ Firms / Agencies for supply of Sports uniform / Shoes material with shocks & Game equipment etc. for Sports Hostel, Malkangiri. The intending Suppliers are requested to submit their sealed quotation on or before 02-09-2022 by 3.00 P.M. through Regd. Post/ Speed Post only in the Office of the Coach-in-charge, Sports Hostel, Malkangiri, At-Sports Complex, P.o/Dist.- Malkangiri, Pin- 764048. The sealed Quotation will be opened on the same day at 4.30 P.M. by the purchasing committee in presence of the tenderers or their authorized representatives in the Office Chamber of Addl. Dist. Magistrate, Malkangiri. The details terms & Condition of the Tender Paper will be available in the Office of the Coach-in-charge, Sports Hostel, Malkangiri with effect from the date of publication of the advertisement & for details it can be downloaded from website NIC, Collectorate, Malkangiri. **(www.malkangiri.nic.in).**

Sd./- District Sports Officer Malkangiri

OIPR-29017/11/0004/2223

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER ROURKELA IRRIGATION DIVISION, ROURKELA

CORRIGENDUM

BID IDENTIFICATION NO. SERID-RKL-01/2022-23 (ONLINE)

No.A-614: The tender for the work invited under Bid Identification No.- SERID-RKL-01/2022-23 is hereby modified and read as below

1. The Bid Documents will be available in the website from dt 20.10.2022 at 10.00 A.M to dt. 02.11.2022 up to 05.30 P.M. for on-line bidding,
2. The date of opening of Technical & Financial bid will be on dt 04.11.2022 at 11.00 A.M.
3. The time of transparent lottery may be held at 11.00 A.M of dt 05.11.2022 instead of dt 03.11.2022.

All other terms and condition of the Bid will remain unchanged.

Sd./-Superintending Engineer,
OIPR-32018/11/0005/2223 Rourkela Irrigation Division, Rourkela

GOVERNMENT OF ODISHA No.B-700:
e-Procurement Notice, ANGUL (R&B) DIVISION
Bid Identification No.-16 of 2022-23
e-mail ID- angulrbdivision@yahoo.co.in

1. Number of Works : 02 (Two) number of Building works 10 (Ten) number of Road works
2. Approximate estimated cost : Varies from Rs.5.00 lakhs to Rs.83.00 lakhs
3. Period of completion : Varies from 02 (Two) to 03 (Three) Calendar months
4. Date & Time of availability of bid document in the portal : Dt. 19.10.2022 at 10.00 A.M.
5. Last date / Time for receipt of bid in the portal : Dt. 03.11.2022 up to 5.00 P.M.
6. Date of opening Bid : Dt. 04.11.2022 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in **ONLINE** bidding only.

Further details can be seen from the e-procurement portal **https:/tendersodisha.gov.in.**

Sd./- Executive Engineer, Angul (R&B) Division
OIPR-34074/11/0007/2223

GOVERNMENT COLLEGE OF ENGINEERING, KEONJHAR
At: Jamunalia, P.O.: Old Town, Dist., Keonjhar, Pin: 758002 (Odisha)
Web: www.gcekjr.ac.in / Mail id- principal@gcekjr.ac.in
No. 1313, Date: 17.10.2022

WALK-IN INTERVIEW FOR ENGAGEMENT AS GUEST FACULTY & TRAINING & PLACEMENT OFFICER

No.KK-197: The walk-in interview for engagement of guest faculty (purely temporary for 1st, 3rd, 5th & 7th Semester) will be conducted from 26.10.2022 to 29.10.2022 for different departments and disciplines and for Training & Placement Officer on contract basis on 31.10.2022 at Government College of Engineering, Keonjhar. The applicants are required to fill up the Google Form after depositing an application fee online of Rs.500 in the college account. A/C Name - Government College of Engineering, Keonjhar, A/C No. 37140179346, IFS Code. SBIN0000113 by Dt. 24.10.2022 positively for Guest Faculty and by 29.10.2022 for Training & Placement Officer.
For more details and Google Form Link visit the college website: www.gcekjr.ac.in

Sd./- Principal
Government College of Engineering, Keonjhar
OIPR-14088/11/0008/2223

Government of India
Office of the Addl. Director of Income-tax (Inv.),Unit-2
Aayakar Bhawan Annexe, 5th Floor
Bhubaneswar-751007. Telephone No-0674-2589212
E mail:Bhubaneswar.addldit.inv2@incometax.gov.in

F.No.Addl.DIT(Inv), U/2/BBSR/Election/2022-23/3573 Dated:17.10.2022

PUBLIC NOTICE

In pursuance of orders received from Election Commission of India, General public is hereby informed that an Election Expenditure Monitoring (EEM) team for the forthcoming bye-election to **46-Dhamnagar Asssembly Constituency, 2022** has been set up at EEM Control Room No-513, Aayakar Bhawan Annexe, 5th floor, Rajaswa Vihar,Bhubaneswar-751007 constituting the following officer/officials with immediate effect till the date of declaration of result.

Sl. No.	Headquarters	Name and designation of Sub-Nodal Officer	Mobile Number	Name and designation of officials	Mobile Number
01	EEM Control Room No.-513, Aayakar Bhawan, Annexe, 5th Floor, Rajaswa Vihar, Bhubaneswar-751007	Sreevisakh R.K. DDIT (Inv), Unit-2 (4), Bhubaneswar	Mob: 8129474347	Shashank Shekhar, IIT	7980192548
				Mihir Roy, IIT	9438917325
				Jitendra Kumar Sahoo, IIT	9438917554

Any untoward cash transactions or movements related to the election may please be informed to the above mentioned team members for further necessary action as per the provisions of the Income Tax Act, 1961.

Sd./- (दीपी अग्रवाल / Dipi Agrawal)
आयकर अपर निर्देशक / **Addl. Director of Income Tax (Inv.)**
यूनिट-२, भुवनेश्वर / **Unit-2, Bhubaneswar**
& Nodal Officer (EEM), Bye Election
46-Dhamnagar Assembly Constituency

OFFICE OF THE PANCHAYAT SAMITI,SINAPALI: DIST-NUAPADA

NOTICE INVITING TENDER

TENDER CALL NOTICE NO. 3117 (BIN- 04/2022-23) DATE-15.10.2022

No.i-106: The Block Development Officer, Sinapali P.S on behalf of Governor of Odisha invites "Percentage Rate Bids" in sealed single cover for the following works to be executed in Sinapali Block.

Sl. No.	Name of the Tender Works	Tender Cost of the Works (Rs.)	Cost of Tender Paper	Class of Contrac-tors	Period of Completion
1	Construction of "Day-care Sub-Centre cum HWC at Badibahal, GP-Karanbahali	31,25,505/- + 12% GST	Rs.6000/-	'C' & 'B'	04 (Four) Calendar Months

Sl.No.	PARTICULARS	DATE & TIME
1	Date & Time of Sale (at- Block Office) & Availability Bid Document in Dist. Website	From 19.10.2022, 10.30 am to 04.11.2022, 5.00 PM
2	Date & Time for Submission/Receipt of Bid document at O/o- BDO, Sinapali	From 19.10.2022, 10.30 am to 04.11.2022, 5.00 PM
3	Date & Time for Opening of Bid document	On Dt. 05.11.2022 at 11.00 AM at O/o-BDO, Sinapali

The Bid document relating to the details of bidding process and Terms & Conditions can be assessed from District website i.e. http://www.nuapada.nic.in. BDO, Sinapali PS reserves the right to reject or modify any conditions of the tender and may cancel the tender at any stage without assigning any reason thereof.

OIPR- 19226/11/0004/2223 **Block Development Officer, Sinapali PS, Dist- Nuapada**

obcc ଓଡ଼ିଶା ସେତୁ ନିର୍ମାଣ ନିଗମ ଲିଃ. No.CAD-2193:
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

File No.TCF-01 /2022-23 /Ref. No.7069 **Date:15.10.2022**

'e'-PROCUREMENT NOTICE, BID IDENTIFICATION NO. 35/TOLL/OBCC/2022-23

Sl. No.	Name of the R&B toll gates.	Upset Price (In Rs.)	Bid Security/ E.M.D	Bid Processing Fees (In Rs.) including GST	Operation period for three years
1	2	3	4	5	6
1	Ong bridge toll gate over river Ong on Binika-Rampur Road, Bolangir.	2,18,98,139/-	10,94,907/-	2,36,000/-	Three years from the effective date of Agreement.
2.	Bridge over Thalean on Tansunga-Laikera road toll gate.	56,70,000/-	2,83,500/-	59,000/-	-do-
3.	Badagenguti Bridge toll gate on Baruan-Balichandrapur Road, Cuttack.	25,24,500/-	1,26,225/-	23,600/-	-do-
4.	Surubalijore Bridge toll gate on Subalaya-Dharmasala Road.	17,47,009/-	87,350/-	11,800/-	-do-
5.	Veden Bridge toll gate, Soida-Kalpara. (R.D. Toll gate)	10,25,100/-	51,255/-	11,800/-	-do-

1.Date and lime for online bidding for the above toll gates starts from 5.30 P.M. of dt. 18.10.2022 to 10.30 A.M. of dt.28.10.2022 and will be opened at 11.30 A.M. of dtd. 28.10.2022.2.Further details can be seen from the web site https://tendersodisha.gov.in.

OIPR-34161/11/0007/2223 SD./- CHIEF GENERAL MANAGER (P&A)

GOVERNMENT OF ODISHA
OFFICE OF THE EXECUTIVE ENGINEER
KANDHAMAL MINOR IRRIGATION DIVISION, PHULBANI
Telephone/Fax No-06842-253634
E-Mail: www.kmidplb@gmail.com
BID IDENTIFICATION NO-03/2022-23/ 2231 Dt:-11.10.2022

No.A-613: The Executive Engineer, Kandhamal Minor Irrigation Division, Phulbani on behalf of Governor of Odisha invites Percentage rate bids in double cover system only in "ON LINE" mode for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works :- Construction of new Check Dams P.K.D Type in Phiringia and Phulbani Block of Kandhamal District under MATY scheme for the year 2022-23.
2. Total No. of works :- 08 (Eight)
3. Estimated Cost :- Varies from Rs. 53.15 lakh to 74.17 lakh Approximately
4. Class of Contractor :- "B" Class only
5. Period of completion :- 180 (One hundred eighty days only).
6. Date & time of availability of Bid Document in the Portal for online bidding. :- 17.10.2022 at 10 A.M. to 28.10.2022 up to 4 PM.
7. Last date/Time for receipt of Bid only in ONLINE. :- 28.10.2022 upto 4 PM.
8. Date/Time of Opening of Technical Bid. :- 29.10.2022 at 11.00 AM. at Office of the Executive Engineer, Kandhamal M.I. Division, Phulbani.
9. Date/ Time of Opening of Financial Bid :- To be intimated through website after evaluation of Technical Bid
10. Name & Address of the Officer Inviting the Bid. :- Office of the Executive Engineer, K.M.I. Division Phulbani
11. Further details can be seen from the "e" Procurement Portal https://tendersodisha.gov.in.

Sd./- (Er. Sunil Kumar Tripathy)
Executive Engineer,
OIPR-32040/11/0004/2223 **Kandhamal M.I.Division, Phulbani**

DISPLAY CLASSIFIED
COLOR INSERTIONS EVERY FRIDAY.
Monthly Package :
26 B/W + 4 Color Insertions.

ଶିବ ମନ୍ଦିରରୁ ଚୋରି, ୨ ଅଟକ

ଚଣ୍ଡିଖୋଲ,(ଡି.ଏନ.ଏ.): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକାସ୍ଥିତ ବିରୁପାକ୍ଷେଶ୍ୱର ଶିବମନ୍ଦିରରୁ ରବିବାର ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଚୋରମାନେ ପିତଳ,ଘଣ୍ଟ,ଥାଳି ଓ ବାସନ କୁସନ ଆଦି ନେଇଯାଇଛନ୍ତି। ଯାହାର ମୂଲ୍ୟ ୫୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଚୋରି ସମ୍ପର୍କରେ ମାଣ୍ଡୁକା ଗ୍ରାମବାସୀ ବାଲିଚନ୍ଦ୍ରପୁର ଥାନାରେ ସୋମବାର ସକାଳେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଥାନାଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।

ସଂକ୍ଷେପରେ

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍

ବ୍ରହ୍ମବରଦା,୧୭।୧୦(ଡି.ଏନ.ଏ.): ଯାଜପୁର ସଦର ଥାନା ଅର୍ନ୍ତଗତ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମର ବିନୋଦ ବିହାରୀ ସାହୁଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ବିପକ୍ଷ ଗୋଷ୍ଠୀ ମାରପିଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି । ଗତ ରବିବାର ଅପରାହ୍ନରେ ବିନୋଦ ଲକ୍ଷ୍ମୀ ମେଢ଼ ଭଷାଣି ଦେଖିବାକୁ ଯାଉଥିବା ସମୟରେ ଗ୍ରାମର ଜିଣ୍ଟୁ ସାହୁ ଓ ଦୀପକ ନାୟକ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଏପରି କି ତାଙ୍କୁ ଜୀବନରୁ ମାଣି ଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି ।

ଗୋକର୍ଣ୍ଣିକା ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ

ଧର୍ମଶାଳା,୧୭।୧୦(ଡି.ଏନ.ଏ.): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୮ରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବା ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଜାରକାସ୍ଥିତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠା ଦିବସରେ ଅତିଥି ଭାବେ ପ୍ରଫେସର ଡ. ଧରଣୀଧର ସାହୁ, ପ୍ରଫେସର ଡ. ନିରଞ୍ଜନ ଶତପଥୀ ଓ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେବେ ବୋଲି ସମ୍ପାଦକ ହୃଷିକେଶ ସାମଲ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

ଖଣି ଅଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା

କାଳିଆପାଣି,୧୭।୧୦(ଡି.ଏନ.ଏ.)- ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀର କାଳିଆପାଣି ଖଣି ଅଞ୍ଚଳରେ ସୋମବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ରାସୋଲ ପଞ୍ଚାୟତର କୁମୁମୁଣ୍ଡିଆ ଛକଠାରେ ବିଜେଡି କର୍ମୀ ଓ ସମର୍ଥକ ଏକତ୍ରିତ ହୋଇଥିଲେ । ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡାଇ ଉକ୍ତ ପଦଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଘଡ଼ାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏଥିରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର, ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟ ରଞ୍ଜନ ବରାଳ , ଜିଲା ପରିଷଦ ସଭ୍ୟା ଜେମା ଟାଖି, ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ କନକଲତା ସର୍ଦ୍ଦାର, ଆଇନଜୀବୀ ବିବେକାନନ୍ଦ ବୋଷ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଭଗବତୀ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି କାଳିଆପାଣି ପଞ୍ଚାୟତରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ସରପଞ୍ଚ ବିକାଶ କୁମାର ପାତ୍ର, ଯୁବ ନେତା ଆଶିଷ ଜେନା, ଯୁବ, ଛାତ୍ର, ଶ୍ରମିକ, ମହିଳା ବିଜୁ ଜନତା ଦଳର ସମର୍ଥକ ଯୋଗଦେଇଥିଲେ । ବର୍ଷାନଗରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଶେଷ ହୋଇଥିଲା ।

ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଯାଜପୁର ରୋଡ୍,୧୭।୧୦(ଡି.ଏନ୍.ଏ.) ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଧକ୍ଷତାରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯାଜପୁର ଏସ୍‌ପି ରାହୁଲ ପି.ଆର୍. ମୁଖ୍ୟଅତିଥି ଓ ପୌରପରିଷଦର ଉପାଧକ୍ଷ ସୁବାସ ଚନ୍ଦ୍ର ବଳ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ସହିତ ନଗଦ ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବଡ଼ଚଣା, ଧର୍ମଶାଳା, ବରୀ, ବିଞ୍ଝାରପୁର, ଦଶରଥପୁର, ସୁକିନ୍ଦା, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ବାଳକ ବିଭାଗର ସୁକିନ୍ଦା ବିଦ୍ୟାଳୟକୁ ବଡ଼ଚଣା ବିଦ୍ୟାଳୟ ୪-୩ ଗୋଲରେ ହରାଇ ବିଜୟୀ ହୋଇଥିବାବେଳେ ବାଳିକା ବିଭାଗରେ ଦାନଗଦି ବିଦ୍ୟାଳୟ ୧-୦ ଗୋଲରେ ଯାଜପୁର ବିଦ୍ୟାଳୟକୁ ହରାଇ ବିଜୟୀ ହୋଇଛି।

ପ୍ରଥମେ ଖାରଜ, ପରେ ମଞ୍ଜୁର

ଚାଷ ଜମିରୁ ଘରବାରିକୁ ପରିବର୍ତ୍ତନ ମାମଲା

■ ଲାଞ୍ଚ କାରବାର ନେଇ ମୁଖ୍ୟମନ୍ତ୍ରୀ, ଆର୍‌ଡିସିଙ୍କୁ ଅଭିଯୋଗ

ଯାଜପୁର ରୋଡ୍, ୧୭।୧୦ (ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ କୋପଣ୍ଡ ମୌଜାର ଏକ ଚାଷଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରିବାକୁ ବ୍ୟାପକ ଅନିୟମିତତା ଏବଂ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଖାରଜ ଏବଂ ପରେ ମୋଟା ଅଙ୍କର ଅର୍ଥ ନିଆଯାଇ ମାମଲାକୁ ମଞ୍ଜୁର କରାଯାଇଥିବା ଯାଜପୁର ରୋଡର ଜଣେ ଓକିଲ କିଶୋର ଚନ୍ଦ୍ର ସେନାପତି ମୁଖ୍ୟମନ୍ତ୍ରୀ, କଟକ କେନ୍ଦ୍ରାଞ୍ଚଳ ଆରଡିସି, ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅଭିଯୋଗ ଆଧାରରେ ଆରଡିସିଙ୍କ କାର୍ଯ୍ୟାଳୟରୁ ୧୪।୧୦।୨୦୨୨ରେ ଜଣେ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ତଦନ୍ତ କରି ଫେରି ଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ ବ୍ୟାସନଗର ତହସିଲ ଅନ୍ତର୍ଗତ କୋପଣ୍ଡ ମୌଜାର ଖାତା ନମ୍ବର ୫୪୨/୬୯୩, ପ୍ଲଟ ନମ୍ବର ୧୭୦୯, କିସମ ଶାରଦ-୨, ୦.୨୬୫ ଡେସିମିଲ ଜମିକୁ ଘରବାଡ଼ି ଜମି ଭାବେ ପରିବର୍ତ୍ତନ କରିବାକୁ ୨୮।୧୨।୨୦୨୧ରେ ଆବେଦନ ହୋଇଥିଲା। ଏନେଇ ବ୍ୟାସନଗର ତହସିଲରେ ୯୧୪୩/ ୨୦୨୧ରେ ଏକ ମ୍ୟୁଟେଶନ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ କଣ୍ଟାଝରି ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତି ୧୪।୩।୨୦୨୨ରେ ତଦନ୍ତ କରି ସର୍ବସାଧାରଣ ଚଳାଚଳ ନିମନ୍ତେ ପ୍ଲଟ ନମ୍ବର-୧୫୩୨(କିସମ-ଆଡି) ଉପରେ ଥିବା ମୋରମ ରାସ୍ତା ଉକ୍ତ ପ୍ଲଟକୁ ସଂଯୋଗ କରୁଛି। ତେଣୁ ଉକ୍ତ ମାମଲାର କିସମ ପରିବର୍ତ୍ତନ ପାଇଁ ବିଚାର ନିମନ୍ତେ ତହସିଲଦାରଙ୍କ ନିକଟରେ ସେ ରିପୋର୍ଟ ଦାଖଲ କରିଥିଲେ। ୧୮।୪।୨୦୨୨ରେ ତହସିଲଦାର ଉକ୍ତ ମାମଲାର ବିଚାର କରି ଜମି ସ୍ଥାନକୁ ଚଳାଚଳ ରାସ୍ତା ନ ଥିବା ଦର୍ଶାଇ ତାକୁ ଖାରଜ କରି ଦେଇଥିଲେ। ଏହାପରେ ୧୩।୬।୨୦୨୨ରେ ବିଭିନ୍ନ କାରଣ ଦର୍ଶାଇ ପୁଣି ସେହି ଜମି ପରିବର୍ତ୍ତନ ମାମଲାକୁ ମଞ୍ଜୁର କରିଥିଲେ। ଅଭିଯୋଗକାରୀ ସେନାପତି ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଜମି ପରିବର୍ତ୍ତନ ମାମଲାକୁ ତହସିଲଦାର ଯଦି ଥରେ ଖାରଜ କରି ଦେଇଛନ୍ତି, ତେବେ ସେହି ଅଧିକାରୀଙ୍କ ଆଉ ଉକ୍ତ ମାମଲାକୁ ମଞ୍ଜୁର କରିବାର ଅଧିକାର ନାହିଁ। ଏହାସହ ସମ୍ପୃକ୍ତ ତହସିଲଦାର ୮(ଏ) ଓଏଲ୍‌ଆର୍ ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରିଛନ୍ତି। ଜମି ମ୍ୟାପ୍‌ରେ ଉକ୍ତ ଜମିକୁ ରାସ୍ତା ନ ଥିବାରୁ ତହସିଲଦାର ଚାଷ ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରି ପାରିବେ ନାହିଁ। ଏହିପରି ଭାବରେ ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କଠାରୁ ଲାଞ୍ଚ ନେବାକୁ ଏକାଧିକ ମ୍ୟୁଟେଶନ ମାମଲାକୁ ଖାରଜ କରାଯାଇଛି। ୨୦।୪।୨୦୨୨ ରୁ ୨୮।୪।୨୦୨୨ ମଧ୍ୟରେ କମ୍ପ୍ୟୁଟରରେ ବୈଷୟିକ ତ୍ରୁଟି ଦର୍ଶାଇ ଏଭଳି କରାଯାଇଥିବା ଅଭିଯୋଗରେ କୁହାଯାଇଛି। ଆରଡିସି ପକ୍ଷରୁ ଏହି ମାମଲାର ତଦନ୍ତ କରାଯାଇଥିବାବେଳେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ସମୟ ହିଁ କହିବ ବୋଲି ଅଭିଯୋଗକାରୀ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ସୋମବାର ସନ୍ଧ୍ୟା ସମୟରେ ଏକାଧିକ ଥର ଫୋନ କଲ କରିଥିଲେ ବି ସେ ଗ୍ରହଣ କରି ନ ଥିଲେ।

ରିଟେଲର ଦୋକାନ ସ୍ଥିତି ତଦାରଖ କଲେ ଷ୍ଟାଣ୍ଡିଂ କମିଟି

ଖାଦ୍ୟ ସାମଗ୍ରୀ ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ

ରସୁଲପୁର,୧୭।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ରିଟେଲର ଦୋକାନ ସ୍ଥିତି ତଦାରଖ କରିଛନ୍ତି ପଞ୍ଚାୟତର ସାଧାରଣ ବଣ୍ଟନ ଷ୍ଟାଣ୍ଡିଂ କମିଟି । ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ନେତୃତ୍ୱରେ ଗଠିତ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ସାଧାରଣ ବଣ୍ଟନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଖାଉଟିମାନଙ୍କୁ ଖାଦ୍ୟ ସାମଗ୍ରୀ ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଭୋଟକା ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ୩ଜଣ ଲାଇସେନ୍ସପ୍ରାପ୍ତ ରିଟେଲର ନିଯୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଭୋଟକା ଗ୍ରାମର କାମିନପ୍ରଭା ଦାସ ଓ ଇଚ୍ଛାପୁର ଗ୍ରାମରେ ରାଜକିଶୋର ପତି ରିଟେଲର ଦୋକାନର ସ୍ଥିତି ଯାଞ୍ଚ କରାଯାଇଥିଲା । ସରପଞ୍ଚ ରାଉତଙ୍କ ନେତୃତ୍ୱରେ ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ନାଏବ ସରପଞ୍ଚ କେଦାର କୁମାର ଦେଓ, କମିଟିର ସଦସ୍ୟ ପୁରୁଷୋତ୍ତମ ଦାସ, ଗୋପାଳ ମଲିକ ପ୍ରମୁଖ ଉଭୟ ରିଟେଲର ପଏଣ୍ଟରେ ପହଞ୍ଚି ରିଟେଲର ଦ୍ୱୟଙ୍କ ବିରୋଧରେ ଆସିଥିବା ନାନା ଅଭିଯୋଗକୁ ତର୍ଜମା କରିଥିଲେ । ଖାଉଟିମାନଙ୍କୁ ଖାଦ୍ୟ ସାମଗ୍ରୀ(ଗହମ ଓ ଚାଉଳ) ବଣ୍ଟନ ସୁଷମ ଭାବେ ହେଉ ନ ଥିଲା । ଅଭିଯୋଗକାରୀ ଅରଡା ଗ୍ରାମର ଭୀମସେନ ପଣ୍ଡା କମିଟି ନିକଟରେ ହାଜର ହୋଇ ରିଟେଲର ସାମଗ୍ରୀ ପାଇବାରେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଜଣାଇଥିଲେ । ଉକ୍ତ ସମସ୍ୟାକୁ ୭ଦିନ ମଧ୍ୟରେ ସମାଧାନ କରିବାକୁ ରିଟେଲରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ କାମୀନପ୍ରଭା ରିଟେଲର ଦୋକାନରେ ହେଉଥିବା ଅନିୟମିତତା ସମ୍ପର୍କରେ ଜାଣିବା ପାଇଁ କମିଟି ସେଠାରେ ପହଞ୍ଚି ଥିଲା । କମିଟି ନିକଟରେ ଅଭିଯୋଗକାରୀ ଭାସ୍କର ସାହୁ, ଦିଲ୍ଲୀପ ରାଉତ, ଅମର ରାଉତ, ଗୋଲାପ ସାହୁ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଜଣାଇଥିଲେ । ଉକ୍ତ ଅଭିଯୋଗକୁ କମିଟି ଗମ୍ଭୀରତାର ସହ ନେଇ ରିଟେଲରଙ୍କ ସହ ଆଲୋଚନା କରିଥିଲେ । ଏ ଦିଗରେ ସତର୍କ ରହିବା ସହ ଅଭିଯୋଗର ପୁନରାବୃତ୍ତି ନ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏକ ରିଟେଲର ଦୋକାନରେ ସାଧାରଣ ବଣ୍ଟନ ଷ୍ଟାଣ୍ଡିଂ କମିଟିର ସମୀକ୍ଷା।

ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଚାରା ରୋପଣ

ବାଲିଚନ୍ଦ୍ରପୁର,୧୭।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝରକୂଳ-ଧାଉଡ଼ିଆପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଚାରା ରୋପଣ କରାଯିବ। ରବିବାରଠାରୁ ଝରକୂଳଠାରୁ ଚାରା ରୋପଣ ଆରମ୍ଭ ହୋଇଛି। ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଧାଉଡ଼ିଆପଦା ଗ୍ରାମର ରାସ୍ତା ଶେଷ ପର୍ଯ୍ୟନ୍ତ ଚାରାରୋପଣ କରାଯିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ସରପଞ୍ଚ ନୁରଜାହାଁ ବେଗମ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମିତି ସଭ୍ୟା ପ୍ରତିନିଧି ରଞ୍ଜିତ କୁମାର ସାମଲ, ପଞ୍ଚାୟତ ବିଜେଡି ସଭାପତି ଗୋଲାମ କିବ୍ରିୟା ଖାଁ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ୍, ଗ୍ରାମ ରୋଜଗାର ସେବକ ଦେବଦତ୍ତ ମହାନ୍ତି, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାମଲ, ରଞ୍ଜିତ ସାମଲ, ସଞ୍ଜୟ ମହାରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଆମ୍ବ, ପଣସ, ନିମ୍ବ, ଜାମୁ, ବିଜୁଳି ଆଦି ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ଲକ୍ଷ୍ମୀନାରାୟଣ ୟୁଥ୍ କ୍ଲବର ସଭାପତି ଅଶୋକ ସାହୁ, ସମ୍ପାଦକ ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ଚୋରା ମଦ କାରବାରକୁ ନେଇ ଉତ୍ତେଜନା

ମଦ ଦୋକାନ ଭାଙ୍ଗିଲେ ମହିଳା

ବିଞ୍ଝାରପୁର/ପ୍ରୀତିପୁର, ୧୭।୧୦ (ଡି.ଏନ.ଏ.)

ବିଞ୍ଝାରପୁର ଥାନା ଆଉଁରୀ ପଞ୍ଚାୟତ ଡିହକୁଳା ଗ୍ରାମରେ ସଞ୍ଜୟ ମଳିକ ଦୀର୍ଘଦିନ ହେବ ଚୋରା ମଦ କାରବାର କରି ଆସୁଥିଲେ । ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା । ଫଳରେ ସେହି ଅଞ୍ଚଳର ବହୁ ଲୋକ ନିଶାସକ୍ତ ହେବା ସହିତ ଯୁବଗୋଷ୍ଠୀ ବି ଏଥିରେ ସାମିଲ ହୋଇଥିଲେ । ଏନେଇ ବାରମ୍ବାର ପୋଲିସକୁ ଅବଗତ କରାଗଲେ ମଧ୍ୟ କୌଣସି ଫଳ ମିଳୁ ନ ଥିଲା । ସୋମବାର ଗ୍ରାମର ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରିବା ସହ ଚୋରା ମଦ କାରବାର ଚଳାଇଥିବା ସଞ୍ଜୟଙ୍କ ଘର ଉପରେ ଚଢ଼ାଉ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ । ଗ୍ରାମବାସୀ ସଞ୍ଜୟଙ୍କ ଘରୁ ବହୁ ମଦ ନେଇ ଆସିଥିଲେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ତୁରନ୍ତ ଗ୍ରାମରୁ ମଦ କାରବାର ବନ୍ଦ କରିବା ଓ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏହି ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପୋଲିସ ଘଟଣାସ୍ଥଳରୁ ୯୯ ବୋତଲ ମଦ ଜବତ କରିଛି ।

ରାସ୍ତା ଉପରେ ମଦ ବୋତଲ ରଖି ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଗୌତମ

@ ଜ୍ଞାନରଞ୍ଜନ

@ ଦୀପକ

@ ନୀଳମଣି

@ ପ୍ରୀତମ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଗୋପାଳପୁର ଡାକ ବଙ୍ଗଳାରେ ରାଜ୍ୟପାଳ

ରସୁଲପୁର,୧୭।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗୋପଳପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟପାଳ କେନ୍ଦୁଝର ଓ ଭଦ୍ରକ ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରୁଥିବା ସମୟରେ ଗୋପାଳପୁରଠାରେ ୧୫ମିନିଟ୍ ପାଇଁ ରହଣି କରିଥିଲେ। ଏହି ଅବସରରେ ଯାଜପୁର ଜିଲା ପୋଲିସ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର, ଯାଜପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରା, ଏସ.ଆଇ ଦୁଷ୍ମନ୍ତ ଦାସ, ପୂର୍ତ୍ତ ବିଭାଗର ଏସଡିଓ ନରୋତ୍ତମ ଦାସ, ସହକାରୀ ଯନ୍ତ୍ରୀ ନରେନ ଜେନା, ବିରେନ ବସୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ ।

ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଉଛି।

ଟୋଲ ଗେଟ୍ କର୍ତ୍ତୃପକ୍ଷଙ୍କ ମନମାନୀକୁ ଟ୍ରକ ମାଲିକ ସଂଘର ବିରୋଧ

ପାଣିକୋଇଲି,୧୭।୧୦(ଡି.ଏନ.ଏ.)

ସରକାରୀ ନିୟମ ବାହାରେ କାର୍ଯ୍ୟକରୁଛି ପାଣିକୋଇଲି ଟୋଲ ଗେଟ୍ । ଏମିତିକି ୬୦ କିମି ମଧ୍ୟରେ ଟୋଲ ଗେଟ୍ ରହି ନ ପାରିବା ଭଳି ନିୟମ ଥିବା ବେଳେ ଏହାକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ହାସନପୁର, ଶ୍ରୀରାମପୁର ଓ ପାଣିକୋଇଲି ଟୋଲଗେଟ୍ ମଧ୍ୟରେ ଦୂରତା ୪୦କିମି ଥିବା ବେଳେ ଟାଙ୍ଗି ଟୋଲଗେଟ୍ ୫୦କିମି ମଧ୍ୟରେ ରହିଛି । ପାଣିକୋଇଲି ଟୋଲଗେଟ୍ ବର୍ଷେ ତଳୁ ଉଠିଯିବା କୁହାଯାଉଥିବା ବେଳେ ଏବେ ସୁଦ୍ଧା ତାହା ଉଠା ନ ଯାଇ ବେଆଇନ ଭବେ ଟୋଲଗେଟ କାମ କରୁଛି । ଏମିତିକି ଦୁଇମାସ ତଳୁ ଟୋଲର ମୂଲ୍ୟ ଦୁଇଗୁଣ କରାଯିବା ଯୋଗୁ ମାଲିକ ମାଲିକ ମୁଣ୍ଡରେ ଚଡକ ପଡିଛି । ସ୍ଥାନୀୟ ଅଞ୍ଚଳର ଗାଡି ମାଲିକମାନେ ଗାଡି କାମ କରିବାକୁ ଆସୁଥିବା ବେଳେ ସେମାନଙ୍କୁ ୧୫ଶହ ଟଙ୍କା ଯିବା ଆସିବା ପାଇଁ ଟୋଲ ଦେବାକୁ ପଡୁଛି । ସ୍ଥାନୀୟ ଗାଡ଼ି ପାଇଁ କୌଣସି ସୁବିଧା ସୁଯୋଗ କିମ୍ବା ରିହାତି ନାହିଁ । ଏହି ବେଆଇନ ଟୋଲ ଗେଟ କାହା ସ୍ୱାର୍ଥରେ ବୋଲି ଏବେ ପ୍ରଶ୍ନ ଉଠିଛି । ତୁରନ୍ତ ଏହାକୁ ଉଠାଯିବାକୁ ପାଣିକୋଇଲି ମା'ତାରିଣୀ ଟ୍ରକ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି । ଟ୍ରକ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ପାଇଛି । ଚଳିତ ମାସ ଶେଷ ସୁଦ୍ଧା ଯଦି ଟୋଲଗେଟ ନ ଉଠେ ତା'ହେଲେ ସଂଘ ପକ୍ଷର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ସୋମବାର ଟ୍ରକ ମାଲିକମାନେ ଟୋଲପ୍ଲାଜା ନିକଟରେ ଏକତ୍ରୀତ ହୋଇଥିଲେ । ସେମାନେ ଟୋଲ ଆଦାୟକୁ ନେଇ ଚାଲିଥିବା ମନମାନୀର ପ୍ରତିବାଦ କରିଥିଲେ । ଏହି ଅବସରରେ ସଂଘ ପକ୍ଷରୁ ଦିବଂଗତ ଟ୍ରକ ମାଲିକ ସୁରେଶ କୁମାର ଦାସଙ୍କ ଅକାଳ ବିୟୋଗରେ ଏକ ସ୍ମୃତିସଭା କରାଯାଇ ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତି କରିଥିଲେ । ମା'ତାରିଣୀ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ବେହେରା, ଭାଗ୍ୟଧର ରାୟ, ଦାମୋଦର ସାହୁ, ପ୍ରଫୁଲ୍ଲ ସମାଲ, ସୁନିଲ କୁମାର ନାୟକ, କିଶୋର କୁମାର ମହାପାତ୍ର, ଅଶୋକ ନାୟକ, ଗୌରାଙ୍ଗ ସାହୁ, ବାବର ବେଗ, ସେମ ମହମ୍ମଦ ଅଲ୍ଲୀ, ବିପିନ କୁମାର ଦାଶ, ମାୟାଧର ମହାନ୍ତି, ସୂର୍ଯ୍ୟମଣି ଦଳାଇ, ଅରୁପାନନ୍ଦ ମଲ୍ଲିକ, ସଚିନ ଦାସ, ରତିକାନ୍ତ ସେନାପତି. ସନ୍ତୋଷ କୁମାର ନନ୍ଦ, ସନ୍ତୋଷ ସାହୁ, ପିତାମ୍ବର ସମାଲ, ଦଧି ମହାପାତ୍ର, ନିରଞ୍ଜନ ନାୟକଙ୍କ ସମେତ ବହୁ ଟ୍ରକ ମାଲିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଦିବଂଗତ ଟ୍ରକ ମାଲିକଙ୍କୁ ସଂଘର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ମେଳଣ ପଡିଆକୁ ଆସିଥିବା ମା' ଗଜଲକ୍ଷ୍ମୀଙ୍କ ମେଢ ଦେଖିବାକୁ ଲୋକଙ୍କ ଗହଳି।

ମାଦଳ ବଜାଇ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଘଣ୍ଟ ବାଦ୍ୟ।

ବିଭିନ୍ନ ବେଶଧାରୀ କଳାକୁଞ୍ଜ।

ମା' ଧନଦାତ୍ରୀଙ୍କୁ ମେଲାଣି

କେନ୍ଦ୍ରାପଡ଼ା ଅଫିସ, ୧୭।୧୦

କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ ମେଳଣ ପର୍ବ ସୋମବାର ଶେଷ ହୋଇଛି। ମା' ଧନଦାତ୍ରୀଙ୍କ ନିକଟରେ ଭୋଗ ଲାଗି ପରେ ଭସାଣି ଯାତ୍ରା ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରୁ ଏଠାରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡର ଗଜଲକ୍ଷ୍ମୀ ଥାନପତି ଭାବେ ରବିବାର ପୂର୍ବାହ୍ନ ୧୦ଟାରେ ଆସ୍ଥାନରେ ଆସୀନ ହୋଇଥିଲେ। ଅପରାହ୍ନ ପରଠାରୁ ଅନ୍ୟ ମୂର୍ତ୍ତିସବୁ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ତେବେ ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସୋମବାର ସକାଳ ୭ଟାରେ ଭୋଗ ଲାଗି ସମୟ ମଧ୍ୟରେ ୧୧ଟି ମେଢ଼ ମେଳଣ ମଣ୍ଡପରେ ପହଞ୍ଚିପାରି ନ ଥିଲା। ଏପରି କି ମେଳଣ ଭୋଗ ଲାଗି ପୂର୍ବାହ୍ନ ୧୦ଟା ୨୧ ମିନିଟ୍‌ରେ ହୋଇଥିଲେ ମଧ୍ୟ ପଡ଼ିଆକୁ ୮ଟି ମେଢ଼ ପ୍ରବେଶ କରି ନ ଥିଲା। ପୂର୍ବାହ୍ନ ୧୧ଟା ୩୮ ମିନିଟ୍‌ରେ ଭୋଗ ଲାଗି ପରେ ଥାନପତି ନୂଆ ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ମେଳଣ ଆସ୍ଥାନ ଛାଡ଼ିଥିଲେ। ସେହି ସମୟ ମଧ୍ୟରେ ୬ଟି ମେଢ଼ ମେଳଣ ପଡ଼ିଆ ଅଭିମୁଖେ ଆସି ରାସ୍ତାରେ ଶୋଭାଯାତ୍ରାରେ ଥିଲେ, ଯାହା ଚଳିତବର୍ଷ ମେଳଣ ପରିଚାଳନାରେ ଅନିୟମିତତା ସୃଷ୍ଟି କରିଥିଲା। ସମୂହ ଭୋଗ ଲାଗିରେ ସମସ୍ତ ମେଢ଼ ନ ଥିବାରୁ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ବଢ଼ିଥିଲା। ଏପରି କି ପ୍ରଶାସନିକ ଅବହେଳା ଏଥିପାଇଁ ଦାୟୀ ବୋଲି କେତେ ଗୋଟି ମେଢ଼ କମିଟି କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ମତ ଦେଇଛନ୍ତି। ଅପରପକ୍ଷରେ ଚାନ୍ଦିମେଢ଼ ଓ ସୁନା ଅଳଙ୍କାରରେ ଭୂଷିତା ମା' ଗଜଲକ୍ଷ୍ମୀ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଚଳିତବର୍ଷ ସହର ମଧ୍ୟରେ ୬୭ଟି ପୂଜାମଣ୍ଡପରେ ମା' ଧନଦାତ୍ରୀ ଓ ଦେବଦେବୀ ବିରାଜିତ ହୋଇଥିଲେ। ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା' ଗଜଲକ୍ଷ୍ମୀ ଚାନ୍ଦି ଓ ସୁନା ଅଳଙ୍କାରରେ ଭୂଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଭସାଣି ଶୋଭାଯାତ୍ରାରେ ଲୋକକଳା, ଲୋକନୃତ୍ୟ, ଘଣ୍ଟ ବାଦନ, ଡିଜେ ଆଦି ସାମିଲ ହୋଇଥିଲା। ସେହିପରି ଆକର୍ଷଣୀୟ ସାଜସଜ୍ଜାରେ ବ୍ୟବସାୟ ଅନୁଷ୍ଠାନଗୁଡ଼ିକରେ ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫାଷ୍ଟଫୁଡ, ଆଇସକ୍ରିମ, ଖେଳଣା ସହ ଘର କରଣା ସାମଗ୍ରୀ ଦୋକାନରେ ଭିଡ ଜମିଥିଲା। ସର୍ବାଧିକ ଯୁବବର୍ଗ ଯାତ୍ରୀଙ୍କୁ ଟାଟୁ ଦୋକାନରେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ସହର ମଧ୍ୟରେ ଅନୁଷ୍ଠିତ ଏହି ମେଳଣ ପର୍ବରେ ଲାକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ଜିଲା ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଥିଲା।

ମା' ଗଜଲକ୍ଷ୍ମୀଙ୍କ ଗୋବରୀ ନଦୀରେ ବିସର୍ଜନ କରାଯାଉଛି।

କେରେଡାଗଡ଼ ପଞ୍ଚାୟତରେ ୪୩୦ ଅଭିଯୋଗ

ରାଜନଗର, ୧୭।୧୦(ଡି.ଏନ.ଏ.)

ରାଜନଗର ବ୍ଲକର କେରେଡାଗଡଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହ ସମାଧାନର ବାଟ କାଢିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଲୋକମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ତାପସ କୁମାର ସାହୁ, ସମିତିସଭ୍ୟ ଅମର କୁମାର ସୂତାର, ସମବାୟବିତ୍ ଅରୁଣ କୁମାର ସାହୁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ୪୩୦ ଅଭିଯୋଗ ମଧ୍ୟରୁ ଅଧିକାଂଶ ଲୋକ ରାଶନ କାର୍ଡ, ସରକାରୀ ଆବାସ ପାଇ ନ ଥିବା ଓ ଅବହେଳା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ ଜଣଙ୍କୁ ତ୍ୱରିତ ପଟ୍ଟା ବଣ୍ଟନ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଗୌତମ

@ ଜ୍ଞାନରଞ୍ଜନ

@ ଦୀପକ

@ ନୀଳମଣି

@ ପ୍ରୀତମ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଶ୍ରୀରାମପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ପଟ୍ଟାମୁଣ୍ଡାଇ, ୧୭।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରଶାସନ ଜନସାଧାରଣ ସମସ୍ୟା ସମାଧାନ କ୍ଷେତ୍ରରେ ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ସମିତିସଭ୍ୟ ଉତ୍ତମ ଜେନା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହି ନିଆରା ସରକାରୀ କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କ ସମର୍ଥନ ଥିବା ଦେଖିବାକୁ ମିଳିଥିଲା। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ୨୪୯ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୨୯ଜଣଙ୍କୁ ଭତ୍ତା ଦିଆଯିବା ସହ ୬୨ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ୩୦ ଜଣଙ୍କ ଆଧାର ପଞ୍ଜୀକରଣ, ୨୨୦ ଗାଈ ଟୀକା ଦିଆଯିବା ସହ ୨ଟି ଜଳ ପରୀକ୍ଷା କରାଯାଇଥିଲା। ଏଥିସହ ଡିଡିୟୁଜିକେୱାଇ ୧୨ଜଣ, ବ୍ୟାଙ୍କ ସଂଯୋଗୀକରଣ ୨୪ଜଣ, ପିଏମ୍‌ଇସିଜି ୧୦ଜଣ, କେକେସି ୮, ସୁକନ୍ୟା ସମୃଦ୍ଧି ଯୋଜନାରେ ୨୦ ଜଣଙ୍କୁ ଓ ଏସ୍‌ଏସ୍‌ବି ବୀମା ଯୋଜନାରେ ୬ ଜଣଙ୍କୁ ସାମିଲ କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ଦଳେଇ, ସହକାରୀ ଯନ୍ତ୍ରୀ ସୁରେଶ ବେହେରା, ସିଡିପିଓ ମୁକ୍ତରି ବେଗମ୍, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ସହ ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ର, ଶ୍ରୀରାମପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୀବ ବେହେରା, ଜିଆରଏସ୍ ସୁମିତ୍ରା ସାହୁ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପଶୁ ସମ୍ପଦ ଅଧିକାରୀ ସମେତ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ କ୍ଷୀରୋଦ ସାମନ୍ତରାୟ, ପ୍ରତାପ ସେଠୀ, ସଂଗ୍ରାମ ସ୍ୱାଇଁ, ଶଶିକାନ୍ତ ପଣ୍ଡା ଓ ପ୍ରସନ୍ନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ବିଡିଓ ଭରତ ଚନ୍ଦ୍ର ପରିଡା ଓ ଅନ୍ୟମାନେ।

ଜଳପୋକ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

୪୨୦ ଅଭିଯୋଗ ପଞ୍ଜୀକୃତ

ମାର୍ଶାଘାଇ, ୧୭।୧୦(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଉମାଶଙ୍କର ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସରପଞ୍ଚ ସୁକାନ୍ତି ମହାନ୍ତି, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୪୨୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଥିବାବେଳେ ଗ୍ରାମୀଣ କୌଶଲ୍ୟ ଯୋଜନାରେ ୭ଜଣ ଓ ଅଣ ସଙ୍ଗଠିତ କ୍ଷେତ୍ରରେ ୪ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଭତ୍ତା ପାଇଁ ୫ ଜଣ ଆବେଦନ କରିଥିବାବେଳେ ସୁକନ୍ୟା ସମୃଦ୍ଧି ଯୋଜନାରେ ୧୪ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା।

ଛାତ୍ରୀଛାତ୍ରଙ୍କ ସହ ଜିଲାପାଳଙ୍କ ଭିଡିଓ କନ୍‌ଫରେନ୍ସ

ଜିଲାପାଳଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ପ୍ରଧାନ ଶିକ୍ଷକ, ଆଲୁମ୍‌ନି କମିଟି ସଭାପତି, ସରପଞ୍ଚ ଓ ଅନ୍ୟମାନେ।

ରଘୁନାଥପୁର, ୧୭।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକରେ ତୃତୀୟପର୍ଯ୍ୟାୟରେ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ୭ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମ୍‌ନି ସଭାପତି, ସରପଞ୍ଚ ଓ ମନୋନୀତ ଛାତ୍ରୀଛାତ୍ରଙ୍କୁ ନେଇ ଭିଡିଓ କନ୍‌ଫରେନ୍ସ ଜରିଆରେ ଜିଲାପାଳଙ୍କ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାକକ୍ଷରେ ଆୟୋଜିତ ଏହି ବୈଠକରେ ବିଡିଓ ଲାମ୍ବୋଦର ଖୁଣ୍ଟିଆ, ବିଇଓ ବିଜୟ କୁମାର ସ୍ୱାଇଁ ଓ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତରଣର ଆଭିମୁଖ୍ୟ, ଶିକ୍ଷାଦାନ ଓ ଆଗାମୀ ଦିନରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଏହା କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ଜିଲାପାଳ ପାରୁଲ ପଟ୍ଟାୱାରୀ ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

୫-ଟି ସ୍କୁଲ ରୂପାନ୍ତରଣର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା

ଏହାଛଡା ସ୍କୁଲ ପାଇଁ ସରପଞ୍ଚଙ୍କ ସହଯୋଗ, ପ୍ରଧାନଶିକ୍ଷକଙ୍କ ଭୂମିକା ଓ ଆଲୁମ୍‌ନି କମିଟିର କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱ ସମ୍ପାଦନ ଅତ୍ୟନ୍ତ ଜରୁରୀ ବୋଲି ଜିଲାପାଳ ପଟ୍ଟାୱାରୀ ଆଶାବ୍ୟକ୍ତ କରିଥିଲେ। ଏଥିରେ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା, ସ୍ନେହାଞ୍ଜଳି ସ୍ୱାଇଁ, ପ୍ରଶାନ୍ତ କୁମାର ସାମଲ, ରଞ୍ଜନ କୁମାର ମିଶ୍ର, ଉର୍ମିଳାପ୍ରଭା ବେଉରା, ଅଳ୍ପନା ନାୟକ ଓ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସାପ କାମୁଡ଼ାରେ ନାବାଳକ ମୃତ

କଳିଙ୍ଗନଗର,(ଡି.ଏନ୍.ଏ.): ଟମକା ଥାନା ଅନ୍ତର୍ଗତ କିଆଝର ରାଇଘାଟିର ପାଣ୍ଡୁ ମୁଣ୍ଡାଙ୍କ ପୁଅ ରଘୁ (୮)ଙ୍କ ସୋମବାର ସନ୍ଧ୍ୟାରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଛି । ରଘୁ ନିଜ ଘର ନିକଟରେ ଖେଳୁଥିବା ସମୟରେ ଏକ ବିଷାକ୍ତ ସାପ ତାକୁ କାମୁଡିଥିଲା । ପରିବାର ଲୋକେ ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ସଂକ୍ଷେପରେ

କରଦାରେ ରାବଣ ପୋଡ଼ି

ପାଣିକୋଇଲି,୧୭।୧୦(ଡି.ଏନ.ଏ.): କୋରାଇ ବ୍ଲକ କରଦା ହରିହାଟ ପଡିଆରେ ରାବଣପୋଡି ଓ ଆତସବାଜି ପ୍ରତିଯୋଗିତା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯାଜପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ଖବରଦାତା ବିରଞ୍ଚି ନାରାୟଣ ଖୁଣ୍ଟିଆ, ସାମାଜିକ କର୍ମୀ ବିକାଶ ଦାଶ, ସନ୍ତୋଷ କୁମାର ବେହେରା, ଗଣେଶ ସାହୁ, କରଦା ସରପଞ୍ଚ ଅନିମା ମଲିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାସ, ହରିହାଟ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ବିମ୍ବାଧର ବେହେରା, ଜାତୀୟ ରାଜପଥ ପୋଟ୍ରୋଲିଂ ସବ୍‌ଇନ୍ସପେକ୍ଟର ଅଶୋକ କୁମାର ବଳ ପ୍ରମୁଖ ଯୋଗେଦେଇଥିଲେ । କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ସେନାପତି ଓ ସମ୍ପାଦକ ରମେଶ ସାହୁଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋବର୍ଦ୍ଧନ ଜେନା, ହଳଧର ଜେନା ଓ ଜଳଧର ଜେନାଙ୍କ ଦ୍ୱାରା ଆତସବାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ମଠାଧିଶ ଓ ଥାନାଧିକାରୀଙ୍କ ଦ୍ୱାରା ରାବଣ ମୂର୍ତିରେ ଅଗ୍ନୀ ସଂଯୋଗ କରାଯାଇଥିଲା ।

ଦେଓଦାରେ ସ୍ୱାସ୍ଥ୍ୟସେବା ଶିବିର

କାଏମା,୧୭।୧୦(ଡି.ଏନ.ଏ.): ଫିଡ ନିଡି ତରଫରୁ ସୋମବାର ଦେଓଦା ଗ୍ରାମର ବଳଦେବଜୀଉ ହାଇସ୍କୁଲଠାରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବରିଷ୍ଠ ଶିକ୍ଷାବିତ୍ ବେଣୁଧର ଶରଣ ଉଦ୍‌ଘାଟନ କରିଥିଲେ। ଡାକ୍ତର ସୁଶାନ୍ତ କୁମାର ବେହେରା, ଡାକ୍ତର ମହେଶ୍ୱର ମିଶ୍ର, ଡାକ୍ତର ଜ୍ୟୋତିପ୍ରକାଶ ପଣ୍ଡା, ହର୍ଷବର୍ଦ୍ଧନ ମହଲା ଓ ଜୟବର୍ଦ୍ଧନ ମହଲା ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସରପଞ୍ଚ ଆତୁଳାନନ୍ଦ ମଳିକ, ନିତ୍ୟାନନ୍ଦ ମହାନ୍ତି, କରୁଣାକର ପଣ୍ଡା, ଛବି ମଳିକ ଓ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ। ୬୫୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ।

୨୮ରେ ଯୁବ ଉତ୍ସବ ପାଇଁ ପ୍ରସ୍ତୁତି

ଯାଜପୁର ଟାଉନ,୧୭।୧୦(ଡି.ଏନ.ଏ.): ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ସାରା ଭାରତରେ ଆଜାଦି କା ଅମୃତ ମହୋତ୍ସବ ପାଳନ ହେଉଛି । ଏହି ଅବସରରେ ଯାଜପୁର ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଯୁବ ଉତ୍ସବ ଆସନ୍ତା ୨୮ ତାରିଖରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱାଧୀନତା ସଂଗ୍ରାମର ପ୍ରଚାର ପ୍ରସାର ସହ ଯୁବକମାନଙ୍କ ପ୍ରତିଭାର ପ୍ରଦର୍ଶନ ପାଇଁ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। କୃତି ପ୍ରତିଭାମାନେ ଜିଲାସ୍ତରରୁ ପୁରସ୍କୃତ ହୋଇ ରାଜ୍ୟ ଓ ଜାତୀୟସ୍ତରରେ ଭାଗ ନେଇପାରିବେ। ଯୁବ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ୧୫ ରୁ ୨୯ବର୍ଷ ଯୁବବର୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଆର୍ଟିଷ୍ଟ କ୍ୟାମ୍ପ, ଫଟୋଗ୍ରାଫ୍ କର୍ମଶାଳା, ବକ୍ତୃତା ପ୍ରତିଯୋଗିତା, କବିତା ଲିଖନ, ସାଂସ୍କୃତିକ ପ୍ରତିଯୋଗିତା ଆଦି ଏହି କାର୍ଯ୍ୟକ୍ରମରେ ସାମିଲ ହେବ । ୨୮ତାରିଖରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଅକ୍ଷୟ୍ କୁମାର ମଲ୍ଲିକ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ଆର.ଆଇ. କଲେଜ ଚମ୍ପିୟାନ

କଳିଙ୍ଗନଗର,୧୭।୧୦(ଡି.ଏନ୍.ଏ.): ବ୍ୟାସନଗର ସ୍ୱୟଂଶାସିତ କଲେଜଠାରେ ଚାଲିଥିବା ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟରେ ରାଜକନିକା ଏସ.ଏନ୍. କଲେଜକୁ ହରାଇ ଭୁବନେଶ୍ୱର ଆର. ଆଇ. କଲେଜ ଚମ୍ପିୟାନ ହୋଇଛି। ଜୋନ-ବି ର ମ୍ୟାଚକୁ କଲେଜର ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଏନ୍.ସି. କଲେଜ ଓ ଏସ୍.ଏନ୍. କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩-୨ ଟାଇବ୍ରେକର ଜରିଆରେ ଏସ.ଏନ୍ କଲେଜ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଚିତାଳୋ କଲେଜ ୩-୦ ଗୋଲରେ ଖରସ୍ରୋତା ମହାବିଦ୍ୟାଳୟକୁ ହରାଇ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଆର.ଆଇ କଲେଜ ଟ୍ରାଇବେକର ଜରିଆରେ ୩-୨ ଗୋଲରେ ଚିତାଳୋ କଲେଜକୁ ହରାଇ ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ । ଟାଇବ୍ରେକର ଜରିଆରରେ ଆର.ଆଇ କଲେଜ ୪-୨ ଗୋଲରେ ଏସ୍ ଏନ୍. କଲେଜକୁ ହରାଇ ଚମ୍ପିୟାନ ହୋଇଥିଲେ। କଲେଜର ଅଧ୍ୟକ୍ଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

ଚଣ୍ଡିଆ ପାହାଡ଼ରେ ବେଆଇନ ଖନନ

■ ଚାଲାଣ ହେଉଛି ମୂଲ୍ୟବାନ ମୂର୍ତ୍ତି ପଥର
■ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍ୟ
■ ପ୍ରଭାବିତ ହେବ ଅବଢ଼ା ଯୋଜନା

ଚଣ୍ଡିଖୋଲ,୧୭।୧୦(ଡି.ଏନ.ଏ.)

ଖନନ ହୋଇଥିବା ମୂର୍ତ୍ତି ପଥର ଚୋର ଚାଲାଣ ପାଇଁ ରହିଛି ।

ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି, ଲଳିତଗିରି ଓ ରତ୍ନଗିରି ହୀରକ ତ୍ରିଭୁଜ ରୁପେ ପରିଚିତ । ବିଶ୍ୱ ମାନଚିତ୍ରରେ ହୀରକ ତ୍ରିଭୁଜ ସ୍ଥାନ ପାଇବା ପରେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ସେଠାକୁ ଆସିଥାନ୍ତି। ସେଠାର ପୋତି ହୋଇ ରହିଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିକୁଖନନକରିବାହାର କରାଯାଇଛି । ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ନିକଟରେ ରହିଛି ଚଣ୍ଡିଆ ପାହାଡ଼। ବୌଦ୍ଧ କୀର୍ତ୍ତିରାଜି ସଂଲଗ୍ନ ଏହି ପାହାଡ଼ ଖନନ ହେବା ଉଚିତ ନୁହେଁ ବୋଲି ବହୁ ପରିବେଶବିତ୍ ଓ ବୌଦ୍ଧ ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ପାହାଡ଼ ଛୋଟ ହୋଇଥିଲେ ମଧ୍ୟ ସେଠାରୁ ବାହାରୁ ଥିବା ପଥର ମୂଲ୍ୟବାନ। ସେହି ପଥରରେ ମୂର୍ତ୍ତି ତିଆରି କରାଯାଏ। ଉକ୍ତ ପଥରରେ ନିର୍ମାଣ ହୋଇଥିବା ମୂର୍ତ୍ତି ୫ହଜାରରୁ ଆରମ୍ଭ କରି ୧ଲକ୍ଷ ଟଙ୍କାରେ ବିକ୍ରି କରାଯାଏ । ସେଥିପାଇଁ ଉକ୍ତ ପାହାଡ଼ର ପଥର ଉପରେ ମାଫିଆ ମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଦୀର୍ଘଦିନ ହେବ ସେଠାରୁ ଖନନ କରାଯାଇ ବିଭିନ୍ନ ସ୍ଥାନକୁ ପଥର ଚାଲାଣ ହେଉଛି । ତହସିଲ କର୍ତ୍ତୃପକ୍ଷ କିମ୍ବା ପୋଲିସ ପଥର ମାଫିଆଙ୍କ ବିରୋଧରେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉ ନାହାଁନ୍ତି ବୋଲି ଅଭିଯୋଗ ହୋଇଛି ।

ଗତ ମାସକ ତଳେ ବାଲିଚନ୍ଦ୍ରପୁର ପୋଲିସ ମୂର୍ତ୍ତି ପଥର ଚାଲାଣ ସମୟରେ ୨ ଟ୍ରାକ୍ଟରକୁ ଜବତ କରିଥିଲା। ତେବେ ତହସିଲ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚୋରା ପଥର ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ଗୋଟିଏ ଟ୍ରାକ୍ଟରରେ ଯାଉଥିବା ପଥରର ମୂଲ୍ୟ ୩୦ରୁ ୪୦ହଜାର ଟଙ୍କାରେ ବିକ୍ରି ହେଉଛି । ଟ୍ରକରେ ଚାଲାଣ ପଥର ୫୦ହଜାରରୁ ୧ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି। ସେଥିପାଇଁ ପଥର ବ୍ୟବସାୟୀମାନେ ଦିନରାତି ଏକ କରି ସେହି ପାହାଡ଼କୁ ବେଆଇନ ଭାବେ ଖନନ କରୁଛନ୍ତି। ରାଜ୍ୟସରକାର ଅବଢା ଯୋଜନାରେ ଉକ୍ତ ପାହାଡ଼ ଖନନ କରିବେ ବୋଲି ଗତ ବର୍ଷ ଗେଜେଟ୍ ପ୍ରକାଶ ପାଇଥିଲା। ଏହା ପରେ ଓଡ଼ିଶା ମାଇନିଂ କର୍ପୋରେଶନ୍‌କୁ ଖନନ ଦାୟିତ୍ୱ ଦିଆଯାଇଥିଲା। ତେବେ ସରକାରଙ୍କ ତରଫରୁ ଓଏମ୍‌ସି ଏ ପର୍ଯ୍ୟନ୍ତ କୌଣସି ଖନନ ନ କରିବା ହେତୁ ବେଆଇନ ପଥର ଖନନକାରୀମାନେ ପଥର ଉତ୍ତୋଳନ କରି ବାହାରକୁ ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

୨୦୦୭ରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଉଦୟଗିରିଠାରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ କୁହାଯାଇଥିଲା କି ବୌଦ୍ଧ ପୀଠର ଚତୁଃପାର୍ଶ୍ୱରେ ଥିବା ପାହାଡ଼କୁ ଖନନ କରା ନ ଯାଇ ସବୁଜିମାମୟ କରିଯିବ । ଫଳରେ ହୀରକ ତ୍ରିଭୁଜ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇପାରିବ । ତେବେ ଏହି ବେଆଇନ ଖନନ ଯୋଗୁ ଅଦ୍ୟାବଧି ୟୁନେସ୍କୋ ତରଫରୁ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାକୁ ସର୍ଭେ ମଧ କରାଯାଇ ପାରୁନାହିଁ। ତେଣୁ ତୁରନ୍ତ ବେଆଇନ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି । ପାହାଡ଼ ଖନନ ସମ୍ପର୍କରେ ଜାଣିନାହିଁ । ଯଦି ମୂର୍ତ୍ତି ପଥର ଚୋରା ଚାଲାଣ ଚାଲିଛି ଦିନେ ଦୁଇଦିନ ଭିତରେ ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ହୃତ୍‌ପିଣ୍ଡରୁ ଫୁସ୍‌ଫୁସ୍‌କୁ ସଂଯୋଗ ନଳୀରୁ କଢ଼ାଗଲା ଜମାଟ ରକ୍ତ

■ ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ
■ ମାଗଣାରେ ରୋଗୀ ପାଇଲେ ସ୍ୱାସ୍ଥ୍ୟସେବା

କଟକ ଅଫିସ,୧୭।୧୦

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଜଣେ ରୋଗୀ ଆକ୍ୟୁଟ ପଲମୋନାରୀ ଥ୍ରମ୍ବୋଏମ୍ବୋଲିଜମ୍ ରୋଗରେ ଆକ୍ରାନ୍ତ ହୋଇ କାର୍ଡିଓ ଥେରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗରେ ଭର୍ତ୍ତି ହୋଇଥିଲେ। ରୋଗୀଙ୍କ ହୃତ୍‌ପିଣ୍ଡରୁ ଫୁସ୍‌ଫୁସ୍‌କୁ ସଂଯୋଗ କରିଥିବା ଦୁଇଟି ରକ୍ତନଳୀରେ ରକ୍ତଜମାଟ ହୋଇଥିଲା। ଦୁଇଟି ରକ୍ତନଳୀରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ିବା ପାଇଁ ଡାକ୍ତରୀଦଳକୁ ପ୍ରାୟ ୭ଘଣ୍ଟା ଲାଗିଥିଲା। ରକ୍ତନଳୀରୁ ଜମାଟ ରକ୍ତ କଢାଯିବା ପରେ ରୋଗୀ ଜଣଙ୍କୁ ଏବେ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରୋଗୀଙ୍କୁ ଏହି ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି।

ଘଟଣାରୁ ପ୍ରକାଶ ଯେ, ଯାଜପୁର ଜିଲା ବରୀ ଅଞ୍ଚଳର ସୁଶାନ୍ତ କୁମାର ପତି ଅଣନିଃଶ୍ୱାସୀ ଅନୁଭବ କରୁଥିଲେ। ଚିକିତ୍ସା ନିମନ୍ତେ ସେ ଏସ୍‌ସିବି ମେଡିକାଲକୁ ଆସିଥିଲେ। ପ୍ରାଥମିକ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କୁ ସିଟିଭିଏସ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଥିଲା ଯେ, ତାଙ୍କ ହୃତ୍‌ପିଣ୍ଡରୁ ଫୁସଫୁସକୁ ସଂଯୋଗ କରିଥିବା ଡାହାଣ ରକ୍ତନଳୀରେ ରକ୍ତଜମାଟ ହୋଇଥିବା ଯୋଗୁ ରକ୍ତ ସଞ୍ଚାଳନ ଠିକ ଭାବେ ହୋଇ ପାରୁ ନ ଥିଲା। ସେହିପରି ବାମପାର୍ଶ୍ୱର ରକ୍ତବାହୀ ନଳୀରେ ମଧ ରକ୍ତପ୍ରବାହ ସମ୍ପୂର୍ଣ୍ଣ ଭାବେ ହେଉ ନ ଥିଲା। ଏପରି କ୍ଷେତ୍ରରେ ରୋଗୀଙ୍କଠାରେ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ ଅନୁଭବ କରିଥିଲେ। ଡା. ପଟ୍ଟନାୟକଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର, ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଏଭଳି ୩ଟି ଦଳ ଗଠନ ହୋଇଥିଲା। ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଦଳ କୃତ୍ରିମ ଫୁସ୍‌ଫୁସ୍ ମେଶିନ ଦ୍ୱାରା ରକ୍ତବାହୀ ନଳୀକୁ ବାଇପାସ୍ କରିଥିଲେ। ଦୁଇଟି ଯାକ ନଳୀରୁ ଜମାଟ ହୋଇଥିବା ରକ୍ତକୁ ବାହାର କରାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାର ସଂପୂର୍ଣ୍ଣ ସଫଳ ହୋଇଥିବା କୁହାଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପଟ୍ଟନାୟକଙ୍କ ସମେତ ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ସାହୁ, ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ଥାଟୋଇ, ନିଶ୍ଚେତନ ବିଭାଗ ବିଶେଷଜ୍ଞ ଡା. ଦେବାଶିଷ ସ୍ୱାଇଁ, ଡା. ଅରୁଣ ସାହୁ, ଡା. ସୌଭାଗ୍ୟ, ରକ୍ତ ସଞ୍ଚାଳନ ବିଶେଷଜ୍ଞ ଡା. ସନାତନ, ଡା. ସୁଶାନ୍ତ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ। ଏଭଳି ଜଟିଳ ଅସ୍ତ୍ରୋପଚାର ଏସ୍‌ସିବିରେ ଦ୍ୱିତୀୟ ଥର ପାଇଁ ହୋଇଛି। ଏବେ ସରକାର ଅତ୍ୟାଧୁନିକ ଚିକିତ୍ସା ଯନ୍ତ୍ରପାତି ଯୋଗାଇ ଦେଇଥିବାରୁ ରୋଗୀଙ୍କୁ ମାଗଣାରେ ଏଭଳି ଜଟିଳ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସମ୍ଭବ ହୋଇପାରୁଛି ବୋଲି ସିଟିଭିଏସ୍ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ମିଶନକୁ ସଫଳ କରିବାକୁ ଆହ୍ୱାନ

ବରୀ ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା

ସମର୍ଥକଙ୍କ ଗହଣରେ ବିଧାୟିକା ଓ ଅନ୍ୟମାନେ।

ରସୁଲପୁର,୧୭।୧୦(ଡି.ଏନ.ଏ.)

ଗାନ୍ଧୀ ଜୟନ୍ତୀଠାରୁ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଚାଲିଛି । ଦଳର ସଭାପତି ନବୀନ ପଟ୍ଟନାୟକ ଏହି ପଦଯାତ୍ରାକୁ ଜନସେବା ପଦଯାତ୍ରାରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି କ୍ରମରେ ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତରେ ସୋମବାର ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିସହ ଅତଲାପୁର ପଞ୍ଚାୟତ ଗଣେଶ ପାଟଣା ଗ୍ରାମର ଶିବ ମନ୍ଦିର ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ଚର୍ତୁଭୂଜ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ଦାସ ଯୋଗଦେଇ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ମିଶନ ରହିଛି । ଏହି ମିଶନକୁ ସଫଳ କରିବା ପାଇଁ ସେ ଜଣେ ମହିଳା ବିଧାୟିକା ଭାବେ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି କହିଛନ୍ତି । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ଉପାଧକ୍ଷା ଜୟନ୍ତୀ ଦାଶ, ଜିଲା ପରିଷଦ ସଦସ୍ୟ ବିନୋଦ କୁମାର ମାଝି, ଅଶୋକ କୁମାର ସାମଲ, ଅତଲାପୁର ସରପଞ୍ଚ ଅନ୍ୱେଷା କସର, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ଆଦିତ୍ୟ କୁମାର ପୃଷ୍ଟି, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଥିଲେ । ବନ୍ଧଡିହ, ବ୍ରହ୍ମବରଦା, ମହେଶ୍ୱରପୁର, ଅତଲାପୁର, ରାଜେନ୍ଦ୍ରପୁର ପ୍ରଥମାଖଣ୍ଡି, ରାଉତରାପୁର, ଅର୍ଥଗାଁ, ମଙ୍ଗରାଜପୁର, ସାମନ୍ତରାପୁର ଆଦି ପଞ୍ଚାୟତର ଶତାଧିକ ଦଳୀୟ ସଙ୍ଗଠନ, ଜନପ୍ରତିନିଧିମାନେ ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ ।

ଗଜଲକ୍ଷ୍ମୀ ପୂଜାରେ ସାମିଲ ହେଲେ ରାଜସ୍ୱ ମନ୍ତ୍ରୀ

ବରୀ,୧୭।୧୦(ଡି.ଏନ.ଏ.)

ବରୀ ମାଉଣ୍ଡ ମୁଖ୍ୟବଜାରରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଖୁବ୍ ଧୁମ୍‌ଧାମରେ ପାଳିତ ହେଉଛି । ରବିବାର ରାତିରେ ଗଜଲକ୍ଷ୍ମୀ ପୂଜା ଉତ୍ସବରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ କେବଳ ବରୀ ଉପରେ ନୁହେଁ ସାରା ବିଶ୍ୱ ଉପରେ ରହିଛି, ତାଙ୍କର ଆଶିଷ ଯୋଗୁ ଆଜିଆମ୍ଭେମାନେ ବଞ୍ଚିବାର ରାହା ପାଇଛୁ ବୋଲି କହିଥିଲେ । ମନ୍ତ୍ରୀ ମଲ୍ଲିକଙ୍କୁ ବରୀ ମାଉଣ୍ଡ ପେଟ୍ରୋଲ ପମ୍ପ ଠାରୁ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ପୂଜାମଣ୍ଡପ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସ୍ଥାନୀୟ ସରପଞ୍ଚ ମାନସ ଜେନା, ସମିତି ସଭ୍ୟା ଜ୍ୟୋତିର୍ମୟୀ ବେହେରା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବ୍ଲକ୍ ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ବ୍ଲକ୍ ଉପାଧକ୍ଷା ଅର୍ଚ୍ଚନା ମଳିକ, ଅଟିରା ସରପଞ୍ଚ କୈଳାସ ମଳିକ, ସମିତି ସଭ୍ୟ ପ୍ରୀତିରଞ୍ଜନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ପୂଜା କମିଟି ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ନବନିର୍ବାଚିତ ୱାର୍ଡ ସଭ୍ୟା, ସଭ୍ୟଙ୍କୁ ପ୍ରଶିକ୍ଷଣ

ତାଲିମ ଶିବିରକୁ ବ୍ଲକ୍ ଅଧକ୍ଷ ଉଦ୍‌ଘାଟନ କରିବା ପରେ ଉଦ୍‌ବୋଧନ ଦେଉଛନ୍ତି ।

ଧର୍ମଶାଳା,୧୭।୧୦(ଡି.ଏନ.ଏ.)

ୱାର୍ଡ ସଭ୍ୟା,ସଭ୍ୟମାନେ ହେଉଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି । ସେମାନଙ୍କ ସକ୍ରିୟ ଯୋଗଦାନ ଯୋଗୁ ପଞ୍ଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ । ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ କରି ରାଜ୍ୟ ଗ୍ରାମ ଉନ୍ନୟନ, ପଞ୍ଚାୟତରାଜ, ଜିଲା ପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ୩ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି । ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦୁରିଆ ଗ୍ରାମ ପଞ୍ଚାୟତର ୪୩ ଜଣ ସଭ୍ୟାସଭ୍ୟ ଏହି ତାଲିମ ଶିବିରରେ ଯୋଗଦେଇଥିଲେ । ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଉକ୍ତ ଶିବିରକୁ ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ୍ତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ । ପଲ୍ଲିଶ୍ରୀର ସମ୍ପାଦକ ଶତ୍ରୁଘ୍ନ ସାହୁ, ସଂଯୋଜକ ଅଭିଷେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ପର୍ଯ୍ୟାୟ କ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୬୩୭ ୱାର୍ଡସଭ୍ୟାସଭ୍ୟଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ସାହୁ ସୂଚନା ଦେଇଛନ୍ତି ।

କ୍ରୀଡା ସାମଗ୍ରୀ ବଣ୍ଟନ କଲେ ମନ୍ତ୍ରୀ

ସୁକିନ୍ଦା,୧୭।୧୦(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ କୁହିକା ମହାଗିରି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଗ୍ରାମୀଣ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଓ ଛାତ୍ରୀଛାତ୍ରମାନେ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଘଡ଼ାଇ ଛାତ୍ରୀଛାତ୍ରଙ୍କୁ ଫୁଟବଲ ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ଚେୟାରମ୍ୟାନ, ଭାଇସ୍ ଚେୟାରମ୍ୟାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୁବଛାତ୍ର ଯୋଗଦେଇଥିଲେ । ସୂଚନାଯୋଗ୍ୟ, କୁହିକା ମହାଗିରି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ଖଣି ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଉକ୍ତ ଦାବିକୁ ରାଜ୍ୟ ସରକାର ଗ୍ରହଣ କରି ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ନିଷ୍ପତ୍ତି ନେବା ପରେ ଖଣି ଅଞ୍ଚଳବାସୀଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମନ୍ତ୍ରୀ ଘଡ଼ାଇ ଓ ବରିଷ୍ଠ ଖବରଦାତା ରବିନାରାୟଣ କର, ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୂର ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ପୂର୍ବତନ ସରପଞ୍ଚ ଦୀପକ କୁମାର ନାୟକ, ତ୍ରିଲୋଚନ ମହାକୁଡ଼, ପଞ୍ଚାନନ ପାତ୍ର, ମହେଶ୍ୱର ନାୟକ, ପ୍ରଦୀପ କୁମାର ପାତ୍ର, ହାଡ଼ିବନ୍ଧୁ ନାୟକ ପ୍ରମୁଖ ଯୋଗଦେଇଥିଲେ ।

ମନ୍ତ୍ରୀ ଜଣେ ଛାତ୍ରଙ୍କୁ ଫୁଟବଲ ପ୍ରଦାନ କରୁଛନ୍ତି।

ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର

କଳିଙ୍ଗନଗର,୧୭।୧୦(ଡି.ଏନ୍.ଏ.)

ସୋମବାର ଦାନଗଦି ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧକ୍ଷତା କରିଥିଲେ । ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ, ଜଳ ଯୋଗାଣ, ଜମିଜମା ସମ୍ବନ୍ଧୀୟ ମୋଟ ୫୯ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୫୩ ବ୍ୟକ୍ତିଗତ ଓ ୬ ସାମୁହିକ ଆବେଦନ ପତ୍ର ମିଳିଥିଲା । ରେଡ୍‌କ୍ରସ ସହାୟତା ପାଇଁ ୭ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୮ ଆବେଦନର ଶୁଣାଣୀ ହୋଇଥିଲା। ତତ୍କାଳ ୧୬ ଆବେଦନର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି. ଆର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.ଟୋପୋଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତବାସୀ ମୁହଁ ଖୋଲିଲେ

ବିଞ୍ଝାରପୁର,୧୭।୧୦(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତର ସରପଞ୍ଚ ଦିବ୍ୟଜ୍ୟୋତି ଘଡାଇ ଓ ତାଙ୍କ ପରିବାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ । ସରପଞ୍ଚ ପଞ୍ଚାୟତ ଲୋକଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଛନ୍ତି । ଏଥିପାଇଁ ପଞ୍ଚାୟତରେ ଅଶାନ୍ତି ସୃଷ୍ଟି ହୋଇଛି । ପଞ୍ଚାୟତରେ ଭାଇଚାରା ନଷ୍ଟ ହେବା ସହ ଶାନ୍ତି କ୍ଷୁର୍ଣ୍ଣ ହୋଇଛି । ଖାଲି ସେତିକି ନୁହେଁ ବିଭିନ୍ନ ମିଥ୍ୟା ଘଟଣାରେ ପଞ୍ଚାୟତ ଲୋକଙ୍କ ନାମରେ ଥାନାରେ ମାମଲା ରୁଜୁ କରି ସରପଞ୍ଚ ଗରିବ ଲୋକଙ୍କୁ ହଇରାଣ କରୁଛନ୍ତି । ରବିବାର ସନ୍ଧ୍ୟାରେ ଗୁହାଳି ପଞ୍ଚାୟତବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ଅମୀୟ କୁମାର ଧଳ, ବାଦଲ ମହଲ, ଗଣେଶ ଚନ୍ଦ୍ର ଧଳ, ବିକ୍ରମ ଧଳ, ହରମୋହନ ଧଳ, ବିନୋଦ ବିହାରୀ ଧଳଙ୍କ ସମେତ ବହୁ ପଞ୍ଚାୟତବାସୀ ଏକ ଖବରଦାତା ସମ୍ମିଳନୀରେ ସରପଞ୍ଚଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ ପଞ୍ଚାୟତବାସୀ ।

କିଛିଦିନ ପୂର୍ବେ ଗ୍ରାମବାସୀଙ୍କ ତରଫରୁ ଏକ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। ତାହା ବେଆଇନ ଦର୍ଶାଇ ସରପଞ୍ଚ ଘଡ଼ାଇ ବିଞ୍ଝାରପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ତହସିଲଦାର ଚଳିତ ମାସ ୭ ତାରିଖରେ ସୁପରଭାଇଜର୍ ଓ ଆରଆଇଙ୍କୁ ସରଜମିନ ତଦନ୍ତ କରିବାକୁ ପଠାଇଥିଲେ । ଘଟଣାସ୍ଥଳରେ ସୁପରଭାଇଜର ଓ ଆରଆଇ ପହଞ୍ଚିଲା କ୍ଷଣି ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁର, ଦିଅର ଓ ତାଙ୍କର କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଗ୍ରାମବାସୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ମାରାଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିରେ ସୁଚିତ୍ରା ରାଉତ ନାମ୍ନୀ ଜଣେ ମହିଳା ଆହତ ହୋଇଥିଲେ । ପରେ ସୁଚିତ୍ରା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ । ଏହାପରେ ସରପଞ୍ଚଙ୍କ ପରିବାର ଗ୍ରାମବାସୀଙ୍କ ବିରୋଧରେ ୨ଟି ମିଥ୍ୟା ମାମଲା ରୁଜୁ କରିଛନ୍ତି। ସରପଞ୍ଚଙ୍କ ଏପରି କାର୍ଯ୍ୟାନୁଷ୍ଠାନ ବିରୋଧରେ ପଞ୍ଚାୟତବାସୀ ରାଜ୍ୟ ମାନବାଧିକାର କମିଶନ, ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବା ଖବରଦାତା ସମ୍ମିଳନୀରେ ଦର୍ଶାଇଛନ୍ତି । ଏପରି ଅଭିଯୋଗ ସମ୍ପର୍କରେ ସରପଞ୍ଚ ଘଡ଼ାଇଙ୍କୁ ପ୍ରଶ୍ନ କରିବାରୁ ତାଙ୍କ ବିରୋଧ ଆସିଥିବା ଅଭିଯୋଗଗୁଡ଼ିକ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି ।

ସାମାଜିକ କର୍ମୀ ମହାସଂଘର ବ୍ଲକସ୍ତରୀୟ ବୈଠକ

ରଘୁନାଥପୁର,(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ସାମାଜିକ କର୍ମୀ ମହାସଂଘର ବ୍ଲକସ୍ତରୀୟ ବୈଠକ ରଘୁନାଥପୁରସ୍ଥିତ ରୁଦ୍ରେଶ୍ୱର ମହାଦେବ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମହାସଂଘ ଆବାହକ ସରିତ ମହାପାତ୍ର ବୈଠକକୁ ପରିଚାଳନା କରିଥିଲେ। ଏଥିରେ ଜିଲାର ୧୧ ସାମାଜିକ କର୍ମୀ ସଂଘର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ପ୍ରତି ବ୍ଲକରେ ସହଯୋଗ ଓ ସହଭାଗିତାରେ ସମାଜସେବା କରିବାକୁ ଆବାହକ ମହାପାତ୍ର ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା, ଚାରାରୋପଣ, ନିରକ୍ଷରତା ଦୂରୀକରଣ,ସ୍ୱାସ୍ଥ୍ୟସେବା ଓ ନିଶା ନିବାରଣ ଭଳି ଅନେକ ସେବା ସମ୍ପର୍କରେ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଆଲୋଚନା ହୋଇଥିଲା।

ସଂକ୍ଷେପରେ

ଗଙ୍ଗଦାହାଟରେ ଶାରଳା ମେଳା

ନାଉଗାଁ,୧୭।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟରେ ମା'ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱ ଶାନ୍ତି ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଇ ଝଙ୍କଡସ୍ଥିତ ମା' ଶାରଳାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇଥିଲା। ଏହାପରେ ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା କରାଯାଇଛି। ମା'ଶାରଳାଙ୍କ ଏକ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯିବା ସହ ପୂଜା ମଣ୍ଡପକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏହି ପୂଜା ରବିବାର ପର୍ଯ୍ୟନ୍ତ ଚାଲୁରହିବ। ଏନେଇ ପ୍ରତ୍ୟହ ସନ୍ଧ୍ୟାରେ ସାଧୁସନ୍ଥଙ୍କ ଦ୍ୱାରା ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମକୁ ମା'ଶାରଳା ସାଂସ୍କୃତିକ ପରିଷଦର ସଦସ୍ୟମାନେ ପରିଚାଳନା କରୁଛନ୍ତି। ମା'ଙ୍କର ଏହି ପୂଜା ଦେଖିବା ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମୁଛି।

ବିଜେଡି ନେତାଙ୍କ ପରଲୋକ

କୁଜଙ୍ଗ,୧୭।୧୦(ଡି.ଏନ୍.ଏ.): କୁଜଙ୍ଗ ବ୍ଲକର ଜଣାଶୁଣା ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ନାୟକ(୪୮)ଙ୍କ ସୋମବାର ପରଲୋକ ଘଟିଛି। ସେ ଭୂତମୁଣ୍ଡାଇ ପଞ୍ଚାୟତର ଜଣେ ଯୁବନେତା ହୋଇଥିବାବେଳେ ଦକ୍ଷ ସଂଗଠକ ଭାବେ ପରିଚିତ ଥିଲେ। ବର୍ଷେ ପୂର୍ବେ ସେ ବ୍ରେନ ଟ୍ୟୁମର୍‌ରେ ଆକ୍ରାନ୍ତ ହୋଇଥିଲେ। ତିନିମାସ ତଳେ ତାଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ସୁସ୍ଥହୋଇ ଘରକୁ ଆସିଥିଲେ। ଚାରିଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରସନ୍ନଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର ଭୂତମୁଣ୍ଡାଇରେ ପହଞ୍ଚିବାପରେ କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସୁଡ଼ଳ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଛନ୍ତି ।

ଡେରାବିଶରେ ଯୋଗଦେଲେ ନୂତନ ତହସିଲଦାର

ଡେରାବିଶ, ୧୭।୧୦(ସ୍ୱ.ପ୍ର.) : ଡେରାବିଶ ତହସିଲଦାର ଭାବେ କାର୍ଯ୍ୟରତ ଥିବା ନମିତା ବାରିକ ବ୍ଲକ ବିଡିଓ ଭାବେ ବଦଳି ହୋଇଯିବା ପରେ ଏହି ପଦବୀଟି ଖାଲି ପଡ଼ିଥିଲା। ସୋମବାର ସୁରେନ୍ଦ୍ର କୁମାର ସାହୁ ନୂଆ ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ସାହୁଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସାହୁ ପୂର୍ବରୁ ନୂଆପଡ଼ାରେ ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ଥିଲେ।

ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ମନ୍ଥରତା

ଜଗତ୍‌ସିଂହପୁର ଅଫିସ, ୧୭।୧୦

କୋମଳମତି ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସାଙ୍ଗକୁ ପ୍ରାକ୍ ଶିକ୍ଷା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ପିଲାମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ବିଲ୍ଡିଂ ନିର୍ମାଣ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ଗତ କିଛି ବର୍ଷ ହେବ ବିଭିନ୍ନ ସରକାରୀ ବୈଠକରେ ଲୋକ ପ୍ରତିନିଧିମାନେ ଏହି ପ୍ରସଙ୍ଗ ଉଠାଇ ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନି। ବିଭାଗୀୟ ଦାୟିତ୍ୱହୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି।

ଜଗତ୍‌ସିଂହପୁର ସମାଜ ମଙ୍ଗଳ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ଜିଲାରେ ମୋଟ ୧୮୪୦ଟି ଅଙ୍ଗନୱାଡି କେନ୍ଦ୍ର ଥିଲା। ସେଥିରୁ ୪୭ ବନ୍ଦ ହୋଇଯାଇଛି। ଅବଶିଷ୍ଟ ୧,୭୯୩ ମଧ୍ୟରୁ ସହରାଞ୍ଚଳରେ ୧୨୨ ଓ ଗ୍ରାମାଞ୍ଚଳରେ ୧,୬୭୧ ରହିଛି । ୨୦୧୫-୧୬ ଆର୍ଥିକ ବର୍ଷ ପୂର୍ବରୁ ପ୍ରତି କେନ୍ଦ୍ର ପାଇଁ ନୂଆ ବିଲ୍ଡିଂ ବାବଦରେ ୫ ଲକ୍ଷ ଟଙ୍କା ଅନୁଦାନ ଆସୁଥିଲା। ତା'ପରେ ଏହା ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିରେ କେନ୍ଦ୍ର ୫ ଲକ୍ଷ ଓ ରାଜ୍ୟ ସରକାର ୨ ଲକ୍ଷ ଟଙ୍କା ଅନୁଦାନ ରାଶି ଦେଉଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨୦୧୫-୧୬ ପର୍ଯ୍ୟନ୍ତ ୧୮୩ଟି ଓ ୨୦୧୬-୧୭ରୁ ୨୦୧୯-୨୦ ପର୍ଯ୍ୟନ୍ତ ୭୯୭ଟି ବିଲ୍ଡିଂ ପାଇଁ ଅନୁଦାନ ଆସିଥିଲା। ଏହାବାଦ୍ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ୨୮୦ ଓ ଏନ୍‌ଓପି (ନ୍ୟୁଟ୍ରିସନ୍ ଅପରେସନ୍ ପ୍ଲାନ୍)ରେ ୨୦ଟି ପାଇଁ ଅନୁଦାନ ଆସିଥିଲା। ଏପରି ମୋଟ ୧୭୧୫ କେନ୍ଦ୍ର ପାଇଁ ଅନୁଦାନ ଆସିଥିବାବେଳେ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୮୦ଟି ରହିଛି। ସେଥିରୁ ୨୮୯ଟି ନିର୍ମାଣାଧୀନ ଥିବାବେଳେ ଅବଶିଷ୍ଟ ୪୮୦ଟି ପାଇଁ ସ୍ଥାନ ଚିହ୍ନଟ ହୋଇପାରୁନାହିଁ। ସେହିପରି ୧୧୭ଟି ପାଇଁ କାର୍ଯ୍ୟାଦେଶ ଦିଆଯାଇ ନ ଥିବାବେଳେ ୨୧୭ଟିର ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ।

ଗତ ସେପ୍ଟେମ୍ବର ୨୮ରେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୧୩-୧୪ରେ ୮୪, ୨୦୧୪-୧୫ରେ ୫୩, ୨୦୧୫-୧୬ରେ ୪୬, ୨୦୧୬-୧୭ରେ ୧୪୦, ୨୦୧୭-୧୮ରେ ୧୩୧, ୨୦୧୮-୧୯ରେ ୩୧୩, ୨୦୧୯-୨୦ରେ ୨୧୩ ଏହିପରି ମୋଟ ୯୮୦ ଅଙ୍ଗନୱାଡି କେନ୍ଦ୍ର ବିଲ୍ଡିଂ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ସେଥିରୁ ୧୩୨ଟି ନିମନ୍ତେ କ୍ଷେତ୍ର ଚୟନ ପ୍ରକ୍ରିୟା ଶେଷ ହୋଇନାହିଁ। ୧୧୪ଟି ପାଇଁ କାର୍ଯ୍ୟାଦେଶ ଦିଆଯାଇନାହିଁ। ଯେଉଁମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି, ସେମାନଙ୍କ ମଧ୍ୟରୁ ୧୯୬ ଜଣ କାମ ଆରମ୍ଭ କରିନାହାନ୍ତି। କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବ୍‌ସାଇଟ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ଏଥିରେ ୧୪୭ଟି କେନ୍ଦ୍ର କାମ ଚାଲିଥିବା ଉଲ୍ଲେଖ ରହିଛି । ସେଗୁଡ଼ିକ ମଧ୍ୟରେ ବାଲିକୁଦାରୁ ୧୮, ବିରିଡ଼ି ୧୫, ଏରସମା ୧୯, ଜଗତ୍‌ସିଂହପୁର ୨୨, କୁଜଙ୍ଗ ୨୭, ନାଉଗାଁ ୧୦, ରଘୁନାଥପୁର ୧୧, ତିର୍ତ୍ତୋଲରୁ ୨୫ଟି ରହିଛି । ସେଥିରୁ ମାତ୍ର ୩୨ଟି ଶେଷ ହୋଇପାରିଛି । ଜିଲାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ମନ୍ଥରତା ଚିନ୍ତାର କାରଣ ପାଲଟିଛି । ସରକାର ଅନୁଦାନ ଦେଉଥିବାବେଳେ ଏହାର ବିନିଯୋଗ ହେଉ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗ ପକ୍ଷରୁ ୨୮୯ଟି ନିର୍ମାଣାଧୀନ ଦର୍ଶାଯାଇଥିବାବେଳେ ୱେବସାଇଟ୍‌ରେଏହି ସଂଖ୍ୟା କମ୍ ଥିବାରୁ ଅବଶିଷ୍ଟ କୁଆଡ଼େ ଗଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାସଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା । ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟିଙ୍କୁ ପଚାରିବାରୁ ତାଙ୍କ କାର୍ଯ୍ୟାଳୟରେ ଯାହା ତଥ୍ୟ ଅଛି ତାହା ଠିକ କହିବା ସହ କେଉଁ କାରଣରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବସାଇଟ୍‌ରେ କମ୍ ପରିସଂଖ୍ୟାନ ଦର୍ଶାଯାଇଛି, ତାହା ଜାଣନ୍ତି ନାହିଁ ବୋଲି କହିଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରହସନ

- ୪୮୦ କେନ୍ଦ୍ରରେ କାମ ଆରମ୍ଭ ହୋଇନି
- ୧୧୭ଟି ପାଇଁ କାର୍ଯ୍ୟାଦେଶ ଦିଆଯାଇନାହିଁ
- ବିଭାଗ ଏବଂ ୱେବ୍‌ସାଇଟ୍ ତଥ୍ୟରେ ତାଳମେଳ ରହୁନି

S No.	Districts	AWC Ongoing Works	Completed Works	Expenditure(in lakhs)
1	2	3	4	5
1	ANGUL	74	13	40.45
2	BALESHWAR	822	62	237.28
3	BARGARH	520	83	77.22
4	BHADRAK	238	55	50.76
5	BOLANGIR	323	35	133.68
6	BOUDH	72	17	11.96
7	CUTTACK	391	54	149.23
8	DEOGARH	52	26	16.42
9	DHENKANAL	105	11	132.31
10	GAJAPATI	281	34	17.71
11	GANJAM	697	77	155.31
12	JAGATSINGHAPUR	147	32	78.08
13	JAJPUR	414	70	147.27
14	JHARSUGUDA	27	10	4.19
15	KALAHANDI	122	39	22.8

ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସମ୍ପର୍କରେ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟ ।

ପୋଖରୀରେ ବୁଡ଼ି ନାବାଳକ ମୃତ

ନାଉଗାଁ,୧୭।୧୦(ସ୍ୱ.ପ୍ର)

ପୋଖରୀରେ ବୁଡ଼ିଯିବାରୁ ନାଉଗାଁ ଥାନା ଅନ୍ତର୍ଗତ ଦହିପାଳ ଗ୍ରାମରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ବ୍ଲକ ମାଛଗାଁ ଗ୍ରାମର ଆଲୋକ ଫାରୁକଙ୍କ ପୁଅ ଆନନ୍ଦ(୧୨)। ଏନେଇ ନାବାଳକଙ୍କ ମାମୁ ମକରଧ୍ୱଜ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଆନନ୍ଦ ମାଛଗାଁ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବାବେଳେ ଦହିପାଳସ୍ଥିତ ମାମୁଘରେ ରହୁଥିଲେ। ପ୍ରତିଦିନ ପରି ସୋମବାର ସେ ଟିଉସନ ହେବାକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଏନେଇ ମାମୁ ଘର ପକ୍ଷରୁ ସବୁଆଡ଼େ ଖୋଜାଖୋଜି କରାଯାଇଥିଲା। ଅରିଓଦା ଗାଁ ମୁଣ୍ଡ ଜୟଦୁର୍ଗା ପୋଖରୀରେ ଆନନ୍ଦ ବୁଡ଼ିଯାଇଥିବା ଖବରପାଇ ମାମୁଘର ଲୋକେ ସେଠାରେ ପହଞ୍ଚି ସାଇକେଲ ସହ ପାଣିରୁ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗ ପରେ ଥାନା ପକ୍ଷରୁ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

୧୦୧ରୁ ୫ ଅଭିଯୋଗର ତତ୍କାଳ ଫଇସଲା

ଜଗତ୍‌ସିଂହପୁର ଅଫିସ, ୧୭।୧୦

ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୧୦୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ବ୍ୟକ୍ତିଗତ ୯୮, ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୩ ଅଭିଯୋଗ ହୋଇଥିଲା। ଏହି ଅବସରରେ ଆବାସ ଯୋଜନାରେ ଘର ପାଇବା ପାଇଁ ୩୩, ଭତ୍ତା ୧୨, ପୋଲିସ ସହାୟତା ୨, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୪, ଜମିଜମା ସଂକ୍ରାନ୍ତ ୧୩ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ୨୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶୁଣାଣିରେ ୫ ଅଭିଯୋଗର ତତ୍କାଳ ଫଇସଲା ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

କାଳୀପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

କୁଜଙ୍ଗ,୧୭।୧୦(ଡି.ଏନ୍.ଏ.)

କୁଜଙ୍ଗର ସର୍ବପୁରାତନ ପୂଜା ଅନୁଷ୍ଠାନରେ ୫୮ତମ କାଳୀପୂଜା ନିମନ୍ତେ ପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏ.ଏନ.ଡି.ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତିଭାବେ ଏ.ଏନ.ଡି ଯାଦବ, ଉପସଭାପତି ଭାବେ ବାବାଜୀ ପରିଡା, ସମ୍ପାଦକ ରମେଶ ଚନ୍ଦ୍ର ଦାସ, ସହ ସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧ୍ୟକ୍ଷଭାବେ ଗଗନ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟନିର୍ବାହୀ ସଭ୍ୟଭାବେ ଗଣେଶ ସ୍ୱାଇଁ, ବାଦଲ ପାତ୍ର, ରମେଶ ସେଠୀ, ଅଭୟ ବାରିକ ଓ ବାବୁଲି ସ୍ୱାଇଁଙ୍କୁ ଚୟନ କରାଯାଇଥିବାବେଳେ ଉପଦେଷ୍ଟା ମଣ୍ଡଳୀସଭ୍ୟ ଭାବେ ଶ୍ରମିକ ନେତା ବାପି ସର୍ଖେଲ, ପ୍ରଶାନ୍ତ ପଟ୍ଟନାୟକ, ମନୀନ୍ଦ୍ର ଗୁରୁ, ସଲୀଳ ସାହୁ, ନୂତନ ତ୍ରିପାଠୀ, କୁଶେଇ ପ୍ରଧାନ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଜଗବନ୍ଧୁ ଦାସ, ଜଗନ୍ନାଥ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଅବସରରେ କାଳୀପୂଜା ୭ ଦିନ ବ୍ୟାପୀ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ପୂଜାକୁ ସରସ ସୁନ୍ଦର କରିବାପାଇଁ ସଭାପତି ଯାଦବ ଅଞ୍ଚଳବାସୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରିଛନ୍ତି।

ଘଣ୍ଟ ବାଡ଼େଇ ଭାଜପାର ପ୍ରତିବାଦ

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଘଣ୍ଟ ବାଡେଇ ପ୍ରତିବାଦ କରୁଛନ୍ତି।

ଏରସମା,୧୭।୧୦(ସ୍ୱ.ପ୍ର.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା ଅଭିଯୋଗ

ଏରସମାରେ ଏମ୍‌ଜିଏନ୍‌ଆରଇଜିଏସ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଘଣ୍ଟ ବାଡେଇ ଅଭିନବ ପ୍ରତିବାଦ କରାଯାଇଥିଲା। ବାଲିକୁଦା ଏରସମା ଭାଜପା ନେତା ଶିବବ୍ରତ ଦାସଙ୍କ ନେତୃତ୍ୱରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁ, ନିର୍ଲିପ୍ତ ଜେନା, ନିରାକାର ସ୍ୱାଇଁ, ଲକ୍ଷ୍ମୀଧର ଓଝା, ଜଟାଧାରୀ ସ୍ୱାଇଁ, ନୃସିଂହ ଚରଣ ସେଠୀ ପ୍ରମୁଖ ଘଣ୍ଟ ବଜାଇବା ସହ ବ୍ଲକ ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ନୃସିଂହ କହିଥିଲେ, ଅନିୟମିତତା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଭାଜପା ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥଲା । ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତକାରୀ ଦଳ ଏହା ଉପରେ ଅନୁସନ୍ଧାନ କରି ଫେରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

ବିଜ୍ଞାନ କ୍ଷେତ୍ରରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରଘୁନାଥପୁର,୧୭।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ବିଜ୍ଞାନର ଅଗ୍ରଗତି ଓ ଲୋକପ୍ରିୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଦର୍ଶନୀ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ଡ. ବିଭୂତି ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସମ୍ପାଦକ ଡ. ଆଶିଷ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ କ୍ଷେତ୍ରରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଜ୍ଞାନ ଏକାଡେମୀର ପୂର୍ବତନ ସମ୍ପାଦକ ଇଂ ନରେନ୍ଦ୍ର କୁମାର ପଣ୍ଡା, ପ୍ରଶିକ୍ଷକ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ରବୀନ୍ଦ୍ର କୁମାର ମାରାଣ୍ଡି ଓ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଅତିଥି ପରିଚୟ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ତୁଷାରକାନ୍ତ ମହାନ୍ତି, ସୁଦର୍ଶନ ପରିଡା, ସୁଶାନ୍ତ ନାୟକ, ସରୋଜ ମହାପାତ୍ର, ସୂର୍ଯ୍ୟକାନ୍ତ ସେଠୀ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

ପେଟରେ ବଢୁଛି ଟ୍ୟୁମର, ଯନ୍ତ୍ରଣାରେ ସିପାଲି

ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ନାଉଗାଁ,୧୭।୧୦(ସ୍ୱ.ପ୍ର.)

ମା' ବାପାଙ୍କ ସହ ସିପାଲି।

ନାଉଗାଁ ବ୍ଲକ ଓଷକଣା ଗାଁରେ କବିନ୍ଦ୍ର ସ୍ୱାଇଁଙ୍କ ଘର। ପରିବାର କହିଲେ ସ୍ତ୍ରୀ ସମେତ ୪ ଝିଅ ଓ ବୃଦ୍ଧ ମା'ବାପା। କବିନ୍ଦ୍ର ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀ ପ୍ରଭାତୀ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାମ କରୁଛନ୍ତି। କବିନ୍ଦ୍ରଙ୍କ ବଡ଼ଝିଅ ସିପାଲି(୨୫)ଙ୍କ ପେଟରେ ୨୦୨୧ରୁ ଯନ୍ତ୍ରଣା ହେଉଥିଲା। ପରିବାର ପକ୍ଷରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଅଧିକ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲ ନିଆଯାଇଥିଲା। ପରୀକ୍ଷା ପରେ ତାଙ୍କ ପେଟରେ ଟ୍ୟୁମର ହୋଇଥିବା ଡାକ୍ତର କହିଥିଲେ। ଡାକ୍ତର ଅପରେଶନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅର୍ଥାଭାବରୁ ଏ ପର୍ଯ୍ୟନ୍ତ ସିପାଲିଙ୍କ ଅପରେଶନ ହୋଇପାରିନାହିଁ । ଫଳରେ ତାଙ୍କ ପେଟରେ ଟ୍ୟୁମର ବଢ଼ିବା ସହ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ତାଙ୍କ ମା' ପ୍ରଭାତୀଙ୍କ କହିବା କଥା ୨୦୨୧ରେ ପ୍ରଥମେ ପେଟରେ ଯନ୍ତ୍ରଣା ହେବାରୁ ଧାର ଉଧାର କରି ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ସିପାଲିଙ୍କ ପଛରେ ଖର୍ଚ୍ଚ କରାଯାଇଥିଲା। ସେ ଟଙ୍କା ଏ ପର୍ଯ୍ୟନ୍ତ ଶୁଝି ପାରିନାହୁଁ, ଆଉ ଟଙ୍କା କେଉଁଠୁ ପାଇବୁ ଯେ ଝିଅକୁ ନେଇ ଭଲ କରିବୁ ବୋଲି କବିନ୍ଦ୍ର କହିଛନ୍ତି। ମଜୁରି ଲାଗି ଯାହା ଆଣୁଛି ସେଥିରେ ପରିବାର ପୋଷିବା କଷ୍ଟ। ଦିନକୁ ଦିନ ଉକ୍ତ ଟ୍ୟୁମର ବଢିବାରୁ ପେଟ ଫୁଲିବାକୁ ଲାଗୁଛି। ପେଟ ଫୁଲିବା ଯୋଗୁ ସିପାଲି ଚାଲିବୁଲି ପାରୁନାହାନ୍ତି। ତା' ସାଙ୍ଗକୁ ସେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ସିପାଲିଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପରିବାର ପକ୍ଷରୁ ପ୍ରଶାସନକୁ ଆକୁଳ ନିବେଦନ କରାଯାଇଛି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଉକ୍ତ ପରିବାର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ସରକାରଙ୍କର ଏହି ସୁବିଧା ବିଷୟରେ ଜାଣି ନ ଥିବା କବିନ୍ଦ୍ର କହିଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ସ୍ୱାସ୍ଥ୍ୟ ବିଭାଗ ସହ କଥା ହୋଇ ଚିକିତ୍ସା ନିମନ୍ତେ ସୁବିଧା କରାଯିବ ବୋଲି ସେ କହିଛନ୍ତି।

କ୍ରୀଡ଼ା ସାରା ବିଶ୍ୱକୁ ବାନ୍ଧି ରଖିଛି

ଜଗତ୍‌ସିଂହପୁର ଅଫିସ,୧୭।୧୦

ଫୁଟବଲ୍ ଟୁର୍ନାମେଣ୍ଟର ପ୍ରତିଯୋଗୀମାନଙ୍କ ସହ ଅତିଥିମାନେ।

ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ଟୁର୍ନାମେଣ୍ଟ

ଜଗତ୍‌ସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଗତ ଅକ୍ଟୋବର ୧୧ରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ଓ ବାଳକବର୍ଗରେ ତିର୍ତ୍ତୋଲ ବ୍ଲକ ଚାମ୍ପିୟନ ହୋଇଥିବାବେଳେ କୁଜଙ୍ଗ ଓ ବିରିଡ଼ି ରନର୍ସଅପ୍ ହୋଇଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ମୁଖ୍ୟଅତିଥି ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ସିଲ୍ ଦେଇ ସମ୍ମାନିତ କରିଛନ୍ତି। ଏହି ଅବସରରେ ମୁଦୁଲି କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, କ୍ରୀଡ଼ା ସାରା ବିଶ୍ୱକୁ ବାନ୍ଧି ରଖିଛି। ଖୁସିର କଥା ହେଲା କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ରୋଲ ମଡେଲ ସାଜିଛି। ଭୁବନେଶ୍ୱରରେ ହକି ବିଶ୍ୱକପ୍ ଓ ଏସିଆନ୍ ଗେମ୍ ଅନୁଷ୍ଠିତ ହୋଇଛି। ୯୦ ଦିନ ଭିତରେ ରାଜ୍ୟ ସରକାର ଏସିଆନ୍ କ୍ରୀଡା ସଫଳ ଭାବେ ଆୟୋଜନ କରି ନୂଆ ଇତିହାସ ରଚିଛନ୍ତି। କେବଳ ଏତିକି ନୁହେଁ, ଆଗାମୀ ଦିନରେ କଳିଙ୍ଗ ଷ୍ଟାଡିୟମ ଭାରତର ଏକ ଉନ୍ନତ ଷ୍ଟାଡିୟମରେ ପରିଣତ ହେବାକୁ ଯାଉଥିବା ମୁଦୁଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ମୁଖ୍ୟବକ୍ତା, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ। ଶିକ୍ଷା ଓ କ୍ରୀଡ଼ା ମୁଦ୍ରାର ଦୁଇ ପାର୍ଶ୍ୱ । ପିଲାମାନଙ୍କୁ କ୍ରୀଡ଼ା ଆଡକୁ ଆକର୍ଷିକ କରିବା ପ୍ରତ୍ୟେକଙ୍କ ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଫୁଟବଲ ଖେଳର ଉନ୍ନତି ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଫୁଟବଲ୍ ଯୋଗାଇ ଦେଇଛନ୍ତି। ତେଣୁ ଖେଳୁଆଡ ମନୋଭାବ ନେଇ ଖେଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ଉତ୍ସବକୁ ପରିଚାଳନା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ରାଜ୍ୟଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ୧୦୦ ଜଣ ଶାରୀରିକ ଶିକ୍ଷୟିତ୍ରୀ, ଶିକ୍ଷକ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରତି ଦଳରେ ୧୫ ଜଣ ଲେଖାଏ ଖେଳାଳିଙ୍କୁ ମିଶାଇ ମୋଟ ୨୪୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ ।

'ୱାଟର୍ ଆଜ୍ ଏ ସର୍ଭିସ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ: ୱାଟର ପ୍ୟୁରିଫିକେଶନ ବ୍ରାଣ୍ଡ ଲିଭ୍‌ପିଓର୍ ପକ୍ଷରୁ 'ୱାଟର୍ ଆଜ୍ ଏ ସର୍ଭିସ୍' ନାମକ ସେବା ଓ ସୁବିଧାର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ କମ୍ପାନୀର ସିଇଓ ପ୍ରୀତେଶ ତଲ୍‌ୱାର କହିଛନ୍ତି,ଲିଭ୍‌ପିଓର୍ ହେଉଛି ଆର୍‌ଓ ୱାଟର୍ ପ୍ୟୁରିଫାୟର୍ ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବ୍ରାଣ୍ଡ। ଆମେ 'ୱାଟର୍ ଆଜ୍ ଏକ ସର୍ଭିସ୍' ଭଳି ସେବା ପ୍ରଦାନ କରି ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ରଖିବା ଓ ସେମାନଙ୍କ ଜୀବନରେ ଶୁଦ୍ଧତା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛୁ। ଏଠାରେ ଉପଭୋକ୍ତାମାନେ ୱାଟର୍ ଜାର୍ ନ କିଣି ଓ ୱାଟର୍ ପ୍ୟୁରିଫାୟରକୁ ମେଣ୍ଟେନ୍ କରିବାରୁ ମୁକ୍ତ ହୋଇ ସୁରକ୍ଷିତ ପାନୀୟ ଜଳ ପାଇପାରିବେ। ଆମେ ଏହି ସେବାକୁ ଦେଶର ଟାୟାର ୨ ଓ ୩ ସହରଗୁଡ଼ିକୁ ବିସ୍ତାର କରିଛୁ।

ସ୍ୱାଭାବିକ ହୋଇଛି ଗହମ, ଚାଉଳର ମୂଲ୍ୟ

ନୂଆଦିଲ୍ଲୀ,୧୭।୧୦

ସରକାର ସୋମବାର କହିଛନ୍ତି ଯେ, ଗହମ ଏବଂ ଚାଉଳର ମୂଲ୍ୟ ବୃଦ୍ଧି ସ୍ୱାଭାବିକ ହୋଇଛି। ଯଦି ଏହି ହାରରେ କୌଣସି ଅସ୍ୱାଭାବିକ ବୃଦ୍ଧି ଘଟେ ତେବେ ଶସ୍ୟକୁ ଅପଲୋଡ୍ କରିବାକୁ ବଜାରରେ ହସ୍ତକ୍ଷେପ କରିବାକୁ ପଡିବ ବୋଲି ଖାଦ୍ୟ ସଚିବ ସୁଦର୍ଶନ ପାଣ୍ଡେ ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ସେହିଭଳି ପାଣ୍ଡେ କହିଛନ୍ତି ଯେ, ସରକାରଙ୍କ ଗୋଦାମରେ ଉଭୟ ଗହମ ଏବଂ ଚାଉଳର ଅତିରିକ୍ତ ଷ୍ଟକ୍ ରହିଛି। ଯାହା ବଜାର ହସ୍ତକ୍ଷେପ ପାଇଁ ବ୍ୟବହୃତ ହେବ। ମୂଲ୍ୟ ବୃଦ୍ଧି ଅସ୍ୱାଭାବିକ ନୁହେଁ କାରଣ ଏହା ଧାରଣା ଏବଂ ଆକଳନ କରାଯାଇଥାଏ। ଗହମର ଉଦାହରଣ ଦେଇ ସେ କହିଛନ୍ତି ଯେ, ଗତ ବର୍ଷର ହୋଲସେଲ ମୂଲ୍ୟ ବୃଦ୍ଧି ହୋଇଥିବାରୁ ସରକାର ଏହାର ଓପନ୍ ମାର୍କେଟ୍ ବିକ୍ରୟ ଯୋଜନା (ଓଏମ୍ଏସ୍ଏସ୍) ଅଧୀନରେ ବହୁ ପରିମାଣରେ ଗ୍ରାହକଙ୍କୁ ବିକ୍ରି କରିଥିବାରୁ ମୂଲ୍ୟ ବୃଦ୍ଧି ସ୍ୱାଭାବିକ ହୋଇଛି। ଗତ ବର୍ଷ ଅକ୍ଟୋବର ୧୪ରେ ଗହମର ସମ୍ପୂର୍ଣ୍ଣ ମୂଲ୍ୟ କୁଇଣ୍ଟାଲ ପିଛା ୨,୩୩୧ ଟଙ୍କା ଥିଲା। ଏ ପରିକି ୨୦୨୦ର ସମାନ ଅବଧିରେ ମଧ୍ୟ କୁଇଣ୍ଟାଲ ପିଛା ୨,୪୭୪ ଟଙ୍କା ରହିଥିଲା ବୋଲି ପାଣ୍ଡେ କହିଛନ୍ତି। ତେଣୁ ଗହମର ଚଳିତ ବର୍ଷର ବୃଦ୍ଧିକୁ ଗତ ବର୍ଷ ତୁଳନାରେ ତୁଳନା କରିବା ଅନୁଚିତ। ଏହାକୁ ୨୦୨୦ରେ ପ୍ରଚଳିତ ମୂଲ୍ୟ ସହ ତୁଳନା କରାଯିବା ଉଚିତ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି। ୨୦୨୦ର ହାର ତୁଳନାରେ ଯେତେବେଳେ ହୋଲସେଲ ଗହମ ମୂଲ୍ୟରେ କୁଇଣ୍ଟାଲ ପିଛା ୨,୭୫୭ ଟଙ୍କା ଏବଂ ଖୁଚୁରା ଗହମ ମୂଲ୍ୟରେ ୧୨.୦୧% ବୃଦ୍ଧି ଘଟିଛି, ଚଳିତ ବର୍ଷ ଅକ୍ଟୋବର ୧୪ ସୁଦ୍ଧା କିଲୋଗ୍ରାମ ପିଛା ୩୧.୦୬ ଟଙ୍କା ରହିଛି। ସେହିପରି ଗହମରେ ଏହି ମୂଲ୍ୟ ବୃଦ୍ଧି ଯେ ସର୍ବନିମ୍ନ ସମର୍ଥନ ମୂଲ୍ୟ, ଇନ୍ଧନ ଏବଂ ପରିବହନ ତଥା ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ସହ ଏହା ଅନୁରୂପ ଅଟେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଚିନ୍ତା କରିବାର କିଛି ନାହିଁ, ଯେହେତୁ ସରକାର ଏହାର ଗୋଦାମରେ ଉଭୟ ଗହମ ଏବଂ ଚାଉଳର ମହଜୁଦ ରଖିଛନ୍ତି। କାରଣ ପିଡିଏସ୍ ତଥା ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଅନୁଯାୟୀ କ୍ରୟ ଆବଶ୍ୟକତାଠାରୁ ଅଧିକ ରହିଛି ଅକ୍ଟୋବର ୧ପର୍ଯ୍ୟନ୍ତ ସରକାର ୨୦୫ ଲକ୍ଷ ଟନ୍ ବଫର ଆଦର୍ଶଠାରୁ ୨୨୭ ଲକ୍ଷ ଟନ୍ ଅଧିକ ଗହମ ଭଣ୍ଡାର ଥିଲା ବୋଲି ଭାରତୀୟ ଖାଦ୍ୟ ନିଗମର ଅଧ୍ୟକ୍ଷ ଅଶୋକ କେ କେ ମୀନା ବିସ୍ତୃତ ତଥ୍ୟ ଉପସ୍ଥାପନା କରିଛନ୍ତି।

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୭।୧୦

ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ସତ୍ତ୍ୱେ ଶେୟାର ବଜାରର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। କାରଣ ଗତ ସପ୍ତାହର କାରବାର ଏକ ପ୍ରକାରର ଅସ୍ଥିରତା ମଧ୍ୟରେ ଶେଷ ହୋଇଥିଲା। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର କାରବାର ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୪୯୧ (୪୯୧.୦୧) ପଏଣ୍ଟ ବୃଦ୍ଧି ପାଇ ୫୮,୪୧୧ (୫୮,୪୧୦.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୬ (୧୨୬.୧୦) ପଏଣ୍ଟ ବଢ଼ି ୧୭,୩୧୨ (୧୭,୩୧୧.୮୦) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

ଏସ୍‌ବିଆଇ ପକ୍ଷରୁ ୨କୋଟିର ସହାୟତା

SBI
State Bank Of India

ନୂଆଦିଲ୍ଲୀ,୧୭।୧୦

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସଶସ୍ତ୍ର ବଳ ଯୁଦ୍ଧ ଆହତ କଲ୍ୟାଣ ପାଣ୍ଠି (ଏଏଫ୍‌ବିସିଡବ୍ଲ୍ୟୁଏଫ୍)କୁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ଯୁଦ୍ଧ ବା ଲଢ଼େଇ ସମୟରେ ଆହତ ହୋଇଥିବା ସଶସ୍ତ୍ର ସେନା ଯବାନ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଥିବା ଲୋକମାନଙ୍କ କଲ୍ୟାଣ ଓ ସହାୟତା ପାଇଁ ଏହି ପାଣ୍ଠି ପ୍ରଦାନ କରାଯାଇଛି। ଅପରପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ନୂତନ ଭାବେ ଲୋକାର୍ପଣ କରାଯାଇଥିବା 'ମା ଭାରତୀ କେ ସପୁତ' ନାମକ ଏକ ୱେବସାଇଟ୍ ଜରିଆରେ ମଧ୍ୟ ଏସବିଆଇ ଉକ୍ତ ପାଣ୍ଠି ପ୍ରଦାନ କରିଛି। ନୂଆଦିଲ୍ଲୀ ଜାତୀୟ ଯୁଦ୍ଧ ସ୍ମାରକୀ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୱେବସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଏଏଫ୍‌ବିସିଡବ୍ଲ୍ୟୁଏଫ୍ ହେଉଛି ଏକ ତ୍ରି-ସେବା ପାଣ୍ଠି ଯାହାକୁ ସକ୍ରିୟ ସାମରିକ କାର୍ଯ୍ୟକ୍ରମରେ ଜୀବନ ହରାଉଥିବା କିମ୍ବା ଗୁରୁତର ଭାବେ ଆହତ ହେଉଥିବା ଯବାନ- ନୌ ସେନା ଯବାନ- ବାୟୁ ସେନା ଯବାନଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ବ୍ୟବହାର କରାଯାଉଛି।

ରେଡ୍‌ମି ଏ୧+ ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୭।୧୦

ଦେଶର ପ୍ରମୁଖ ସ୍ମାର୍ଟ ଫୋନ୍ ଉତ୍ପାଦନକାରୀ କମ୍ପାନୀ 'ସାଓମି ଇଣ୍ଡିଆ'ର ପ୍ରମୁଖ ବ୍ରାଣ୍ଡ୍ ରେଡ୍‌ମି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଡ୍‌ମି ଏ୧+ର ଶୁଭାରମ୍ଭ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ମାତ୍ର ୬୯୯୯ ଟଙ୍କାରେ ଏଭଳି ଏକ ନୂତନ ଉତ୍ପାଦ (ରେଡ୍‌ମି ଏ୧+) ର ବଜାର ପ୍ରବେଶ ଉପଭୋକ୍ତାଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ରେଡ୍‌ମି ଏ୧+ କୁ ଏହାର ସର୍ବୋତମ ଶ୍ରେଣୀର ଫିଚରଗୁଡିକ ସହ ଚମତ୍କାର ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଗ୍ରାହକଙ୍କ ଲାଗି ଡିଜାଇନ୍ କରାଯାଇଛି। ଏକ ଲେଦର୍ ଟେକ୍ସଚରଡ୍ ଡିଜାଇନ୍, ଫିଙ୍ଗର ପ୍ରିଣ୍ଟ ସେନ୍ସର ଓ ଏକ ବିଶାଳ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ସ୍ୱଳ୍ପ ବଜେଟରେ ଏକ ଉପଯୁକ୍ତ ପସନ୍ଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଡିଭାଇସ୍ କ୍ରୟ ପାଇଁ ସ୍ୱତନ୍ତ୍ର ରୁପେ ଫ୍ଲିପ୍‌କାର୍ଟ, ଏମ୍ଆଇ ଡଟ୍ କମ୍ ଓ ଅନ୍ୟ ରିଟେଲ୍ ଷ୍ଟୋର୍‌ଗୁଡିକରେ ମଧ୍ୟ ଉପଲବ୍ଧ ରହିଛି। ଏହାର ୮ ଏମ୍‌ପି ଡୁଆଲ କ୍ୟାମେରା ରିୟର ସେଟ୍‌ଅପ୍ ଉପଭୋକ୍ତାଙ୍କୁ ଆଲୋକ ଓ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡିକୁ କ୍ୟାପ୍ଚର କରିବାକୁ ଅନୁମତି ଦେଉଥିବା ବେଳେ ଏହାର ୫ଏମ୍‌ପି ଫ୍ରଣ୍ଟ କ୍ୟାମେରା ପାର୍ବଣ ସେଲ୍‌ଫିଗୁଡିକ ପାଇଁ ଉପଯୁକ୍ତ ଅଟେ। ୧୦ଡବ୍ଲ୍ୟୁ ଫାଷ୍ଟ ଚାର୍ଜର୍-ଇନ୍-ବକ୍ସ ସହ ଏକ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ଏହି ସ୍ମାର୍ଟଫୋନ୍ ଏକ ସିଙ୍ଗଲ୍ ଚାର୍ଜରେ ୨ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ଏହା ୩ଟି ରଙ୍ଗ ବିକଳ୍ପ ଲାଇଟ୍ ଗ୍ରୀନ୍, ଲାଇଟ୍ ବ୍ଲୁ ଓ ବ୍ଲାକ୍ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ-୨ଜିବି/୩୨ଜିବି ଏବଂ ୩ଜିବି/୩୨ଜିବିରେ ଉପଲବ୍ଧ ହେଉଛି।

ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ଧନତେରାସ ଅଫର

ଭୁବନେଶ୍ୱର,୧୭।୧୦



ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ନିକଟରେ ସର୍ବଶ୍ରେଷ୍ଠ ଧନତେରାସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଲୋକ ଓ ଅମୃତର ପର୍ବ ଦୀପାବଳି ଓ ଧନତେରାସ ଉପଲକ୍ଷେ ଏହି ଅଫର ବ୍ରାଣ୍ଡ୍ ପକ୍ଷରୁ ଅଣାଯାଇଛି। ବ୍ରାଣ୍ଡର ପ୍ରିୟ ଗ୍ରାହକଙ୍କ ପସନ୍ଦ ଓ ଚାହିଦାକୁ ଦୃଷ୍ଟିରେ ରଖି ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନର ଗହଣା ସମ୍ଭାର ଚଳିତ ପାର୍ବଣ ପାଇଁ ପ୍ରସ୍ତୁତ କରାଯାଇଛି। ସର୍ବଶ୍ରେଷ୍ଠ ଧନତେରାସ ଅଫରରେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କିଣା ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ସମ୍ପୂର୍ଣ୍ଣ ମାଗଣା ସହ ସୁନା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ଛାଡ଼ ରହିଛି। ଏହି ଅଫର ଚଳିତ ବର୍ଷ ୨୧ ଅକ୍ଟୋବର ପର୍ଯ୍ୟନ୍ତ ଆଡଭାନ୍ସ ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ଷ୍ଟୋରର ଗହଣା ଉପରେ ଲାଗୁ ହେବ। ସେହିପରି ସର୍ବନିମ୍ନ ଫ୍ଲେକ୍ସିବଲ ସୁନା ଦର ଓ ପୁରୁଣା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ମିଳିବ। ଅପରପକ୍ଷରେ ଚଳିତ ବର୍ଷର ଧନତେରାସ ଅବସରରେ ଗହଣାର ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନ ସହ ଆମେ ଓଡ଼ିଶାର ଗର୍ବ କୋଣାର୍କ ଦ୍ୱାରା ପ୍ରେରିତ ସ୍ପେଶାଲ ଅର୍କ ଗହଣାର ମଧ୍ୟ ବଜାର ପ୍ରବେଶ କରାଇଛୁ, ଯାହାର ଗଢ଼ା ମଜୁରି ମାତ୍ର ୪୯୯ଟଙ୍କା ରହିଛି। ସେହିପରି ହୀରା ଗହଣା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼, ଆଉ ରୁପା ଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ଛାଡ ରହିଛି। ଏ ସମ୍ପର୍କରେ ଅରୁନ୍ଧତୀ ଜ୍ୱେଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାର ସର୍ବବୃହତ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀକୁ ତିଆରି କରିଥିବା ହଜାର ହଜାର ଗ୍ରାହକବନ୍ଧୁଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ। ଏପରିକି ଆମର ନୂତନ କେଲକ୍ସନ୍ 'ଅର୍କ'ର ଆନନ୍ଦ ନେବା ସହ ଧନତେରାସରେ ନିଜର ମନପସନ୍ଦର ଗହଣା ଏବଂ ଆକର୍ଷଣୀୟ ଅଫରର ଭରପୂର ଲାଭ ଉଠାଇବା ପାଇଁ ସମସ୍ତ ଗ୍ରାହକଙ୍କୁ ସାଦର ନିମନ୍ତ୍ରଣ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଟ୍ରାଇ ପକ୍ଷରୁ ଡ୍ରାଇଭ ଟେଷ୍ଟ ରିପୋର୍ଟ ଜାରି

ନୂଆଦିଲ୍ଲୀ,୧୭।୧୦

ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ସହାୟତାରେ ଦେଶର ୧୫ଟି ସହରରେ ଡ୍ରାଇଭ ଟେଷ୍ଟ କରାଯିବା ସହ ତା'ର ରିପୋର୍ଟ ମଧ୍ୟ ଜାରି କରାଯାଇଛି। ସୋମବାର ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଜଳନ୍ଧର, ଅମ୍ବାଲା, ଆଇଜଲ, କୋଷ୍ଟାଇ, ଇମ୍ଫାଲ, କିଷନଗଞ୍ଜ, ପୋର୍ଟବ୍ଲେୟାର, ବିଳାସପୁର, ଗ୍ୱାଲିୟର, ମିରଟ, ଅହମ୍ମଦନଗର, ଚିକମଙ୍ଗଲୁର, ୱାରଙ୍ଗଲ, କଟକ ଏବଂ କୋଏମ୍ବାଟୁର ସହ ୨ଟି ରାଜପଥ ମିରଟ-ଆଗ୍ରା ଓ ଗ୍ୱାଲିୟର-ଗୁନା ସହ ଗୋଟିଏ ରେଳ ମାର୍ଗ-ରାୟଗଡ଼ରୁ ଡୋଙ୍ଗରଗଡ଼ ପର୍ଯ୍ୟନ୍ତ ମଧ୍ୟ ଡ୍ରାଇଭ ଟେଷ୍ଟ କରାଯାଇଥିଲା। ଏପରିକି ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସ ସମୟରେ ଏହି ପରୀକ୍ଷଣ କରାଯାଇଥିଲା। ସେଲୁଲାର ମୋବାଇଲ ଟେଲିଫୋନ ସେବା ପ୍ରଦାନକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଭଏସ ଏବଂ ଡାଟା ସେବା ପାଇଁ ନେଟୱର୍କର ଗୁଣବତ୍ତା ଆକଳନ ପାଇଁ ଏହି ଟେଷ୍ଟ କରାଯାଇଥିଲା। ସେହିଭଳି ଉପରୋକ୍ତ ଅଞ୍ଚଳଗୁଡିକରେ କାର୍ଯ୍ୟକ୍ଷମ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ନେଟୱର୍କକୁ ଆକଳନ ପାଇଁ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ(କେପିଆଇ)କୁ ଅନୁଧ୍ୟାନ କରାଯାଇଥିଲା। ସେହିପରି ଭଏସ୍ ସେବା ପାଇଁ କେପିଆଇଗୁଡ଼ିକ ମଧ୍ୟରେ କଭରେଜ, କଲ୍ ସେଟଅପ୍ ସଫଳତା ହାର (ସିଏସ୍ଏସ୍ଆର), ଡ୍ରପ କଲ୍ ହାର, ବ୍ଲକ୍ କରାଯାଇଥିବା କଲ ହାର, ହ୍ୟାଣ୍ଡ ଓଭର ସଫଳତା ହାର, ଆରଏକ୍ସ ଗୁଣବତ୍ତା ଆଦି ମଧ୍ୟ ଅନୁଧ୍ୟାନ କରାଯାଇଥିଲା।

ଫୁର୍‌ସତ୍

ସେନା ଟାର୍ଗେଟ୍‌ରେ ସେଲିବ୍ରିଟି

ଶେରଭିନ୍ ହାଜିପୋର

ତେହରାନ୍: ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ପୂରି ଯାଇଛି ଏକମାସ। ୨୨ ବର୍ଷୀୟା ମହସା ଆମିନିଙ୍କ ହାଜତ ମୃତ୍ୟୁ ପରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ବିକ୍ଷୋଭ ପରବର୍ତ୍ତୀ ସମୟରେ ଜନଆନ୍ଦୋଳନର ରୂପ ନେଇଥିଲା। ଲୋକଙ୍କୁ ପ୍ରତିବାଦରୁ ହଟାଇବା ପାଇଁ ପୋଲିସ ସେମାନଙ୍କ ଉପରକୁ ଗୁଳି ଫୁଟାଇବାକୁ ମଧ୍ୟ ପଛାଉ ନାହିଁ। ଏଥିରେ ଶତାଧିକ ନିରୀହଙ୍କ ମୃତ୍ୟୁ ଘଟିଛି। ଆନ୍ଦୋଳନକୁ ଅଧିକମାତ୍ରାରେ ସମର୍ଥନ ଜଣାଇଛନ୍ତି ଇରାନ୍‌ର ଆଥ୍‌ଲେଟ୍, ସେଲିବ୍ରିଟି ଓ ସିଙ୍ଗର। ସମର୍ଥନ ପାଇଁ ଇରାନ୍ ମିଲିଟାରି ଏମାନଙ୍କୁ ଟାର୍ଗେଟ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ଅନେକଙ୍କ ପାସ୍‌ପୋର୍ଟ ଛଡ଼ାଇ ନିଆଯାଇଥିବାବେଳେ ୭ରୁ ଊର୍ଦ୍ଧ୍ୱ ସେଲିବ୍ରିଟିଙ୍କୁ ଦେଶ ମଧ୍ୟରେ ଅଟକ ରଖାଯାଇଛି। ଆନ୍ଦୋଳନବେଳେ ଇରାନୀ ସିଙ୍ଗର ଶେରଭିନ୍ ହାଜିପୋର ପୋଲିସ ବିରୋଧରେ ଗୀତ ଗାଇବା ନେଇ ତାଙ୍କୁ ଗିରଫ କରାଯାଇଥିଲା। କିଛିଦିନ ସେ ଜେଲରେ ରଖିବା ପରେ ଅକ୍ଟୋବର ୪ରେ ତାଙ୍କୁ ଜାମିନ୍ ମିଳିଥିଲା। ଇରାନ୍‌ର ଲୋକପ୍ରିୟ ସିଙ୍ଗର ହୋମାୟୁନ୍ ଶାଜାରିଆନ ଅଷ୍ଟ୍ରେଲିଆରେ ଏକ ଷ୍ଟେଜ୍ ଶୋ' କରିବା ସମୟରେ ଆମିନିଙ୍କ ଏକ ବିରାଟ ଫଟୋ ପ୍ରୋଜେକ୍ଟରରେ ଲଗାଇଥିଲେ। ଏହାସହ ଏକ ଟ୍ରାଡସ୍‌ନାଲ ଗୀତ ଗାଇଥିଲେ। ସେଠାରେ ଉପସ୍ଥିତ ଦର୍ଶକ ଶାଜାରିଆନଙ୍କ ଗୀତକୁ ତାଙ୍କ ସହ ଦୋହରାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ସେ ଇରାନ୍ ଫେରିବା ପରେ ଏୟାରପୋର୍ଟରେ ପୋଲିସ ତାଙ୍କ ପାସ୍‌ପୋର୍ଟ ଜବତ କରିନେଇଥିଲେ। ମ୍ୟୁଜିକ୍ ଶୋ' ପାଇଁ ତାଙ୍କ ସହ ଯାଇଥିବା ଅଭିନେତ୍ରୀଙ୍କୁ ମଧ୍ୟ ସମାନ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଏ ସମ୍ପର୍କରେ ନିଜ ଇନ୍‌ଷ୍ଟାଗ୍ରାମରେ ଶାଜାରିଆନ ଭିଡିଓ ଶେୟାର କରିଥିଲେ। ସମାନ ଭାବେ ଫୁଟବଲ ଖେଳାଳି ଅଲି ଦାଇଙ୍କ ପାସ୍‌ପୋର୍ଟ ବଳପୂର୍ବକ ଛଡ଼ାଇ ନିଆଯାଇଥିବାବେଳେ ହିଜାବ୍ ବିରୋଧୀ ଆନ୍ଦୋଳନ ପ୍ରସଙ୍ଗରେ ସୋସିଆଲ ମିଡିଆରେ କୌଣସି ପୋଷ୍ଟ ନ କରିବା ପାଇଁ ଇରାନ୍ ସରକାରଙ୍କ ପକ୍ଷରୁ ଅଭିନେତ୍ରୀ ହେଡିହ ତେହରାନିଙ୍କୁ ଚେତାବନୀ ଦେଇଥିଲା। ଖାଲି ଇରାନ୍‌ର ଲୋକପ୍ରିୟ ସେଲିବ୍ରିଟି ନୁହନ୍ତି, ବିଦେଶୀ କଳାକାର ଦୁଆଲିପା, ଆଞ୍ଜେଲିନା ଜୋଲି ଏବଂ ଶକିରା ସୋସିଆଲ ମିଡିଆରେ ଇରାନ୍‌ରେ ହିଜାବ ବିରୋଧୀ ପ୍ରଦର୍ଶନକାରୀଙ୍କ ଫଟୋ ଶେୟାର କରିଛନ୍ତି।

ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ମାସେ

ଭୁଲ ଢଙ୍ଗରେ ହିଜାବ ପିନ୍ଧିବା ନେଇ ଆମିନିଙ୍କୁ ପୋଲିସ ଗିରଫ କରିଥିଲା। ହାଜତରେ ଥିବା ସମୟରେ ସେ ଚେତାଶୂନ୍ୟ ହୋଇଯାଇଥିବାବେଳେ ସେପ୍ଟେମ୍ବର ୧୬ରେ ତାଙ୍କ ମୃତ୍ୟୁ ହୋଇଥିଲା। ଆମିନିଙ୍କ ମୃତ୍ୟୁର ଗୋଟିଏ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧୭ରୁ ଇରାନ୍‌ର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ହିଜାବ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହାର ଦୁଇଦିନ ପରେ ଏହି ଆନ୍ଦୋଳନ ଇରାନ୍‌ରେ ଜନଆନ୍ଦୋଳନର ରୂପ ନେଇଥିଲା। ଓସ୍‌ଲୋରେ ଥିବା ଏନ୍‌ଜିଓର ତଥ୍ୟ ଅନୁସାରେ ଅଦ୍ୟାବଧି ଏହି ଆନ୍ଦୋଳନରେ ୨୧୦ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଛି। ୧୨୦୦ରୁ ଊର୍ଦ୍ଧ୍ୱ ବିରୋଧ ପ୍ରଦର୍ଶନକାରୀ ଗିରଫ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୦ଜଣ ଖବରଦାତା ସାମିଲ ଥିବା ଜଣାପଡ଼ିଛି।

ଉର୍ବଶୀଙ୍କୁ କଟାକ୍ଷ

ମୁମ୍ବାଇ

ଅଭିନୟ ଛଡ଼ା ଅନେକ ସମୟରେ ସୋସିଆଲ ମିଡିଆ ପୋଷ୍ଟ ପାଇଁ ସମାଲୋଚନାର ଶିକାର ହୋଇଥାନ୍ତି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା । ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଇବା ପାଇଁ ଉର୍ବଶୀ କେଶ କାଟିଛନ୍ତି। ଏହାର ଫଟୋ ମଧ୍ୟ ସେ ସୋସିଆଲ ମିଡିଆରେ ଶେୟାରୁ କରିଛନ୍ତି। ତେବେ ଏହି ଫଟୋ ନେଇ ନାୟିକାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। କେଶ କାଟିବାର ଫଟୋ ଶେୟାର କାରିବା ସହ ଇରାନ୍‌ରେ ଜାରିଥିବା ହିଜାବ୍ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ଲାଗି ଦେଶର ପ୍ରତ୍ୟେକ ମହିଳାଙ୍କୁ ନିଜ ଫଟୋ କ୍ୟାପ୍ସନ ଜରିଆରେ କହିଥିଲେ। ଉର୍ବଶୀଙ୍କ କେତେଜଣ ଫ୍ୟାନ୍ ତାଙ୍କ ଏ ପ୍ରକାର କାର୍ଯ୍ୟ ପାଇଁ ପ୍ରଶଂସା କରିଥିବାବେଳେ ବହୁ ୟୁଜର୍ସ ଉର୍ବଶୀଙ୍କୁ ସମାଲୋଚନା କରିଛନ୍ତି। ବର୍ତ୍ତମାନ ଏହି କେଶ କାଟିବା ପ୍ରସଙ୍ଗକୁ ନେଇ ନାୟିକାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ ହେବାକୁ ପଡ଼ିଛି। ହିନ୍ଦୀ ଫିଲ୍ମ 'ଭର୍ଜିନ ଭାନୁପ୍ରିୟା'ରେ ଶେଷଥର ପାଇଁ ଉର୍ବଶୀ ବଡ଼ ପରଦାରେ ଦେଖାଯାଇଥିଲେ। ତେବେ ଆଗାମୀ ଦିନରେ ତାଙ୍କ ଅଭିନୀତ ତାମିଲ ଫିଲ୍ମ 'ଦ ଲିଜେଣ୍ଡ' ରିଲିଜ୍ ଅପେକ୍ଷାରେ ଥିବାବେଳେ ହିନ୍ଦୀ ଚଳଚ୍ଚିତ୍ର ' ଦିଲ୍ ହୈ ଗ୍ରେ' ଆଗାମୀ ଦିନରେ ମୁକ୍ତିଲାଭ କରିବ ।

ଦୀପାବଳି ଉପଲକ୍ଷେ କର୍ମଚାରୀଙ୍କୁ କାର୍ ଓ ବାଇକ ଭେଟି

ଚେନ୍ନାଇ: ଚେନ୍ନାଇର ଚେନ୍ ଚଲ୍ଲାନି ଜୁଏଲେରୀର ମାଲିକ ଜୟନ୍ତୀ ଲାଲ ଚାୟାନ୍ତି ଦୀପାବଳି ଉପଲକ୍ଷେ ତାଙ୍କ କର୍ମଚାରୀମାନଙ୍କୁ କାର୍ ଓ ବାଇକ୍ ଭେଟି ଦେଇଛନ୍ତି। ଏ ନେଇ ଜୟନ୍ତୀ ପାଖାପାଖି ୧.୨ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। କର୍ମଚାରୀଙ୍କ ପାଇଁ ସେ ୮ଟି କାର୍ ଓ ୧୮ଟି ବାଇକ୍ କିଣିଛନ୍ତି। ଭଲ, ମନ୍ଦ ସମୟରେ ଏହି କର୍ମଚାରୀମାନେ ଜୟନ୍ତୀଙ୍କ ସହ କାମ କରୁଥିବାବେଳେ କାମପ୍ରତି ସେମାନଙ୍କ ଆଗ୍ରହ ବଢ଼ାଇବା ପାଇଁ ତାଙ୍କୁ ଏ ସବୁ ଜିନିଷ ଉପହାର ସ୍ୱରୂପ ଦିଆଯାଉଛି। ପରିବାର ଭଳି ସେମାନେ ଗୋଟିଏ ଜାଗାରେ କାମ କରୁଥିବା ସେ କହିଛନ୍ତି।

ମୋ ଚକୋଲେଟ୍ ମା'ଚୋରି କରୁଛନ୍ତି, ତାଙ୍କୁ ଜେଲ୍ ପଠାଇଦିଅ

ଭୋପାଳ: ମଧ୍ୟପ୍ରଦେଶ ବହରମନପୁରରୁ ଏକ କୌତୁହଳ ଘଟଣା ସାମ୍ନାକୁ ଆସିଛି। ମା' ମାଡ଼ ମାରିବା କାରଣରୁ ୩ ବର୍ଷର ସଦ୍ଦାମ ଦଦତଲାଇ ଥାନା ଯାଇ ଅଭିଯୋଗ କରିଛନ୍ତି। ବାପାଙ୍କ ସହ ଥାନାକୁ ଯାଇ ସଦ୍ଦାମ କହିଥିଲେ ଯେ, ମୋ ମା' ମୋତେ ମାଡ଼ ମାରୁଛନ୍ତି ଓ ମୋର ସବୁ ଚକୋଲେଟ୍ ଚୋରି କରି ନେଉଛନ୍ତି। ତାଙ୍କୁ ଜେଲ୍‌ରେ ବନ୍ଦ କରିଦିଅ। ସଦ୍ଦାମଙ୍କ ବାପା ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ, ସଦ୍ଦାମଙ୍କୁ ତାଙ୍କ ମା' କଳା ଲଗାଇଦେବା ପାଇଁ କହିଥିଲେ। କିନ୍ତୁ ସଦ୍ଦାମ କଳା ନ ଲଗାଇବାକୁ ଜିଦ୍ କରିଥିଲେ। ଏ ନେଇ ମା' ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏତିକିରେ ହିଁ ସେ କାନ୍ଦିଥିଲେ। ମା'ଙ୍କ ନାଁରେ ଥାନାରେ ଅଭିଯୋଗ କରିବା ପାଇଁ ସେ ଜିଦ୍ କରିଥିଲେ, ତାଙ୍କ ବାପା ସଦ୍ଦାମଙ୍କୁ ଥାନା ନେଇ ଯାଇଥିଲେ। ଦଦତଲାଇ ଥାନା ଏସ୍ଆଇ ସଦ୍ଦାମଙ୍କ ମନ ରଖିବା ପାଇଁ ଅଭିଯୋଗ ଲେଖିଥିଲେ। ପରେ ଥାନା କର୍ତ୍ତୃପକ୍ଷ ତାଙ୍କୁ ବୁଝେଇ ଘରକୁ ପଠେଇ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଅକ୍ଟୋବର, ୨୦୨୨

ସଂକ୍ଷେପରେ

ଘରର ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଲୁଟ୍

ରାଜନଗର, ୧୭।୧୦(ଡି.ଏନ.ଏ.): ରାଜନଗର ଥାନା ଅନ୍ତର୍ଗତ ରାଜନଗର-ଗୁପ୍ତି ମୁଖ୍ୟରାସ୍ତାର ଗୁପ୍ତି ନିକଟରେ ଥିବା ଏକ କୋଠାଘରର ଗ୍ରୀଲ୍, କବାଟ ଦୁର୍ବୃତ୍ତମାନେ ତାଡ଼ି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଓ ଅନ୍ୟ ମୂଲ୍ୟବାନ୍ କାଗଜପତ୍ର ରବିବାର ରାତିରେ ଲୁଟି ନେଇଛନ୍ତି। ଏ ନେଇ ସାତଭାୟା କାନପୁର ଗାଁର ରଞ୍ଜନ କୁମାର ବେହେରା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ତାଙ୍କ ସାନଭାଇ ରୋହିତ କେରଳର ଏକ ପ୍ଲାଏଉଡ୍ କମ୍ପାନୀରେ କାମ କରିବା ସହ ସପରିବାର ସେଠାରେ ରହୁଛନ୍ତି। ତାଙ୍କର ଗୁପ୍ତି ନିକଟ ରାସ୍ତାକଡ଼ କୋଠାଘରର ଗ୍ରୀଲ୍ ଓ କବାଟ ତାଡ଼ି ଘରେ ପଶି ଘରେ ଥିବା ଗଡ୍‌ରେଜ ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ଓ ଜମି ସଂକ୍ରାନ୍ତୀୟ ଦଲିଲ ଏବଂ ଏଲ୍‌ଆଇସି ବଣ୍ଡ ଆଦି ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସାହିତ୍ୟ ଫର୍ଦ୍ଦ ପତ୍ରିକା ଉନ୍ମୋଚନ

ରାଜନଗର, ୧୭।୧୦(ଡି.ଏନ.ଏ.): ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବିଲକାଲୁପଡାସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ସାହିତ୍ୟ ଫର୍ଦ୍ଦ ପତ୍ରିକାର ଉନ୍ମୋଚନ ସୋମବାର ହୋଇଯାଇଛି। ଏଥିରେ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, କବି ପ୍ରେମାନନ୍ଦ ଖଣ୍ଡୁଆଳ, ଅଭିରାମ ସାହୁ, ଶରତ ଚନ୍ଦ୍ର ନାୟକ, କଥାକାର ପ୍ରଦୀପ ନାୟକ, ବନଫୁଲର ସମ୍ପାଦକ କଥାକାର ରତ୍ନାକର ନାୟକ, ଅଧାପିକା ଭଗବତୀ ରାଉତ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ପଣ୍ଡିତ ସନ୍ତୋଷ ଶତପଥୀ, ଅବସରପ୍ରାପ୍ତ ପ୍ରାଧାପକ ସତ୍ୟବାଦୀ ଜେନା, ଶ୍ରୀରାଧାକୃଷ୍ଣ ମନ୍ଦିରର ପରିଚାଳକ ମଧୁସୂଦନ ପରିଡା, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ସାହିତ୍ୟ ଫର୍ଦ୍ଦ ସମ୍ପର୍କରେ ମତ ରଖିଥିଲେ। ସାହିତ୍ୟ ଫର୍ଦ୍ଦର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

ଅଟୋରେ ଜନ୍ମ ନେଲା ଶିଶୁ କନ୍ୟା

■ ତଳକୁ ଗଳି ପଡ଼ି ଚେତାଶୂନ୍ୟ ହେଲେ ମାଆ

■ ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ

ମହାକାଳପଡା, ୧୭।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତର କୋଚିଳାବେଲାରୀ ଗାଁର ସୂର୍ଯ୍ୟକାନ୍ତ ମାଇତିଙ୍କ ସ୍ତ୍ରୀ ଖୁକମଣି ବେରାଙ୍କ ପ୍ରସବ ବେଦନା ସୋମବାର ମଧ୍ୟାହ୍ନରେ ହୋଇଥିଲା। ତାଙ୍କୁ ପରିବାର ଲୋକେ ନିକଟ ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ପରିବାର ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କହିଥିଲେ। ପରେ ପରିବାର ଲୋକେ ଖୁକମଣିଙ୍କୁ ଏକ ଅଟୋ ରିକ୍ସା ଯୋଗେ ଦୀର୍ଘ ୬ କିମି ଦୂର କଚ୍ଚାରାସ୍ତାରେ ନେଇ ଯାଉଥିଲେ। ଏହି ସମୟରେ ଖରିନାସୀ-ଚୁବି ଫେରିଘାଟ ପୂର୍ବରୁ ରାସ୍ତା ଉପରେ ଅଟୋ ମଧରେ ସେ ଏକ ଶିଶୁକନ୍ୟା ଜନ୍ମ କରିଥିଲେ। ଶିଶୁକନ୍ୟାକୁ ଜନ୍ମଦେବା ପରେ ମା' ରାସ୍ତାକୁ ଖସିପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ଶିଶୁକନ୍ୟାର ନାଭି ଲାଗି ରହିଥିଲା। ପରିବାର ଲୋକେ ଅଚେତ ଅବସ୍ଥାରେ ମା' ଓ ଶିଶୁକନ୍ୟାଙ୍କୁ ପୁଣି ଅଟୋ ଯୋଗେ ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଧରି ଫେରିଥିଲେ। ଖବର

ଅଟୋ ରିକ୍ସାରେ ପ୍ରସୂତି।

ଲେଖାହେଲା ବେଳକୁ ମା' ଓ ଶିଶୁ କନ୍ୟା ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସ୍ୱାମୀ ସୂର୍ଯ୍ୟକାନ୍ତ କହିଛନ୍ତି।

ସୂଚନାଯୋଗ୍ୟ, ବତୀଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ପିପିପି (ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍) ମୋଡ୍‌ରେ ଘରୋଇ ପରିଚାଳନାରେ ଚାଲିଛି। ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବୋଟ୍ ଆମ୍ବୁଲାନ୍ସ ସରକାର ଯୋଗାଇ ଦେଇଛନ୍ତି। ହେଲେ ଏଠାରେ ସ୍ୱାସ୍ଥ୍ୟ ସଚେତନତା ଅଭାବ ପରିଲକ୍ଷିତ ହେଉଛି ବୋଲି ଅଭିଯୋଗ ଉଠୁଛି। ଏହି ପଞ୍ଚାୟତରେ ୧୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଏଠାରେ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଗର୍ଭବତୀ ମା', ପ୍ରସୂତି ଓ ନବଜାତ ଶିଶୁଙ୍କ ଯତ୍ନ ଉପରେ ସଚେତନ କରୁ ନ ଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ପ୍ରତି ମାସରେ ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଗର୍ଭସ୍ଥ ଶିଶୁମାନଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଟିକାକରଣ, ମମତା ଯୋଜନା ଓ ପୁଷ୍ଟିକର ଖାଦ୍ୟସାମଗ୍ରୀ ଯୋଗାଇ ଦେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାକୁ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀ ନଦୀନାଳ ଘେରା ଉପାନ୍ତ ଅଞ୍ଚଳକୁ ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ଯାହାର ସଦ୍ୟତମ ଉଦାହରଣ ୨ ମାସ ହେବ ଗର୍ଭବତୀ ଖୁକମଣିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

ଫେରାର ୪ ଅଭିଯୁକ୍ତ ଗିରଫ

ହଜାରୀ ଛକ ଡକାୟତି ଯୋଜନା ଘଟଣା

ମାର୍ଶାଘାଇ, ୧୭।୧୦(ଡି.ଏନ.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ହଜାରୀ ଛକ ପୋଲ ନିକଟରେ ଗତ ୬ ତାରିଖରେ ଏକ ଡକାୟତି କରିବା ଯୋଜନାରେ ସାମିଲ ଥାଇ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ କାର (ନଂ.ଓଡି ୦୨ସିବି୪୯୫୪) ଗୋଟିଏ ତେଲ କଢ଼ା ପାଇପ, ୬ଟି ତେଲ ବୋଝେଇ ଜାର ଓ ୪ ଟା ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଆଠବାଟିଆ ଗାଁର ଜ୍ଞାନ ରଞ୍ଜନ ଦାସ(୨୮), ଅଜୟ ମଲ୍ଲିକ (୨୨) ମୀନକେତନ କବି (୩୦) ଓ ବରେଇ ଗାଁର କେଦାର ରଞ୍ଜନ ମାଣ୍ଡୁ। ପୋଲିସ କେସ ନଂ. ୩୯୩/୨୨ରେ ମାମଲା ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରିଣୀ କୌଶରିକା ରାଉତରାୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଏହି ଘଟଣାରେ ପୂର୍ବରୁ ୩ ଜଣ ଗିରଫ ହୋଇଥିବା ବେଳେ ସୋମବାର ଅନ୍ୟ ଜଣେ ଗିରଫ ହୋଇଥିଲେ।

ଗିରଫ ଅଭିଯୁକ୍ତ, ଜବତ କାର ଓ ତେଲ।

ଚାନ୍ଦୋଳ ପଞ୍ଚାୟତରେ ୬୭୧ ଅଭିଯୋଗ

ଡେରାବିଶ, ୧୭।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କ ନିକଟତର ହେବା ପାଇଁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜାରି ରହିଛି। ସୋମବାର ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ। ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ ସୁରେନ୍ଦ୍ର ମିଲକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ବିଡିଓ ନମିତା ବାରିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମୁଦାୟ ୬୭୧ଟି ଅଭିଯୋଗକୁ ଗ୍ରହଣ କରିଥିଲେ। କେତୋଟି ଅଭିଯୋଗର ତୁରନ୍ତ ସମାଧାନ କରିବା ସହ ଅନ୍ୟଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟକୁ

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଗ୍ରହଣ କରୁଛନ୍ତି।

ପଠାଇଥିଲେ। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ୨୨ରୁ ଅଧିକ ଷ୍ଟଲ ଖୋଲାଯିବା ସହ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ତେବେ ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ହେବାକୁ ବହୁ ଅଭିଯୋଗ ଦାଖଲ ହୋଇଥିଲା। ବିଶେଷକରି ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିବା ହିତାଧିକାରୀ ସେମାନଙ୍କର ଅଭିଯୋଗ ଉପସ୍ଥିତ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସିଡିପିଓ ସ୍ନେହଲତା ସାହୁ, ଜୀବିକା ମିଶନର ସଂଯୋଜକ ହିମାଂଶୁ ଭୂଷଣ ଭଦ୍ର, ରତିକାନ୍ତ ପଟ୍ଟନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୁ ପ୍ରସାଦ ଦାସ, ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ପ୍ରେୟସୀ ସାମଲ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର ଶିବ ପ୍ରସାଦ ରାଉତରାୟ, ଦେବେଶ କୁମାର ବେହେରା, ତାପସ ରଞ୍ଜନ ଜେନା ଓ ସତ୍ୟବାଦୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଚିତ୍ତରଞ୍ଜନ ରାଉତ, ଅନିଲ କୁମାର ସେଠୀ, ଚିତ୍ତରଞ୍ଜନ ନାୟକ, ନିଖିଳ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

ବିଦ୍ୟାଳୟରେ ବିଧାୟକ ପିଲାଙ୍କୁ ପଢ଼ାଇଲେ ପାଠ

ରାଜନଗର, ୧୭।୧୦(ଡି.ଏନ.ଏ.)

ରାଜନଗର ବିଧାୟକ ଧ୍ରୁବ ସାହୁ ଏକ ନିଆରା କାମ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ହଠାତ୍ ଏକ କାର୍ଯ୍ୟକ୍ରମକୁ ଯିବା ବେଳେ ବାଟରେ ଗାଡି ରଖି ବିଦ୍ୟାଳୟରେ ପହଞ୍ଚିବା ଓ ସିଧା ବିଦ୍ୟାଳୟର ଶ୍ରେଣୀ ଗୃହକୁ ଯାଇ ପିଲାମାନଙ୍କୁ ଗଣିତ ଓ ବିଜ୍ଞାନ ବିଷୟରେ ପଢାଇବା ସହ ସାଧାରଣଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ବିଦ୍ୟାଳୟର ପାଠପଢା ସ୍ଥିତି ସମ୍ପର୍କରେ ସେ ଜାଣିବାକୁ ଚେଷ୍ଟା କରିଥିଲେ। ଡ. ଅବଦୁଲ କାଲାମ, ଜାତିର ପିତା ମହାତ୍ମା ଗାନ୍ଧୀ, ସୁବାଷ ବୋଷ, ସ୍ୱାମୀ ବିବେକାନନ୍ଦଙ୍କ ଭଳି ମହାପୁରୁଷମାନଙ୍କ ଜୀବନ, ସଂଗ୍ରାମର ଗୌରବ ଗାଥା ଆଲୋଚନା କରିବା ସହିତ ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଏହାଛଡା ବିଦ୍ୟାଳୟର ଶୈକ୍ଷିକ ବାତାବାରଣ, ଶ୍ରେଣୀ ଗୃହଗୁଡିକ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ, ପରିଚାଳନା କମିଟିର ସଦସ୍ୟମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସାହୁଙ୍କ ସହ ପତ୍ରକାର ଭାସ୍କର ରାଉତରାୟ, ନରହରି ଜେନା, ବିଜୟ ନାୟକ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବିଧାୟକ ଧ୍ରୁବ ସାହୁ ବିଦ୍ୟାଳୟରେ ପିଲାଙ୍କୁ ପଢାଉଛନ୍ତି।

ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଏଏସ୍ ପରୀକ୍ଷାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୧୭।୧୦(ସ୍ୱ.ପ୍ର.): ଓଏଏସ୍ ପରୀକ୍ଷାରେ ଡେରାବିଶ ବ୍ଲକ ଅଞ୍ଚଳର ୪ ଜଣ ଯୁବକ କୃତିତ୍ୱ ଅର୍ଜନ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥି ଭାବେ ବିଡିଓ ନମିତା ବାରିକ, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଓଏଏସ୍ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଖମୋଳ ପଞ୍ଚାୟତ ବିଶୋକ ଗ୍ରାମର ଆଲଫା ଜେନା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଞ୍ଚଣା ଗାଁର ଶାରଦା ପ୍ରସାଦ ପ୍ରଧାନ ଓ ବାରିମୁଳ ପଞ୍ଚାୟତ ରାୟପୁର ଗାଁର ବିଶ୍ୱଜିତ ପ୍ରଧାନଙ୍କୁ ଡେରାବିଶ ପ୍ରତିଭା ସମ୍ମାନରେ ସମ୍ମାନିତ କରିଥିଲେ। ସଭାରେ ଅଧ୍ୟାପକ ଗୁରୁଚରଣ ସେଠୀ, ସାହାଜାହାନ ଖାଁ, ସୁଶାନ୍ତ ପାତ୍ର, କାଶୀନାଥ କାଣ୍ଡି, ଶିକ୍ଷାବିତ୍ ଅତୁଲ୍ୟ କୁମାର ରଥ ଯୋଗ ଦେଇଥିଲେ।

୨ ଘଣ୍ଟା ପରେ ମା' କୋଳକୁ ଫେରିଲା ଝିଅ

ରାଜନଗର, ୧୭।୧୦(ଡି.ଏନ.ଏ.)

ବସ୍‌ରେ ଆସୁଥିବା ବେଳେ ୫ ବର୍ଷର ଝିଅ ହଜିଗଲା। ମା' ରାଜନଗରରେ ବସ୍‌ରୁ ଓହ୍ଲାଇଲା ବେଳେ ଝିଅକୁ ନ ପାଇ ଖୋଜାଖୋଜି କରିବା ସହ ଥାନାରେ ପହଞ୍ଚିଥିଲେ। ପୋଲିସ ପକ୍ଷରୁ ଖୋଜତାଡ ପରେ ୧୫ କିମି ପୂର୍ବରୁ ଝିଅକୁ ଠାବ କରାଯାଇଥିଲା। ଝିଅକୁ ତା'ବାପା ଧରି ରାଜନଗର ଥାନାରେ ପହଞ୍ଚିବା ପରେ ସେଠାରୁ ଘରକୁ ଫେରିଥିଲେ। ସୋମବାର ଗୁପ୍ତିରୁ କଟକ ଆସୁଥିବା ବସରେ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଗାଁର ଭୋଳାନାଥ ମିର୍ଦ୍ଧାଙ୍କ ସ୍ତ୍ରୀ ରେଖା, ତାଙ୍କର ୫ ବର୍ଷର ଝିଅ ଓ ୮ ବର୍ଷର ପୁଅକୁ ଧରି ରାଜନଗର ଆସିବାକୁ ବସ୍‌ରେ ଚଢି ଥିଲେ। ସାଙ୍ଗରେ ତାଙ୍କର ଭାଉଜ ଆସୁଥିଲେ। ରାଜନଗର ହଂସୁଆ ସେତୁ ନିକଟରେ ଓହ୍ଲାଇବା ବେଳେ ଝିଅ ମଧୁସ୍ମିତାଙ୍କୁ ପାଇ ନ ଥିଲେ। ବସ୍‌ରେ ଭିଡ ଯୋଗୁ ସମସ୍ତ ଛିଡା ହୋଇ ଆସୁଥିବା ବେଳେ ଝିଅ ଗୁପ୍ତି ଗାଁର ଉପେନ୍ଦ୍ର ପଲାଇଙ୍କ ପାଖରେ ବସି ଥିଲେ। ଉପେନ୍ଦ୍ରଙ୍କୁ ପଚରାଉଚରା ପରେ ସେ ଜାଣି ନ ଥିବା କହିଥିଲେ। ବସ୍‌ରେ ପିଲା ଚୋରି ହୋଇଥିବା ନେଇ ଗୁଜବ ପ୍ରଚାରିତ ହୋଇଯାଇଥିଲା। ପୋଲିସ କୃଷ୍ଣପ୍ରିୟାପୁରରୁ ରାଜନଗର ମଧରେ ବିଭିନ୍ନ ଷ୍ଟପେଜରେ ପଚରା ଉଚରା କରିବା ପରେ ଧୋବେଇଗଡ ଶିବ ଠାକୁରଙ୍କ ନିକଟରେ ଅନ୍ୟ ଏକ ଝିଅ ସହ ମଧୁସ୍ମିତା ବସିଥିବା ଖବର ପାଇଥିଲେ। ଗୁପ୍ତି ସରପଞ୍ଚଙ୍କ ସ୍ୱାମୀ ସାଗର ବାବୁ ସେଠାରେ ପହଞ୍ଚି ସେ ଝିଅର ଫଟୋ ଉଠାଇ ପୋଲିସକୁ ଦେଇଥିଲେ। ଫଟୋ ଦେଖି ରେଖା ତାଙ୍କ ଝିଅ ବୋଲି ଚିହ୍ନଟ କରିଥିଲେ। ଖବରପାଇ ଝିଅର ବାପା ଭୋଳାନାଥ ସେଠାରେ ପହଞ୍ଚି ଝିଅକୁ ଧରି ଥାନାକୁ ଆଣି ଥିଲେ। ଥାନାରେ ଝିଅ ମା' କୋଳକୁ ଫେରିବା ପରେ ସମସ୍ତେ ଘରକୁ ଫେରିଥିଲେ। ଦୀର୍ଘ ଦୁଇ ଘଣ୍ଟା ଧରି ଝିଅ ମା'ଠାରୁ ଅଲଗା ହୋଇ ରହିଥିଲା। ଧୋବେଇଗଡ ଷ୍ଟପେଜରେ ଗାଁର ଅନ୍ୟ ଝିଅମାନେ ଓହ୍ଲାଇବା ସମୟରେ ମଧୁସ୍ମିତା ଓହ୍ଲାଇ ପଡିଥିବା ଜଣାପଡିଥିଲା।

ଉଦ୍ଧାର ହୋଇଥିବା ୫ବର୍ଷର ଶିଶୁକନ୍ୟା।

ଜବରଦଖଲ ସରକାରୀ ଜମି ବିକ୍ରି

ବିଭିନ୍ନ ସାମାଜିକ ସଂସ୍ଥା ଆଳରେ ଜମି ଦଖଲ

ପଟ୍ଟାମୁଣ୍ଡାଇ, ୧୭।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ବହୁ ମୂଲ୍ୟବାନ ସରକାରୀ ଜମି ବିଭିନ୍ନ ସାମାଜିକ ସଂସ୍ଥା ଆଳରେ ଜମି ବ୍ୟବସାୟୀମାନେ କବ୍‌ଜା କରି ନେଉଛନ୍ତି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସରକାରୀ ନିଷିଦ୍ଧାଞ୍ଚଳ ଫଳକକୁ ବି ଓପାଡ଼ି ଫୋପାଡ଼ି ଦେଉଛନ୍ତି। ସରକାରୀ ଜମିକୁ ଜବରଦଖଲ କଲା ପରେ ଘର କରି ବିକ୍ରି କରାଯାଉଛି। ରାସ୍ତା ଉପରେ ବି ଘର କରି ଭଡ଼ା ଲଗାଯାଉଛି। ଯିଏ ବି ପ୍ରତିବାଦ କରୁଛି ବିଭିନ୍ନ ପ୍ରକାର ଧମକ ଦିଆଯାଉଛି। ପ୍ରଶାସନ ପାଖରେ ସବୁ ଖବର ରହିଥିଲେ ମଧ 'ଏହା ଓଡ଼ିଶା ସରକାରଙ୍କ ସମ୍ପତ୍ତି, ଅନାଧିକାର ପ୍ରବେଶ ଦଣ୍ଡନୀୟ' ଫଳକ ଲେଖି ସରକାରୀ ବାବୁମାନେ ଚୁପ୍ ହୋଇ ବସି ପଡୁଛନ୍ତି। ପରିଣାମ ସ୍ୱରୂପ ସରକାରୀ ଜମି ଶାଗମାଛ ଦରରେ ବିକ୍ରି ଚାଲିଛି। ଏ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଥିବା ବେଲତଳ, ପୋଖରିଆପଡା ଓ ଦକ୍ଷିଣୀଦିଆ ମୌଜାରେ ଏଭଳି ସମସ୍ୟା ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଲାଣି। ପଟ୍ଟାମୁଣ୍ଡାଇ ତହସିଲ ଓ ପୌରାଞ୍ଚଳର

ଜବରଦଖଲରେ ଥିବା ସରକାରୀ ଜମି।

ଏହି ସରକାରୀ ଜମି ଜବରଦଖଲ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେତେଜଣ ବ୍ୟକ୍ତି ସରକାରୀ ଜାଗା ମାଡ଼ି ବସି ଘର କରି ତାହାକୁ ଭଡ଼ାରେ ଲଗାଉଛନ୍ତି। ଆଉ କିଏ ବିନା କାଗଜପତ୍ରରେ ମେଡିସିନ ଦୋକାନ କରିଛନ୍ତି। ଆଉ କିଛି ଲୋକ ଘର, ଜାଗା ବିକ୍ରି ବି କରି ଦେଇଛନ୍ତି। କେହି କେହି ସାମାଜିକ ଅନୁଷ୍ଠାନ ନାମରେ ସରକାରୀ ଜମି ଦଖଲ କରି ନେଉଛନ୍ତି। ଏଠାରେ କେତେଜଣ ବ୍ୟକ୍ତି ଇତିମଧ୍ୟରେ ରାସ୍ତାକୁ ବି କବ୍‌ଜା କରି ନେଲେଣି। ସେମାନଙ୍କ ଘରଗୁଡ଼ିକ ରାସ୍ତା ଉପରେ ନିର୍ମାଣ ହୋଇଛି, ଯେଉଁଥିପାଇଁ ଯିବା ଆସବା ସମୟରେ ରାସ୍ତା ଜାମ୍ ହେଉଛି। ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ଯେଉଁଥିପାଇଁ ୨ ହଜାରରୁ ଅଧିକ ଲୋକ ଏବେ ଜବରଦଖଲ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହି ସରକାରୀ ଜମି ଜବରଦଖଲରେ କେତେଜଣ ରାଜନେତା, ସ୍ଥାନୀୟ ପ୍ରଶାସନ ପ୍ରୋତ୍ସାହନ ରହିଛି ବୋଲି ଅଭିଯୋଗ ହେଉଛି।

ସରକାରୀ ଜମି ଚଞ୍ଚକତା କରି ହାତେଇ ନେଇଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ଉଦ୍ଧାର କରିବା ଓ ପୋତା ଗୋବରୀ ନଦୀକୁ ପୁନରୁଦ୍ଧାର ପାଇଁ କେତେଜଣ ଜନସାଧାରଣଙ୍କ ସମସ୍ୟାକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲ୍‌ଭି ପ୍ରଫୁଲ୍ଲ ଦାଶ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ, ଦେବାଶିଷ ପଣ୍ଡା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ ୨୦୨୧ ଫେବୃୟାରୀ ୧୪ରେ ମାମଲା ଦାଏର କରିଥିଲେ। ନାଲସା କର୍ତ୍ତୃପକ୍ଷ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ, ସମ୍ପାଦକ ତଥା ବିଚାରପତି କେସ ନଂ. ୧୦/୨୦୨୧ରେ ଏକ ମାମଲା ଦାଏର କରି ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜଳସମ୍ପଦ ବିଭାଗ ବଡବଡିଆଙ୍କ ଚାପରେ ଚେପା ହୋଇ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନାହିଁ। ସୂଚନାଯୋଗ୍ୟ, ବେଲତଳ ମୌଜାର ଖାତା ନଂ.୭୧୮, ଦକ୍ଷିଣଦିଆ ମଉଜାର ଖାତା ନଂ. ୨୫୩, ପଟ୍ଟାମୁଣ୍ଡାଇ ମୌଜାର ଖାତା ନଂ. ୧୧୦ ଓ ୨୫୫କୁ ୧୯୩୦ ମସିହାରେ ହୋଇଥିବା ବନ୍ଦୋବସ୍ତରେ ବ୍ୟାପକ ଚଞ୍ଚକତା କରାଯାଇ ବହୁ ମୂଲ୍ୟବାନ ସରକାରୀ ଜମି ହଡପ କରାଯାଇଛି। ଫଳରେ ବଜାର ରାସ୍ତା ସଂକୀର୍ଣ୍ଣ ହେବା ସହ ଯାତାୟାତରେ ଅସୁବିଧା ହେଉଛି। ପୋତି ହୋଇ ପଡିଥିବା ଗୋବରୀ ନଦୀ ଜାତୀୟ ସମ୍ପତ୍ତି ହୋଇଥିଲେ ମଧ ଜମିଦାରଙ୍କ ଗୁମାସ୍ତା ମାଖନ ଲାଲ ଓ ଜମିଦାରଙ୍କ ପୁଅମାନଙ୍କଠାରୁ ହାତ ଲେଖା ଆଣି କେତେଜଣ ଚତୁର ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗ ଦଖଲ କରିବା ସହ ବିକ୍ରି ପଟ୍ଟା କରି ନେଇଛନ୍ତି। ବିଶେଷକରି ପୋତା ନଈ ଗୋବରୀ ନଦୀ କିସମ ଥିବା ବେଳେ ଏହାକୁ ପୋତି ପକ୍କା ଘର ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ବାତ୍ୟା ଆଶ୍ରୟ ସ୍ଥଳୀରେ ବିତୁଛି ୨୪ ପରିବାରଙ୍କ ଜୀବନ

ପାରଳାଖେମୁଣ୍ଡି,୧୭।୧୦(ଡି.ଏନ୍.ଏ.)

ତିତ୍‌ଲି ମହାବାତ୍ୟାକୁ ଚାରିବର୍ଷ ବିତିଛି। ହେଲେ ଆଜିବି ପାରଳାଖେମୁଣ୍ଡି ପୌରପାଳିକା ଅଞ୍ଚଳରେ ୨୪ ପରିବାର ବାସହରା ହୋଇ ସ୍କୁଲ ଘରେ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳିରେ ଆଶ୍ରୟ ନେଇ ରହିଛନ୍ତି । ପୌରପାଳିକା ଓ ଜିଲା ପ୍ରଶାସନ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଚାଲିଛନ୍ତି କିନ୍ତୁ ବାସହରାଙ୍କୁ ମିଳିନି ବାସଗୃହ। ୨୦୧୮ ଅକ୍ଟୋବରରେ ତିତ୍‌ଲି ମହାବାତ୍ୟାର କରାଳ ରୂପକୁ ଚାରି ବର୍ଷ ପରେବି ଭୁଲି ପାରୁନାହାନ୍ତି ଲୋକମାନେ। ବାତ୍ୟାରେ ଜିଲାର ଅନେକ କ୍ଷୟକ୍ଷତି ହେବାସହ ବହୁ ଧନଜୀବନ ନଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ସାଙ୍ଗକୁ ସ୍ୱତନ୍ତ୍ର ସହାୟତା ରାଶି ମଧ୍ୟ ପ୍ରଦାନ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ ଆସିଥିଲା। କିନ୍ତୁ ପାରଳାଖେମୁଣ୍ଡି ପୌରପରିଷଦର ରେଳବାଇ ନିକଟ ବସ୍ତି ଅଞ୍ଚଳର ୨୪ ପରିବାର ଆଜିବି ବାସହରା ହୋଇ ତିତ୍‌ଲି ବାତ୍ୟା ସମୟରେ ଦିଆଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରହିବାକୁ ବାଧ ହେଉଛନ୍ତି । ପୌରପାଳିକା ର ୩ ନମ୍ବର ୱାର୍ଡରେ ଥିବା ଅରବିନ୍ଦ ପ୍ରାଥମିକ ବିଦ୍ୟାଳୟ ପାଲଟିଛି ଏହି ବାସହରାଙ୍କ ଆଶ୍ରୟସ୍ଥଳୀ। ବାତ୍ୟାପରେ ସମସ୍ତ ପରିବାରକୁ ଗୃହ ଯୋଗାଇ ଦେବାପାଇଁ ପ୍ରଶାସନ ଓ ପୌରପାଳିକା ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା ହେଲେ ଚାରି ବର୍ଷ ପରେବି ବାସଗୃହ ନପାଇ ବାସହରା ହୋଇ ସ୍କୁଲ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହୋଇଛନ୍ତି। ବର୍ଷା ଦିନେ ସ୍କୁଲ ଘରେ ଗୋଟିଏ ବଖରାରେ ୨୪ ପରିବାରର ୬୦ରୁ ଅଧିକ ସଦସ୍ୟ ଚଳିବା ବହୁ କଷ୍ଟ ହୋଇପଡିଛି। ଏପଟେ ଛାତରୁ ପାଣି ଗଳୁଛି। ବାଳିକା ଝିଅ, ଛୋଟ ପିଲାଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ସମୟ କଟାଉଛନ୍ତି ବସ୍ତି ବାସିନ୍ଦା। ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ହତାଶ ହେଲେଣି କେହିଜଣେ ଗୁହାରି ଶୁଣୁନଥିବା ଅଭିଯୋଗ କରିଛନ୍ତି। ଏମିତି କି ୪ବର୍ଷ ମଧ୍ୟରେ ସ୍କୁଲ ଘରେ ଆଶ୍ରୟ ନେଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଥିବା ବସ୍ତି ବାସିନ୍ଦା କହିଛନ୍ତି। ତିତ୍‌ଲି ବାତ୍ୟାର ପରବର୍ତ୍ତୀ ସ୍ଥିତିରେ ଅନେକ ବାସଗୃହ ହରାଇଥିବା ଲୋକେ ବାସଗୃହ ପାଇଛନ୍ତି ଓ କିଛି ଅଯୋଗ୍ୟ ବ୍ୟକ୍ତି ସରକାରୀ ବାସ ଗୃହ ହାତେଇଛନ୍ତି । ହେଲେ ବାତ୍ୟା ଆଶ୍ରୟ ସ୍ଥଳୀରେ ବର୍ଷ ବର୍ଷ ଧରି ଆଶ୍ରୟ ନେଇ ରହିଥିବା ବାସହରା ଲୋକଙ୍କ କଥା କାହିଁକି ବିଚାର କରୁନାହାନ୍ତି ପ୍ରଶାସନିକ ଅଧିକାରୀମାନେ ବୋଲି ପ୍ରଶ୍ନ କରିଛନ୍ତି। ସେପଟେ ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା କହିଛନ୍ତି ଜାଗା ମିଶନ ଜରିଆରେ ସେମାନଙ୍କ ନିମନ୍ତେ ଜାଗା ଚିହ୍ନଟ କରାଯାଇଛି ଶୀଘ୍ର ଅନ୍ୟତ୍ର ଥଇଥାନ କରାଯିବ ।

ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ।

ନିଆଁଲାଗି ସ୍କୁଟି, ବୁଲେଟ୍ ଜଳିଗଲା

ବୁଗୁଡ଼ା,୧୭।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥ କୁମୁଟିସାହିରେ ରବିବାର ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ତପନ କୁମାର ପାଣିଗ୍ରାହୀଙ୍କ ଗୋଟିଏ ସ୍କୁଟି ଓ ଏକ ବୁଲେଟ୍ ପୋଡି ଯାଇଛି। ରାତିରେ ତପନଙ୍କ ଗ୍ୟାରେଜରେ ଥିବା ଏକ ବାଇକ୍ ଓ ଜଳୁଥିବାର ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗକୁ ଖବର ଦେବା ସହ ବାଲି ପକାଇ ନିଆଁ ଲିଭାଇବାକୁ ଲାଗି ପଡିଲେ। ତେବେ ଦମକଳବାହିନୀ ବୁଗୁଡ଼ାରୁ ବାହାରିବା ବେଳକୁ ଲୋକେ ନିଆଁକୁ ଆୟତ୍ତ କରିସାରିଥିଲେ। ସ୍କୁଟିର ବ୍ୟାଟେରିରେ ସର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସାଧାରଣରେ ଅନୁମାନ କରାଯାଉଛି। ଏନେଇ ଅବସରପ୍ରାପ୍ତ ସେନା କର୍ମଚାରୀ ତପନ କୁମାର ପାଣିଗ୍ରାହୀଙ୍କ ପକ୍ଷରୁ ବାଲିପଦର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ସଂକ୍ଷେପରେ

ଓଡ଼ିଶା କୃଷକ ସଭା ଗଞ୍ଜାମ ବ୍ଲକ ସମ୍ମିଳନୀ ଉଦ୍‌ଯାପିତ

ଗଞ୍ଜାମ,୧୭।୧୦(ଡି.ଏନ.ଏ.)-ଗଞ୍ଜାମ ଜିଲା ସମ୍ମିଳନୀ ପାଳିବିନ୍ଧ ପଞ୍ଚାୟତ ନୀଳାଦ୍ରିପୁରଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ସଭା ପତାକାକୁ ଜିଲା ସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ। ଖଲି ସ୍ୱାଇଁ ଓ ଧର୍ମରାଜ ସ୍ୱାଇଁ ସଭାପତି ମଣ୍ଡଳୀରେ ଅନୁଷ୍ଠିତ ଜିଲା ଅଧିବେଶନକୁ ଜିଲା ସମ୍ପାଦକ ତଥା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀ ଉଦ୍‌ଘାଟନ କରି କେନ୍ଦ୍ର ଓ ରାଜ୍ୟ ଚାଷୀ ବିରୋଧୀ ନୀତି ସମ୍ପର୍କରେ ଆଲୋଚନା କରିବା ସହିତ ଏହି ନୀତି ବିରୋଧରେ ସଂଗଠନକୁ ପ୍ରସାର ଓ ସୁଦୃଢ଼ କରି ବ୍ୟାପକ ଆନ୍ଦୋଳନ କରିବାକୁ ବକ୍ତବ୍ୟ ରଖିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧି ସାଥୀମାନେ କୃଷକ ସମସ୍ୟା ନେଇ ଆଲୋଚନା କରିଥିଲେ। ସମ୍ମିଳନୀରେ ଶ୍ରମିକ ନେତା ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ ଓ ଦଳିତ ବିକାଶ ମଞ୍ଚ ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ ବକ୍ତବ୍ୟ ରଖିଥିଲେ। ଜିଲା ସଭାପତି ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ଅଞ୍ଚଳରେ ସବୁଜମିକୁ ଜଳସେଚନ, ପିଇବା ପାଣି, ଚାଷୀ ଫସଲର ଦର, ଦଖଲ ଜମିର ପଟ୍ଟା, ମୂଲିଆଙ୍କୁ ବର୍ଷ ସାରା କାମ ଓ ଉପଯୁକ୍ତ ମଜୁରି ଦେବା ଦାବି ନେଇ ଆନ୍ଦୋଳନ କରିବା ସହିତ ନଭେମ୍ବର ୫ ଓ ୬ରେ ଖଣ୍ଡଦେଉଳିଠାରେ ହେବାକୁ ଥିବା ଜିଲା ସମ୍ମିଳନୀକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଥିଲା। ଏକ ୧୮ଜଣିଆ କମିଟି ଗଠନ କରାଯାଇଥିଲା। ବୈରାଗୀ ବେହେରା ସମ୍ପାଦକ, ଧର୍ମରାଜ ସ୍ୱାଇଁ ସଭାପତି, ଗଦାଧର ରେଡ୍ଡୀ ଓ ଦୁର୍ଯ୍ୟୋଧନ ସ୍ୱାଇଁ ଉପସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଏଥିରେ ଖଲି ତରାଇ, ଶିକ୍ଷାବିତ ଦଣ୍ଡପାଣି ମହାପାତ୍ର, ଉଲ୍ଲାସ ଜେନା, ଗଦାଧର ରେଡ୍ଡୀ, ଟଙ୍କିଆ ପ୍ରଧାନ, ଗୋବର୍ଦ୍ଧନ ପାହାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ବିଜେଡିର ଜନସମ୍ପର୍କ ପଦ ଯାତ୍ରା

ଶେରଗଡ,୧୭।୧୦(ଡି.ଏନ.ଏ.)- ଶେରଗଡ ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଶେରଗଡ ଚାରି ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଦଳର ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଡିଆରଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ହରିହର ଦଳେଇ, ଉଦୟ ନାଥ ପ୍ରଧାନ, ସମୀର ପ୍ରଧାନ, ଗୌରହରି ବିଷୋୟୀ, ବିପିନ ବିହାରୀ ପ୍ରମୁଖ ଯୋଗଦେଇ ଥିଲେ।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଚିକିତ୍ସା

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)- ମୋହନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରବଣ ବାଧିତ ଓ କଥନ ବାଧିତ ଛାତ୍ରୀଛାତ୍ରଙ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ହୋଇଥିବା ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. କୁନା ପାତ୍ର ଉଦଘାଟନ କରିଥିଲେ। ଶିବିରରେ ସମ୍ବଲ ଶିକ୍ଷକ ମଧୁସ୍ମିତା ଗୌଡ ଓ ମୋନାଲି ଜେନା ପ୍ରମୁଖ ଉପସ୍ଥିତ ଥିବା ସମସ୍ତ ଶିବିରାର୍ଥୀମାନଙ୍କୁ କିପରି ସ୍ପିଚ୍ ଥେରାପି ମାଧ୍ୟମରେ ସମାଧାନ କରାଯାଇପାରିବ ବୁଝାଇଥିଲେ। ମୋହନା ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁମନ୍ତ ପ୍ରଧାନ ଓ ପ୍ରକାଶ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

୧୭୨ ଅଭିଯୋଗ ଶୁଣିଲେ ଜିଲାପାଳ

ଭଞ୍ଜନଗର,୧୭।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୋମବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡର ୧୭୨ ଅଭିଯୋଗ ଶୁଣିଥିଲେ। ସେଥିରୁ ୨୯ ଅଭିଯୋଗର ଫଇସଲା କରାଯାଇଥିଲା। ଏଥିସହ କିଛି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ଦିବ୍ୟାଙ୍ଗମାନଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା। ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇପାରୁନାହାନ୍ତି। ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଲୋକେ ନୟାନ୍ତ ହୋଇପଡୁଛନ୍ତି। ତେଣୁ ଆଜି ଉପଖଣ୍ଡର କିଛି ଲୋକ ଭତା ସମସ୍ୟା ନେଇ ଜିଲାପାଳଙ୍କ ପାଖକୁ ଆସିଥିଲେ। ଏଥିସହ କେତକ ପଞ୍ଚାୟତରେ ଲୋକ ପ୍ରତିନିଧି ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଯେଉଁଥିପାଇଁ ପଞ୍ଚାୟତ ଗୁଡ଼ିକରେ ବିକାଶରେ ବାଧା ଉପୁଜିଛି । ଏଥିପ୍ରତି ଦୃଷ୍ଟି ଦେବାପାଇଁ କେତକ ପଞ୍ଚାୟତର ଲୋକ ପ୍ରତିନିଧି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜଗନ୍ନାଥପ୍ରାସଦ ବ୍ଲକ ନୂଆଁଗୋଛାବାଡ଼ିର କିଛି ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବି କହି ଜଣେ ବ୍ୟକ୍ତି ଗ୍ରାମର ଅନେକ ଲୋକଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ତେଣୁ ଉକ୍ତ ଗ୍ରାମର ଲୋକମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଜିଲାପାଳ ଉପ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିରେ ଭଞ୍ଜନଗର ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ବିଡିଓ ଶଶି ଭୂଷଣ ମହାପାତ୍ର, ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲୀପ ରାଉତ,ଉତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

ସବରେଜିଷ୍ଟ୍ରି ଅଫିସ କର୍ମଚାରୀଙ୍କ ଶୋକସଭା

ଖଲ୍ଲିକୋଟ,୧୭।୧୦(ଡି.ଏନ.ଏ.)

ଖଲ୍ଲିକୋଟ ସବରେଜିଷ୍ଟ୍ର ଅଫିସ କର୍ମଚାରୀ କୁନୀ ସେଠୀଙ୍କ ଦୁର୍ଘଟଣାରେ ସୋମବାର ମୃତ୍ୟୁ ହୋଇଥିଲା। ଏ ନେଇ ଖଲ୍ଲିକୋଟ ସବରେଜିଷ୍ଟାର ଦାୟିତ୍ୱରେ ଥିବା ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ଅଫିସ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ କିରାଣୀ ଚୈତନ୍ୟ ବେହେରା, କନିଷ୍ଠ କିରାଣୀ ସନ୍ତୋଷ କୁମାର ଶବର, ପ୍ରଭାତ ରଞ୍ଜନ ଆଚାର୍ଯ୍ୟ, ଡାଟା ଏଣ୍ଟ୍ରି ଅପରେଟର ଦିବାକର ପଣ୍ଡା, ଡିଡି ରାଇଟର ନାରାୟଣ ମହାପାତ୍ର, ଶକଳେଶ୍ୱର ଦାସ, କମଳ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପାଚିକାମାନଙ୍କ ଦରମା ବୃଦ୍ଧି ଦାବି

ଶେରଗଡ,୧୭।୧୦(ଡି.ଏନ.ଏ.)- ଶେରଗଡ଼ ବ୍ଲକ ପାଚିକା ସହାୟିକାମାନେ ମାତ୍ର ୧୪୦୦ଟଙ୍କାରେ କାମ କରୁଛନ୍ତି। ସେମାନେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ରାନ୍ଧି ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି। ଦରକାର ପଡ଼ିଲେ ବିଦ୍ୟାଳୟର ପରିସର ସଫେଇ ମଧ କରନ୍ତି।୧୦ ବର୍ଷରୁ ଅଧିକ ଦିନ ହେଲା କାର୍ଯ୍ୟ କରୁଥିଲେ ମଧ ସେମାନଙ୍କ ଦରମା ବୃଦ୍ଧି କରାଯାଉନାହିଁ। ସରକାର ପାଚିକାମାନଙ୍କ ଦରମା ବୃଦ୍ଧି ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ପାଚିକା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଣୁ ପାଚିକା ସହାୟିକଙ୍କ ଦରମା ବଢ଼ାଯାଉ ବୋଲି ଦାବି ହେଉଛି।

ଜାତୀୟ, ଅନ୍ତର୍ଜାତୀୟ ଖବର କହି ଆଦର୍ଶ ପୁରସ୍କୃତ

ସାଢ଼େ ୩ବର୍ଷରେ ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡ

ପୋଲସରା,୧୭।୧୦(ଡି.ଏନ.ଏ.)

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମସ୍ତ ଜଣାଅଜଣା ଖବର କହି ଜଣେ ସାଢ଼େ ୩ ବର୍ଷର ବାଳକ ପୁରସ୍କୃତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପଞ୍ଚାୟତର ବଡ଼ ନୂଆଗାଁର ସନ୍ତୋଷ କୁମାର ପ୍ରଧାନ ଓ ଶୁଭସ୍ମିତା ପ୍ରଧାନଙ୍କ ପୁଅ ଆଦର୍ଶ। ଆଦର୍ଶଙ୍କ ବିସ୍ଫୋରୋକ ଉତ୍ତର ଏବଂ ପ୍ରତିଭାକୁ ନେଇ ୨୦୨୨ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ସ୍ୱତନ୍ତ୍ର ମେଡାଲ୍ ସହ ପୁରସ୍କୃତ କରାଯାଇଛି। ଆଦର୍ଶ ମାତ୍ର ୨ ମିନିଟ୍ ୫୫ ସେକେଣ୍ଡରେ ୧୦ଟି ନ୍ୟାଶନାଲ ସିମ୍ବଲ୍, ୧୦ଟି ଦେଶ ବିଦେଶର ସାଧାରଣ ଜ୍ଞାନର ପ୍ରଶ୍ନର ଉତ୍ତର, ୧୦ ମେଡିସିନର ନାମ, ୧୦ ପଶୁ ପକ୍ଷୀଙ୍କ ନାମ, ଶରୀର ସମସ୍ତ ଅଙ୍ଗର ନାମ ସହିତ ୪ ମନ୍ତ୍ର ପ୍ରାଞ୍ଜଳ ଭାବେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାଁକୁ ସାମିଲ କରିଛନ୍ତି। ଜନ୍ମ ହେବାର ଦେଢ଼ ବର୍ଷରୁ ହିଁ ଆଦର୍ଶ ନିଜର ସ୍ମରଣ ଶକ୍ତିର ପରିପ୍ରକାଶ କରିଥିଲେ। ଶାରୀରିକ ବିକାଶ ସହିତ ସାଢ଼େ ୩ ବର୍ଷ ବୟସରେ ଏଭଳି ପ୍ରତିଭାକୁ ନେଇ ଚର୍ଚ୍ଚା ଜୋର ହୋଇଥିଲା। ଆଦର୍ଶ ପୁରସ୍କୃତ ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସାହୁ ଓ ସମିତି ସଭ୍ୟ ପ୍ରସାଦ ସାହୁ, ମହିଳା ବିଜେଡି ସଭାନେତ୍ରୀ ଲିଲି ସାହୁ, ବରିଷ୍ଠ ଶିକ୍ଷକ ବୃନ୍ଦାବନ ପ୍ରଧାନ, କାମରାଜୁ ସାହୁ, କାଳୁ ଚରଣ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

ବିଦ୍ୟାଳୟ ରାସ୍ତାରେ ବର୍ଷାପାଣି, ହନ୍ତସନ୍ତ ବିଦ୍ୟାର୍ଥୀ

ଧରାକୋଟ,୧୭।୧୦(ଡି.ଏନ୍.ଏ.)

ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାସ୍ତାରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଜମି ରହିଥିବାରୁ ଛାତ୍ରୀଛାତ୍ରମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଧରାକୋଟ ଜାନବିଲି ପୂର୍ତ୍ତ ବିଭାଗ ରାସ୍ତାରୁ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୨୦୦ ମିଟର ରାସ୍ତାର ମଧ୍ୟଭାଗରେ ପ୍ରାୟ ୫୦ ଫୁଟ ବର୍ଷାପାଣି ଜମି ରହିଥିବାରୁ ରାସ୍ତାରେ ଦୁର୍ଗନ୍ଧ ସହ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ କିମ୍ବା କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଉଭୟ ପଟର ପାଣି ମଧ୍ୟଭାଗରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଜମି ରହୁଛି। ଧରାକୋଟ ପଞ୍ଚାୟତ ସମିତି ଅଧୀନରେ ରହିଥିବା ଏହି ରାସ୍ତା ପୂର୍ତ୍ତ ବିଭାଗ ରାସ୍ତାରୁ ମୁଣ୍ଡମରାଇ ପର୍ଯ୍ୟନ୍ତ ପ୍ରାୟ ୧୫ଶହ ମିଟର ଲମ୍ବିଛି । ହେଲେ ଦୀର୍ଘ ଦିନ ଧରି ଏହାର ମରାମତି ହୋଇନାହିଁ। ଲୋକେ ପ୍ରତିଦିନ କପିଳାସ ଅଞ୍ଚଳରେ ରହିଥିବା କ୍ଷେତକୁ ଏବଂ ମୁଣ୍ଡମରାଇକୁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ସର୍ବୋପରି ଛାତ୍ରୀଛାତ୍ର ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀଙ୍କ ଏହା ନିତିଦିନିଆ ରାସ୍ତା। ରାସ୍ତାରେ ପାଣି ଜମି ରହିଥିବାରୁ ଶିଉଳି ପଡ଼ି ଦୁର୍ଘଟଣାମାନ ଘଟୁଛି। ମାଧ୍ୟମିକ ବିଦ୍ୟାଳୟଠାରୁ କପିଳାସ ଏବଂ ଋଷିକୁଲ୍ୟା କେନାଲ ପର୍ଯ୍ୟନ୍ତ ରାସ୍ତା ନଷ୍ଟ ହୋଇଗଲାଣି। ରାସ୍ତା ମଝିରେ ବଡ଼ ବଡ଼ ଖାଲଖମା ଯୋଗୁ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଣୁ ବ୍ଲକ ପ୍ରଶାସନ ତରଫରୁ ତୁରନ୍ତ ରାସ୍ତା ମରାମତି ପାଇଁ ଜନସାଧାରଣ ଦାବି କରିଛନ୍ତି।



ବଜ୍ରପାତରେ ୭୭ ଛେଳି ମୃତ, ଛେଳି ଚରାଳି ଆହତ

ବୁଗୁଡା,୧୭।୧୦(ଡି.ଏନ.ଏ.)

ବୁଗୁଡା ବ୍ଲକ ପାଙ୍ଗିଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ଶତ୍ରୁଘ୍ନ ପାତ୍ରଙ୍କ ୭୭ ଛେଳିର ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଏଥିରେ ସେ ଏବଂ ତାଙ୍କ ପୁତ୍ର ଶଙ୍କର ପାତ୍ର ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। କଞ୍ଚୁରୁର ଶତ୍ରୁଘ୍ନ ଓ ପୁଅ ଶଙ୍କର ନିକଟରେ ଥିବା ମୁଣ୍ଡିଆକୁ ଛେଳି ଗୋଠ ଧରି ଚରାଇବା ପାଇଁ ଯାଇଥିଲେ। ହଠାତ୍ ଅପରାହ୍ନରେ ବର୍ଷା ସାଙ୍ଗକୁ ପବନ ବିଜୁଳି ମାରିଥିଲା। ଦୁହେଁ ଛେଳି ଗୋଠ ଧରି ଅନ୍ତରପଡା ଓ ମାଣିକ୍ୟପୁର ଛକ ନିକଟରେ ରହିଥିବା ବେଳେ ବଜ୍ରପାତ ଘଟି ଛେଳରି ମୃତ୍ୟୁ ହୋଇଥିଲା। ଏଥିସହ ବାପା ଓ ପୁଅ ଅଚେତ ହୋଇଯାଇଥିଲେ। ଖବରପାଇ ପାଙ୍ଗିଡି ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ବିଷୋୟୀ ପହଞ୍ଚି ଗରିବ ପରିବାରକୁ ସରକାରୀ ସାହାର୍ଯ୍ୟ ଦେବା ପାଇଁ ଦାବି କରିଛନ୍ତି। ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କ୍ଷେତ୍ରରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ମୃତ ଛେଳି।

ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୭।୧୦(ଡି.ଏନ୍.ଏ.)

ଗଜପତିଜିଲା ସ୍ତରୀୟ ଆନ୍ତଃବିଦ୍ୟାଳୟ ୧୭ରୁ କମ ବୟସର ବାଳିକା ଫୁଟବଲ ଟୁର୍ନାମେଣ୍ଟ ଗଜପତି ଷ୍ଟାଡିୟମ ପାରଳାଖେମୁଣ୍ଡି ପରିସରରେ ସୋମବାର ଉଦ୍‌ଯାପିତ ହୋଯାଇଛି। ଏଥିରେ ଜୟରାମ ଶତପଥି, ଆରକ୍ଷୀ ଅଧିକ୍ଷକ, ଗଜପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ତଥା ଡେପୁଟିକଲେକ୍ଟର ନଟବର ଗରଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମୋନଜ ରଞ୍ଜନ ଦଳାଇ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋସ କୁମାର ନାୟକ ସଭାପତିତ୍ୱ କରିଥିଲେ। ଜିଲାର ସାତ ବ୍ଲକର ସମସ୍ତ ମେଧାବୀ ଫୁଟବଲ ଖେଳାଳି ବାଳକ ବାଳିକା ଓ ପାରଳାଖେମୁଣ୍ଡି ପୌରପାଳିକାର ୧୩ ଟିମ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଷାଣୀ ଓ ଆର. ଉଦୟଗିରି ବଳିକା ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଗୋଷାଣୀ ଟିମ ୧-୦ ଗୋଲରେ ବିଜେତା ହୋଇଥିଲେ। ଫାଇନାଲରେ ପାରଳାଖେମୁଣ୍ଡି ପୌରପାଳିକା ଓ ମୋହନା ବାଳକ ଟିମ ଖେଳିବା ପାଇଁ ବିବେଚିତ ହୋଇଥିଲେ। ଶେଷରେ ପାରଳାଖେମୁଣ୍ଡି ପୌରପାଳିକା ବାଳକ ଟିମ ୨-୦ ଗୋଲରେ ବିଜୟୀ ହୋଇଥିଲେ। ବିଜୟୀ ଦଳକୁ ପୌର ପରିଷଦ ପାଳିକା ଟିମ ଅଥିତି ମାନଙ୍କଠାରୁ ପୁରସ୍କୃତ କରାଯାଇଛି।

ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ ସମିତି ପ୍ରାଙ୍ଗଣରେ ସମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୦ଟି ପଞ୍ଚାୟତର ୫୦୦ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଆସିଥିଲେ। କ୍ଷୀଣ ଦୃଷ୍ଟି ଶକ୍ତି ୩୦ ଜଣ, ମୂକ ଓ ବଧିର ୬୨ , ଦିବ୍ୟାଙ୍ଗ ୧୬୫ ଓ ମାନସିକ ବିକାରଗ୍ରସ୍ତ ରକ୍ତହୀନତା ୫୬ ଜଣ ଏଭଳି ମୋଟ ୩୧୩ ଜଣ ଶିବିରରେ ପଞ୍ଜୀକୃତ ହୋଇ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ବିଡିଓ ଲରିମନ ଖର୍ସେଲ ଓ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ଓ ସ୍ଥାନୀୟ ସରପଞ୍ଚ ଜାମେସ ରାଇକା ଶିବିରକୁ ଉଦଘାଟନ କରିଥିଲେ। ୩ ଜଣ ଡାକ୍ତର ଡିଡିଆରସି ଟିମ ଯୋଗଦେଇଥିଲେ। ଅରୁଣ ଉଦୟଭାନୁ ଓ ପିଇଓ ଜେ.ସତ୍ୟନାରାୟଣ ଓ ଭାରପ୍ରାପ୍ତ ଜିପିଇଓ ଶସାଙ୍କ ଶେଖର ସୁବୁଦ୍ଧି ଶିବିର ପରିଚାଳନା କରିଥିଲେ।

କବି ବିଦେଶୀ ନାୟକ ସମ୍ମାନିତ

ଦାରିଙ୍ଗବାଡ଼ି,୧୭।୧୦(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ବିଦେଶୀ ନାୟକ ନିଜର ଦୁଇଟି କବିତା ପାଇଁ ସେ ରବିବାର ରାଜ୍ୟସ୍ତରୀୟ ସମ୍ମାନ ପାଇଛନ୍ତି। ଏଥିପାଇଁ ସେ କାର୍ଯ୍ୟକରୁଥିବା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀମାନେ ଏବଂ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି, ଲୋକ ପ୍ରତିନିଧି, ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ପ୍ରଧାନ ଶିକ୍ଷକ ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ କବି ତଥା ଶିକ୍ଷକ ନାୟକ କହିଛନ୍ତି, ପାଠ ପଢ଼ିବା ସହ ଛାତ୍ରୀଛାତ୍ରମାନେ ସଙ୍ଗୀତ, କବିତା, ନୃତ୍ୟ ଆଦି ବିଭିନ୍ନ କାର୍ଯ୍ୟରେ ଦକ୍ଷତା ବୃଦ୍ଧି କରିବା ଦରକାର ଏଥିପାଇଁ ସେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଏବେ କନ୍ଧମାଳ ଜିଲାପାଳଙ୍କ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟ କରାଯାଉଥିବା କହିଥିଲେ।

କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ, ମୋ ସ୍କୁଲ ପରିଚାଳନା କମିଟିର ସଭାପତି ଏସ୍. ସୁନୀଲ କୁମାର ସୁବୁଦ୍ଧି, ଦିଲୀପ ପ୍ରଧାନ, ଜ୍ୟୋତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ବ୍ରହ୍ମପୁରଠାରେ ଗଞ୍ଜାମ କବିତା ଲିଟେରାରି ଟ୍ରଷ୍ଟ ଆନୁକୁଲ୍ୟରେ ରବିବାର ଅନୁଷ୍ଠିତ ୮ମ ସାହିତ୍ୟ ଉତ୍ସବରେ ବିଦେଶୀଙ୍କୁ ସମ୍ମାନ ଫଳକ, ଉପଢ଼ୌକନ ଓ ୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।

ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବ୍ରାଜିଲ, ଆମେରିକା କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧୭।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପଦାର୍ପଣ ଅଲୋଡ଼ା ରେକର୍ଡ ସହ ଶେଷ ହୋଇଛି। ନିଜର ପ୍ରଥମ ବିଶ୍ୱକପରେ ଭାରତ ୩ଟି ଯାକ ମ୍ୟାଚ ହାରି ଅଭିଯାନ ଶେଷ କରିଛି। ପ୍ରଥମ ମ୍ୟାଚରେ ଆମେରିକାଠାରୁ ୦-୮, ଦ୍ୱିତୀୟ ମ୍ୟାଚରେ ମରକ୍କୋଠାରୁ ୦-୩ ଗୋଲରେ ହାରିଥିବା ଭାରତ ସୋମବାର ତୃତୀୟ ମ୍ୟାଚରେ ବ୍ରାଜିଲଠାରୁ ୦-୫ ଗୋଲରେ ହାରିଯାଇଛି। ଆଲିନେ ଓ ଲାରାଙ୍କ ଡବଲ ଗୋଲ ବଳରେ ବ୍ରାଜିଲ ବିଜୟ ମୁକୁଟ ପିନ୍ଧିବା ସହ ନକ୍‌ଆଉଟରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ଭୁବନେଶ୍ୱର ପର୍ଯ୍ୟାୟ ମଧ୍ୟ ଶେଷ ହୋଇଛି। ଗ୍ରୁପ୍ 'ଏ'ରୁ ଆମେରିକା ଓ ବ୍ରାଜିଲ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ 'ଏ' ମ୍ୟାଚରେ ଆମେରିକା ୪-୦ ଗୋଲରେ ମରକ୍କୋକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରେ ଆମେରକା ପ୍ରଥମ ଓ ବ୍ରାଜିଲ ଦ୍ୱିତୀୟ ସ୍ଥାନୀୟ ଦଳଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସ୍ଥାଚରେ ଜର୍ସି ପରିବର୍ତ୍ତନ କରି ଖେଳିଥିଲା ଭାରତ। ଭାରତକୁ କମଳା ଏବଂ ବ୍ରାଜିଲକୁ ବ୍ଲୁ ଜର୍ସି ଦିଆ ଯାଇଥିଲା। ଜର୍ସିର ରଙ୍ଗ ବଦଳିଥିଲେ ହେଁ ଭାରତୀୟ ଦଳର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବାନୁମାନ ଅନୁସାରେ ବ୍ରାଜିଲ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏହି ଦଳର ଖେଳାଳିମାନେ ଭାରତୀୟ ଗୋଲପୋଷ୍ଟ ଉପରେ କ୍ରମାଗତ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ବଲ୍‌କୁ ରୋକିବା ଏବଂ କ୍ଲିୟର କରିବାରେ ବ୍ୟସ୍ତ ରହିଥିଲା। ୧୧ତମ ମିନିଟରେ ଆଲିନେଙ୍କଠାରୁ ପାସ୍ ପାଇଥିବା ଗାବି ବେର୍ଟୋନ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ଗୋଲ ଦେବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଶଟ୍‌ର ବେଗ ତୀବ୍ର ଥିବାରୁ ବଲ୍‌ଟି ଭାରତୀୟ ଗୋଲକିପର କେଇଶାମ ମେଲୋଡ଼ିଙ୍କ ହାତରେ ବାଜିଥିଲେ ମଧ୍ୟ ନେଟକୁ ଛୁଇଁଥିଲା। ଏହାପରେ କିନ୍ତୁ ମେଲୋଡି ଏକାଧିକଥର ଚମତ୍କାର ସେଭ୍ କରି ଦର୍ଶକଙ୍କ ମନ ଜିତିଥିଲେ। ୩୪ତମ ମିନିଟରେ କାଜଲଙ୍କ ହ୍ୟାଣ୍ଡ୍‌ବଲ ଯୋଗୁ ଫ୍ରି-କିକ୍ ପାଇଥିଲା ବ୍ରାଜିଲ। ମାତ୍ର ଗାବ୍ରିଏଲ ବେର୍ଟୋନଙ୍କ ରାଇଟ୍ ଫୁଟ୍ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ତେବେ ବ୍ରାଜିଲ ଆକ୍ରମଣ ପ୍ରକ୍ରିୟା ବଳବତ୍ତର ରଖିଥିଲା। ୪୦ତମ ମିନିଟରେ ଆନା ଫ୍ଲାଭିଆଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ୭ ନମ୍ବର ଜର୍ସି ପରିହିତ ଆଲିନେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ବ୍ରାଜିଲ ୨-୦ ଗୋଲରେ ଅଗ୍ରଣୀଲାଭ କରିଥିଲା।

ପଛ ପରିବର୍ତ୍ତନ ହୋଇଥିଲେ ହେଁ ଭାରତର ପ୍ରଦର୍ଶନରେ ବିଶେଷ ଉନ୍ନତି ଆସି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାର ୬ ମିନିଟ ପରେ ଅର୍ଥାତ୍ ୫୧ତମ ମିନିଟରେ ଆଲିନେ ବ୍ୟକ୍ତିଗତ ଏବଂ ବ୍ରାଜିଲ ପକ୍ଷରୁ ୩ୟ ଗୋଲଟି ସ୍କୋର କରିଥିଲେ। ରିବେକାଙ୍କଠାରୁ ପାଇଥିବା ପାସ୍‌ର ସେ ସଦୁପଯୋଗ କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୬ତମ ମିନିଟରେ ବ୍ରାଜିଲର ୧୭ ଜର୍ସି ପରିହିତ ଲାରା ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇଥିଲେ। କେବଳ ସେତିକି ନୁହେଁ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ଲାରା ବ୍ୟକ୍ତିଗତ ଦ୍ୱିତୀୟ ଓ ବ୍ରାଜିଲ ପକ୍ଷରୁ ୫ମ ଗୋଲ ସ୍କୋର କରିଥିଲେ।

ଭାରତ ଓ ବ୍ରାଜିଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

ପରାଜୟରେ ହ୍ୟାଟ୍ରିକ ସହ ଭାରତର ଅଭିଯାନ ଶେଷ

କଳିଙ୍ଗ କର୍ଣ୍ଣର

କଳିଙ୍ଗରେ ସଫଳ 'ଭାର୍'

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ମୋଟ୍ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ୧୧ ଓ ୧୪ ତାରିଖରେ ୪ଟି ମ୍ୟାଚ୍ ଆୟୋଜନ ହୋଇଥିଲେ ହେଁ ମ୍ୟାଚ୍‌ରେ ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭାର୍)ର ସହାୟତା ଆବଶ୍ୟକ ପଡ଼ି ନ ଥିଲା। ମାତ୍ର ସୋମବାର ଅନୁଷ୍ଠିତ ନାଇଜେରିଆ-ଚିଲି ମ୍ୟାଚ୍‌ର ୮୫ତମ ମିନିଟ୍‌ରେ ପ୍ରଥମଥର ପାଇଁ ଏହାର ଆବଶ୍ୟକ ପଡ଼ିଥିଲା। ନାଇଜେରିଆ ଗୋଲପୋଷ୍ଟ ନିକଟରେ ଓମାମୁଜୁ ଇଡାଫେ ହ୍ୟାଣ୍ଡବଲ କରିଥିଲେ। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରରୁ ଏହା ଖସିଯାଇଥିଲେ ହେଁ ଚିଲି ଖେଳାଳି ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଦାବି କରିଥିଲେ। ରେଫରି ରେଫରାଲ ସଙ୍କେତ ଦେଇ ଭିଡିଓ ଫୁଟେଜ ଦେଖିବା ପାଇଁ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ଅର୍ଥାତ୍ ଚିଲି ଖେଳାଳିଙ୍କ ଦାବି ସଫଳ ହୋଇଥିଲା। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର କୌଣସି ତ୍ରୁଟି ନ କରି ଗୋଲସ୍କୋର କରିଥିଲେ।

ନୃତ୍ୟରେ କମ୍ପିଲା ଷ୍ଟାଡିୟମ

ସୋମବାର ଚିଲି-ନାଇଜେରିଆ ମ୍ୟାଚର ଶେଷ ପର୍ଯ୍ୟାୟରେ କିସ୍‌ର ଛାତ୍ରୀମାନେ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ସ୍କୁଲପିଲାଙ୍କୁ ବିଶ୍ୱକପ୍ ଦେଖାଇବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଥିଲା। ଏହି ମ୍ୟାଚ୍ ଶେଷ ହେବାପରେ ଏବଂ ଭାରତ-ବ୍ରାଜିଲ ମ୍ୟାଚ୍ ଆରମ୍ଭ ପୂର୍ବରୁ ଫାଙ୍କା ସମୟରେ କୋଳାହଳ ସହ ମ୍ୟୁଜିକ୍‌ର ତାଳେ ତାଳେ ନୃତ୍ୟକରି ଷ୍ଟାଡିୟମ ପ୍ରକମ୍ପିତ କରିଥିଲେ କିସ୍‌ର

ଛାତ୍ରୀମାନେ। ଏହା ଅବଶିଷ୍ଟ ଦର୍ଶକ ଏବଂ ଫିଫାର କର୍ମକର୍ତ୍ତାଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଅନେକେ ଏହି ନୃତ୍ୟକୁ ନିଜ ମୋବାଇଲରେ ରେକର୍ଡିଂ ମଧ୍ୟ କରିବାକୁ ଭୁଲି ନ ଥିଲେ। ପିଲାମାନେ ମ୍ୟୁଜିକ୍ ଏବଂ ଖେଳ ଉଭୟକୁ ମନଭରି ଉପଭୋଗ କରିଥିଲେ। ତା'ସହ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ।


କଳିଙ୍ଗ ଷ୍ଟାଡିୟମ୍‌ରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଫୁଟବଲକୁ ଉପଭୋଗ କରୁଛନ୍ତି ଛାତ୍ରୀଛାତ୍ର।

୧୨୦,୦୦୦ ଛାତ୍ରୀଛାତ୍ର ଦେଖିବେ ବିଶ୍ୱକପ୍

ଭୁବନେଶ୍ୱର, ୧୭।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପକୁ ପ୍ରାୟ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଉପଭୋଗ କରିବେ। ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ଏବଂ ଫିଫା ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୩ଟି ଯାକ ଭେନ୍ୟୁରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ ଆୟୋଜନକୁ ଏକ ସପ୍ତାହ ପୁରିଥିବା ବେଳେ ଦର୍ଶକଙ୍କ ପକ୍ଷରୁ ଏହାକୁ ଢେର ସାରା ଭଲ ପାଇବା ମିଳିଛି। ୩ଟି ଯାକ ଭେନ୍ୟୁରେ କୁନି କୁନି ଦର୍ଶକଙ୍କ ଉପସ୍ଥିତି ଖେଳାଳି ମାନଙ୍କୁ ମଧ୍ୟ ଉତ୍ସାହିତ କରୁଛି। ଏହା ସହିତ ଆଗାମୀ ଦିନରେ ହେବାକୁ ଥିବା ମ୍ୟାଚ ଗୁଡିକରେ ମଧ୍ୟ ଏମିତି ଦୃଶ୍ୟ ଦେଖିବାକୁ ମିଳିବ। ଛାତ୍ରୀ ଛାତ୍ର ମାନଙ୍କ ନାଚ ଗୀତ ଓ ସେଲିବ୍ରେସନ ମୋ ପାଇଁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ଫିଫାର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାରଜା ପ୍ରକାଶ କରିଛନ୍ତି। କୋଭିଡ କାରଣରୁ ଭାରତରେ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ଆଶଙ୍କା ଦେଖା ଦେଇଥିଲା। ତେବେ ସଫଳତାର ସହିତ ଟୁର୍ନାମେଣ୍ଟ ଆୟୋଜନ ଦେଖି ଖୁସି ଲାଗୁଛି।

ଛାତ୍ରୀଛାତ୍ର ମାନଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ୟାରଜା କହିଥିଲେ। ୩ ରାଜ୍ୟର କ୍ରୀଡାମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଯୋଜନା କରାଯାଇଥିଲା। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଦିନ ୩ ହଜାର ଛାତ୍ରୀଛାତ୍ର ଖେଳ ଦେଖିଥିବା ବେଳେ ନଭି ମୁମ୍ବାଇରେଏହି ସଂଖ୍ୟା ୫୦୦୦-୬୦୦୦ ରହିଥିଲା। ଫାଇନାଲ ବେଳକୁ ଏହ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ସେହିପରି ସମଗ୍ର ଟୁର୍ନାମେଣ୍ଟରେ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇବେ ବୋଲି ଏଲ୍‌ଓସି ନିର୍ଦ୍ଦେଶକ ନନ୍ଦିନୀ ଅରୋରା କହିଛନ୍ତି।

ଚିଲିକୁ ହରାଇଲା ନାଇଜେରିଆ

ଭୁବନେଶ୍ୱର, ୧୭।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ନାଇଜେରିଆ ୨-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନାଇଜେରିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ୩ ମ୍ୟାଚ୍‌ରୁ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ଜର୍ମାନୀ ନକ୍‌ଆଉଟରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଥର ବିଶ୍ୱକପ୍ ଖେଳିବା ସୁଯୋଗ ପାଇଥିବା ଚିଲିର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଥିଲା। ନାଇଜେରିଆର ୧୭ ନମ୍ବର ଜର୍ସି ପରିହିତ ଓପେୟେମି ଆଜାକାୟେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ଜର୍ମାନୀ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ହ୍ୟାଟ୍ରିକ ବିଜୟ ସହ ଜର୍ମାନୀ ଗ୍ରୁପ୍ 'ବି'ର ନମ୍ବର ୱାନ୍ ଦଳ ହୋଇଛି।

ଚିଲି ଉପରେ ଆରମ୍ଭରୁ ଭାରି ପଡ଼ିଥିଲା ନାଇଜେରିଆ। ପ୍ରଥମ ମିନିଟ୍‌ରେ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଚିଲି ଗୋଲପୋଷ୍ଟରେ ବଲ୍ ପହଞ୍ଚାଇଥିଲା ଏହି ଆଫ୍ରିକୀୟ ଦଳ। ଏହାର ସୁଫଳ ମଧ୍ୟ ଦଳକୁ ମିଳିଥିଲା। ୪ର୍ଥ ମିନିଟ୍‌ରେ ଓପେୟେମିଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟିକା ବ୍ଲେସିଂ ଇମାନୁଏଲ ଗୋଲରେ ପରିଣତ କରିଥିଲେ। ବ୍ଲେସିଂଙ୍କ ରାଇଟ୍ ଫୁଟ୍ ଶଟ୍ ଚିଲି ଗୋଲପୋଷ୍ଟର ଲେଫ୍ଟ କର୍ଣ୍ଣର ନିମ୍ନଭାଗ ସ୍ପର୍ଶ କରିଥିଲା। ଗୋଲକିପର ଆଲଭାରାଡୋ କାଟାଲିନା ପୂରାଦମ୍‌ରେ ଡାଇଭ୍ ମାରିଥିଲେ ହେଁ ବଲ୍ ନିକଟରେ ପହଞ୍ଚିପାରି ନ ଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୧୬ତମ ମିନିଟ୍‌ରେ ଆମିନା ବେଲୋ ୟେଲୋ କାର୍ଡ ପାଇଥିଲେ। ୧୭ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ ଦେବାର ନିକଟତର ହୋଇଥିଲା। ଓପେୟେମିଙ୍କ ଥ୍ରୋ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଆମିନା ବେଲୋ ଚିଲି ଗୋଲପୋଷ୍ଟକୁ ଟାର୍ଗେଟ କରିଥିଲେ। ଗୋଲକିପର ଦୂରରେ ଥିବାରୁ ଗୋଲ ହେବାର ଯଥେଷ୍ଟ ସମ୍ଭାବନା ଥିଲା। ମାତ୍ର ଚିଲିର ଓଲିଭର କନ୍‌ଷ୍ଟାଞ୍ଜା ଚତୁରତାର ସହ ବଲ୍ କ୍ଲିୟର କରିଦେଇଥିଲେ। ଫଳରେ ଚିଲି ଆଉ ଏକ ଗୋଲ ବରଣରୁ ଅଳ୍ପକେ ବର୍ତ୍ତିଯାଇଥିଲା। ପ୍ରଥମାର୍ଦ୍ଧର ଶେଷଭାଗରେ ଗୋଲ ପରିଶୋଧ ପାଇଁ ଚିଲି ଜୋର୍‌ଦାର ଉଦ୍ୟମ କରିଥିଲା। ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ନାଇଜେରିଆ ଅଧିନାୟିକା ୪୩ତମ ମିନିଟ୍‌ରେ ୟେଲୋ କାର୍ଡ ପାଇବା ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନାଇଜେରିଆ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଚିଲି ଭଲ ଖେଳିଥିଲେ ହେଁ ଫିନିସିଂ ଅଭାବରୁ ଗୋଲ କରିପାରି ନ ଥିଲା। ୮୨ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ କରି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ଆମିନା ବେଲୋଙ୍କ ପାସ୍‌କୁ ନିୟନ୍ତ୍ରଣକୁ ଆଣି ବିସୋଲା ମୋସାକୁ ଗୋଲପୋଷ୍ଟର ଅତି ନିକଟରୁ ଏହି ଗୋଲଟି ଚତୁରତାର ସହ ସ୍କୋର କରିଥିଲେ। ୮୫ତମ ମିନିଟ୍‌ରେ ନାଇଜେରିଆ ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ନାଇଜେରିଆର ଓମାମୁଜୁ ଇଡାଫେଙ୍କ ହାତରେ ବଲ୍ ବାଜି ଯାଇଥିଲା। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରକୁ ଏହା ଆସି ନ ଥିଲା। ମାତ୍ର ଚିଲି ଖେଳାଳିମାନେ ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ର ସହାୟତା ନେଇଥିଲେ। ଭିଡିଓ ଫୁଟେଜ୍ ଦେଖିବା ପାଇଁ ରେଫରି ନିଜେ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ୍ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର ନାଇଜେରିଆ ଗୋଲକିପର ଓମିଲାନା ଫେଥ୍‌ଙ୍କୁ ଚକ୍‌ମା ଦେଇ ଗୋଲସ୍କୋର କରିଥିଲେ। ଇଞ୍ଜୁରି ଟାଇମ୍ ୯୦+୭ ମିନିଟ୍ ଯାଏ ଖେଳ ଚାଲିଥିଲେ ହେଁ ଚିଲି ଆଉ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ନାଇଜେରିଆ ବିଜୟୀ ହୋଇ ଖୁସି ମନାଇଥିଲା।


ମ୍ୟାଚ୍ ହାରିବା ପରେ ଦୁଃଖରେ ମ୍ରିୟମାଣ ଚିଲି ଖେଳାଳି।

ଦ୍ୱିତୀୟ ଡିଭିଜନ୍ ସର୍ବଭାରତୀୟ ରଗ୍‌ବି ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଓ କିଟ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦ୍ୱିତୀୟ ଡିଭିଜନ୍ ସର୍ବଭାରତୀୟ ରଗବି ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ଅକ୍ଟୋବର ୧୭-୨୨ ଯାଏଁ ଏହି ଟୁର୍ନାମେଣ୍ଟଟି ଖେଳାଯିବ। ୬ ପୁରୁଷ ଓ ୫ ମହିଳା ଦଳକ ମିଶାଇ ସମୁଦାୟ ୧୧ ଦଳ ଏଥିରେ ସାମିଲ ହୋଇଛନ୍ତି। ସୋମବାରର ଉଦ୍‌ଘାଟନୀ ଉତ୍ସବରେ ରଗବି ଇଣ୍ଡିଆ ସଭାପତି ରାହୁଲ ବୋଷ୍, କିଟ୍-କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, ୱିଣ୍ଟେକ୍ସ ଏକ୍ସପୋର୍ଟସ ନିର୍ଦ୍ଦେଶକ ସଚିନ୍ ମହାଜନ, ରଗ୍‌ବି ଇଣ୍ଡିଆ ବୋର୍ଡ ସଦସ୍ୟ ଅମିତ୍ କୁମାର ଦେ ଓ କିଟ୍ ଏବଂ କିସ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଉପସ୍ଥିତ ରହିଥିଲେ।

ପ୍ରଥମ ଦିନରେ ପୁରୁଷ ବର୍ଗରେ ଭୁବନେଶ୍ୱର ୩୭-୫ରେ ରାଜସ୍ଥାନକୁ, ପଞ୍ଜାବ ୨୭-୧୦ରେ ହରିୟାଣା ବୁଲ୍ସକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ମହିଳା ବର୍ଗରେ ୟୁପି ୱାଇଆରସି ୨୭-୦, ରାଜସ୍ଥାନ ୧୦-୫ରେ ଚଣ୍ଡୀଗଡକୁ ହରାଇଥିଲା। ସମସ୍ତ ଖେଳାଳି ଓ ରଗବି ଇଣ୍ଡିଆ ସଭାପତି ରାହୁଲ ବୋଷ ଆୟୋଜନ ପାଇଁ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡାବିତଙ୍କୁ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି।

କାର୍ଲସେନଙ୍କୁ ହରାଇଲେ ଗୁକେଶ

ଚେନ୍ନାଇ, ୧୭।୧୦(ପି.ଟି.)

ଡି. ଗୁକେଶ

ଏମ୍‌ଚେସ୍ ରାପିଡ୍ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟର ପ୍ରାଥମିକ ପର୍ଯ୍ୟାୟ ୯ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି ଭାରତର ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ। ଏହି ସଫଳତା ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଚେନ୍ନାଇର ଏହି ୧୬ ବର୍ଷୀୟ ଖେଳାଳି ସୋମବାର ଧଳାଦାନରେ ଖେଳି ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ପରେ ପଏଣ୍ଟ ଟେବୁଲରେ ପୋଲାଣ୍ଡର ଜାନ୍ କ୍ରିଜିଷ୍ଟଫ୍ ଡୁଡା (୨୫ ପଏଣ୍ଟ) ଓ ଶାଖ୍ରିୟାର ମେମ୍‌ଦ୍ୟାରୋଭ (ଆଜରବୈଜାନ)ଙ୍କ ପଛକୁ ୨୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ୨୯ତମ ମୁଭ୍‌ରେ ବିଶ୍ୱଚାମ୍ପିୟନଙ୍କୁ ପରାଜିତ କରିଥିଲେ। ଦିନକ ପୂର୍ବରୁ ଭାରତର ୧୯ ବର୍ଷୀୟ ଅର୍ଜୁନ ଏରିଗାଇସି କାର୍ଲସେନଙ୍କ ବିପକ୍ଷରେ ତାଙ୍କର ପ୍ରଥମ ବିଜୟ ହାସଲ କରିଥିଲେ। ପୂର୍ବରୁ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ରେକର୍ଡ ଭାରତର ଅନ୍ୟ ଜଣେ ସ୍ୱଳ୍ପବୟସ୍କ ଖେଳାଳି ଆର. ପ୍ରଜ୍ଞାନନ୍ଦଙ୍କ ନାମରେ ରହିଥିଲା। ସେ ଗତ ଫେବୃଆରୀରେ ଆର୍ଥିଙ୍ଗ୍ସ ମାଷ୍ଟର୍ସରେ ୩୯ତମ ମୁଭ୍‌ରେ ବିଶ୍ୱର ନମ୍ବର ୱାନ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ସେତେବେଳେ ତାଙ୍କ ବୟସ ୧୬ ବର୍ଷ ୬ ମାସ ୧୦ ଦିନ ରହିଥିଲା। ଗୁକେଶ ୧୬ ବର୍ଷ ୪ ମାସ ୨୦ ଦିନ ବୟସରେ ଏହି ରେକର୍ଡକୁ ଭାଙ୍ଗିଦେଇଛନ୍ତି।

ଆୟୋଜକ ଦୌଡ଼ରେ ଭାରତ, ସୌଦିଆରବ

ନୂଆଦିଲ୍ଲୀ, ୧୭।୧୦(ପି.ଟି.)

ଏସିଆନ କପ୍ ୨୦୨୭ର ଆୟୋଜନ ଅଧିକାର ପାଇବା ପାଇଁ କେବଳ ଭାରତ ଓ ସୌଦିଆରବ ମଧ୍ୟରେ ପ୍ରତିଯୋଗିତା ହେବ। ଆଗ୍ରହୀ ଥିବା ଅନ୍ୟ ୩ ଦେଶ ସେମାନଙ୍କ ବିଡ୍ ପ୍ରତ୍ୟାହାର କରିନେଇଥିବା ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ସୋମବାର ଘୋଷଣା କରିଛି। ଯଦି ଭାରତ ବିଡ୍ ଜିତେ ତେବେ ଦେଶ ପ୍ରଥମ ଥର କଣ୍ଟିନେଣ୍ଟାଲ ଇଭେଣ୍ଟ ଆୟୋଜନ କରିବ। ଅନ୍ୟପକ୍ଷରେ ସୌଦିଆରବ ୩ ଥର ଏହି କଣ୍ଟିନେଣ୍ଟାଲ ଟାଇଟଲ ହାସଲ କରିଛ, କିନ୍ତୁ ଥରେ ହେଲେ ସେ ଏହି ଟୁର୍ନାମେଣ୍ଟ ଆୟୋଜନ କରିନାହିଁ। ଉଜ୍‌ବେକିସ୍ତାନ ୨୦୨୦ ଡିସେମ୍ବର ଏବଂ ଇରାନ କିଛିଦିନ ପୂର୍ବରୁ ସେମାନଙ୍କ ବିଡ୍ ପ୍ରତ୍ୟାହାର କରିନେଇଛନ୍ତି। ଟୁର୍ନାମେଣ୍ଟ ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଥିବା ତୃତୀୟ ରାଷ୍ଟ୍ର ହେଲା କାତାର। ଆସନ୍ତା ବର୍ଷ ଏଏଫ୍‌ସି ଏସିଆନ କପ୍ ଆୟୋଜନ ଅଧିକାର ପାଇବା ସ୍ପଷ୍ଟ ହେବା ପରେ ୨୦୨୭ ସଂସ୍କରଣ ବିଡ୍‌ରୁ ଓହରି ଯାଇଥିଲା। ଚାମ୍ପିୟନଶିପ୍ ଆୟୋଜନ ଅଧିକାର ହାସଲ କରିବା ଦୌଡ଼ରେ ବର୍ତ୍ତମାନ ଦୁଇ ବିଡର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ସୌଦି ଆରବିଆନ ଫୁଟ୍‌ବଲ ଫେଡେରେଶନ (ଏସଏଏଫ୍‌ଏଫ୍) ରହିଲେ ବୋଲି ଏଏଫ୍‌ସି ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

ଏଏଫ୍‌ସି ଏସିଆନ କପ୍ ୨୦୨୭

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସୁବାସ ଚନ୍ଦ୍ର ପାଣିଗ୍ରାହୀ
୫୨୬, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୯।୧୯୪୩
ତିରୋଧାନ: ୦୮।୧୦।୨୦୨୨

ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ବାବା ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ତୁମର ଅନୁପସ୍ଥିତିକୁ ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ୍ଭ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ: ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।

ଧ-୧୭୯୦

ଫ୍ୟାଶନ

ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ

ଆପଣ ଯେତେ ବିଜି ରହିଲେ ବି ସମୟ ସହ ତାଳଦେଇ ଷ୍ଟାଇଲିଶ୍ ଦେଖାଯିବା ନିହାତି ଜରୁରୀ। ଅନ୍ୟମାନଙ୍କ ସାମ୍ନାରେ ଷ୍ଟାଇଲିଶ୍ ଦେଖାଇବା ଦ୍ୱାରା ନିଜର ଆତ୍ମବିଶ୍ୱାସ ବଢ଼ିଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଦେଖାଯିବେ ଷ୍ଟାଇଲିଶ୍...

ପ୍ଲାଜୋ ପ୍ୟାଣ୍ଟ

ଏହା ଆରାମଦାୟକ ହେବା ସହ ଆକର୍ଷଣୀୟ ହୋଇଥାଏ। ଏହାକୁ ନିଜ ଆଉଟ୍‌ଫିଟ୍‌ରେ ନିହାତି ସାମିଲ କରନ୍ତୁ । ଏହା ସହିତ ଆପଣଙ୍କୁ କାଜୁଆଲ୍ ଟପ୍ କିମ୍ବା ପାରମ୍ପରିକ କୁର୍ତ୍ତି ଭଲ ମାନିଥାଏ। ଅକେଜନ୍ ଅନୁଯାୟୀ ଏହାକୁ ପିନ୍ଧନ୍ତୁ ଏବଂ ଟ୍ରେଣ୍ଡି ଦେଖାଯାନ୍ତୁ।

ମ୍ୟାକ୍ସି ଡ୍ରେସ୍

ଏହା ପିନ୍ଧିବାକୁ ବହୁତ କମ୍ଫର୍ଟେବୁଲ ଲାଗିଥାଏ। ଏହାକୁ ଆପଣ ସବୁ ସିଜନ୍‌ରେ ପିନ୍ଧିପାରିବେ। ସବୁ ବଡି ଟାଇପ୍‌ରେ ଏହା ମାନିଥାଏ। ଏଥିରେ ଫୁଟ୍‌ୱେରରେ ଆପଣ ସ୍ନିକରର୍ସ,ହିଲ୍ସ ଓ ଫ୍ଲାଟ ମଧ୍ୟ ପିନ୍ଧିପାରିବେ।

ଶର୍ଟସ

ଯଦି ଆପଣଙ୍କୁ ଶର୍ଟସ ବହୁତ ପସନ୍ଦ ତେବେ ଶର୍ଟ ଟପ୍ ,ଟେକ୍‌ଟପ୍ ଆଦି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

ଇଣ୍ଡିଆନ୍ କୁର୍ତ୍ତି

ଯଦି ଆପଣ ଟ୍ରାଡିସ୍‌ନାଲ ପିନ୍ଧିବାକୁ ପସନ୍ଦ କରୁଛନ୍ତି ତେବେ ଇଣ୍ଡିଆନ୍ କୁର୍ତ୍ତି ସହିତ ଜିନ୍ସ ପ୍ୟାଣ୍ଟ କିମ୍ବା ଲେଗିଙ୍ଗିସ୍ ପିନ୍ଧିପାରିବେ। ଏହାଦ୍ୱାରା ଆପଣ ଅଧିକ ଷ୍ଟାଇଲିଶ୍ ଲାଗିବେ।

ସ୍କର୍ଟ

ମହିଳାଙ୍କୁ ନିଜ ବଡି ଟାଇପ୍ ଅନୁଯାୟୀ କପ୍‌ବୋର୍ଡରେ ସ୍କର୍ଟ ରଖିବା ଜରୁରୀ। ଏହାକୁ ଆପଣ ଘର,ଅଫିସ୍ ଓ ଆଉଟିଂରେ ମଧ୍ୟ ପିନ୍ଧିପାରିବେ।

ବାସନରୁ ଦାଗ ଦୂର କରିବା ପାଇଁ...

ସବୁ ମହିଳା ଚାହାନ୍ତି ତାଙ୍କ ରୋଷେଇ ଘରର ବାସନ ଚକ୍‌ଚକ୍ କରୁ। ଯଦି ବାସନ ପୋଡ଼ିଯାଏ ତାକୁ ସଫା କରିବାକୁ ବହୁ ପରିଶ୍ରମ କଲେ ସୁଦ୍ଧା ସେଥିରୁ ଦାଗ ସହଜରେ ଛାଡ଼େନି। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଆପଣ ବାସନକୁ ସହଜରେ ସଫା କରିପାରିବେ।

- ଆଲୁମିନିୟମ ବାସନ ଯଦି ପୋଡ଼ିଯାଇଛି ତାକୁ ସଫା କରିବାକୁ ହେଲେ ସେଥିରେ କିଛି ପାଣି ନେଇ ପିଆଜ ପକାଇ ଫୁଟାନ୍ତୁ। ଏହାପରେ ବାସନ ମଜା ସାବୁନରେ ରଗଡ଼ି ସଫା କରନ୍ତୁ। ଦେଖିବେ ଦାଗ ଛାଡ଼ିଯାଉଛି।
- ପ୍ଲାଷ୍ଟିକ୍ କଣ୍ଟେନରକୁ ସଫା କରିବାକୁ ହେଲେ ଲେମ୍ବୁ ଭଲ କାମ ଦେଇଥାଏ। ଏଥିରୁ ଦୁର୍ଗନ୍ଧ ଦୂରକରିବାକୁ ହେଲେ ଲେମ୍ବୁର ପ୍ରୟୋଗ କରନ୍ତୁ। ଲେମ୍ବୁ ଚୋପାକୁ ରଗଡ଼ି ସେ ପାତ୍ରରେ ଲାଗିଥିବା ଦାଗ ଧୀରେ ଧୀରେ ଦୂରହୋଇଯିବ।
- ବେକିଂ ସୋଡ଼ା ବାସନରେ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ପୁଣି ସୋଡ଼ାକୁ ଗୋଲାକାର ଆକାରରେ ରଗଡ଼ନ୍ତୁ। ଏହାଦ୍ୱାରା ଆପଣଙ୍କ ଦାଗ ସହଜରେ ଦୂର ହୋଇଯିବ।
- ବାସନରୁ ଦାଗ ଦୂରକରିବାକୁ ହେଲେ ଆପଣ ଦହି ମଧ୍ୟ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

ଫ୍ରୁଟ୍ସ କଷ୍ଟାର୍ଡ



ଆବଶ୍ୟକ ସାମଗ୍ରୀ: କ୍ଷୀର ଏକ ଲିଟର, କଷ୍ଟାର୍ଡ ପାଉଡର ୩-୪ ଚାମଚ, ଚିନି ୨୦୦ଗ୍ରାମ୍, କେଶର ଅଳ୍ପ ପରିମାଣର, ଇଲାଇଚି ପାଉଡର ୧ ଚାମଚ, କଟା ହୋଇଥିବା ମିକ୍ସ ଫ୍ରୁଟ୍ସ ୨ କପ୍(ସେଓ, କଦଳୀ, ଅଙ୍ଗୁର ଓ ଡାଲିମ୍ବ)।

ଡ୍ରାଏ ଫ୍ରୁଟ୍ସ ୧ କପ, ବାଦାମ, କାଜୁ, ପିସ୍ତା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲଭାବେ ଫୁଟାଇ ଏଥିରେ ଚିନି ପକାନ୍ତୁ। ଏହାକୁ ଅଳ୍ପ ଆଞ୍ଚରେ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଅନ୍ୟ ଏକ ପାତ୍ର ନିଅନ୍ତୁ ସେଥିରେ କିଛି ଥଣ୍ଡା କ୍ଷୀର ନେଇ ସେଥିରେ କଷ୍ଟାର୍ଡ ପାଉଡର ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏହାକୁ ଗରମ କ୍ଷୀରରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ସେଥିରେ ଇଲାଇଚି ପାଉଡର ଏବଂ କେଶର ପକାନ୍ତୁ। ଏବେ ଏହାକୁ ଆଞ୍ଚରୁ କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ମିକ୍ସ ଫ୍ରୁଟ୍ସ ଓ ଡ୍ରାଏ ଫ୍ରୁଟ୍ସ ପକାଇ ଭଲଭାବେ ମିଶାଇ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ଦିଅନ୍ତୁ। ଏବେ ଆପଣଙ୍କର ଫ୍ରୁଟ୍ସ କଷ୍ଟାର୍ଡ ପ୍ରସ୍ତୁତ ହୋଇଗଲା ଏହାକୁ ଆପଣ ପରଷିପାରିବେ।

ଦୀପାବଳିକୁ କିପରି ସଜାଇବେ ଘର

ଦଶହରା ସରୁ ସରୁ ଘରେ ଦୀପାବଳିର ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଦୀପାବଳିରେ ସମସ୍ତେ ଘରକୁ ସଜାଇଥାନ୍ତି। କିନ୍ତୁ ଏଠାରେ କେତୋଟି ସହଜ ଉପାୟ ଦେଉଛୁ ଯାହାକୁ ଆପଣ ଆପଣାଇ ଘରକୁ ସୁନ୍ଦର ଲୁକ୍ ଦେଇପାରିବେ। ଏଥିପାଇଁ ଘରେ ଖାଲିଟାରେ ଜାଗା ନେଉଥିବା ଜିନିଷକୁ କାଢ଼ିଦିଅନ୍ତୁ।

ଫୁଲ ଓ ଫୁଲମାଳ: ନିଜ ଘରକୁ ସତେଜ ଫୁଲ ଓ ଫୁଲମାଳରେ ସଜାନ୍ତୁ। ଏଥିସହ ଆର୍ଟିଫିସିଆଲ୍ ଲଟକନ ମିଳୁଛି, ଏହାକୁ ମଧ୍ୟ ଘରେ ସଜାଇପାରିବେ। ଏହା ସହ ଆପଣ ନିଜ ପସନ୍ଦର ଡିଜାଇନ୍ ନେଇ ଆପଣ ଘର ସଜାଇପାରିବେ।

ପେଣ୍ଟିଂ କିମ୍ବା ଫୁଲତୋଡ଼ା ଲାଇଟ : ଆଜିକାଲି ଘରକୁ ସଜାଇବା ଲାଗି ପେଣ୍ଟିଂ ସବୁଠୁ ଭଲ ଉପାୟ। ଆପଣ ଚାହିଁଲେ ଘରେ ଭଲ ପେଣ୍ଟିଂ କରିପାରିବେ। ଆପଣ ଯଦି ଘରେ କାମ ଭିତରେ ବ୍ୟସ୍ତ ରହୁଛନ୍ତି ପେଣ୍ଟିଂ କାମ କରିପାରୁନାହାନ୍ତି ତେବେ ଆପଣ ବଜାରରୁ ପେଣ୍ଟିଂ କିଣି ଆଣି ଲଗାଇ ପାରିବେ। ଏହା ବ୍ୟତୀତ ଘରେ ଥିବା ଫୁଲକୁଣ୍ଡରେ ଲାଇଟ୍‌କିମ୍ବା ପେଣ୍ଟିଂକରି ସଜାଇପାରିବେ। ଲାଇଟ୍ ଡେକୋରେଶନ ଦୀପାବଳିରେ ନିହାତି ହୋଇଥାଏ। ବଜାରରେ ବିଭିନ୍ନ ପ୍ରକାର ଲାଇଟ୍ ମିଳୁଛି, ତାକୁ ଘରେ ଲଗାଇ ଘରକୁ ଆଲୋକିତ କରିପାରିବେ। ଘରର ମେନ୍ ଗେଟ୍‌ରେ ଫୁଲତୋଡ଼ା ଲଗାଇପାରିବେ। ଏହିପରି ଗେଟ୍‌ର ଉଭୟ ପାର୍ଶ୍ୱରେ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଘର ସୁନ୍ଦର ଦେଖାଯିବ।

ନିଜକୁ ବଦଳାନ୍ତୁ

"ସର୍ବପ୍ରଥମେ ଏହା ବୁଝିବା ବହୁ ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେତେବେଳେ ଆମେ ସୁଖ ସହଜରେ ଗ୍ରହଣ କରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ।"

ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରୁଛି ,ତେବେ ସେ ସମୟରେ ଆପଣଙ୍କୁ ବହୁ ଦୁଃଖ ଲାଗିଥାଏ। ତେବେ ଆପଣ ସେ କଥାକୁ ବାରମ୍ବାର ମନେପକାଇ ନିଜ ଦୁଃଖକୁ ଆହୁରି ଦ୍ୱିଗୁଣିତ କରିଦେଇଥାନ୍ତି। ପୁଣି ବେଳେବେଳେ ଆପଣଙ୍କ ମନରେ ସ୍ଥାୟୀ ରୂପରେ ଏ ଘଟଣା ପ୍ରତିଶୋଧର ନିଆଁରେ ପରିଣତ ହୋଇଯାଏ। ପ୍ରାଚୀନକାଳରେ ସନ୍ଥ ଓ ଋଷିମାନେ କହୁଥିଲେ, ଆମକୁ ନମ୍ର ଓ କ୍ଷମାଶାଳୀ ହେବା ଆବଶ୍ୟକ। ଏଠାରେ ଆମେ ଗୌତମ ବୁଦ୍ଧଙ୍କ କଥା କହିବାକୁ ଚାହିଁବୁ । ସେ କହିଥିଲେ, ଆମେ ମାତା ଧରିତ୍ରୀ ପରି ସହନଶୀଳ ହେବା ଆବଶ୍ୟକ।

ଛାଡ଼ନ୍ତୁନି ସଂଯମର ହାତ

ଘର ହେଉକି ଅଫିସ୍ ପ୍ରତିଦିନ ଦିନଚର୍ଯ୍ୟା ମଧ୍ୟରେ ଛୋଟମୋଟ ବୈଚାରିକ ମତଭେଦ ଦେଖାଯିବା ସ୍ୱାଭାବିକ। ଏପରି ସ୍ଥିତିରେ ଆପଣ ନିଜର ଧୈର୍ଯ୍ୟଶକ୍ତି ହରାଇବା ଉଚିତ ନୁହେଁ। ହୋଇପାରେ ଏପରି ସ୍ଥିତିରେ ଆପଣଙ୍କୁ ଅଧିକ ରାଗ ଲାଗିପାରେ। ସାମ୍ନାରେ ଉପସ୍ଥିତ ବ୍ୟକ୍ତି ପାଇଁ ମନରେ କେତେକ ନକାରାତ୍ମକ ବିଚାରଧାରା ଆସୁଥିବ, କିନ୍ତୁ ଅମାନିଆ ମନକୁ ନିୟନ୍ତ୍ରିତ କରିବା ବହୁ ଜରୁରୀ । ଯଦି କୌଣସି ପରିସ୍ଥିତିରେ ଏମିତି କିଛି ସମସ୍ୟା ଉପୁଜୁଛି ମନକୁ ନିୟନ୍ତ୍ରଣରେ ରଖି ଆଗକୁ ବଢ଼ନ୍ତୁ।

ଜୀବନ : ସୁଖ-ଦୁଃଖର ସମନ୍ୱୟ

ସର୍ବପ୍ରଥମେ ଏହା ବୁଝିବା ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେମିତି ଆମେ ସୁଖକୁ ସହଜରେ ଗ୍ରହଣକରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ। ଅନ୍ୟମାନେ ସବୁବେଳେ ଆପଣଙ୍କୁ ପ୍ରଶଂସା କରିବେ ତାହା ଠିକ୍ ନୁହେଁ। ଆପଣଙ୍କ ସମ୍ବନ୍ଧରେ ଆଲୋଚନା ଶୁଣିବାକୁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଅନ୍ୟର ଫିଡ୍‌ବ୍ୟାକ୍‌କୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ତାକୁ ଆଧାରକରି ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। 'ମୁଁ ସବୁଠୁ ଜ୍ଞାନୀ ଓ ବାକି ସବୁ ଅଜ୍ଞାନ '-ଏପରି ଭାବନା ମନରେ ଆସିବାକୁ ଦିଅନ୍ତୁ ନାହିଁ। ଦିନରାତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧର ନିଆଁରେ ଜଳୁଥିବା ବ୍ୟକ୍ତି ନିଜର ପାର୍ଶ୍ୱ ବାତାବରଣକୁ ନକାରାତ୍ମକ ଭାବନରେ ପରିପୂର୍ଣ୍ଣ କରିଦେଇଥାନ୍ତି। ଏପରି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଶରୀର ମନ ଓ ଆତ୍ମା ମଧ୍ୟରେ ଠିକ୍ ତାଳମେଳ ରହିବା ଆବଶ୍ୟକ। ଅନ୍ୟର ଖରାପ ଚିନ୍ତା କରିବା ଅପେକ୍ଷା ସଚ୍ଚୋଟତା ସହ ଆତ୍ମମନ୍ଥନ କରିବା ସଙ୍ଗେ ସଙ୍ଗେ ନିଜର ଭୁଲ୍ କ'ଣ ରହୁଛି ତାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ ।

ଅତି ଭାବୁକତା ହେବା କ୍ଷତିକାରକ

ଚିନ୍ତାମୁକ୍ତ ଜୀବନ ଲାଗି ଭାବନାତ୍ମକ ଚିନ୍ତାଧାରାକୁ ନିଜଠୁ ଦୂରେଇ ରଖିବା ଭଲ। ଏହି କଥା ସବୁବେଳେ ମନେରଖିବା ଉଚିତ ଯେ, ସମସ୍ତଙ୍କର ଭଲ ଓ ମନ୍ଦ ଯାହା ବାରମ୍ବାର ନକାରାତ୍ମକ ଭାବନାକୁ ଜାଗ୍ରତ କରିଥାଏ। ଏହାଦ୍ୱାରା ଆମେ ବାରମ୍ବାର ରାଗିବା ସହ ଦୁଃଖୀ ହୋଇ ଅନ୍ୟମାନଙ୍କ ବିଷୟରେ ଖରାପ ଭାବିଥାଉ। ପ୍ରତିଶୋଧର ଭାବନାରୁ ନିଜକୁ ବାହାର କରିବାକୁ ହେଲେ ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରିଛି ତେବେ ସେ ଘଟଣାକୁ ଜଲ୍‌ଦି ଭୁଲିଯିବାକୁ ଚେଷ୍ଟା କରନ୍ତୁ। ତାକୁ କ୍ଷମା କରିବାକୁ ହେଲେ ନିଜ ହୃଦୟ ମଧ୍ୟ ସେତିକି ଉଦାର ହେବା ଦରକାର। ଯଦି ଆପଣ ସତ୍ ପଥରେ ଅଛନ୍ତି ତେବେ ଆପଣ ବିଚଳିତ ହେବା ଠିକ୍ ନୁହେଁ। ନିଜର ମାନସିକତାକୁ ସକାରାତ୍ମକ ରଖିଲେ ଆପଣ ନିଜ ଜୀବନକୁ ଭଲ ଭାବରେ ଉପଭୋଗ କରିପାରିବେ।

ଏମାନେ କ'ଣ କରନ୍ତି

ଛୋଟ କଥାକୁ ଗୁରୁତ୍ୱ ଦେଲେ ଦୁଃଖ ହିଁ ପାଇବେ
(ସୁନୀତା ବାରିକ,ତୁଶୁପୁର, ଆଠଗଡ଼, କଟକ)

ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ମୂଲ୍ୟବାନ୍। ତାକୁ ଭଲଭାବେ ଉପଭୋଗ କରିବା ଶିଖନ୍ତୁ। ଛୋଟ ଛୋଟ କଥାକୁ ଗୁରୁତ୍ୱ ଯେତେ ଦେବେ ଆପଣ ଦୁଃଖ ହିଁ ପାଇବେ। ଯଦି ଆମକୁ କିଏ କ'ଣ କହିଛି ତେବେ ସେଥିରେ ମନ ଦୁଃଖ ହେବା ସ୍ୱାଭବିକ। କିନ୍ତୁ ଏଥିରେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ିଚାଲନ୍ତୁ।

ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଭଲ
(କାଜଲ ସାହୁ, ଅନନ୍ତପୁର, ବାଲିଅନ୍ତା, ଖୋର୍ଦ୍ଧା)

ଜୀବନରେ ସୁଖ ଆଉ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସୁଖ ଆସିଲେ ଆମେ ଯେମିତି ଜୀବନକୁ ଉପଭୋଗ କରୁ ସେମିତି ଦୁଃଖ ଆସିଲେ ତାକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିଥାଏ। ଯଦି ଆମକୁ କିଏ କ'ଣ କହିଛି ତାକୁ ଧରି ବସିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। କଥାରେ ଅଛି -କଥାକୁ ଯେତେ ମାଜିବ ସେତେ ମୋଟା। ସେମିତି ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଆମ ପାଇଁ ଭଲ ହେବ।

ଓଠ ରହିବ ଗୋଲାପୀ

ବହୁ କମ୍ ମହିଳା ଅଛନ୍ତି ଯେଉଁମାନଙ୍କ ଓଠ ସାଧାରଣତଃ କଳା ହୋଇଥାଏ। କେତେକ କାରଣ ପାଇଁ ଅନେକ ମହିଳାଙ୍କ ଓଠ କଳା ପଡ଼ିଯାଇଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇବା ଦ୍ୱାରା ଆପଣଙ୍କ ଓଠ କଳାରଙ୍ଗରୁ ଧୀରେ ଧୀରେ ଗୋଲାପୀ ହେବାକୁ ଲାଗିବ । ଏହାକୁ ବ୍ୟବହାର କରିବା ଦ୍ୱାରା ଆପଣଙ୍କର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ହେବନାହିଁ। ଜାଣନ୍ତୁ, ଏ ସମ୍ପର୍କରେ କେତୋଟି ଘରୋଇ ଟିପ୍ସ.....

ଲେମ୍ବୁ: ଲେମ୍ବୁ ବ୍ୟବହାର କରିବା ଦ୍ୱାରା ଓଠରେ ଥିବା କଳାଦାଗ ଦୂରହୋଇଥାଏ। ଏଥିରେ ବ୍ଲିଚିଂ ଗୁଣ ରହିଛି ଯାହା ଦ୍ୱାରା ଓଠରେ ଥିବା କଳାଦାଗକୁ ଦୂରକରିବାରେ ସାହାଯ୍ୟ କରିଥାଏ। ଭଲ ହେବ ରାତିରେ ଶୋଇବା ପୂର୍ବରୁ ଦୁଇବୁନ୍ଦା ଲେମ୍ବୁରସ ୨ମାସ ପର୍ଯ୍ୟନ୍ତ ବ୍ୟବହାର କରିବା ଦ୍ୱାରା ଓଠର ରଙ୍ଗ ପରିବର୍ତ୍ତନ ହୋଇଥାଏ।

ଗୋଲାପଜଳ : ଗୋଲାପଜଳ ବ୍ୟବହାର କରିବା ଦ୍ୱାରା ଥଣ୍ଡା ଅନୁଭବ ହୁଏ, ଯାହା ମଶ୍ଚରାଇଜର ପରି କାମ କରିଥାଏ। ଗୋଲାପଜଳରେ କେଇବୁନ୍ଦା ମହୁ ମିଶାଇ ଲଗାଇବା ଦ୍ୱାରା ଓଠର କଳାଦାଗ ଦୂର ହୋଇଥାଏ।

ଚିନି: ଓଠରେ ଚିନି ବ୍ୟବହାର କରିବା ଦ୍ୱାରା ଏହା ସ୍କ୍ରବ୍ ପରି କାମ କରିଥାଏ। ଫଳରେ ଡେଡ୍ ସ୍କିନ୍ ଦୂର ହୋଇଥାଏ। ଅଳ୍ପ ଚିନିକୁ ନେଇ ମିକ୍ସଚରରେ ଗ୍ରାଇଣ୍ଡକରି ଦିଅନ୍ତୁ। ଏହି ମିକ୍ସ ହୋଇଥିବା ଚିନିରେ ଅଳ୍ପ ଲହୁଣି ମିଶାଇ ଓଠରେ ଲଗାଇଲେ ଓଠ ମୁଲାୟମ ହେବା ସହ ସଫା ମଧ୍ୟ ହୋଇଥାଏ।

ଡାଲିମ୍ବ : ଡାଲିମ୍ବରସ ଓଠରେ ଲଗାଇବା ଦ୍ୱାରା ଏହା ମଶ୍ଚରାଇଜର ପରି କାମ କରିଥାଏ। ଏହା ଓଠକୁ ସଫ୍ଟ କରିବା ସହ ଗୋଲାପୀ ରଙ୍ଗ କରିବାରେ ମଧ୍ୟ ସାହାଯ୍ୟ କରେ। ଡାଲିମ୍ବର କେତୋଟି ଦାନାକୁ ଗ୍ରାଇଣ୍ଡ କରି ସେଥିରୁ ରସ ବାହାର କରିଦିଅନ୍ତୁ। ଏବେ ସେହି ରସରେ କ୍ଷୀର ଓ ଗୋଲାପଜଳ ମିଶାଇ ହାତରେ ହାଲ୍‌କା ଭାବେ ଲଗାଇବା ଦ୍ୱାରା ଏହାର ଫାଇଦା ଆପଣଙ୍କ ଜଲ୍‌ଦି ମିଳିବ।

ବିଟ୍: ବିଟ୍‌ରେ ନାଚୁରାଲ ବ୍ଲିଚ୍ ଗୁଣ ରହିଛି। ଏହା ଓଠର କଳାପଣ ଦୂରକରିବାରେ ସାହାଯ୍ୟ କରିଥାଏ। ଏଥିସହ ବିଟ୍ ନାଚୁରାଲ୍ ରଙ୍ଗ ଓଠକୁ ଗୋଲାପୀ କରିବାରେ ସାହାଯ୍ୟ କରେ। ବିଟ୍‌ର ରସ କିମ୍ବା ପେଷ୍ଟ ରାତିରେ ଶୋଇବା ପୂର୍ବରୁ ଲଗାଇ ଶୋଇପଡ଼ନ୍ତୁ। ରାତି ସାରା ଏମିତି ରଖିବା ପରେ ତାକୁ ସକାଳେ ଓଠକୁ ଭଲଭାବେ ଧୋଇଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୮/୨୦୨୨ Bhubaneswar, Tuesday, October 18/ 2022

ୱେଷ୍ଟଇଣ୍ଡିଜକୁ ହରାଇଲା ସ୍କଟ୍‌ଲାଣ୍ଡ

ହୋବାର୍ଟ, ୧୭।୧୦(ପି.ଟି.)

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ବର୍ଷାରେ ବାଧାପ୍ରାପ୍ତ ଏକ ଗ୍ରୁପ୍ ବି' ମ୍ୟାଚରେ ସ୍କଟ୍‌ଲାଣ୍ଡ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୨ ରନ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ଚ୍ୟାଲେଞ୍ଜିଂ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ତଥା ଓପ୍ନର ଜର୍ଜ ମୁନ୍‌ସି ୫୩ ବଲ୍‌ରୁ ୬୬ ରନ୍ କରି ଅପରାଜିତ ରହିଥିଲେ। ଏଥିରେ ତାଙ୍କର ୯ ଚୌକା ସାମିଲ ଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୮.୩ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ଓପ୍ନର କାଇଲ ମେୟର୍ସ ୧୩ ବଲ୍‌ରୁ ୨୦ ରନ୍ (୩ ଚୌକା ଓ ୧ ଛକା)କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ମାତ୍ର ତୃତୀୟ ଓଭରରେ ସେ ସ୍କଟ୍‌ଲାଣ୍ଡ ବ୍ୟାଟିଂ ଷ୍ଟାର ମୁନ୍‌ସି ଡିପ୍ ମିଡ୍ ଉଇକେଟରେ ଏକ ଚମତ୍କାର କ୍ୟାଚ ନେଇ ତାଙ୍କୁ ପାଭିଲିୟନ ପଠାଇ ଦେଇଥିଲେ। ଅନ୍ୟତମ ଓପ୍ନର ବ୍ରାଣ୍ଡନ କିଙ୍ଗ୍ (୧୫ ବଲ୍, ୧୭ ରନ) ମଧ୍ୟ ପାୱାର ପ୍ଲେ ଭିତରେ ବିଦାୟ ନେଇଥିଲେ। ଅଧିନାୟକ ପୁରନ ଅଫ୍ ସ୍ପିନର ଲିସ୍ଟଙ୍କ ଶିକାର ହୋଇଥିଲେ। ୱେଷ୍ଟଇଣ୍ଡିଜ ଏକଦା ୬୯/୫ ସ୍କୋରରେ ସଙ୍କଟରେ ପଡ଼ିଥିଲା। ପରେ ଅଲ୍‌ରାଉଣ୍ଡର ଜାସନ ହୋଲ୍ଡର ଚମତ୍କାର ବ୍ୟାଟିଂ କରି ୩୩ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୮ ରନ୍ କରିଥିଲେ। ମାତ୍ର ଦଳର ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ସ୍କଟ୍‌ଲାଣ୍ଡର ବାମହାତୀ ସ୍ପିନର ମାର୍କ ୱାଟ୍ ମ୍ୟାଚ ବିଜୟୀ ବୋଲିଂ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଅଫ୍‌ସ୍ପିନର ମାଇକେଲ ଲିସ୍କ ତାଙ୍କର ପୂରା କୋଟା ଓଭର ବୋଲିଂ କରି ୧୫ ରନ ଦେଇ ୨ ଟି ଉଇକେଟ ନେଇଥିଲେ। ସୁପର ୧୨ ପର୍ଯ୍ୟାୟ ପାଇଁ ଦୌଡ଼ରେ ରହିବାକୁ ହେଲେ ୱେଷ୍ଟଇଣ୍ଡିଜକୁ ବର୍ତ୍ତମାନ ବୁଧବାର ଜିମ୍ବାୱେକୁ ପରାସ୍ତ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ରିଚି ବରିଙ୍ଗଟନଙ୍କ ନେତୃତ୍ୱାଧୀନ ଦଳକୁ ସୁପର ୧୨ ପର୍ଯ୍ୟାୟ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ୟୁରୋପିଆନ ପ୍ରତିଦ୍ୱନ୍ଦ୍ୱୀ ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ହାସଲ କରିବାକୁ ହେବ।

ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଜର୍ଜ ମୁନ୍‌ସି।

ଟି୨୦ ବିଶ୍ୱକପ୍

ସଂକ୍ଷିପ୍ତ ସ୍କୋର

ସ୍କଟ୍‌ଲାଣ୍ଡ: ୨୦ ଓଭରରେ ୧୬୦/୫ (ଜର୍ଜ ମୁନ୍‌ସି-୬୬*, କାଲମ ମ୍ୟାକ୍‌ଲିଅଡ୍-୨୩, ମାଇକେଲ ଜୋନ୍ସ-୨୦; ଜାସନ ହୋଲ୍ଡର -୨/୧୪, ଅଲଜାରି ଯୋଶେଫ୍-୨/୨୮)। ୱେଷ୍ଟଇଣ୍ଡିଜ: ୧୮.୩ ଓଭରରେ ୧୧୮/ଅଲ୍‌ଆଉଟ (ଜାସନ ହୋଲ୍ଡର ୩୮, କାଇଲ ମେୟର୍ସ-୨୦; ମାର୍କ ୱାଟ୍-୩/୧୨, ମାଇକେଲ ଲିସ୍କ-୨/୧୪, ବ୍ରାଡ୍ ୱିଲ୍-୨/୩୨)।

ଶାମି ଜିତାଇଲେ ୱାର୍ମଅପ୍ ମ୍ୟାଚ୍

ବ୍ରିସ୍‌ବେନ୍, ୧୭।୧୦(ପି.ଟି.)

ମହମ୍ମଦ ଶାମିଙ୍କ ଘାତକ ବୋଲିଂ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌କୁ ୬ ରନ୍‌ରେ ଜିତିନେଇଛି ଭାରତ। ବ୍ରିସ୍‌ବେନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଲୋକେଶ ରାହୁଲ(୫୭) ଓ ସୂର୍ଯ୍ୟକୁମାର ଯାଦବ(୫୦)ଙ୍କ ବ୍ୟାଟିଂରେ ୬ ଉଇକେଟରେ ୧୮୬ ରନ୍‌କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଅନ୍ତିମ ଦୁଇ ଓଭରରେ ଅଷ୍ଟ୍ରେଲିଆକୁ ମାତ୍ର ୧୬ ରନ୍ ଆବଶ୍ୟକ ଥିବା ବେଳେ ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିଲେ ମହମ୍ମଦ ଶାମି। ଗୋଟିଏ ପରେ ଗୋଟିଏ ୟର୍କର ମାରିବା ସହିତ ଭାରତକୁ ବିଜୟୀ କରିଥିଲେ। ପ୍ରଥମ ଦୁଇ ବଲ୍‌ରୁ ପ୍ୟାଟ କୁମିନ୍ସ ୪ ରନ୍ କରିଥିବା ବେଳେ ଅନ୍ତିମ ୪ ବଲ୍‌ରେ ୪ଟି ଉଇକେଟର ପତନ ଘଟିଥିଲା। ଭାରତ ପକ୍ଷରୁ ଓପ୍ନର ଲୋକେଶ ରାହୁଲ ୩୩ ବଲ୍‌ରୁ ୫୭ ରନ୍ କରିଥିଲେ। ରାହୁଲଙ୍କ ଇନିଂସରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ରୋହିତ ଶର୍ମା(୧୫) ଓ ବିରାଟ କୋହଲି(୧୯) ଭଲ ଆରମ୍ଭ ପାଇଥିଲେ ହେଁ ଏହାକୁ ବଡ଼ ସ୍କୋରରେ ପରିବର୍ତ୍ତନ କରିପାରି ନ ଥିଲେ। ଶେଷଆଡ଼କୁ ସୂର୍ଯ୍ୟକୁମାର ଯାଦବଙ୍କ ୩୩ ବଲ୍ ୫୦ ରନ୍ ଓ ଦୀନେଶ କାର୍ତ୍ତିକଙ୍କ ୨୦ ରନ୍ ବଳରେ ଭାରତ ୧୮୬ ରନ୍ କରିଥିଲା। ସୂର୍ଯ୍ୟଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କେନ୍ ରିଚାର୍ଡସନ୍ ୪ ଉଇକେଟ ନେଇଥିଲେ।

୧୮୬ ରନ୍ ଜବାବରେ ଅଧିନାୟକ ଆରୋନ୍ ଫିଞ୍ଚ ୬୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ(୩୫) ଓ ଗ୍ଲେନ୍ ମ୍ୟାକ୍ସୱେଲ(୨୩) ରନ୍‌ର ଇନିଂସ ଖେଳିଥିଲେ। ଶାମି ୩ ଓ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ, ୟୁଜ୍‌ବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୮୬/୬ (ରାହୁଲ-୫୭, ସୂର୍ଯ୍ୟକୁମାର-୫୦, ଦୀନେଶ କାର୍ତ୍ତିକ-୨୦, କୋହଲି-୧୯, କେନ୍ ରିଚାର୍ଡସନ୍-୪/୩୦। ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୦/୧୦(ଆରୋନ୍ ଫିଞ୍ଚ-୬୬, ମିଚେଲ ମାର୍ଶ-୩୫, ଗ୍ଲେନ୍ ମ୍ୟାକ୍ସୱେଲ-୨୩, ମହମ୍ମଦ ଶାମି-୩/୪, ଭୁବନେଶ୍ୱର କୁମାର- ୨/୨୦, ୟୁଜ୍‌ବେନ୍ଦ୍ର ଚହଲ-୧/୨୮)।

ଜିମ୍ବାୱେ ବିଜୟୀ

ହୋବାର୍ଟ, ୧୭।୧୦: ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଗ୍ରୁପ୍ ବି'ର ଏକ ମ୍ୟାଚ୍‌ରେ ଜିମ୍ବାୱେ ୩୧ ରନ୍‌ରେ ଆୟର୍ଲାଣ୍ଡକୁ ହରାଇଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଥିବା ଜିମ୍ବାୱେ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଶିକନ୍ଦର ରାଜା ସର୍ବାଧିକ ୮୨ ରନ୍ (୪୮ ବଲ୍, ୫ ଚୌକା ଓ ୫ ଛକା) କରିଥିଲେ। ଆୟର୍ଲାଣ୍ଡ ତରଫରୁ ଜୋସୁଆ ଲିଟଲ ୩ ଏବଂ ମାର୍କ ଆଡେର ଓ ସିମି ସିଂ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ୍ କରିଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ସଂକ୍ଷେପରେ

ଦହିଖାଇ ଠାକୁରାଣୀଙ୍କ ବିଗ୍ରହ ଚୋରି

ଖଣ୍ଡପଡ଼ା,୧୭।୧୦(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ଅଧୀନ ସିଂଘାପଡା ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା’ ଦହିଖାଇ ଠାକୁରାଣୀଙ୍କର ପାଶାଣ ବିଗ୍ରହକୁ କେହି ଦୁର୍ବୃତ୍ତ ରବିବାର ରାତିରେ ଚୋରି କରି ନେଇଥିବା ଜଣାପଡିଛି। ବର୍ଷ ବର୍ଷ ଧରି ଗଛ ମୂଳେ ଠାକୁରାଣୀ ପୂଜା ପାଇ ଆସୁଥିଲେ। ବିଗ୍ରହ ଚୋରି ଯିବା ପରେ ଠାକୁରାଣୀଙ୍କ ଆସ୍ଥାନ ଖାଲି ପଡିଛି। ଏଭଳି ଘଟଣାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ୨ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମା’ ଦହିଖାଇ ଠାକୁରାଣୀ ପୂଜା ପାଇ ଆସୁଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ଠାକୁରାଣୀଙ୍କ ବିଗ୍ରହ ଚୋରି ଘଟଣା ପଛରେ କୌଣସି ତାନ୍ତ୍ରିକଙ୍କ ହାତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଧାରଣା ପରେ ବଦଳିଲେ ଖଣ୍ଡପଡ଼ା ଜେଲ ଅଧୀକ୍ଷିକା

ଖଣ୍ଡପଡ଼ା,୧୭।୧୦(ସ୍ୱ.ପ୍ର.) : ଖଣ୍ଡପଡ଼ା ଉପକାରାଗାରର ଭାରପ୍ରାପ୍ତ ଅଧୀକ୍ଷିକା ଚେତନା ପାତ୍ରଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ୫ଦିନ ଧରି ଉପକାରାଗାର ପରିସରରେ ୧୦ ଜଣ କର୍ମଚାରୀ କଳା ବ୍ୟାଚ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ବସିଥିଲେ। ଜେଲ ବିଭାଗ ଡ଼ିଆଇଜି ଶୁଭକାନ୍ତ ମିଶ୍ର ଓ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଧାରଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି ଭାରପ୍ରାପ୍ତ ଅଧୀକ୍ଷିକା ପାତ୍ରଙ୍କର ଭୁବନେଶ୍ୱରସ୍ଥିତ ଜେଲ ବିଭାଗ ନିର୍ଦ୍ଦେଶାଳୟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଖଣ୍ଡପଡ଼ା ଜେଲର ଭାରପ୍ରାପ୍ତ ଅଧୀକ୍ଷିକା ଭାବେ ପ୍ରିୟମ୍ୱଦା ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଥିବା ଜେଲ ବିଭାଗ ଡିଜିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ନୂତନ ଅଧୀକ୍ଷିକା ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିବାରୁ କର୍ମଚାରୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ଯକ୍ଷ୍ମାରେ ୬ ବର୍ଷର ଶିଶୁ ପୀଡ଼ିତ
ଆରୋଗ୍ୟ ପାଇଁ ଚାଲିଛି ଚେଷ୍ଟା

ନୂଆଗାଁ, ୧୭।୧୦ (ଡି.ଏନ.ଏ.)
ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ଗ୍ରାମର ୬ ବର୍ଷର ମା’ ଛେଉଣ୍ଡ କୋମଳମତି ଆଦିବାସୀ ଶିଶୁ ବିଶ୍ୱରଞ୍ଜନ ଯକ୍ଷ୍ମା ରୋଗରେ ପୀଡିତ ଥିବା ବେଳେ ଅର୍ଥାଭାବରୁ ଚିକିତ୍ସା ହୋଇ ପାରୁ ନ ଥିଲା। ଏହି ଖବର ପ୍ରକାଶ ପାଇବା ପରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଓ ଡାକ୍ତରୀ ଦଳ ଶିଶୁର ଆରୋଗ୍ୟ ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତେଣୁ ଶିଶୁର ଚିକିତ୍ସା ପାଇଁ ଶନିବାର ଭୁବନେଶ୍ୱରସ୍ଥିତ ଏମସ୍ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧ ଆଣି ପରିବାର ଲୋକେ ଘରକୁ ଫେରିଛନ୍ତି। ତେବେ ଶିଶୁଟିର ଆରୋଗ୍ୟ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୀତେଶ କୁମାର ନିବେଦନ ପ୍ରତିଦିନ ଶିଶୁର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିବା କହିଛନ୍ତି। ବିଶ୍ୱରଞ୍ଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ ମୁଣ୍ଡରେ ଜମିଥିବା ପାଣିକୁ ବାହାର କରିବାକୁ ଅପରେଶନ କରାଯିବ। ବର୍ତ୍ତମାନ ଶିଶୁର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଔଷଧ ଦେବା ସହ ଖାଦ୍ୟ ପ୍ରତି ସ୍ୱତନ୍ତ୍ର ନଜର ଦିଆଯାଉଛି ବୋଲି ଡା. ନିବେଦନ କହିଛନ୍ତି।

ପଞ୍ଚରିଡ଼ା ରେଞ୍ଜରେ ବଢୁଛି କାଠ ଚୋରି

- ପଦା ହେଉଛି ଗୋଛା, ଧୂଆଁନଳୀ, ବରବରା ଜଙ୍ଗଲ
- ବନ ବିଭାଗର ଜ୍ଞାତସାରରେ ଚାଲିଛି ଜଙ୍ଗଲ ଲୁଟ୍

ନୟାଗଡ଼ ଅଫିସ,୧୭।୧୦

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ୍‌ର ଗୋଛା ଓ ଖୋର୍ଦ୍ଧା ବନଖଣ୍ଡ ବାଣପୁର ରେଞ୍ଜ୍‌ର ଧୂଆଁନଳୀ ଓ ବରବରା ଜଙ୍ଗଲରୁ ଶାଳ ଏବଂ ଶାଗୁଆନ କାଠ ଚୋରା ଚାଲାଣ ହୋଇ ଆସୁଛି। ପଞ୍ଚରିଡା ବନ ବିଭାଗର ଜ୍ଞାତସାରରେ ଏହି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ପଞ୍ଚରିଡ଼ା ରେଞ୍ଜ୍‌ରେ କାଠଚୋରଙ୍କ ଉତ୍ପାତ ଲାଗି ରହିଥିବାବେଳେ ବନ ବିଭାଗର ନିଷ୍କ୍ରିୟତା ଜଙ୍ଗଲକୁ ପଦା କରିବାରେ ଲାଗିଛି।

ଅଭିଯୋଗ ଅନୁସାରେ, ଧୂଆଁନଳୀ ଓ ବରବରା ଜଙ୍ଗଲରୁ ମାସକରେ ୭ ଦିନ ଶାଳ, ଶାଗୁଆନ ଗୋଛା, କଜଳେଇପଲ୍ଲୀ ଦେଇ ଧୁସୁମୁ, ଆଙ୍ଗିସିଙ୍ଗି, ନୟାଗଡ଼, ଗୋଡିପଡ଼ା, ଶରଣକୁଳ ଅଞ୍ଚଳକୁ ଆସୁଛି। ଏଠାରେ କାଠଚୋରମାନେ କିଛି ବ୍ୟବସାୟୀଙ୍କୁ ଶାଳ, ଶାଗୁଆନ କାଠ ବିକ୍ରି କରିଦିଅନ୍ତି। ଆଉ କିଛି କାଠଚୋର ବିଭିନ୍ନ ଉପକରଣ ନିର୍ମାଣ କରି କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ଖୋର୍ଦ୍ଧା,

ନୟାଗଡ଼କୁ ପଠାଉଛନ୍ତି। ଅପରପକ୍ଷେ ଗୋଛା ଓ ଆଖପାଖ ଜଙ୍ଗଲରେ ମଧ୍ୟ ୨ରୁ ୩ ଫୁଟ ଗୋଲେଇର ଶାଳ, ଶାଗୁଆନ ଗଛ ରହିଛି। ଏଗୁଡିକ ମଧ୍ୟ କାଠଚୋରମାନେ ବିଭିନ୍ନ ସମୟରେ ଚୋରାଚାଲାଣ କରି ଆସୁଛନ୍ତି। ଏ ନେଇ ଜଣେ କାଠଚୋର କୁହନ୍ତି, ଧୂଆଁନଳୀ ଓ ବରବରା ଜଙ୍ଗଲରୁ ଯେଉଁ କାଠ ଆସେ ସେତେବେଳେ ଅଧିକ ରିସ୍କ ଥାଏ। କାରଣ ଦୁଇଟି ରେଞ୍ଜର ବନ ବିଭାଗର କର୍ମଚାରୀ, ସ୍ଥାନୀୟ ଲୋକ, କିଛି ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ହାତଗୁଞ୍ଜା ଦେବାକୁ ପଡେ। ବେଳେ ବେଳେ ହାତଗୁଞ୍ଜା ନେଲା ପରେ ଧରା ପଡିବାର ଭୟ ରହିଥାଏ। ନୟାଗଡ଼ ବନଖଣ୍ଡ ପକ୍ଷରୁ ଭୟ ନ ଥିବାବେଳେ ଖୋର୍ଦ୍ଧା ବନଖଣ୍ଡ ଟେନସନ ଦେଇଥାଏ। ଏଣୁ ସବୁ ଥର ତରିକା ବଦଳାଇ କାଠ ଅଣାଯାଉଛି। ତେବେ ଆଗପରି ଆଉ କାଠ ଆସିପାରୁନି। କିନ୍ତୁ ଗୋଛା ଓ ଆଖପାଖ ଅଞ୍ଚଳରୁ ଶାଳ ଓ ଶାଗୁଆନ ଆଣିଲେ ଟେନ୍‌ସନ ନ ଥାଏ। କନ୍ତୁ ଧୂଆଁନଳୀ ଓ ବରବରା ଜଙ୍ଗଲର କାଠ ପରି ଆମ ଜିଲାର କାଠର ଚାହିଦା ନ ଥାଏ। ଗୋଛାର ଜଣେ ମହିଳା ନାଁ ଗୋପନ ରଖି କହିଥିଲେ, କାଠ ଚୋରି ଯୋଗୁ ଜଙ୍ଗଲ ପଦା ହୋଇଚାଲିଛି। କହିଲେ ଜୀବନ ପ୍ରତି ଭୟ ରହିଛି। ପୁଣି ବନ ବିଭାଗର ସହାୟତା ମିଳୁନି। ଶିକାରୀଙ୍କ ଉତ୍ପାତ ମଧ୍ୟ ବଢୁଛି। ଏଣୁ ଆମେ ସବୁଜାଣି ଚୁପ୍ ରହୁଛୁ। ଏହାର ଫାଇଦା ଆମର ସ୍ଥାନୀୟ ଲୋକ ନେଇ ସେମାନେ ବି କାଠ କାଟି ଚୋରା ଚାଲାଣ କରୁଛନ୍ତି। ଜିଲା ପ୍ରଶାସନ ଏଥିରେ ଲଗାମ ଲଗାଇବା ଦରକାର। ପଞ୍ଚରିଡା ରେଞ୍ଜ୍‌ର ଅର୍ଚ୍ଚନା ଗମାଙ୍ଗୋ କୁହନ୍ତି, କାଠ ଚୋରାଚାଲାଣ ହେଉଛି ବୋଲି କହିଲେ ହେବନି। ହେଲେ ଆମେ ବିଭିନ୍ନ ସମୟରେ ଚଢ଼ାଉ ଜାରି ରଖିଛୁ। କିନ୍ତୁ କାଠଚୋରଙ୍କ ପତ୍ତା ପାଉନାହୁଁ। ବନ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କୁ କାଠଚୋରମାନେ ହାତଗୁଞ୍ଜା ଦେଇ କାଠ ଚୋରି କରୁଥିବା ଅଭିଯୋଗର ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

ଗଣିଆରେ ପଞ୍ଜୀକୃତ ୭୦ ଅଭିଯୋଗର ହେଲା ଶୁଣାଣି

ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ପୋମା ଟୁଡୁ ଓ ଅନ୍ୟମାନେ ।

ଗଣିଆ,୧୭।୧୦ (ଡି.ଏନ.ଏ.)

ଗଣିଆ ବ୍ଲକରେ ସୋମବାର ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶୁଣାଣିରେ ସମୁଦାୟ ୭୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଶିକ୍ଷକ ନିଯୁକ୍ତି, ପାନୀୟ ଜଳ ଓ କଳାକାର ଭତ୍ତା ପରି ୫ଟି ଗୋଷ୍ଠୀ ଭିତ୍ତିକ ଅଭିଯୋଗ ସହ ଭତ୍ତା, ରାଶନ କାର୍ଡ, ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା, ଶ୍ରମିକ ସହାୟତା ଓ କାଳିଆ ଯୋଜନା ପରି ୫୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ସେହିପରି ୬ଜଣ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୧ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ଜିଲାପାଳ ପୋମା ଟୁଡୁ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ୨୪ଟି ଅଭିଯୋଗର ଶୁଣାଣି ତତ୍କାଳ କରି ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ବିଡିଓ ସିରିଆଲ ଶୁଭ୍ର ପଟେଲ, ତହସିଲଦାର କିଶୋର କୁମାର ପଣ୍ଡା, ଅତିରିକ୍ତ ବିଡିଓ ରତନଲାଲ ଲୋହାର, ବ୍ଲକ ଅଧକ୍ଷା ଝୁନା ଜେନା, ଜିଲା ପରିଷଦ ସଭ୍ୟ ନରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ, ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

୨୦ରେ ଜିଲାପାଳଙ୍କ କୁଶପୁତ୍ତଳିକା ଦାହ

ବଦଳି ପରେ ହସ୍ତାନ୍ତର କରୁନାହାନ୍ତି ଦାୟିତ୍ୱ

ନୟାଗଡ଼ ଅଫିସ,୧୭।୧୦

ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଅଛି। ଗତ ୧୦ ତାରିଖରୁ ବଦଳି ଆଦେଶ ବାହାରିଥିବାବେଳେ ଜିଲାପାଳ ନୟାଗଡ଼ ମୋହକୁ ଛାଡି ପାରୁ ନ ଥିବା ଅଭିଯୋଗ ଉଠିଲାଣି। ଜିଲାପାଳ ୨ ଦିନ ଭିତରେ ରିଲିଫ ନ ହେଲେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅକ୍ଟୋବର ୨୦ରେ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ଜିଲାପାଳ ପୋମା ଟୁଡୁଙ୍କ ସମୟରେ ଦୁର୍ନୀତି ବଢ଼ି ଚାଲିଛି। ଜିଲା ଯୋଗାଣ ବିଭାଗରେ ଧାନ କିଣା ଓ ଚାଉଳ ଫେରାଇବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଅନ୍ୟପକ୍ଷେ ଜିଲାପାଳଙ୍କୁ ଫୋନ କଲେ ସେ ଉଠାଉ ନ ଥିଲେ ବୋଲି ଅଭିଯୋଗ କରିଛନ୍ତି।

ଲୁହା ରେଲିଂ, ଝରକା ଗଲା କୁଆଡ଼େ
ପୁରୁଣା ଜେଲ ମାଟିରେ ମିଶିଲା

ନୟାଗଡ଼ ଅଫିସ,୧୭।୧୦

ନୟାଗଡ଼ ସହରରେ ଥିବା ପରୁଣା ଜେଲର କୋଠାକୁ ଭାଙ୍ଗି ମାଟିରେ ମିଶାଯାଇଛି। ତେବେ ବ୍ରିଟିଶ ଅମଳର ଏହି ସବଜେଲରୁ ଲୁହା ରେଲିଙ୍ଗ, ବଡ ବଡ ଝରକା ଓ ଅନ୍ୟାନ୍ୟ ଆସବାବପତ୍ରକୁ ଦୁର୍ବୃତ୍ତ ନେଇ ଯାଇଥିବା ଅଭିଯୋଗ ଉଠିଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ବିଜେଡି ଛାଡିଲେ ଦଶପଲ୍ଲା ଏନ୍‌ଏସି ଉପାଧକ୍ଷ

ନୟାଗଡ଼ ଅଫିସ,୧୭।୧୦

ସ୍ୱାସ୍ଥ୍ୟଗତ କାରଣ ଦେଖାଇ ଦଶପଲ୍ଲା ଏନ୍‌ଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ ବିଜେଡି ଛାଡିଛନ୍ତି। ଏ ନେଇ କିଶୋର ଦଶପଲ୍ଲା ବିଧାୟକ ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କୁ ଇସ୍ତଫା ପତ୍ର ପଠାଇଛନ୍ତି। ଉପାଧକ୍ଷ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି

ସେ ବିଜେଡିର ଜଣେ ସକ୍ରିୟ ସଦସ୍ୟ ଥିଲେ। କିଶୋର ବିଜେଡିରୁ ବିଧାୟକ ହେବା ପାଇଁ ଆଶାୟୀ ଥିଲେ ହେଁ ତାଙ୍କୁ ଦଳୀୟ ଟିକେଟ ମିଳି ନ ଥିଲା। ସେ ୧୪ ନଂ. ୱାର୍ଡରୁ କାଉନସିଲର ଭାବେ ପ୍ରାର୍ଥୀ ହୋଇ ସ୍ୱାଧୀନ ଭାବେ ବିଜୟୀ ହୋଇଥିଲେ। ପରେ ବିଜେଡି ତାଙ୍କୁ ଉପାଧକ୍ଷ କରାଇଥିଲା। କିଶୋରଙ୍କ ଇସ୍ତଫା ଦଳ ଉପରେ ପ୍ରଭାବ ପକାଇ ପାରେ। କାରଣ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଶାସକ ଦଳରେ କନ୍ଦଳ ଲାଗି ରହିଛି। ଇସ୍ତଫା ମହଙ୍ଗା ପଡି ପାରେ ବୋଲି କୁହାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଗୌତମ

@ ଜ୍ଞାନରଞ୍ଜନ

@ ଦୀପକ

@ ନୀଳମଣି

@ ପ୍ରୀତମ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଆତ୍ମବିଶ୍ୱାସ, ଚେଷ୍ଟା ନ ଥିଲେ କୃତକାର୍ଯ୍ୟ ଅସମ୍ଭବ

ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଉତ୍ସବ

ନୂଆଗାଁ, ୧୭।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜର ସପ୍ତାହେ ବ୍ୟାପୀ ଚାଲିଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ୭ ଦିନ ମଧ୍ୟରେ ଡାକ୍ତରଖାନା ପରିସର, ବିଭିନ୍ନ ସ୍କୁଲ ପରିସର ସଫେଇ କରିବା ସହ ବୁଲି ବୁଲି ବାଲ୍ୟ ବିବାହ, ସଡକ ସୁରକ୍ଷା ଜୀବନ ରକ୍ଷା, ସ୍ୱଚ୍ଛ ପରିବେଶ, ଆଦି ଅନେକ ବିଷୟରେ ଛାତ୍ରୀଛାତ୍ରମାନେ ଜନ ସଚେତନତା କରାଇ ଥିଲେ। ଛାତ୍ରୀଛାତ୍ରମାନଙ୍କ ସେବା ମନୋବୃତ୍ତି ନେଇ ନିଷ୍ଠାର ସହ ଏହି କାର୍ଯ୍ୟକ୍ରମ କରିଥିବାରୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମ ବିଶ୍ୱାସ ରଖି ଯେକୌଣସି କାର୍ଯ୍ୟ ପାଇଁ ଚେଷ୍ଟା କଲେ ନିଶ୍ଚିତ ଭାବେ କୃତକାର୍ଯ୍ୟ ହୋଇପାରିବ ବୋଲି ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ତୁଳନାରେ ଅଧିକ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରୀମାନେ ସବୁ କ୍ଷେତ୍ରରେ ଆଗୁଆ ଅଛନ୍ତି କହି ପ୍ରଶଂସା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ନୂଆଗାଁ ଯୁକ୍ତ ୨ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଭିକାରୀ ଚରଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ମୂରଲୀଧର ନାୟକ, ନୂଆଗାଁ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଜୟ କୁମାର ସାହୁ, ଯୁକ୍ତ ୩ ଡିଗ୍ରୀ କଲେଜର ସମ୍ପାଦକ ରମେଶ କୁମାର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ଖଣ୍ଡୁଆଳ ଓ ଯୁକ୍ତ ୩ ଡିଗ୍ରୀ କଲେଜର ଅଧକ୍ଷ ସୁରେଶ କୁମାର ସାହୁ ଉପସ୍ଥିତ ଥିଲେ।

ଏନ୍‌ଏସ୍‌ଏସ୍ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଶିକ୍ଷକ ନିଯୁକ୍ତି ଦାବିରେ ପିଲା, ଅଭିଭାବକଙ୍କ ଧାରଣା

ରାସ୍ତାରୋକୋ, ରାଜପଥରେ ୪ ଘଣ୍ଟା ଅଟକିଲା ଯାନବାହନ

ଗଣିଆ, ୧୭।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ କିଶୋରପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ନିଯୁକ୍ତିକୁ ନେଇ ସୋମବାର ପୂର୍ବାହ୍ନରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। କଣ୍ଟିଲୋ– ଗଣିଆ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ୪ ଘଣ୍ଟା ଧରି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା।

ଖବରପାଇ, ଗଣିଆ ମଣ୍ଡଳ ଶିକ୍ଷା ଅଧିକାରିଣୀ(ବିଇଓ) ପ୍ରଣତୀ ପଟ୍ଟନାୟକ ଓ ସହକାରୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନକାରୀମାନେ ଧାରଣାରୁ ଓହରିବା ପରିବର୍ତ୍ତେ ୨ ଅଧିକାରୀଙ୍କୁ ବିଦ୍ୟାଳୟରେ ତାଲା ପକାଇ ଅଟକ ରଖିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରି ୧୯ ତାରିଖରେ ୨ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବାକୁ ବିଇଓ ଲିଖିତ ଭାବେ ପ୍ରତିଶ୍ରୁତି ଦେବା ସହ ଖୁବ୍‌ଶୀଘ୍ର ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି କହିଥିଲେ। ଘଟଣାସ୍ଥଳରେ ଗଣିଆ ଥାନା ଅଧିକାରୀ ବିମଳ ମଲ୍ଲିକ, କିଶୋରପ୍ରସାଦ ସରପଞ୍ଚ ରୀତାରାଣୀ ବେହେରା, ସମିତିସଭ୍ୟା ରଞ୍ଜିତା ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ୧ଟାରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ପ୍ରତ୍ୟାହୃତ କରିଥିଲେ। ପ୍ରକାଶଥାଉକି, ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୬୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ୧୦ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ମାତ୍ର ୫ଜଣ ଶିକ୍ଷକ ପାଠ ପଢାଉଛନ୍ତି। ଅଗଷ୍ଟ ମାସରେ ଶିକ୍ଷକ ପ୍ରମୋସନ ସମୟରେ ଏହି ବିଦ୍ୟାଳୟରୁ ୩ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ସମସ୍ୟା ଦେଖା ଦେଉଥିବା ନେଇ ପରିଚାଳନା କମିଟି, ଅଭିଭାବକମାନେ ନୟାଗଡ଼ ଜିଲାପାଳ, ଗଣିଆ ତହସିଲଦାର, ବିଡିଓ ଓ ମଣ୍ଡଳ ଶିକ୍ଷାଅଧିକାରୀଙ୍କୁ ପୂର୍ବରୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ହୋଇ ନ ପାରିବାରୁ ଶେଷରେ ଧାରଣା ଦିଆଯାଇଥିଲା।

ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରତ।

ସଂକ୍ଷେପରେ

ନବବଧୂଙ୍କୁ ହତ୍ୟା ଅଭିଯୋଗ

ନୟାଗଡ଼ ଅଫିସ,୧୭।୧୦: ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର କ୍ୱାର୍ଟର୍ସରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ତଥା କଣ୍ଟିଲୋର ଦେବାଶିଶ ମିଶ୍ରଙ୍କ ସ୍ତ୍ରୀ ସୁଶ୍ରୀ (୨୧)ଙ୍କ ମୃତଦେହ ଜବତ ହୋଇଥିଲା। ସୁଶ୍ରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନା ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସୁଶ୍ରୀଙ୍କ ଘର ଆଠଗଡରେ। ସେ ୩ ମାସ ତଳେ ବିବାହ କରିଥିଲେ। ତାଙ୍କ ମୃତ୍ୟୁ ଖବର ବାପ ଘର ଲୋକଙ୍କୁ ଅବଗତ କରାଯାଇଥିଲା।

ଔଷଧ ଦୋକାନରୁ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଗୋପାଳପୁର,୧୭।୧୦(ଡି.ଏନ.ଏ.): ବ୍ରହ୍ମପୁର ପୋଲିସ ଜିଲାର ବୈଦ୍ୟନାଥପୁର ଓ ଗୋପାଳପୁର ଥାନା ଅଞ୍ଚଳରେ ଔଷଧ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ତିନି ଯୁବକଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର ସମୀର କୁମାର ଦୋରା, ଅନ୍ତରବାଟିଆ ଗ୍ରାମର ରଞ୍ଜିତ କୁମାର ଦାସ ଓ ମାଣ୍ଡିଆପଲ୍ଲୀ ଗ୍ରାମର ପ୍ରବୀନ କୁମାର ଭୂଇଁଆ(୩୧)। ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ହାଉସିଂ ବୋର୍ଡ ନିକଟରେ ଥିବା କେସିଏମ୍ ଔଷଧ ଦୋକାନରୁ ଗତ ଶନିବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ସଟର ତାଡ଼ି ଗୋଟିଏ ଲ୍ୟାପଟପ୍, ଦୁଇଟି ମୋବାଇଲ ଓ ନଗଦ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ। ପରଦିନ ମାଲିକ ଜାଣିବା ପରେ ମନୋଜ କୁମାର ପାଢ଼ୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୦୯/୨୨ ପ୍ରକାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଚୋରି ହୋଇଥିବା ମୋବାଇଲ ଲୋକେସନରୁ ପୋଲିସ ରଂଜିତ, ସମୀର ଓ ପ୍ରବୀନଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ରଂଜିତଠାରୁ ଟଙ୍କା ଓ ଚୋରି ସାମଗ୍ରୀ ଜବତ କରିଥିଲା। ଏଥିପୂର୍ବରୁ ଗତ ୨ ତାରିଖରେ ଆମ୍ବପୁଆସ୍ଥିତ ମୁଖ୍ୟରାସ୍ତାରେ ଅନୁରୂପ ଏକ ଔଷଧ ଦୋକାନରୁ ସଟର ଭାଙ୍ଗି ଔଷଧ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏ ନେଇ ନଂ. ୧୯୭/୨୨ରେ ମାମଲା ରୁଜୁ ହୋଇଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ବଡ଼ ମେଡିକାଲ ଗେଟ, କମାପଲି, କୋର୍ଟପେଟା ଓ ଅନ୍ୟ ଔଷଧ ଦୋକାନରୁ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ସମୀର ଓ ରଞ୍ଜିତ ସ୍ୱୀକାର କରିଛନ୍ତି।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ତୁମୁଡିବନ୍ଧ,୧୭।୧୦: ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟରେ ସୋମବାର କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ତୁମୁଡିବନ୍ଧ ଓ କୋଟଗଡ଼ ବ୍ଲକ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୮୪ଟି ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ, ଆଇଟିଡିଏପିଏ ମଧୁସୂଦନ ବେହେରା, ତୁମୁଡିବନ୍ଧ ବ୍ଲକ ବିଡିଓ ଲଳିତ ସୋରେଙ୍ଗ ଉପସ୍ଥିତ ଥିବା ବେଳେ ଜିଲାର ବିଭିନ୍ନ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଣ

୨ ମିଲରଙ୍କୁ ଅନୁକମ୍ପା

- ଶତ ପ୍ରତିଶତ ଚାଉଳ ଦେଇ ବି ଫେରସ୍ତ ହେଉନି ସିକ୍ୟୁରିଟି ଟଙ୍କା
- ସନ୍ଦେହରେ ଜିଲା ଯୋଗାଣ ଅଧିକାରୀ, ଜିଲାପାଳଙ୍କ ଭୂମିକା
- ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ

ନୟାଗଡ଼ ଅଫିସ,୧୭।୧୦

ମଣ୍ଡି ଧାନ ନେଇ ଚାଉଳ ଫେରାଇବା ବକେୟା ଥାଇ ୨ ମିଲରଙ୍କୁ ଜିଲା ଯୋଗାଣ ବିଭାଗ ସିକ୍ୟୁରିଟି ଟଙ୍କା ଫେରାଇବା ପରେ ସନ୍ଦେହ ଘେରକୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଆସିଛନ୍ତି। ଶତ ପ୍ରତିଶତ ଚାଉଳ ଜିଲା ଯୋଗାଣ ବିଭାଗକୁ ଫେରାଇ ଜିଲାର ୭ ଜଣ ମିଲର ସିକ୍ୟୁରିଟ୍ ଟଙ୍କା ପାଇ ନ ଥିବାବେଳେ ୨ ମିଲରଙ୍କୁ ଅନୁକମ୍ପା ଦେଖାଯାଇଥିବା ଅଭିଯୋଗ ଉଠିଛି। ଚାଉଳ ନ ଫେରାଇ ସିକ୍ୟୁରିଟ୍ ଟଙ୍କା ଫେରାଇବା ବେନିୟମ ହୋଇଥିବା ଆଇନ କହୁଥିବାବେଳେ ଜିଲା ଯୋଗାଣ ଅଧିକାରୀ ସବୁ କିଛି ଠିକ୍ଠାକ୍ ଚାଲିଛି ବୋଲି ସଫେଇ ଦେଇ ଘଟଣାର ମୋଡ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି। ତେବେ ଜିଲା ଯୋଗାଣ ଅଧିକାରୀଙ୍କ ଏପରି ସଫେଇ ପରେ ଏହି କେଳେଙ୍କାରୀର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଉଠିଛି।

ଅଭିଯୋଗ ଅନୁସାରେ, ଜିଲାରେ ୧୭ଜଣ ମିଲର ୨୦୨୧-୨୨ ଆର୍ଥିକ ବର୍ଷର ଖରିଫ ଋତୁରେ ଧାନ କିଣି ଥିବାବେଳେ ମାତ୍ର ୭ ଜଣ ୧୦୦ ପ୍ରତିଶତ ଚାଉଳ ଫେରାଇଛନ୍ତି। ଅନ୍ୟ ୧୦ ମିଲରେ ଚାଉଳ ଫେରାଇବାରେ ସମୟ ଗଡାଇ ଚାଲିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୪୦୨୨.୨୯୬ ମେଟ୍ରିକ ଟ୍ରନ ଧାନକୁ ୧୭ଟି ମିଲ୍ ଜିଲାର ବିଭିନ୍ନ ମଣ୍ଡିରୁ କିଣିଥିଲେ। ସମ୍ପୃକ୍ତ ଧାନକୁ ଚାଉଳ କରି ମିଲରମାନେ ସେପ୍ଟେମ୍ବର ୨୦୨୨ ସୁଦ୍ଧା ୯୭୯୩୫.୧୬୧ ମେଟ୍ରିକ ଟନ ଚାଉଳ ସରକାରଙ୍କୁ ପ୍ରଦାନ କରିବାର ନିୟମ ଥିଲା। ତେବେ ଜିଲାର ଡାଇମଣ୍ଡ ରାଇସ ପ୍ରାଇଭେଟ ଲିମିଟେଡ, ମା' ମଙ୍ଗଳା ଆଗ୍ରୋ ଇଣ୍ଡଷ୍ଟ୍ରି, ନୟାଗଡ଼ ରାଇସ ପ୍ରାଇଭେଟ ଲିମିଟେଡ, ଶ୍ରୀରଘୁନାଥ ରାଇସ ମିଲ୍ କେବଳ ୧୦୦ ପ୍ରତିଶତ ଚାଉଳ ସେପ୍ଟେମ୍ବରରେ ଫେରାଇ ଥିଲେ। ଅବଶିଷ୍ଟ ୧୩ଟି ମିଲ୍ ସେପ୍ଟେମ୍ବର ୩୧ ସୁଦ୍ଧା ମାତ୍ର ୮୨ ପ୍ରତିଶତ ଚାଉଳ ଫେରାଇ ଥିଲେ। ସରକାର ଚାଉଳ ଫେରାଇବାର ସମୟ ସୀମା ବଢ଼ାଇବା ପରେ ଏବେ ଅକ୍ଟୋବର ୩୧ ଶେଷ ତାରିଖ ଅଛି। ତେବେ ଜିଲାରେ ଅକ୍ଟୋବର ୯ ସୁଦ୍ଧା ୯୧.୫୯ ପ୍ରତିଶତ ଚାଉଳ ମିଲରମାନେ ଫେରାଇଛନ୍ତି। ଏଭଳିସ୍ଥଳେ ଦଶପଲ୍ଲା ପଙ୍କାଳସାହି ଜୟ ମହାବୀର ମିଲର ୧କୋଟି ୭୧ ଲକ୍ଷ ୮୨ ହଜାର ଫିକସ୍ ଡିପୋଜିଟ ଓ ୨ କୋଟି ବ୍ୟାଙ୍କ ଗ୍ୟାରେଣ୍ଟି ଏପରି ମୋଟରେ ୩ କୋଟି ୭୧ ଲକ୍ଷ ୮୨ ହଜାର ଟଙ୍କା ବ୍ୟାଙ୍କ ସିକ୍ୟୁରିଟ୍ ରଖିଥିଲେ। ତେବେ ଅନୁଧ୍ୟାନ ପରେ ଜଣାପଡିଛି ଅକ୍ଟୋବର ୧୦ ସୁଦ୍ଧା ଏହି ମିଲରର ମାତ୍ର ୧କୋଟି ୬୯ ଲକ୍ଷ ୮୨ ହଜାର ଜିଲା ଯୋଗାଣ ବିଭାଗରେ ବ୍ୟାଙ୍କ ଗ୍ୟାରେଣ୍ଟି ରହିଛି। ଅବଶିଷ୍ଟ ଟଙ୍କା ଧାନ ଶତ ପ୍ରତିଶତ ନ ଦେଲେ ଉଠାଇ ହେବନି। ହେଲେ ଜୟ ମହାବୀର ପାଇଁ ଅନୁକମ୍ପା ଦେଖାଯାଇ ସହଯୋଗ କରାଯାଇଛି। ଏ ନେଇ ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବାରୁ ଜିଲା ଯୋଗାଣ ଅଧିକାରୀଙ୍କ ରିଲିଜ ଅର୍ଡର ମିଳିଥିବାରୁ ୩ ମାସ ତଳୁ ସିକ୍ୟୁରିଟ୍ ଟଙ୍କା ଉଠାଣ ହୋଇଛି ବୋଲି ଜଣାପଡିଛି। ଜୟ ମହାବୀର ମିଲର ୧ ଲକ୍ଷ ୨୦ ହଜାର ୯୨୨ କୁଣ୍ଟାଲ ଧାନ ମଣ୍ଡିରୁ କିଣିଥିବାବେଳେ ୮୨,୨୨୭ କୁଇଣ୍ଟାଲ ଚାଉଳ ଫେରାଇବାର ରହିଛି। ଅକ୍ଟୋବର ୯ ସୁଦ୍ଧା ଏହି ମିଲର ୬୭,୪୫୬ କୁଇଣ୍ଟାଲ ଚାଉଳ ଫେରାଇଥିବାବେଳେ ୧୪,୭୭୧ କୁଇଣ୍ଟାଲ ଚାଉଳ ବାକି ରହିଛି। ସମ୍ପୃକ୍ତ ମିଲରଙ୍କ ସିକ୍ୟୁରିଟ ଟଙ୍କା ଉଠାଣ ହୋଇଛି। ପୁଣି ଆର. କେ. ମିଲର ରଣପୁର ବ୍ଲକର ନରସିଂହପୁର ପାଇଁ ମଧ୍ୟ ଅନୁରୂପ ଅନୁକମ୍ପା ରହିଛି। ଆର. କେ. ମିଲର ଧାନ କିଣା ପାଇ ୧ କୋଟି ୯୬ ଲକ୍ଷ ବ୍ୟାଙ୍କରେ ସିକ୍ୟୁରିଟି ଦେଇଥିଲେ। ରିନିୱାଲ ନାଁରେ ୧ କୋଟି ୭୦ ଲକ୍ଷ ଫେରସ୍ତ ନେଇ ସାରିଛି। ଏହି ମିଲର ୬୧,୪୦୭ କୁଇଣ୍ଟାଲ ଧାନ ମଣ୍ଡରୁ କିଣିଥିବାବେଳେ ୪୧, ୭୫୮ କୁଇଣ୍ଟାଲ ଚାଉଳ ଫେରାଇବାର ଥିଲା। ତେବେ ୩୨,୭୩୧ କୁଇଣ୍ଟାଲ ଚାଉଳ ଫେରାଇ ଥିବାବେଳେ ୯,୦୨୬ କୁଇଣ୍ଟାଲ ଚାଉଳ ଫେରାଇ ନାହାନ୍ତି। ଏଥିରୁ ପୁଣି ଅନୁକମ୍ପା ପାଇବା ପରେ ଜିଲା ଯୋଗାଣ ଅଧିକାରୀ ଅନୁକମ୍ପା ଦେଖାଇ ସନ୍ଦେହ ଘେରକୁ ଆସିଛନ୍ତି। ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ସହଯୋଗ କରି ସେ ପୁଣି ଅନୁରୂପ ଭାବେ ସନ୍ଦେହ ଘେରକୁ ଆସିଛନ୍ତି। ଜିଲାପାଳ ପୋମା ଟୁଡୁଙ୍କ ବଦଳି ପରେ ବି ଜିଲା ଯୋଗାଣ ଅଧିକାରଙ୍କ ସହ ଥିବା ପ୍ରତି ଛାଡି ନଥିବା ଦେଖିବାକୁ ମିଳିଛି । ଏନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି ସିକୁରିଟ୍ ଟଙ୍କା ଫେରସ୍ତ ନେବାରେ ଅସୁବିଧା ନାହିଁ । କିଛି ଆଇନ ଭଙ୍ଗା ଯାଇ ନାହିଁ । ୨ ମିଲର ସିକୁରିଟ ଟଙ୍କା ନେବା ପାଇଁ ଆବେଦନ କରି ନେଇଛନ୍ତି। ଅନ୍ୟ ଯେଉଁ ୭ ଜଣ ମିଲର ୧୦୦ ପ୍ରତିଶତ ଚାଉଳ ଦେଇଛନ୍ତି। ସେମାନେ ସିକୁରିଟ ଟଙ୍କା ନେବାକୁ ଆବେଦନ କରି ନାହାନ୍ତ। ଜିଲାପାଳ ଟୁଡୁଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।

ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଭୁବନେଶ୍ୱର ଡାକ୍ତରଖାନାରେ ନବଜାତ ଶିଶୁ କନ୍ୟା ।

ନୂଆଗାଁ,୧୭।୧୦ (ଡି.ଏନ.ଏ.)

ଚିକିତ୍ସା ପରେ ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟବର୍ତ୍ତୀ ରାସ୍ତା କଡରୁ ସୋମବାର ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ନୟାଗଡ଼ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଅଧିକ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଚାଇଲ୍ଡ ଲାଇନ ପକ୍ଷରୁ ସୂଚନା ମିଳିଛି।

ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିକଟ ପିଚୁ ରାସ୍ତା କଡରେ ସକାଳେ ଗୋଟିଏ ନବଜାତ ଶିଶୁ କନ୍ୟା ପଡିଥିବା ସ୍ଥାନୀୟ ସୁରେଶ ନାଏକ ଦେଖି ନିଜ ସ୍ତ୍ରୀକୁ କହିଥିଲେ। ନିଜର ସନ୍ତାନ ନ ଥିବା ଏବଂ ନିଜର ମହନୀୟତା ଯୋଗୁ ସେହି କନ୍ୟାକୁ ଘରକୁ ନେଇ ପାଳିବା ଆଶାରେ ଖୁସିରେ ଆସି ଛୁଆକୁ ଉଠାଇ ଥିଲେ। ତେବେ ସଦ୍ୟ ଜାତ ଶିଶୁ କନ୍ୟାକୁ ଦେଖାଇବା ପାଇଁ ଡାକ୍ତରଖାନାକୁ ନେଇ ସମସ୍ତ ଘଟଣା କହିଥିଲେ। ସମସ୍ତ ଘଟଣା ଶୁଣିବା ପରେ ଶିଶୁ କନ୍ୟାକୁ କାହାରିକୁ ସେମିତି ଦିଆଯାଇ ପାରିବନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରିପନ ବାରିକ କହିଥିଲେ। ତେଣୁ ଏ ବାବଦରେ ଚାଇଲ୍ଡ ଲାଇନକୁ ଅବଗତ କରାଇବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁ କନ୍ୟାର ପ୍ରାଥମିକ ଚିକିତ୍ସା କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରେ ନୟାଗଡ଼ ଚାଇଲ୍ଡ ଲାଇନକୁ ଶିଶୁ କନ୍ୟା ହସ୍ତାନ୍ତର କରିବାରେ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଜାଣି ଡିସିପିଓ ନୟାଗଡ଼ ଓ ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟ ଶିଶୁର ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିବା ଜଣାପଡିଛି।

ନିର୍ମାଣ ସାମଗ୍ରୀ ଚୋରି, ୪ ଗିରଫ

ହିଞ୍ଜିଳିକାଟୁ,୧୭।୧୦(ଡି.ଏନ.ଏ.)

ହିଞ୍ଜିଳି ଥାନା ମହୁଲପଲୀଠାରେ ଏକ ଡ୍ରେନ୍ ନିର୍ମାଣ ପାଇଁ ଠିକାଦାରଙ୍କ ୩୦ ସ୍ଲଟର ପ୍ଲେଟ ଚୋରି ଅଭିଯୋଗରେ ସୋମବାର ପୋଲିସ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରତନପୁର ଗାଁର ଶରତ ଦାସ, ସୁବାସ ଦାସ, ଜଗନ୍ନାଥ ଦାସ ଓ ଆଙ୍କୁଶପୁର ଗ୍ରାମର ଗଣେଶ ସାହୁ। ମହୁଲପଲୀ ଗାଁର ଠିକାଦାର ଆର କୁଞ୍ଜବିହାରୀ ମହୁଲପଲୀ ଗାଁରେ ଏକ ଡ୍ରେନ ନିର୍ମାଣ ନିମନ୍ତେ ସରକାରୀ କାର୍ଯ୍ୟ ଠିକା ନେଇଥିଲେ। ଗତ କିଛି ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ କାର୍ଯ୍ୟ ବନ୍ଦ ଥିଲା। ଠିକାଦାର ଡ୍ରେନ ନିର୍ମାଣ ପାଇଁ ସେଠାରେ ୬୦ ସ୍ଲଟର ପ୍ଲେଟ ରଖିଥିଲେ। ଗତ ୧୩ରେ ଠିକାଦାରଙ୍କ ୩୦ ସ୍ଲଟର ପ୍ଲେଟଙ୍କ ନିର୍ମାଣ ସ୍ଥାନରେ ନଥିବା ଓ ୨ ଜଣ ଉକ୍ତ ସ୍ଥାନରେ ଏକ ବାଇକରେ ଥିବା ସେ ଦେଖିଥିଲେ। ଅନ୍ୟ ପକ୍ଷରେ ଠିକାଦାରଙ୍କୁ ଦେଖି ବାଇକ ଛାଡି ୨ ଜଣ ଉକ୍ତ ସ୍ଥାନରୁ ତରବରରେ ଖସି ପଳାଇଥିଲେ। ଏ ନେଇ ଠିକାଦାରଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ଥାନାରେ ନଂ.୫୫୯/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ରବିବାର ଉକ୍ତ ଚୋରି ଘଟଣାରେ ୩ ଅଭିଯୁକ୍ତଙ୍କୁ ଓ ଉକ୍ତ ପ୍ଲେଟ କିଣିଥିବା ଅଙ୍କୁଶପୁର ଗାଁର ଗଣେଶ ସାହୁଙ୍କୁ ପୋଲିସ ଗିରଫ କରିଥିଲା।

ଖଣ୍ଡପଡ଼ା ବ୍ଲକ ପରିକ୍ରମା କଲା କୃଷକ ରଥ

ଖଣ୍ଡପଡା,୧୭।୧୦(ସ୍ୱ.ପ୍ର.)

ରାଜ୍ୟର ସମସ୍ତ ସରକାରୀ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ସୋମବାରଠାରୁ ଖଣ୍ଡପଡ଼ା ବ୍ଲକ କୃଷକ ରଥ ପରିକ୍ରମା ଆରମ୍ଭ କରିଛି। ନୟାଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ସବୁଜ ପତାକା ଦେଖାଇ ଖଣ୍ଡପଡ଼ା କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ କୃଷି ରଥର ଶୁଭାରମ୍ଭ କରିଥିଲେ। ଖଣ୍ଡପଡ଼ା ବ୍ଲକ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ କୃଷି ବିଭାଗର ବରିଷ୍ଠ ଅଧିକାରୀ ମିଲନ କୁମାର ସ୍ୱାଇଁ, ଆତ୍ମାର ଅଧକ୍ଷ ନାରାୟଣ ଆଚାର୍ଯ୍ୟଙ୍କ ସମେତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୭ଦିନ ମଧ୍ୟରେ କୃଷକ ରଥ ଖଣ୍ଡପଡ଼ା ବ୍ଲକର ୨୨ଟି ପଞ୍ଚାୟତ ପରିକ୍ରମା କରିବ ବୋଲି କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଖଣ୍ଡପଡ଼ା ବ୍ଲକରୁ ବାହାରି ଥିବା କୃଷକ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

ଅଡ଼ବାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

ଗଜପତି ଜିଲା ଅନ୍ତର୍ଗତ ମୋହନା ବ୍ଲକ ଅଡବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଏବଂ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ ଦୁହେଁ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣି ତାହାର ସମାଧାନ ନିମନ୍ତେ ବ୍ୟବସ୍ଥା କରିଥିଲେ। ଅଭିଯୋଗ ଶୁଣାଣି ସମୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝି, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ରଥ, ଆର.ଉଦୟଗିରି ଏସଡିପିଓ ଦିଲୀପ କୁମାର ନାୟକ, ବିଡ଼ିଓ ତପସ୍ୱିନୀ ହାଂସଦା, ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଉପାଧକ୍ଷା ବାଲ୍ଲୀନା ଅଧିକାରୀ, ଡିଆରଡିଏ ନିର୍ବାହୀ ଯନ୍ତ୍ରୀ, ସିଡିପିଓ ଲଳିତା ମଲ୍ଲିକ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଣ୍ଡା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ପାତ୍ର, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଯୋଗାଣ ଅଧିକାରୀ, କୃଷି ଅଧିକାରୀ, ରାଜସ୍ୱ ଅଧିକାରୀ, ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ କେତେକଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା କରିଥିଲେ।

ଗାଡ଼ି ଧକ୍କାରେ ଯୁବକ ମୃତ

ଜି.ଉଦୟଗିରି,୧୭।୧୦ (ଡି.ଏନ.ଏ.)

କଳିଙ୍ଗା ଘାଟି ଅନ୍ଧାରିକୁଟି ନିକଟରେ ସୋମବାର ଗାଡ଼ି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳିଙ୍ଗା ବଙ୍ଗଳା ସାହିର ଅମୂଲ୍ୟ ପ୍ରଧାନ (୩୨)। ସକାଳୁ କଳିଙ୍ଗା ଘାଟି ଅନ୍ଧାରକୁଟି ଝରଣାକୁ ଯାଇଥିବା ବେଳେ କୌଣସି ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଜଣାପଡ଼ିଛି। ଖବର ପାଇ ଜି.ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ନଂ. ୧୪୦/୨୨ରେ ମାମଲା ରୁଜୁ ହୋଇଛି।

ଚାଷଜମି, ଭିଟାମାଟି ଛାଡ଼ିବାକୁ ୩ ଗ୍ରାମବାସୀ ନାରାଜ

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

୨୦୧୮ରେ ହୋଇଥିବା ତିତ୍‌ଲି ବାତ୍ୟାରେ ଆର.ଉଦୟଗିରି ବ୍ଲକ ଅନଗାଁ ପଞ୍ଚାୟତର କିମ୍ବସିଂ, ବଡିହର ଓ ଦଲେଇସାହି ଗାଁର କ୍ଷତିଗ୍ରସ୍ତ ହୋଇଥିଲା। ୩ ଖଣ୍ଡ ଗାଁରେ ପ୍ରାୟ ୫୦ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ତିତ୍‌ଲି ବାତ୍ୟାରେ ଗାଁଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଭୂସ୍ଖଳନ ଯୋଗୁ ପାହାଡରୁ ବଡ ପଥର ଖସି ରାସ୍ତା ନିଶ୍ଚିହ୍ନ ହୋଇଯାଇଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ପରିବାରକୁ ଭୂୟାଁପଡା ଠାରେ ଘର ନିର୍ମାଣ କରି ରହିବା ପାଇଁ ଜାଗା ସହ ଘର ପାଇଁ ଅର୍ଥ ଦିଆଯାଇଥିଲେ ମଧ୍ୟ ଗ୍ରାମବାସୀ ଚାଷ ଜମି ଓ ଭିଟାମାଟି ଛାଡିବାକୁ ରାଜି ନୁହନ୍ତି। ଗତ ରବିବାର ସ୍ଥାନୀୟ ବିଡିଓ ଲରିମନ ଖର୍ସେଲ ଉକ୍ତ ଗାଁଗୁଡିକ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ବିଡିଓଙ୍କ ଗାଡି ବ୍ଲକଠାରୁ ୩୫ କିମି ଯିବା ପରେ ଅଗାଁ ପଞ୍ଚାୟତର ଭୂୟାଁପଡା ଗାଁରେ ପହଞ୍ଚିଥିଲା। ସେଠାରୁ ଗାଡି ରଖି ବିଡିଓ ଓ ବ୍ଲକର ଅନ୍ୟ କର୍ମଚାରୀ ଏପିଓ ଅକ୍ଷୟ ବିଷୋୟୀରତ୍ନ, ସହକାରୀ ନିର୍ବାହୀ ଯନ୍ତ୍ରୀ ନୀଳାଞ୍ଚଳ ମହାପାତ୍ର ଓ ପ୍ରତିନିଧିଙ୍କ ସହ ୧୦ କି.ମି. ପାହଡ ଚଢି କ୍ଷତିଗ୍ରସ୍ତ ଗାଁ ଗୁଡିକରେ ପହଞ୍ଚିଥିଲେ। ବିଡିଓ ପ୍ରତି ଘରକୁ ଯାଇ ଲୋକମାନଙ୍କୁ ବୁଝାଶୁଝା କରଥିଲେ। ହେଲେ ଲୋକେ ପାହାଡ କାଟି ଗାଁକୁ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। କ୍ଷତିଗ୍ରସ୍ତ ଲୋକେ ସରକାରୀ ଯୋଜନା ଠିକ୍ ଭାବେ ପାଉଛନ୍ତି କି ନାହିଁ ପଚାରି ବୁଝିବାରୁ ପ୍ରତ୍ୟେକ ପରିବାର ୧ ଲକ୍ଷ ୧୯ ହଜାର ଟଙ୍କା ପାଇଛନ୍ତି ଓ ନିଜ ଇଚ୍ଛାରେ ଜାଗା ଛାଡି ଯାଉନୁ ବୋଲି କହିଥିଲେ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇଥିବା ସେମାନେ ବିଡିଓଙ୍କୁ କହିଥିଲେ।

ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ

ନୟାଗଡ଼ ଅଫିସ, ୧୭।୧୦

ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ କାର୍ତ୍ତିକ ମାସରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଅନୁଷ୍ଠିତ ହେଉଛି। ଓଡ଼ଗାଁର ଶ୍ରୀରଘୁନାଥଙ୍କଠାରୁ ଆଜ୍ଞାମାଳ ସୋମବାର ଶୋଭାଯାତ୍ରାରେ ଆଣି ପାରାୟଣ ସ୍ଥଳରେ ପହଞ୍ଚି ଥିଲେ। ସେଠାରେ ଅଙ୍କୁରାରୋପଣ ପରେ ପଣ୍ଡିତ ଜଗଦୀଶ ଦାଶ ଓ ପ୍ରଦୀପ କୁମାର ତ୍ରିପାଠୀଙ୍କ ଦ୍ୱାରା ଶ୍ରୀରଘୁନାଥଙ୍କ ଫୋଟୋ ଚିତ୍ର ଓ ଘଟ ସ୍ଥାପନ କରାଯାଇ ସମସ୍ତ ଦେବଦେବୀଙ୍କୁ ଆବାହାନ କରି ପୂଜାର୍ଚ୍ଚନା କରାଯାଇଛି। ପରେ ଯଜ୍ଞ କରି ଆହୁତି ପ୍ରଦାନ କରିଯାଇଛି। ବ୍ୟାସ ଲଛମନ ବାବାଜୀ ଆଶ୍ରମ ଚିନ୍ମୟନନ୍ଦ ଦାସ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସନ୍ଧ୍ୟାରେ ଶ୍ରୀଲଡୁକେଶ ନାମ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ତ୍ରିପାଠୀ, ରବୀନ୍ଦ୍ର କୁମାର ଦୋରା, କାମାକ୍ଷୀ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ ଇଟାମାଟି ସେବାନନ୍ଦ ଆଶ୍ରମର ପ୍ରବକ୍ତା ମୋହନ ପ୍ରଧାନ ଓ ପଞ୍ଚରିଡା ମାନପୁର ସମ୍ବିତ କୁମାର ଜେନା ଯୋଗଦେଇ ପ୍ରବଚନ ଆରମ୍ଭ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ପ୍ରବଚନ ଦେଇଛନ୍ତି।



ପ୍ରବଚକ ପ୍ରବଚନ ଦେଉଛନ୍ତି।

ଦଶପଲ୍ଲାର ରାମଲୀଳା ଭୋପାଳ, ଅଯୋଧାରେ ହେବ ପ୍ରଦର୍ଶିତ

ନୟାଗଡ଼ ଅଫିସ/ ଦଶପଲ୍ଲା, ୧୭।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲାର ପ୍ରସିଦ୍ଧ ପର୍ବ ଲଙ୍କାପୋଡି ଯାତ୍ରା। ଯାହାକି ଭାରତ ପ୍ରସିଦ୍ଧ ଐତିହାସିକ ଯାତ୍ରାର ମାନ୍ୟତା ପାଇଛି। ଏଥିରେ ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ କାହିଁ କେଉଁ କାଳରୁ ଅନୁଷ୍ଠିତ ହୋଇଆସୁଛି କାଷ୍ଠ ମୁଖାଧାରୀ ରାମଲୀଳା। ନାଟକରେ ଚରିତ୍ରମାନେ କାଷ୍ଠ ମୁଖା ପରିଧାନ କରିଥାନ୍ତି। ଆଧୁନିକ ଯନ୍ତ୍ରପାତି ବ୍ୟବହାର ନ କରି ଖୋଳ, ଗିନି, ବାଦ୍ୟଯନ୍ତ୍ର ମାଧ୍ୟମରେ ଗୀତ ଓ ନୃତ୍ୟ ଆକାରରେ ରାମଲୀଳା ପରିବେଷଣ ହୋଇଥାଏ। ମଙ୍ଗଳ ରାତି ବୁଧ ପାହାନ୍ତି ରାବଣ ବଧ ଓ ୩୫ ଫୁଟର ରାବଣ ଚିତାକର୍ଷଣ। ତେବେ ଧୀରେ ଧୀରେ ଏହାର ଲୋକପ୍ରିୟତା ରାଜ୍ୟ ବାହାରେ ବଢ଼ିବାରେ ଲାଗିଛି। ଅକ୍ଟୋବରରେ ୩ ଦିନ ପାଇଁ ଏହି ରାମଲୀଳା ଅନ୍ତଃରାଷ୍ଟ୍ରୀୟ ରାମଲୀଳା ଉତ୍ସବ ଭୋପାଳ ଓ ଅଯୋଧାରେ ପ୍ରଦର୍ଶିତ ହେବ।

ରାଜ୍ୟ ବାହାରେ ବଢ଼ୁଛି କାଷ୍ଠ ମୁଖାଧାରୀ ରାମଲୀଳାର ଲୋକପ୍ରିୟତା

କିଛିବର୍ଷ ହେଲା ଦଶପଲ୍ଲାର କାଷ୍ଠ ମୁଖାଧାରୀ ରାମଲୀଳା ଦିଲ୍ଲୀ, ଅଯୋଧ୍ୟା, ଇନ୍ଦୋର, ବାଙ୍ଗାଲୋର, ଉଜୟନୀ, ଖାନସୀ ପରି ଅଞ୍ଚଳରେ ପ୍ରଦର୍ଶିତ ହୋଇ ଦର୍ଶକଙ୍କ ଲୋକପ୍ରିୟତା ସାଉଁଟିଛି। ଚଳିତବର୍ଷ ପୁଣି ଏହା ରାଜ୍ୟ ବାହାରକୁ ଯାଉଛି। ଅକ୍ଟୋବର ୧୮ରେ କଳାକାରମାନେ ଭୋପାଳ ଅଭିମୁଖେ ଯାତ୍ରା କରୁଛନ୍ତି। ମଧ୍ୟପ୍ରଦେଶ ସଂସ୍କୃତି ପରିଷଦ ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ରାମଲୀଳା ଉତ୍ସବ ଭୋପାଳରେ ହେଉଛି। ଓଡ଼ିଶା ପକ୍ଷରୁ ଅକ୍ଟୋବର ୨୧ରେ ଭୋପାଳର ରବୀନ୍ଦ୍ର ଭବନରେ ଲଙ୍କା ଦହନ ପ୍ରସଙ୍ଗ ହେବ। ସେହିପରି ଅଯୋଧାର ଦୀପ ମହୋତ୍ସବରେ ଅକ୍ଟୋବର ୨୨ ଓ ୨୩ତାରିଖରେ ଏହା ପରିବେଷଣ ହେବ। ଅକ୍ଟୋବର ୨୨ରେ ସୀତା ହରଣ ଓ ଶବରୀ ମୋକ୍ଷ ପ୍ରସଙ୍ଗ ରାମଘାଟ ଅଯୋଧାଠାରେ ଅଭିନୀତ ହେବ। ଅକ୍ଟୋବର ୨୩ରେ ବାଳି ବଧ ଓ ଲଙ୍କା ଦହନ ପ୍ରସଙ୍ଗ ବଡ ଦବାକୋଲଠାରେ ଅନୁଷ୍ଠିତ ହେବ। ଏ ନେଇ ସୀତା ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସନ୍ତୋଷ ପଣ୍ଡା କୁହନ୍ତି, ଦଶପଲ୍ଲାରେ ହେଉଥିବା ରାମଲୀଳାଠାରୁ ଏହା ଟିକିଏ ପୃଥକ୍ । ରାଜ୍ୟ ବାହାର ନାଟକରେ ଢ଼ୋଲ, ନିଶାଣ, ଚାଙ୍ଗୁ, ମହୁରୀ, ଝାଞ୍ଜ ପରି ପାରମ୍ପାରିକ ବାଦ୍ୟ ସହ ଆଧୁନିକ ବାଦ୍ୟ ଯନ୍ତ୍ର ସାମିଲ ହେଉଛି। ପୁଣି ଗୀତ ଓ ନୃତ୍ୟ ସହ ଆଧୁନିକ ନୃତ୍ୟ ରହିବ। ନାଟକରେ ମୁଖା କିନ୍ତୁ ପରିବର୍ତ୍ତନ ହେବ ନାହିଁ। ଏଥିପାଇଁ ୩୦ଜଣ କଳାକାର ମଙ୍ଗଳବାର ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବେ। ସବୁ ପ୍ରସ୍ତୁତି ଶେଷ ହୋଇଛି। ନିର୍ଦ୍ଦେଶକ ନିର୍ମଳ ଦାସ କୁହନ୍ତି, ବିକମା ନରେନ୍ଦ୍ରଙ୍କ ରଚିତ ରାମଲୀଳାକୁ ଆଧୁନିକରଣ କରାଯାଇଛି। ଏଥିରେ ଲକ୍ଷ୍ମୀଧର ଦାଶଙ୍କ କିଛି ତଥ୍ୟ ଯୋଡାଯାଇ ରାମ ନାଟକକୁ ଲୋକପ୍ରିୟ କରିବାକୁ ଅନେକ ପଦକ୍ଷେପ ନିଆଯାଇଛି। ରାଜ୍ୟ ବାହାରେ ଯେପରି ଆମ ଲୋକକଳା ଲୋକପ୍ରିୟତା ହାସଲ କରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କିନ୍ତୁ ୩୫ ଫୁଟର ରାବଣ ସେଠାକୁ ନିଆଯିବ ନାହିଁ।